ISSN-0971-8397

# ଯୋଜନା

ଜୁନ୍ ୨୦୧୭ | ବିକାଶମୂଳକ ମାସିକ ପତ୍ରିକା | ୨୨ଟଙ୍କା

## ଯୁବ ସଶକ୍ତୀକରଣ

**ଭାରତୀୟ ଯୁବଗୋଷ୍ଠୀ : ଉଦୟମାନ ଶକ୍ତି**
ଡକ୍ଟର ଏ.କେ. ଦୁବେ

**ଭାରତରେ ଯୁବପିଢୀଙ୍କ ନିଯୁକ୍ତି ସୃଷ୍ଟିରେ ଆହ୍ୱାନ**
ଏ.ଏନ. ଶର୍ମା ଓ ବଳବନ୍ତ ସିଂ ମେହେଟ୍ଟା

**ଯୁବପିଢୀ: ପରିବର୍ତ୍ତନର ପ୍ରତିନିଧି**
ସୁନୀତା ସାଂଘି

### ବିଶେଷ ପ୍ରବନ୍ଧ

**ଷ୍ଟାର୍ଟଅପ୍ ଅଧାରିତ ଉଦ୍ୟୋଗ : ଆହ୍ୱାନ ଓ ପନ୍ଥା**
ସୌରଭ ସାନ୍ୟାଲ ଓ ଡଃ ରଞ୍ଜିତ ମେହେଟ୍ଟା



### ଫୋକସ୍

**ଯୁବ ସମାଜ ପାଇଁ ଯୋଗର ଉପକାରୀତା**
ଈଶ୍ୱର ଏନ୍. ଆଚାର୍ଯ୍ୟ, ଡ.ରାଜୀବ ରସ୍ତୋଗୀ

**ଯୁବ ସଶକ୍ତୀକରଣ ଏବଂ ଯୋଗ**
ଈଶ୍ୱର ଭି. ବାସବରାଡ୍ଡି

# ଉଡ଼ାନ୍: ଆଞ୍ଚଳିକ ସଂଯୋଗର ବଡ଼ ପଦକ୍ଷେପ



**ସୁ**ଲଭ ଓ ସହଜରେ ଗୋଟିଏ ସହରରୁ ଅନ୍ୟ ସହରକୁ ବିମାନ ଯାତ୍ରାର ସୁଯୋଗ ନେବା ଲାଗି ୨୭ ଏପ୍ରିଲ ୨୦୧୭ରେ ପ୍ରଧାନମନ୍ତ୍ରୀ ଆଞ୍ଚଳିକ ଉଡ଼ାଣ ସଂଯୋଗ ଯୋଜନା 'ଉଡ଼ାନ୍' (ଉଡେ ଦେଶ୍‌କା ଆମ୍ ନାଗରିକ ଅର୍ଥାତ୍ ଉଡିବ ଦେଶର ସାଧାରଣ ନାଗରିକ) ଯୋଜନାର ଶୁଭାରମ୍ଭ କରିଛନ୍ତି। ସିମ୍‌ଲାରୁ ଦିଲ୍ଲୀକୁ ପ୍ରଥମ ଥର ପାଇଁ ବିମାନସେବା ଆରମ୍ଭ କରାଯାଇଛି। ପତକା ହଲାଇ ପ୍ରଧାନମନ୍ତ୍ରୀ ସିମ୍‌ଲା ବିମାନବନ୍ଦରରୁ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ସିମ୍‌ଲା, ନାନ୍ଦେଡ ଓ କଡ଼ପ୍ପା ବିମାନବନ୍ଦର ଗୁଡ଼ିକରୁ ଉଡ଼ାଣ ଆରମ୍ଭ ହୋଇଛି। କଡ଼ପ୍ପା-ହାଇଦରାବାଦ୍ ଓ ନାନ୍ଦେଡ-ହାଇଦରାବାଦ୍ ସହରକୁ ଉଡ଼ାନ୍ ବିମାନ ଚଳାଚଳକୁ ମଧ୍ୟ ପ୍ରଧାନମନ୍ତ୍ରୀ ଏକକାଳୀନ ଶୁଭାରମ୍ଭ କରିଥିଲେ। ଉଡ଼ାନ୍ (ଉଡ଼େ ଦେଶ୍ କା ଆମ୍ ନାଗରିକ୍) ଯୋଜନାଟି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ ଆରମ୍ଭ କରାଯାଇଛି। ଏଥିରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହର ଗୁଡ଼ିକର ନାଗରିକଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ବିମାନ ଯାତ୍ରା କରିବାର ସୁଯୋଗ ରହିଛି। ଜାତୀୟ ବେସାମରିକ ବିମାନ ଚଳାଚଳ ନୀତି (ଏନ୍‌ସିଏପି) ଜରିଆରେ 'ଉଡାନ' ଯୋଜନା ଆରମ୍ଭ ହୋଇଥିବାବେଳେ ବିମାନ ସେବା ଯେ ଥିଲା ବାଲାଙ୍କର ଯାତ୍ରା, ଏଭଳି ମାନସିକତା ଏହା ଦ୍ୱାରା ବଦଳିବ। କେବଳ ସେତିକି ନୁହେଁ; ବିମାନସେବା କମ୍ପାନୀଙ୍କ ମନମୁଖୀ କାର୍ଯ୍ୟରେ ପୂର୍ଣ୍ଣଚ୍ଛେଦ ଟାଣିବା ଓ ଗୋଟିଏ ସହରରୁ ଅନ୍ୟ ସହରକୁ କମ୍ ଖର୍ଚ୍ଚରେ ବିମାନ ସେବା ଯୋଗାଇଦେବା ଲାଗି ଏହି ଯୋଜନା ଆରମ୍ଭ ହୋଇଛି। ବିଶେଷ କରି ବୃତ୍ତିଧାରୀ ଯୁବକ/ଯୁବତୀ, ଛୋଟ ଛୋଟ ବ୍ୟବସାୟୀ ଏବଂ ଛାତ୍ରଛାତ୍ରୀଙ୍କ ଲାଗି ଏହି ସେବା ସହଜଲଭ୍ୟ ହେବା ଆଶା କରାଯାଉଛି। ଛୋଟ ସହର ଓ ଟାଉନ୍‌ରେ ରହୁଥିବା ମଧ୍ୟମବର୍ଗଙ୍କ ପକେଟକୁ ସୁହାଇଲାଭଳି 'ଉଡ଼ାନ୍' ଯୋଜନାରେ ବିମାନ ସେବା ମିଳିବାର ସୁଯୋଗ ରହିଛି। ଏକାଧିକ ପ୍ରସଙ୍ଗକୁ ବିଚାର କରିବା ସହ ଏକାଧିକ ଅଂଶୀଦାରଙ୍କ ସହ ପରାମର୍ଶ ପରେ 'ଉଡ଼ାନ' ଯୋଜନାକୁ ବିକଶିତ କରାଯାଇଛି। ବଜାର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ସଂଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଥମ ଥର ପାଇଁ ଏହି ଯୋଜନା ଆରମ୍ଭ ହୋଇଛି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ) ଏହାର ରୂପାୟନ ସଂସ୍ଥା ଥିବା ବେଳେ ଆର.ସି.ଏସ୍.-ଉଡ଼ାନ୍ ସଂକ୍ରାନ୍ତ ୨୭ଟି ପ୍ରସ୍ତାବ ଉପରେ ଏହା କାର୍ଯ୍ୟକାରୀ କରାଯାଉଛି। ୨୭ଟି ପ୍ରସ୍ତାବର ମୁଖ୍ୟ ଯୋଜନା ଗୁଡ଼ିକ ହେଲା :

୨୭ଟି ସେବାଯୁକ୍ତ ବିମାନବନ୍ଦର, ୧୨ଟି ଅଣସେବାପ୍ରଦାନକାରୀ ବିମାନବନ୍ଦର ଓ ୩୧ଟି ବିମାନବନ୍ଦରକୁ ମିଶାଇ ମୋଟ୍ ୨୭ଟି ସ୍ଥାନକୁ ଏହା ସଂଯୋଗ କରୁଛି।

୨୪ଟି ବିମାନବନ୍ଦର ପଶ୍ଚିମାଞ୍ଚଳରେ ଥିବାବେଳେ ଉତ୍ତର ପାଇଁ ୧୭ଟି, ଦକ୍ଷିଣ ଭାଗକୁ ୧୧, ପୂର୍ବାଞ୍ଚଳ ଲାଗି ୧୨ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ୬ଟି ସହରକୁ ଏହା ସଂଯୋଗ କରିବା ପ୍ରସ୍ତାବ ରହିଛି।

୧୬ଟି ପ୍ରସ୍ତାବ କେବଳ ଦୁଇଟି ସହରକୁ ସଂଯୋଗ କରିବା ଲାଗି ସ୍ଥିର ହୋଇଥିବା ବେଳେ ୩ରୁ ଅଧିକ ସହରକୁ ୧୧ଟି ନେଟ୍‌ୱାର୍କରେ ସଂଯୋଗ କରାଯାଇଛି। ୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବାବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ ଅଧିକ ଗତିଶୀଳ କରିବା ସରକାରଙ୍କ ଲକ୍ଷ୍ୟ ରହିଛି।

୨୦୦ କୋଟି ଟଙ୍କାର ୨୭ଟି ପ୍ରସ୍ତାବ ଲାଗି ଭିଜିଏଫ୍(ଜିରୋ ଗ୍ୟାପ୍ ଫଣ୍ଡିଂ)ଦରକାର ଥିବାବେଳେ ଏଥିପାଇଁ ୬.୫ଲକ୍ଷ ଟଙ୍କା ପ୍ରାଥମିକ ଆବଶ୍ୟକତା ରହିଛି।

ଏକ ଘଣ୍ଟା ଓ ଅତିକମ୍‌ରେ ୫୦୦ କି.ମି ବିମାନ ଯାତ୍ରା ପାଇଁ ଅଥବା ୩୦ ମିନିଟ୍‌ର ହେଲିକପ୍ଟର ଯାତ୍ରା ଲାଗି ୨୫୦୦ଟଙ୍କା ଦର ରହିଛି। ଅନୁରୂପ ଭାବରେ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଦୂରତା ଓ ବିମାନ ଯାତ୍ରା ପାଇଁ ଭିନ୍ନ ଭିନ୍ନ ଦର ଧାର୍ଯ୍ୟ କରାଯାଇଛି। ୫୦ ପ୍ରତିଶତ ବିମାନ କ୍ଷମତା ଅର୍ଥାତ୍ ସର୍ବନିମ୍ନ ୯ ଓ ସର୍ବାଧିକ ୪୦ ଜଣ ଯାତ୍ରୀଙ୍କ ସିଟ୍ ଅପରେଟର୍ ଗୁଡ଼ିକ ସ୍ଥିର କରିବେ। ସେମାନଙ୍କୁ ୩ ବର୍ଷର ବିମାନ ସେବା ପ୍ରଦାନ କରିବାକୁ ସୁଯୋଗ ଦିଆଯାଇଛି। ଏହି ସବୁ ରୁଟ୍‌ଗୁଡ଼ିକରେ ଯାତ୍ରା ଖର୍ଚ୍ଚକୁ କମାଇବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର, ବିମାନ ଅପରେଟର୍ ରିଆତି ଦେଉଛନ୍ତି। ଏହାଦ୍ୱାରା ଯାତ୍ରୀଙ୍କ ବିମାନ ଭଡ଼ାକୁ ଅଧିକ ନ ବଢ଼ାଇ ସ୍ଥିର ରଖାଯାଇପାରିବ।

ଜୁନ୍ ୨୦୧୭

# ଯୋଜନା

ଯୁଗ୍ମନିର୍ଦ୍ଦେଶକ(ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

## ଚତୁର୍ବିଂଶ ବର୍ଷ : ନବମ ସଂଖ୍ୟା

## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | | ୪ |
| ୨. | ଭାରତୀୟ ଯୁବଗୋଷ୍ଠୀ : ଉଦୟମାନ ଶକ୍ତି | ଡକ୍ଟର ଏ.କେ. ଦୁବେ | ୫ |
| ୩. | ଭାରତରେ ଯୁବପୀଢ଼ିଙ୍କ ନିଯୁକ୍ତି ସୃଷ୍ଟିରେ ଆହ୍ୱାନ | ଏ.ଏନ. ଶର୍ମା ଓ ବଳବନ୍ତ ସିଂ ମେହେଟ୍ଟା | ୦୮ |
| ୪. | ଯୁବପିଢ଼ି: ପରିବର୍ତ୍ତନର ପ୍ରତିନିଧି | ସୁନୀତା ସାଂଘି | ୧୨ |
| ୫. | ଯୁବ ସଶକ୍ତୀକରଣ ଏବଂ ଯୋଗ | ଈଶ୍ୱର ଭି. ବାସବରାଡ୍ଡି | ୨୯ |
| ୬. | ଯୁବ ସମାଜର ସଶକ୍ତୀକରଣ ପାଇଁ ମୌଳିକ ବିଜ୍ଞାନ ଓ କଳାରେ ଉଚ୍ଚ ମାନର ଶିକ୍ଷା | ଡ. ରାକେଶ ବସୁ , ଡକ୍ଟର ମୀନୁ ବସୁ | ୩୨ |
| ୭. | ଭାରତୀୟ ଯୁବକଙ୍କ ଆନ୍ତର୍ଜାତିକ ଉପସ୍ଥିତି | ଶୀତଳ ଶର୍ମା ଓ ଭାସ୍କର ଜ୍ୟୋତି | ୩୬ |
| ୮. | ଭାରତରେ ଦୂର ଓ ଅନ୍‌ଲାଇନ୍ ଉଦ୍ୟୋଗ ବିକାଶ ଶିକ୍ଷା | ଡକ୍ଟର ଅମିତ କୁମାର ଦ୍ୱିବେଦୀ | ୪୧ |
| ୯ | ଆପଣ ଜାଣନ୍ତି କି ? | | ୫୩ |

**ଫୋକସ୍**
ଯୁବ ସମାଜ ପାଇଁ ଯୋଗର ଉପକାରୀତା
ଈଶ୍ୱର ଏନ୍. ଆଚାର୍ଯ୍ୟ, ଡ.ରାଜୀବ ରସ୍ତୋଗୀ । ପୃଷ୍ଠା: ୨୫

**ବିଶେଷ ପ୍ରବନ୍ଧ**
ଷ୍ଟାର୍ଟଅପ୍ ଅଧାରିତ ଉଦ୍ୟୋଗ : ଆହ୍ୱାନ ଓ ପନ୍ଥା
ସୌରଭ ସାନ୍ୟାଲ ଓ ଡଃ ରଞ୍ଜିତ ମେହେଟ୍ଟା ପୃଷ୍ଠା: ୨୧



*Editor*
**YOJANA (ODIA)**
C/O : Deputy Director, (News)
Regional News Unit,
All India Radio, Cantonment Road,
Cuttack-753001, Phone : 9437073438

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ସମ୍ପାଦକୀୟ

# ଯୁବବର୍ଗ : ଭବିଷ୍ୟତର ଆଶା

**ଗୋ**ଟିଏ ରାଷ୍ଟ୍ରର ଯୁବବର୍ଗ ପରବର୍ତ୍ତୀ ପିଢ଼ିର ଟ୍ରଷ୍ଟୀ।

ବିଶ୍ୱର ଅଧିକାଂଶ ବିକଶିତ ରାଷ୍ଟ୍ର ବୟସ୍କମାନଙ୍କର ଦେଶ ହେବାକୁ ଯାଉଥିବା ବେଳେ ଭାରତ ୨୦୨୦ ସୁଦ୍ଧା ସର୍ବାଧିକ ଯୁବବର୍ଗଙ୍କୁ ନେଇ ହାରାହାରି ବୟସରେ କନିଷ୍ଠତମ ଦେଶ ହେବାକୁ ଯାଉଛି। ଏହି ନିନାଦିତ ଓ ଗତିଶୀଳ ଯୁବଶକ୍ତି ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୪୦ ଶତାଂଶ ଏବଂ ଦେଶର ସବୁଠୁ ମୂଲ୍ୟବାନ ମାନବ ସମ୍ବଳ। ଭାରତର ଜନସଂଖ୍ୟାଗତ ଲାଭ ଏବେ ସାରା ବିଶ୍ୱରେ ଯୋଜନାକାର ଓ ଅର୍ଥନୀତିଜ୍ଞମାନଙ୍କର ଚର୍ଚ୍ଚାର ବିଷୟ ହୋଇଛି। ରାଷ୍ଟ୍ରର ଭବିଷ୍ୟତ ହିସାବରେ ଦେଶ ନିର୍ମାଣ କ୍ଷେତ୍ରରେ ଯୁବ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱୀୟ ଉତ୍ସାହ, ଶକ୍ତି, ଉଦ୍ଦାମତା ଓ ପ୍ରତିଭା ଦ୍ୱାରା ପ୍ରେରିତ ଏହି ଯୁବବର୍ଗ ନିଜର ସର୍ଜନାତ୍ମକ ଦକ୍ଷତା ବଳରେ ଯେକୌଣସି ରାଷ୍ଟ୍ର ପାଇଁ ଆଶ୍ଚର୍ଯ୍ୟସାଧନ କରିପାରିବ।

ଇଞ୍ଜିନିୟର, ଡାକ୍ତର, ଆଇନଜୀବୀ, ବ୍ୟାଙ୍କ କର୍ମଚାରୀ, ଉଦ୍ୟୋଗୀ, କ୍ରୀଡ଼ାବିତ୍ ଭାବରେ ବିଭିନ୍ନ କ୍ଷେତ୍ରରେ ଦେଶର ନେତୃତ୍ୱ ନେବାର ଦକ୍ଷତା ଯୁବବର୍ଗର ରହିଛି। ଆବଶ୍ୟକତା ହେଉଛି ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ସେମାନଙ୍କୁ ସଶକ୍ତ କରିବା, ଆଗକୁ ବଢ଼ିବାକୁ ସମ୍ବଳ, ସାଧନ ଯୋଗାଇବା ଏବଂ ସେମାନଙ୍କର ବିକାଶ ପାଇଁ ପଦକ୍ଷେପ ନେବା। ଏ ଦିଗରେ ପ୍ରଥମ ପଦକ୍ଷେପ ହେଲା ପରିବାର, ଯେଉଁଠି ଶିଶୁଟି ସୁସ୍ଥସବଳ ଭାବେ ବଢ଼ି ଶିକ୍ଷା ଲାଭକରିବାର ଭଲ ସୁଯୋଗ ସୁବିଧା ପାଏ। ୨୦୦୯ର ଶିକ୍ଷା ଅଧିକାର ଆଇନ ଏହାକୁ ନିଶ୍ଚିତ କରିବା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପ୍ରୟାସ। ସର୍ବଶିକ୍ଷା ଅଭିଯାନ, ଇ-ପାଠଶାଳା, ଉଡ଼ାଣ ଆଦି ଏଭଳି କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି ଯାହାର ଲକ୍ଷ୍ୟ ସବୁ ସ୍ତରରେ ଶିକ୍ଷାର୍ଥୀଙ୍କୁ ଉତ୍କୃଷ୍ଟମାନର ଶିକ୍ଷା ସୁବିଧା ଯୋଗାଇ ଦେବା। ଦେଶର ପାହାଡ଼ିଆ, ଦୂରଦୂରାନ୍ତ ଓ ଅଗମ୍ୟ ଅଞ୍ଚଳ ଯେଉଁଠି ଶିକ୍ଷା ପ୍ରସାର ଓ ମାନକ ଶିକ୍ଷା ପ୍ରଦାନରେ ଆହ୍ୱାନ ତଥା ସମସ୍ୟା ଅଛି ସେସବୁ ଅଞ୍ଚଳରେ ମଧ୍ୟ ଦୂରଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୂରଶିକ୍ଷା ମାଧ୍ୟମରେ ବିଦ୍ୟାର୍ଥୀଙ୍କ ପାଖରେ ପାଠପଢ଼ାର ସୁବିଧା ପହଞ୍ଚାଇପାରିବାର ପ୍ରୟାସ ଓ ମୂଲ୍ୟକୁ ଏବେ ସ୍ୱୀକୃତି ମିଳୁଛି। ଗ୍ୟାନ୍, ସ୍ୱୟମ୍ ଓ ଜାତୀୟ ଡିଜିଟାଲ ଲାଇବ୍ରେରୀ ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ଉତ୍ତମ ଶିକ୍ଷା ଯୋଗାଇ ଦେବାକୁ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯାଉଛି।

ଏହି ଶିକ୍ଷିତ ଯୁବବର୍ଗଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ପ୍ରସ୍ତୁତ କରିବାକୁ ହେଲେ ସେମାନଙ୍କୁ ଆବଶ୍ୟକ ଦକ୍ଷତା ଓ କୌଶଳ ଯୋଗାଇ ଯୋଗ୍ୟ, ସଶକ୍ତ କରିବାକୁ ପଡ଼ିବ। ଧରାବନ୍ଧା ସ୍କୁଲ ଓ କଲେଜ ଶିକ୍ଷା ଯୁବ ସମାଜକୁ ଆଜିକାଲିର ତୀବ୍ର ପ୍ରତିଯୋଗିତାମୂଳକ ଉଚ୍ଚ ପ୍ରଯୁକ୍ତି ସମ୍ପନ୍ନ ଦୁନିଆରେ ନିଶ୍ଚିତ ନିଯୁକ୍ତି ଯୋଗାଇବାରେ ସଫଳ ହେବା ସମ୍ଭାବନା କମ୍। ଅତଏବ ଜରୁରୀ ହେଉଛି ଯୁବକ ଯୁବତୀମାନଙ୍କୁ ଉପଯୁକ୍ତ ତାଲିମ ଦେଇ ସେମାନଙ୍କର ଦକ୍ଷତାର ବିକାଶ ଘଟାଇବା। ଏହାଦ୍ୱାରା ସେମାନେ ବୈଷୟିକ ଦୃଷ୍ଟିରୁ ଦକ୍ଷ ଲୋକଶକ୍ତିର ସର୍ବବୃହତ୍ ଉତ୍ସ ହୋଇପାରିବେ। ସରକାରଙ୍କ ପକ୍ଷରୁ ଏହି ମର୍ମରେ ସ୍କିଲ ଇଣ୍ଡିଆ ମିଶନ ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏ କ୍ଷେତ୍ରରେ ବିଭିନ୍ନ ପ୍ରୟାସ ମଧ୍ୟରୁ ଏହା ଅନ୍ୟତମ। ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବବର୍ଗର ଦକ୍ଷତା ବିକାଶ ସମ୍ଭବ ହୋଇପାରିବ ଏବଂ ସେମାନେ ନିଯୁକ୍ତି ବଜାରର ଆବଶ୍ୟକତା ଅନୁସାରେ ନିଜକୁ ଯୋଗ୍ୟ କରିପାରିବେ। ଏହି ମିଶନ ମାଧ୍ୟମରେ ୨୦୨୨ ସୁଦ୍ଧା ଦେଶର ୪୦ କୋଟି ଲୋକଙ୍କୁ ତାଲିମ ଦେଇ ସେମାନଙ୍କର ଦକ୍ଷତା ବିକାଶ କରିବାର ଲକ୍ଷ୍ୟ ରହିଛି। ସେମାନେ ନିଜ ପସନ୍ଦ ଅନୁସାରେ ତାଲମି ନେଇ ନିଜର ଦକ୍ଷତା ବିକାଶ କରିବାର ସୁଯୋଗ ପାଉଛନ୍ତି। ଦୂରଶିକ୍ଷା ପାଠ୍ୟକ୍ରମ ଦ୍ୱାରା ମଧ୍ୟ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଉଛି।

ଏସବୁ ପ୍ରୟାସର ଅନ୍ତିମ ଲକ୍ଷ୍ୟ ହେଲା ଯୁବବର୍ଗଙ୍କୁ ଦକ୍ଷ ଓ ସମର୍ଥ କରି ସେମାନଙ୍କୁ ଉପଯୁକ୍ତ ନିଯୁକ୍ତିର ସୁବିଧା ଯୋଗାଇବା। ଅଧିକ ଯୁବକ ବସବାସ କରୁଥିବା ଏକ ରାଷ୍ଟ୍ର ରୋଜଗାରର ସୁଯୋଗ ଓ ସମାର୍ଥ୍ୟ ହରାଇବସିଲେ ଏହାର କୁପରିଣାମ ଅର୍ଥନୀତି ଉପରେ ପଡ଼େ। ଏହା ମଧ୍ୟ ସମାଜ ପାଇଁ ଏକ ବିପଦ। ତେଣୁ ସରକାର ନିକଟରେ ଉଦ୍ୟୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେଇ ଦେଶରେ ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମୁଦ୍ରା, ସେତୁ, ଏମ୍ (ଅଟଳ ଇନୋଭେସନ ମିସନ) ଆଦି ଏଭଳି କିଛି କାର୍ଯ୍ୟକ୍ରମ ଯାହା ଦେଶରେ ଇନୋଭେସନ (ଅଭିନବତା) ଓ ଆନ୍ତ୍ରେପ୍ରିନ୍ୟୁଅର୍‌ସିପ୍ (ଉଦ୍‌ଯୋଗିତା) ସଂସ୍କୃତିକୁ ପ୍ରୋତ୍ସାହିତ କରିବାର ଏକ ପ୍ରୟାସ।

ଜାତି ଗଠନରେ ଯୁବକଯୁବତୀମାନେ ସ୍ତମ୍ଭ ସଦୃଶ। ନିୟତିକୁ ପରିବର୍ତ୍ତନ କରିବାର ଶକ୍ତି ସେମାନଙ୍କ ହାତରେ। ନିଜର ଭାଗ୍ୟ ବଦଳାଇବାକୁ ପ୍ରୟାସ କରୁଥିବା ଯେକୌଣସି ଦେଶକୁ ପ୍ରଥମେ ତାହାର ଯୁବବର୍ଗର ଶକ୍ତି ଓ ସାମର୍ଥ୍ୟକୁ ଉପଯୋଗ କରିବାକୁ ପଡ଼ିବ। ଫ୍ରାଙ୍କଲିନ୍ ରୁଜ୍‌ଭେଲ୍ଟ ଥରେ ରହିଥିଲେ, "ଆମେ ସବୁବେଳେ ଆମ ଯୁବବର୍ଗ ପାଇଁ ଭବିଷ୍ୟତ ନିର୍ମାଣ କରିପାରିବା ନାହିଁ। ମାତ୍ର ଭବିଷ୍ୟତ ପାଇଁ ଆମେ ଆମ ଯୁବବର୍ଗଙ୍କୁ ତିଆରି କରିପାରିବା।"

❖❖❖

# ଭାରତୀୟ ଯୁବଗୋଷ୍ଠୀ : ଉଦୟମାନ ଶକ୍ତି

ଡକ୍ଟର ଏ.କେ. ଦୁବେ

ୟୁନେସ୍କୋ ପକ୍ଷରୁ 'ଯୁବ' ଶବ୍ଦର ଯେଉଁ ସଂଜ୍ଞା ନିର୍ଦ୍ଧାରଣ କରାଯାଇଛି ତାହା ହେଲା - "ନିର୍ଭରଶୀଳ ଶୈଶବରୁ ପ୍ରାପ୍ତବୟସ୍କର ସ୍ୱାଧୀନତା ତଥା ଏକ ସଂପ୍ରଦାୟର ସଦସ୍ୟ ହେବାର ମୁକ୍ତ ଚେତନା ହାସଲର ସନ୍ଧିକ୍ଷଣ। ଯୁବାବସ୍ଥା ଏକ ଧାର୍ଯ୍ୟ ବୟସ ଗୋଷ୍ଠୀଠାରୁ ଅଧିକ ଏକ ତରଳ ସ୍ଥିତି।"

ଯୁବ ବ୍ୟାପାର ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟ (୨୦୧୬-୧୭) ଅନୁସାରେ ସରକାରଙ୍କ ପ୍ରତ୍ୟେକ ଅନୁଷ୍ଠାନରେ ଯୁବକମାନେ ସବୁଠୁ ଉତ୍ସାହୀ ବର୍ଗ ଭାବେ ସ୍ଥାନ ପାଇଛନ୍ତି। ସେମାନଙ୍କର ସ୍ପନ୍ଦିତ ଓ ଉତ୍ସାହୀ ଆଭିମୁଖ୍ୟ ଯୋଗୁଁ ଭାରତ ଆଜି ବିଶ୍ୱର ସବୁଠୁ ଅଧିକ ଯୁବ ଜନସଂଖ୍ୟା ବିଶିଷ୍ଟ ଦେଶର ମର୍ଯ୍ୟାଦା ଲାଭ କରିଛି। ଭାରତରେ ମୋଟ୍ ଜନସଂଖ୍ୟାର ୬୫ଶତାଂଶ ହାରାହାରି ୩୫ ବର୍ଷ ବୟସ ବର୍ଗର।

ଏହି ରିପୋର୍ଟ ଅନୁସାରେ ୨୦୨୦ ସୁଦ୍ଧା ଭାରତର ଜନସଂଖ୍ୟାର ହାରାହାରି ବୟସ ୨୮ ବର୍ଷ ହେବ ଯେତେବେଳେ ଚୀନ ଓ ଦକ୍ଷିଣ ଏସୀୟ ରାଷ୍ଟ୍ର ସମୂହର ଏହି ବୟସ ୩୮ ବର୍ଷ ହୋଇଥିବ। ଭାରତର ମୋଟ୍ ଜନସଂଖାର ୨୭.୫ ଭାଗର ବୟସସୀମା ୧୫ରୁ ୨୯ ବର୍ଷ ମଧ୍ୟରେ। ଏହା ଭାରତକୁ ଏକ ସୁବିଧାଜନକ ଜନସଂଖ୍ୟା ସ୍ଥିତିରେ ପହଞ୍ଚାଇଛି।

ଏହି ଲୋକସଂଖ୍ୟା ଜନିତ ସୁଯୋଗକୁ ଯଥାର୍ଥ ଭାବେ ଉପଯୋଗ କରିବାକୁ ହେଲେ ଏହି ଯୁବବର୍ଗଙ୍କୁ ଗଠନମୂଳକ କାର୍ଯ୍ୟରେ ଅଧିକରୁ ଅଧିକ ବିନିଯୋଗ କରିବାକୁ ହେବ। ସେମାନଙ୍କୁ ବିଶ୍ୱସ୍ତରରେ ଉପଯୋଗୀ ଓ ଯଥାର୍ଥ କରିବା ପାଇଁ ଆବଶ୍ୟକ ନୀତି ଓ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଯୁବବର୍ଗ ଏକ ପ୍ରସ୍ତୁତ ପରୀକ୍ଷାଗାର ନୁହେଁ ଯେଉଁଠି ରାଷ୍ଟ୍ରତନ୍ତ୍ରର ଉପଜକୁ ତତ୍କାଳ ପରୀକ୍ଷା କରାଯାଇପାରିବ। ଏମାନେ ବରଂ ପରିବର୍ତ୍ତନର ଏକ ମାଧ୍ୟମ ଯାହାଙ୍କୁ ଦକ୍ଷତା ବୃଦ୍ଧି ଓ ସମସାମୟିକ ପ୍ରାସଙ୍ଗିକତା ଦ୍ୱାରା ନୂଆ ସୁଯୋଗ ଓ ସମ୍ଭାବନା ସୃଷ୍ଟିରେ ବିନିଯୋଗ କରାଯାଇପାରିବ।

ମାଇକେଲ ଗ୍ରୀନ୍ ତାଙ୍କ ପୁସ୍ତକ "ୟୁଥ୍ ଆଜ୍ ଆକ୍ଟିଭ୍ ଏଜେଣ୍ଟସ ଅଫ୍ ସୋସାଲ ଚେଞ୍ଜ"ରେ ଲେଖିଛନ୍ତି ଚିର ସଂପ୍ରସାରିତ ଓ ପ୍ରଭାବଶାଳୀ ଅସ୍ତିବାଚକ ଯୁବ ବିକାଶ ପ୍ରକ୍ରିୟାରେ ଏହି ବର୍ଗର ସାମର୍ଥ୍ୟ ଓ ଆଗ୍ରହ ଗୁରୁତ୍ୱ ପାଏ ଓ ଏହା ସମସ୍ୟା କେନ୍ଦ୍ରୀତ ଆଭିମୁଖ୍ୟଠାରୁ ସମସ୍ୟା ସମାଧାନମୂଳକ ଦୃଷ୍ଟିକୋଣକୁ ଅଗ୍ରାଧିକାର ଦିଏ।

ବିଭିନ୍ନ ସାମାଜିକ, ରାଜନୈତିକ ଓ ନାଗରିକ ଆନ୍ଦୋଳନରେ ଯୁବକମାନେ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛନ୍ତି। ଏଲ୍‌ଜିବିଟିକ୍ୟୁ ଆନ୍ଦୋଳନଠାରୁ ଆରମ୍ଭ କରି ମହିଳାଙ୍କ ପାଇଁ ସମାନ ଅଧିକାର, ପରିବେଶଗତ ଉଦ୍‌ବେଗଠାରୁ ମାନବାଧିକାର ପର୍ଯ୍ୟନ୍ତ - ସବୁଥିରେ ଯୁବବର୍ଗ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ଏହି ବର୍ଗ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ବସ୍ତୁତଃ ଏକ ବଡ଼ ଚାପ ସୃଷ୍ଟିକାରୀ ଗୋଷ୍ଠୀରେ ପରିଣତ ହୋଇଛି। ଯୁବବର୍ଗ ନିଜର ଚିନ୍ତାଧାରା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ନୂଆ ମିଡିଆକୁ ବିଶେଷ ବ୍ୟବହାର କରୁଛି। ଏହି ସାମାଜିକ ଗଣମାଧ୍ୟମ ଏବେ ଯୁବମତାମତ ପରିପ୍ରକାଶର ପ୍ରମୁଖ ମାଧ୍ୟମ ପାଲଟିଛି। ସାମାଜିକ ଗଣମାଧ୍ୟମ ଯୁବ ସମାଜ ମଧ୍ୟରେ ସମ୍ପର୍କ ସ୍ଥାପନ ଓ ଚିନ୍ତାଧାରା ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି। ପରିବର୍ତ୍ତନଶୀଳ ସାମାଜିକ ଆର୍ଥିକ ଆବଶ୍ୟକତା ଓ ବାସ୍ତବତା ସହ ଯୁବ ସମାଜ ଅଧିକରୁ ଅଧିକ ଯୋଡ଼ି ହେଉଥିବାରୁ ଏହାର ସାମାଜିକ ଗ୍ରହଣୀୟତା ମଧ୍ୟ ବଢ଼ିଛି।

ଦୁଇଟି ପିଢ଼ି ମଧ୍ୟରେ ଯୁବାବସ୍ଥା ଏକ ସେତୁ ଭଳି କାର୍ଯ୍ୟ କରେ। ଏହା ସେହି ବୟସ ଯେତେବେଳେ ଜଣକୁ ଠିକଣା ଭାବେ ପରିବେଶ ଓ ପରିସ୍ଥିତି କଥା ବୁଝାଇ ଦିଆଯାଏ। ସେତେବେଳେ ସେ ନିଜର ଭୂମିକା, ଦାୟିତ୍ୱ ଭଲଭାବେ ବୁଝିପାରେ ଓ ତଦନୁସାରେ କାର୍ଯ୍ୟ କରେ। ତା' ମନରୁ ଜଟିଳ ବିଚାର ଓ ଭାବନା ଦୂରେଇ ଯାଏ ଏବଂ ସେ ନିଜର ଅଭିବୃଦ୍ଧି ଓ ବିକାଶ ପାଇଁ କ୍ରମଶଃ ସରଳ ଓ ନମନୀୟ ହୋଇ

**ଯୁବଶକ୍ତିକୁ ନିଜର ମୂଳ ଖୋଜିବାରେ ଟେକ୍‌ନୋଲୋଜି ବିଶେଷ ସାହାଯ୍ୟ କରିପାରିବ। ଏହାର ବ୍ୟାପକ ବ୍ୟବହାର ଯୁବ ସମାଜକୁ ଅଧିକରୁ ଅଧିକ ଦିଗଦର୍ଶନ ଦେବାରେ ସହାୟକ ହେବ। ସରକାର ଏବେ ଡିଜିଟାଇଜେସନ ଓ ନଗଦ ବିହୀନ ଅର୍ଥନୀତି ଆଦି ବିଷୟ ଉପରେ ଅଗ୍ରାଧିକାର ଦେଉଛନ୍ତି। ଏହା ପଛରେ ବଡ଼ କଥା ହେଉଛି ଟେକ୍‌ନୋଲୋଜି ବା ଜ୍ଞାନକୌଶଳ। ଟେକ୍‌ନୋଲୋଜି ବିକାଶର ଏକ ସକାରାତ୍ମକ ରାସ୍ତା ଏକଥା ଆମକୁ ଅବୁଝା ନାହିଁ। ଅତଏବ ଦେଶର, ନାଗରିକମାନଙ୍କର ବିକାଶ, କଲ୍ୟାଣ ପାଇଁ ଯୁବ ସମାଜ ଏହି ନୂଆ ଟେକ୍‌ନୋଲୋଜିକୁ ଅଧିକରୁ ଅଧିକ ଆଦରିବା ସହିତ ଏହାର ଉପଯୋଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।**

ଅନେକ କଥା ଶିଖେ ଏବଂ କରେ। ଆଦର୍ଶଗତ କଠୋରତା ଓ ଅନିୟମିତତା ତଥା ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧାନୁକରଣର କୌଣସି ଭଲ ପ୍ରଭାବ ଦେଶ ଉପରେ ଭବିଷ୍ୟତରେ ପଡ଼ିବ ନାହିଁ। ଏବେ ଯୁବକମାନେ ବୁଝୁଛନ୍ତି ଯେ ସର୍ବେସର୍ବାଭାବ ଓ ସ୍ୱୟଂଶାସନ କେବଳ ସବୁ ସମସ୍ୟାର ସମାଧାନ କରିପାରିବ ନାହିଁ। ସମସ୍ତଙ୍କୁ ସାଙ୍ଗରେ ନେଇ ସର୍ବସମ୍ମତ ବା ବହୁମତ ପ୍ରକ୍ରିୟାରେ ସମସ୍ୟାର ସମାଧାନ ସମ୍ଭବ। ଯୁବସମାଜ ନୂଆ ସାମାଜିକ ବିଚାର, ଚିନ୍ତନ, ଆର୍ଥିକ ବିକାଶ ଓ ରାଜନୈତିକ କାର୍ଯ୍ୟକ୍ରମରେ ଅଣୁଘଟକ ଭାବେ କାର୍ଯ୍ୟ କରେ।

ଭାରତର ସାମ୍ପ୍ରତିକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୁବ ସମାଜ ତାହାର ସ୍ଥିତି, ଆବଶ୍ୟକତା ଓ ଲକ୍ଷ୍ୟ ସମ୍ପର୍କରେ ସହଜରେ ବୁଝିପାରିବ। ଏଥିପାଇଁ ପରିବେଶ ଓ ପରିସ୍ଥିତି ତାହାକୁ ଯଥେଷ୍ଟ ଅଭିଜ୍ଞତା ଯୋଗାଇ ଦେଉଛି।

ଜଟିଳ ସାମାଜିକ ବ୍ୟବସ୍ଥାକୁ ଯୁକ୍ତି ଓ ତର୍କଦ୍ୱାରା ପ୍ରଶ୍ନ କରି ପ୍ରତ୍ୟାଖ୍ୟାନ କରିବାର ଦାୟିତ୍ୱ ଯୁବ ସମାଜର। ଆନ୍ତଃଜାତି ଭୋଜନ ଓ ଭିନ୍ନଜାତି ବିବାହ ପ୍ରସଙ୍ଗ ଉପରେ ଆମ ଯୁବ ସମାଜର ଆଉ ସେମିତି କଠୋର ବିଚାର ନାହିଁ। ଜାତି, ଧର୍ମ, ବର୍ଣ୍ଣ ଆଦି ବିଚାରରେ କେତେକ ବର୍ଗର ଲୋକଙ୍କ ପ୍ରତି ଯେଉଁ ଅମାନବୀୟ ଓ ଅସମ୍ମାନ ଜନକ ଦୃଷ୍ଟିକୋଣ ପ୍ରଦର୍ଶନ କରାଯାଉଛି ତାହାକୁ ଯୁବକଯୁବତୀମାନେ ପ୍ରଶ୍ନ କରୁଛନ୍ତି। ଅବଶ୍ୟ ଏହା ବ୍ୟାପକଭାବେ ହୋଇନାହିଁ। ତଥାପି ଏହି ଭାବନା ଠିକଣା ଦିଗରେ ଗତି କରୁଛି।

ଯୁବଶକ୍ତିକୁ ନିଜର ମୂଳ ଖୋଜିବାରେ ଟେକ୍‌ନୋଲୋଜି ବିଶେଷ ସାହାଯ୍ୟ କରିପାରିବ। ଏହାର ବ୍ୟାପକ ବ୍ୟବହାର ଯୁବ ସମାଜକୁ ଅଧିକରୁ ଅଧିକ ଦିଗଦର୍ଶନ ଦେବାରେ ସହାୟକ ହେବ। ସରକାର ଏବେ ଡିଜିଟାଇଜେସନ ଓ ନଗଦ ବିହୀନ ଅର୍ଥନୀତି ଆଦି ବିଷୟ ଉପରେ ଅଗ୍ରାଧିକାର ଦେଉଛନ୍ତି। ଏହା ପଛରେ ବଡ଼ କଥା ହେଉଛି ଟେକ୍‌ନୋଲୋଜି ବା ଜ୍ଞାନକୌଶଳ। ଟେକ୍‌ନୋଲୋଜି ବିକାଶର ଏକ ସକାରାତ୍ମକ ରାସ୍ତା ଏକଥା ଆମକୁ ଅବୁଝା ନାହିଁ। ଅତଏବ ଦେଶର, ନାଗରିକମାନଙ୍କର ବିକାଶ, କଲ୍ୟାଣ ପାଇଁ ଯୁବ ସମାଜ ଏହି ନୂଆ ଟେକ୍‌ନୋଲୋଜିକୁ ଅଧିକରୁ ଅଧିକ ଆଦରିବା ସହିତ ଏହାର ଉପଯୋଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଭାରତର ଡିଜିଟାଲ ପରିବେଶ ଭାରତୀୟ ଯୁବ ସମାଜକୁ ଅଧିକ ମଜବୁତ କରି ବିଶ୍ୱ ଦରବାରରେ ଛିଡ଼ା ହେବାକୁ ସଶକ୍ତ କରିଛି। ଏହା ତ୍ୱରିତ ଶିକ୍ଷା, ଯୋଗଯୋଗ, ଦୂରଦୂରାନ୍ତ ଭୌଗୋଳିକ ଅଞ୍ଚଳସହ ସମ୍ପର୍କ ସ୍ଥାପନର ସୁଯୋଗ ଦେଇଛି। ସମସ୍ତଙ୍କ ପାଇଁ ଏହା ଏକ ସାଧାରଣ ମଞ୍ଚ ତିଆରି କରିବାରେ ସକ୍ଷମ ହୋଇଛି। ଏହା ସମଭାବାପନ୍ନ ବିଚାରର ଏକ ସଂକଳନ ସାଜି କୌଣସି ପ୍ରସଙ୍ଗର ଗ୍ରହଣଯୋଗ୍ୟ ସମାଧାନ ବା ସୂତ୍ର ବାହାର କରିବାକୁ ସମ୍ଭାବନା ସୃଷ୍ଟି କରିପାରିଛି। ଆମେ ବଟନ ଛୁଇଁବା ମାତ୍ରେ ଆମ ବିଚାରକୁ ଅନ୍ୟ ସହ ଭାଗୀଦାର କରିପାରୁଛୁ ଓ ଅନ୍ୟର ବିଚାରକୁ ଉପଲବ୍ଧି କରିପାରୁଛୁ। ଏହା ଆମ ପାଇଁ ପରାମର୍ଶ, ସହଯୋଗ, ଯୋଜନା ଓ କାର୍ଯ୍ୟକ୍ରମର ସୁଯୋଗ ସୃଷ୍ଟି କରିଛି।

**୨୦୧୧ ଜନଗଣନା ତଥ୍ୟ ଅନୁସାରେ ଭାରତର ଜନସଂଖ୍ୟାର ପ୍ରାୟ ୪୧% ଲୋକଙ୍କ ବୟସ ୨୦ ବର୍ଷରୁ କମ୍। ବ୍ୟକ୍ତିତ୍ୱ ବିକାଶ ପାଇଁ ଏହି ବୟସ ସୀମା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ବୟସରେ ତରୁଣ / କିଶୋର ବର୍ଗ ଉଚିତ ଦିଗ୍‌ଦର୍ଶନ, ତାଲିମ ଓ ପରାମର୍ଶ ଲୋଡ଼ନ୍ତି। ସହରାଞ୍ଚଳର ଦ୍ରୁତ ଅଭିବୃଦ୍ଧି ସହିତ ଏହାର କିଛି କୁପ୍ରଭାବ ମଧ୍ୟ ଯୁବ ସମାଜ ଉପରେ ପଡ଼ୁଛି। କେତେକ ଯୁବକ/ତରୁଣ ଏହାର ପ୍ରଭାବରେ ବିପଥଗାମୀ ହୋଇ ଅପରାଧ କରୁଛନ୍ତି। କେତେକ ଜୀବିକା ନିର୍ବାହ ପାଇଁ ମଧ୍ୟ ଅପରାଧକୁ ବାଛି ନେଉଛନ୍ତି। ଏଥିପାଇଁ ଅବଶ୍ୟ କେତେକ ନିର୍ଦ୍ଦିଷ୍ଟ କାରଣ ଦାୟୀ। କର୍ମ ନିଯୁକ୍ତି ଓ ରୋଜଗାର କ୍ଷେତ୍ରରେ ପାତର ଅନ୍ତର ଏବଂ ସୁଯୋଗର ଅଭାବ ସେଥିମଧ୍ୟରୁ ଅନ୍ୟତମ।**

ଆମେ ଯାହା ଦେଖୁଛୁ, ଟେକ୍‌ନୋଲୋଜି କେବଳ ସେତିକିରେ ସୀମିତ ନୁହେଁ। ଜଣେ ଛାତ୍ର ଏବେ ଏହା ମାଧ୍ୟମରେ ଅସୀମ ପାଠ୍ୟ ଉପକରଣ ପାଇପାରୁଛି। ପଢ଼ିବା ପାଇଁ ସ୍ୱତନ୍ତ୍ର ପାଠ୍ୟକେନ୍ଦ୍ର ଓ ଅନୁଷ୍ଠାନ ବାଛି ପାରୁଛି। ଏହା ସମସ୍ତଙ୍କୁ ସମାନ ସୁଯୋଗ ଓ ସୁବିଧା ପ୍ରଦାନ କରିପାରୁଛି ଓ ଏହା ସମସ୍ତଙ୍କର ଅଧ୍ୟୟନ ଓ ଉପଯୋଗର ଅଗ୍ରଭାଗରେ ରହିଛି। ଏବେ ପ୍ରଶ୍ନ ହେଉଛି ଏହି ଟେକ୍‌ନୋଲୋଜି ସୁଯୋଗକୁ ଯୁବ ସମାଜ କେତେ ମାତ୍ରାରେ କାର୍ଯ୍ୟରେ ଲଗାଇ ଏହାର ଲାଭ ଉଠାଇପାରୁଛି।

ଏ କ୍ଷେତ୍ରରେ ଷ୍ଟାର୍ଟଅପ୍ ବା ଉଦ୍ୟୋଗ ପ୍ରତିଷ୍ଠା ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି। ମୁଷ୍ଟିମେୟ ଲୋକ ଉଦ୍ୟୋଗ ସ୍ଥାପନର ଯେଉଁ ଏକଚାଟିଆ କାରବାର ଚଳାଇଥିଲେ ନୂଆ ପ୍ରୟାସ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ତାହାର ଅବସାନ ଏକ ପ୍ରକାର ଘଟାଇଛି। ଏବେ ଏହା ସମସ୍ତଙ୍କ ପାଇଁ ଅସୀମିତ ସୁଯୋଗ ସୃଷ୍ଟି କରିଛି। ଯୁବ ସମାଜର ବୁଦ୍ଧି, କୌଶଳ, ସଂକଳ୍ପ ସହ ଟେକ୍‌ନୋଲୋଜି ମିଶି ଉଦ୍ୟୋଗ ସ୍ଥାପନର ନୂଆ ସମ୍ଭାବନାକୁ ସାର୍ବଜନୀନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଭାରତୀୟ ଯୁବ ସମାଜର ପରିପୂର୍ଣ୍ଣ ତଥା ସ୍ୱତନ୍ତ୍ର ବିକାଶ ପାଇଁ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରଣାଳୟ ଅନେକ ନୂଆ ନୂଆ କାର୍ଯ୍ୟକ୍ରମ ହାତକୁ ନେଇଛି। ନିୟମିତ କର୍ମଶାଳା, ପ୍ରଶିକ୍ଷଣ, ନୂତନ କାର୍ଯ୍ୟକ୍ରମ, ନିୟମିତ ସମୀକ୍ଷା, ତାଲିମ ଆଦି ଉପରେ ଗୁରୁତ୍ୱ ଦିଆଯାଇ ସ୍ୱାଧୀନଭାବେ ଯୁବକଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି।

୨୦୧୬-୧୭ ବାର୍ଷିକ ରିପୋର୍ଟ ଅନୁସାରେ, "୨୦୧୪ର ଜାତୀୟ ଯୁବନୀତି ସମଗ୍ର ଭାରତୀୟ ଯୁବ ସମାଜର ସର୍ବାଙ୍ଗୀଣ ବିକାଶ ଉପରେ ଗୁରୁତ୍ୱ ଦେଇଛି। ନିଜର ଶକ୍ତି ଓ ସାମର୍ଥ୍ୟର ପୂର୍ଣ୍ଣାଙ୍ଗ ବିନିଯୋଗ ପାଇଁ ଏହା ଯୁବସମାଜ ନିମନ୍ତେ ସୁଯୋଗ ସୃଷ୍ଟି କରିଛି। ଯୁବ ସମାଜ ନିଜ ଗୋଡ଼ରେ ଛିଡ଼ା ହୋଇ ରାଷ୍ଟ୍ର ନିର୍ମାଣରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ତା' ଉପରେ ଅଗ୍ରାଧିକାର ଦିଆଯାଇଛି। ଏହି ନୀତିରେ ଦେଶର ଯୁବ ସମାଜ ପ୍ରତି ଏକ ସାମଗ୍ରିକ ଦୃଷ୍ଟି ରଖାଯାଇଛି। ଏହାର ମୂଳମନ୍ତ୍ର ହେଉଛି ଯୁବକମାନଙ୍କୁ ସଶକ୍ତ, ସମୃଦ୍ଧ କରି ବିଶ୍ୱ ଦରବାରରେ ଭାରତକୁ ଯଥାର୍ଥ ସ୍ଥାନରେ ଠିଆ କରାଇବା।

### ୨୦୧୪ ଜାତୀୟ ଯୁବନୀତିର ଲକ୍ଷ୍ୟ ଓ ଅଗ୍ରାଧିକାର କ୍ଷେତ୍ର

➢ ଏକ ଉତ୍ପାଦନକ୍ଷମ ଶ୍ରମଶକ୍ତି ସୃଷ୍ଟି କରିବା ଯାହାକି ଭାରତର ଆର୍ଥିକ ବିକାଶ କ୍ଷେତ୍ରରେ ନିରନ୍ତର ଅବଦାନ ରଖିପାରିବ। ସେଥିପାଇଁ ଶିକ୍ଷା, ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଯୁବଶକ୍ତିକୁ ପ୍ରୋତ୍ସାହନ ତଥା ନିଯୁକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି।

➢ ସ୍ୱାସ୍ଥ୍ୟ ଓ କ୍ରୀଡ଼ାକୁ ଗୁରୁତ୍ୱ ପ୍ରଦାନ କରାଯାଇ ଏକ ଶକ୍ତିଶାଳୀ, ସୁସ୍ଥ ପିଢ଼ି ତିଆରି କରି ତାହାକୁ ଭବିଷ୍ୟତ ପିଢ଼ିର ଆବଶ୍ୟକତା ପୂରଣ ପାଇଁ ଯୋଗ୍ୟ କରିବା।

➢ ସାମାଜିକ ମୂଲ୍ୟବୋଧର ପ୍ରତିଷ୍ଠା ସହ ଗୋଷ୍ଠୀ ସେବା ମାଧ୍ୟମରେ ରାଷ୍ଟ୍ରୀୟ ମାଲିକାନା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ।

➢ ରାଜନୀତି ଓ ଶାସନରେ ଯୁବ ସମାଜର ଅଧିକରୁ ଅଧିକ ଅଂଶଗ୍ରହଣ ସହିତ ଏଥିପାଇଁ

**୨୦୧୬-୧୭ ବାର୍ଷିକ ରିପୋର୍ଟ ଅନୁସାରେ, "୨୦୧୪ର ଜାତୀୟ ଯୁବନୀତି ସମଗ୍ର ଭାରତୀୟ ଯୁବ ସମାଜର ସର୍ବାଙ୍ଗୀଣ ବିକାଶ ଉପରେ ଗୁରୁତ୍ୱ ଦେଇଛି। ନିଜର ଶକ୍ତି ଓ ସାମର୍ଥ୍ୟର ପୂର୍ଣ୍ଣାଙ୍ଗ ବିନିଯୋଗ ପାଇଁ ଏହା ଯୁବସମାଜ ନିମନ୍ତେ ସୁଯୋଗ ସୃଷ୍ଟି କରିଛି। ଯୁବ ସମାଜ ନିଜ ଗୋଡ଼ରେ ଛିଡ଼ା ହୋଇ ରାଷ୍ଟ୍ର ନିର୍ମାଣରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ତା' ଉପରେ ଅଗ୍ରାଧିକାର ଦିଆଯାଇଛି। ଏହି ନୀତିରେ ଦେଶର ଯୁବ ସମାଜ ପ୍ରତି ଏକ ସାମଗ୍ରିକ ଦୃଷ୍ଟି ରଖାଯାଇଛି। ଏହାର ମୂଳମନ୍ତ୍ର ହେଉଛି ଯୁବକମାନଙ୍କୁ ସଶକ୍ତ, ସମୃଦ୍ଧ କରି ବିଶ୍ୱ ଦରବାରରେ ଭାରତକୁ ଯଥାର୍ଥ ସ୍ଥାନରେ ଠିଆ କରାଇବା।**

ଆବଶ୍ୟକ କ୍ଷେତ୍ର ପ୍ରସ୍ତୁତି ଉପରେ ଗୁରୁତ୍ୱ।

➤ ଅସୁବିଧାରେ ପଡ଼ିଥିବା ଯୁବକଯୁବତୀଙ୍କୁ ସାହାଯ୍ୟ ସହଯୋଗ କରିବା ସହ ପଛରେ ପଡ଼ିଯାଇଥିବା ଯୁବବର୍ଗଙ୍କ ଉତ୍‌ଥାନ ପାଇଁ ସମାନ ସୁଯୋଗ ସୁବିଧା ସୃଷ୍ଟି। ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ସାମାଜିକ ନ୍ୟାୟକୁ ଗୁରୁତ୍ୱ।

ବର୍ତ୍ତମାନର ସରକାର ଯୁବ ସଂପ୍ରଦାୟର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ନାନାବିଧ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଉଦାହରଣ ସ୍ୱରୂପ ନେହେରୁ ଯୁବ କେନ୍ଦ୍ର ସଂଗଠନ ଯୁବକଯୁବତୀମାନଙ୍କୁ ରାଷ୍ଟ୍ର ଗଠନ କାର୍ଯ୍ୟରେ ନିୟୋଜିତ କରିବାର ଦାୟିତ୍ୱ ଦେଇଛି। ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍‌) ସ୍ୱେଚ୍ଛାକୃତ ସମାଜସେବା ଦ୍ୱାରା ଯୁବସମାଜର ନୈତିକ ଓ ମାନବବାଦୀ ବ୍ୟକ୍ତିତ୍ୱ ବୃଦ୍ଧିରେ ସହାୟକ ହେଉଛି।

ସେହିଭଳି ଜାତୀୟ ଯୁବ-କିଶୋର ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଯୁବ ମହୋତ୍ସବ ଓ ପୁରସ୍କାର ଆଦିର ବ୍ୟବସ୍ଥା କରାଯାଇଛି। ଯୁବକଯୁବତୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ।

୨୦୧୧ ଜନଗଣନା ତଥ୍ୟ ଅନୁସାରେ ଭାରତର ଜନସଂଖ୍ୟାର ପ୍ରାୟ ୪୧% ଲୋକଙ୍କ ବୟସ ୨୦ ବର୍ଷରୁ କମ୍‌। ବ୍ୟକ୍ତିତ୍ୱ ବିକାଶ ପାଇଁ ଏହି ବୟସ ସୀମା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ବୟସରେ ତରୁଣ / କିଶୋର ବର୍ଗ ଉଚିତ ଦିଗ୍‌ଦର୍ଶନ, ତାଲିମ ଓ ପରାମର୍ଶ ଲୋଡ଼ନ୍ତି। ସହରାଞ୍ଚଳର ଦ୍ରୁତ ଅଭିବୃଦ୍ଧି ସହିତ ଏହାର କିଛି କୁପ୍ରଭାବ ମଧ୍ୟ ଯୁବ ସମାଜ ଉପରେ ପଡ଼ୁଛି। କେତେକ ଯୁବକ/ତରୁଣ ଏହାର ପ୍ରଭାବରେ ବିପଥଗାମୀ ହୋଇ ଅପରାଧ କରୁଛନ୍ତି। କେତେକ ଜୀବିକା ନିର୍ବାହ ପାଇଁ ମଧ୍ୟ ଅପରାଧିକୁ ବାଛି ନେଉଛନ୍ତି। ଏଥିପାଇଁ ଅବଶ୍ୟ କେତେକ ନିର୍ଦ୍ଦିଷ୍ଟ କାରଣ ଦାୟୀ। କର୍ମ ନିଯୁକ୍ତି ଓ ରୋଜଗାର କ୍ଷେତ୍ରରେ ପାତର ଅନ୍ତର ଏବଂ ସୁଯୋଗର ଅଭାବ ସେଥିମଧ୍ୟରୁ ଅନ୍ୟତମ। ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସତ୍ତ୍ୱେ ଅନେକ ଏହାର ସୁବିଧାସୁଯୋଗ ପାଆନ୍ତି ନାହିଁ। ଅନେକ ମଧ୍ୟ ସାମାଜିକ ଓ ଆର୍ଥିକ କାରଣରୁ ସୁଯୋଗ ଲାଭରୁ ବଞ୍ଚିତ ହୁଅନ୍ତି। ଆମ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ କେତେକ ତ୍ରୁଟି ରହୁଛି ଯାହା ଯୁବବର୍ଗର ସଂକଟ ମୋଚନରେ ସହାୟକ ହୋଇପାରୁନାହିଁ। ପାଠ ବହୁସମୟରେ ଅନେକଙ୍କୁ ରୋଜଗାରକ୍ଷମ କରିପାରୁନାହିଁ। ତେଣୁ ଏହାକୁ ଅଧିକ ଧନ୍ଦାମୂଳକ ଓ ବ୍ୟକ୍ତିତ୍ୱବିକାଶ ଭିତ୍ତିକ କରିବାକୁ ପଡ଼ିବ। ଯୁବ ମନକୁ ଅନୁଧ୍ୟାନ କରିବା ସହିତ ସେମାନଙ୍କ ସହ ବିଚାର ଆଲୋଚନାର ସୁଯୋଗ ସୃଷ୍ଟି କରି କର୍ମସଂସ୍ଥାନ ଓ ଥଇଥାନ ଆଦିର ବ୍ୟବସ୍ଥା କରିବାକୁ ହେବ। ଏକ ଅନୁକୂଳ ପରିବେଶ ପାଇଲେ ଯୁବମନର ହତାଶା, ନୈରାଶ୍ୟ, କ୍ରୋଧ ଓ କଠୋର ବିଚାରଧାରା ବଦଳିବା ସମ୍ଭବ ହେବ।

ମନ୍ତ୍ରଣାଳୟର ୨୦୧୬-୧୭ ରିପୋର୍ଟ ଅନୁସାରେ ୨୦୧୪ର ଜାତୀୟ ଯୁବନୀତିକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ କେତେକ ଅଗ୍ରାଧିକାର କ୍ଷେତ୍ରକୁ ବଛାଯାଇଛି। ଆବଶ୍ୟକ ପଡ଼ିଲେ ସରକାର ସେ କ୍ଷେତ୍ରରେ ହସ୍ତକ୍ଷେପ କରିବାର ବ୍ୟବସ୍ଥା ମଧ୍ୟ ଅଛି। ସେସବୁ ହେଲା -

- ❖ ବ୍ୟବସ୍ଥା ତଥା ଦକ୍ଷତା ନିର୍ମାଣ ଓ ଶିକ୍ଷାର ମାନ ବୃଦ୍ଧି
- ❖ ଯୁବ ସମାଜକୁ ସଚେତନ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି ଓ ବ୍ୟବସ୍ଥା ସହ ସେମାନଙ୍କ ସମ୍ପର୍କ ସ୍ଥାପନ
- ❖ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ସହିତ ଯୁବକଯୁବତୀଙ୍କୁ ଅଧିକ ପରିଚିତ କରିବା
- ❖ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବା ପ୍ରଦାନ ବ୍ୟବସ୍ଥାର ବିକାଶ

ରାଷ୍ଟ୍ରୀୟ ଯୁବ ସେବା କେନ୍ଦ୍ର ଏବେ ଆନ୍ତଃ ବିଷୟକ ଆଭିମୁଖ୍ୟ ନେଇ ଯୁବ ବିକାଶ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛି।

ସେସବୁ ହେଲା -

- ❖ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ
- ❖ ଲୋକକଳା, ସଂସ୍କୃତି ଓ ଯୁବ କୃତିର ବିକାଶ
- ❖ ମହାତ୍ମା ଗାନ୍ଧୀ ଯୁବ ସ୍ୱାସ୍ଥ୍ୟ ଅଭିଯାନ ଓ ଶ୍ରମଦାନ କାର୍ଯ୍ୟକ୍ରମ
- ❖ ତରୁଣମାନଙ୍କ ଦକ୍ଷତା ବିକାଶ
- ❖ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ
- ❖ ଉତ୍ତର-ପୂର୍ବ ଯୁବ ବିନିମୟ କାର୍ଯ୍ୟକ୍ରମ

୨୦୧୨ରେ ପ୍ରଣିତ ଏକ ଆଇନ ଅନୁସାରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ରାଜୀବ ଗାନ୍ଧୀ ଜାତୀୟ ଯୁବ ବିକାଶ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇଛି। ଯୁବ ବିକାଶ କ୍ଷେତ୍ରରେ ଏହାକୁ ଏକ ଆନ୍ତର୍ଜାତିକ ସ୍ତରର ଶିକ୍ଷା ଓ ତାଲିମ ପ୍ରତିଷ୍ଠାନରେ ପରିଣତ କରିବାର ଲକ୍ଷ୍ୟ ରହିଛି। ଏହି ଅନୁଷ୍ଠାନ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ। ଏଠାରେ ମନସ୍ତତ୍ତ୍ୱ, ସମାଜ ବିଜ୍ଞାନ, ସାମାଜିକ ଅଭିନବତା ଓ ଉଦ୍ୟୋଗ ବିକାଶ, ଲିଙ୍ଗଗତ ଅଧ୍ୟୟନ, ବିକାଶମୂଳକ ଅଧ୍ୟୟନରେ ଉପାଧିଉତ୍ତର ପାଠ୍ୟକ୍ରମ ଏବଂ ଗବେଷଣା ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ପାଠ୍ୟକ୍ରମ ମୁଖ୍ୟତଃ ଆନ୍ତଃବିଷୟକ ଓ ଯୁବକୈନ୍ଦ୍ରୀକ।

ଯୁବକମାନଙ୍କ ସୁବିଧା ପାଇଁ ସରକାର ଦେଶର ବିଭିନ୍ନ ସହରରେ ଯୁବ ହଷ୍ଟେଲମାନ ନିର୍ମାଣ କରିଛନ୍ତି। ଏହିସବୁ ହଷ୍ଟେଲରେ ରହି ସ୍ୱଳ୍ପ ଖର୍ଚ୍ଚରେ ଯୁବକଯୁବତୀ ବିଭିନ୍ନ ସହରର ପର୍ଯ୍ୟଟନ, କଳା, ସଂସ୍କୃତି, ଶିକ୍ଷା, ରୀତିନୀତି ସମ୍ପର୍କରେ ଆବଶ୍ୟକ ଅନୁଧ୍ୟାନ ପାଇଁ ସୁଯୋଗ ପାଉଛନ୍ତି। ଯୁବ ଶକ୍ତିର ବିକାଶ ସହିତ ରାଷ୍ଟ୍ରନିର୍ମାଣରେ ଏହାର ବିନିଯୋଗ ପାଇଁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଯୁବ ଶକ୍ତିର ଗୁରୁତ୍ୱ ଉପଲବ୍ଧି କରି ସ୍ୱାମୀ ବିବେକାନନ୍ଦ ଯେଉଁ ଆହ୍ୱାନ ଦେଇଥିଲେ, "ଉଠ, ଜାଗ୍ରତ ହୁଅ ଏବଂ ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ବିଶ୍ରାମ ନିଅ ନାହିଁ" ତାହାକୁ ସାକାର କରିବା ଲକ୍ଷ୍ୟରେ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ଉପସଂହାରରେ ଏତିକି କୁହାଯାଇପାରେ।

ଲେଖକ: ଦିଲ୍ଲୀ ଜାମିଆ ମିଲିଆ ଇସ୍‌ଲାମୀୟାର ଜଣେ ପିଏଚ୍‌ଡି ସ୍କଲାର

# ଭାରତରେ ଯୁବପୀଢ଼ିଙ୍କ ନିଯୁକ୍ତି ସୃଷ୍ଟିରେ ଆହ୍ୱାନ

ଏ.ଏନ. ଶର୍ମା ଓ ବଳବନ୍ତ ସିଂ ମେହେଟ୍ଟା

ଭାରତ ବିଶ୍ୱର ଏଭଳି ଏକ ବୃହତ୍ ଯୁବପୀଢ଼ିର ଦେଶ ଯେଉଁଠାରେ ବିଶ୍ୱର ମୋଟ ଯୁବ ଜନସଂଖ୍ୟାର ଏକପଞ୍ଚମାଂସ ଭାରତୀୟ । ଯଦି ଶ୍ରମ ବଜାରରେ ଏହି ଯୁବପୀଢ଼ିଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଏ ତେବେ ଅର୍ଥନୀତିର ଅଭିବୃଦ୍ଧି ବହୁ ଉଚ୍ଚକୁ ଛୁଇଁପାରିବ । ଭାରତର ଅଧା ଅର୍ଥାତ୍ ୬୦.୩ ପ୍ରତିଶତ ଜନସଂଖ୍ୟାର ଶ୍ରମବୟସ୍କ ପର୍ଯ୍ୟାୟରେ ଆସୁଛନ୍ତି ୧୫ ରୁ ୫୯ ବର୍ଷର ଲୋକ । ୨୭.୫ ପ୍ରତିଶତ ଯୁବପୀଢ଼ି ୧୫ ରୁ ୨୯ ବର୍ଷ ବୟସ୍କ । ୨୦୧୧ ଜନଗଣନା ଅନୁସାରେ ଦେଶର ଲୋକସଂଖ୍ୟା ବର୍ଷକୁ ୨ ପ୍ରତିଶତ ହାରରେ ବଢୁଛି । ୨୦୦୧-୧୧ ମଧ୍ୟରେ ଏହା ୧.୬% ଥିଲା । ପ୍ରତିବର୍ଷ ୧୦ ନିୟୁତ ଯୁବକ/ଯୁବତୀ ଶ୍ରମବଜାରକୁ ପ୍ରବେଶ କରୁଛନ୍ତି । ଏଥିରୁ ଅନୁମେୟ ଭାରତରେ ଏହି ଯୁବପୀଢ଼ିଙ୍କ ବିଶାଳତା କେତେ ଅଧିକ । ବିଶେଷ କରି ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ଭଳି ପଛୁଆ ରାଜ୍ୟଗୁଡ଼ିକରେ ଏହି ସଂଖ୍ୟା ଅଧିକ । ପ୍ରତି ବର୍ଷ ଯେତିକି ନିଯୁକ୍ତି ସୃଷ୍ଟି ହେଉଛି ତାହା ତୁଳନାରେ ଯୁବଗୋଷ୍ଠୀର ସଂଖ୍ୟା ଅଧିକ ହୋଇଥିବାରୁ ସମସ୍ତଙ୍କୁ ନିଯୁକ୍ତି ଦେବା ସମ୍ଭବ ହୋଇପାରୁନାହିଁ । ଶ୍ରମବଜାରରେ ଯଦିଓ ଚାହିଦା ରହିଛି ତେବେ ଅନୁରୂପ ଭାବେ କୁଶଳୀ ଶ୍ରମଶକ୍ତି ସୃଷ୍ଟି ହୋଇପାରୁନି । ଅଧିକରୁ ଅଧିକ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବା ନେଇ ଭାରତ ସରକାର ଏକାଧିକ ନିଯୋଜନ ସୃଷ୍ଟି ଯୋଜନା ଆରମ୍ଭ କରିଛନ୍ତି । ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ନିଯୋଜନ ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍ଇଜିପି), ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା(ଏସ୍‌ଜିଏସ୍‌ୱାଇ), ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା (ଏସ୍‌ଜେଏସ୍‌ଆରୱାଇ), ମେକ୍ ଇନ୍ ଇଣ୍ଡିଆ ଓ ସ୍କିଲ୍ ଇଣ୍ଡିଆ ଆଦି ଅନ୍ତର୍ଭୁକ୍ତ । ଏହି କ୍ଷୁଦ୍ର ନିବନ୍ଧରେ ଯୁବଗୋଷ୍ଠୀର ନିଯୁକ୍ତି ନେଇ ରହିଥିବା ଆହ୍ୱାନ ଓ ସରକାର ଏ ଦିଗରେ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଦିଆଯାଇପାରେ । ଭାରତ ସରକାରଙ୍କ ଶ୍ରମ ବ୍ୟୁରୋ ୨୦୧୫-୧୬ର ପଞ୍ଚମ ବାର୍ଷିକ ନିଯୁକ୍ତି ସର୍ଭେ ରିପୋର୍ଟ ଅନୁସାରେ ଯୁବ ଜନସଂଖ୍ୟା ୧୫ରୁ ୨୯ ବୟସ୍କ ଓ ୧୮ ରୁ ୨୯ ଏବଂ ୧୫ ରୁ ୧୭ ବର୍ଷ ବୟସ୍କ ଯୁବଗୋଷ୍ଠୀଙ୍କ ନିଯୁକ୍ତି ଲାଗି କି ଆହ୍ୱାନ ରହୁଛି ତାହା ଆଲୋଚନା ସାପେକ୍ଷ ।

### କର୍ମଚାରୀ ଯୋଗଦାନ ହାର

ମୋଟ ଜନସଂଖ୍ୟାର କେଉଁ ଅନୁପାତରେ କର୍ମଚାରୀ ଓ ଶ୍ରମିକ ନିଯୁକ୍ତ ହୋଇଥାନ୍ତି ତାହା କର୍ମଚାରୀ ଯୋଗଦାନ ହାର (ଡବ୍ଲ୍ୟୁପିଆର୍) ହିଁ ସୂଚୀତ କରାଏ । ୨୦୧୫-୧୬ ଡବ୍ଲ୍ୟୁପିଆର୍ ଅନୁଯାୟୀ ଯୁବପୀଢ଼ିଙ୍କ ମଧ୍ୟରୁ ୩୯.୨%ଙ୍କ ବୟସ ୩୦ ରୁ ଅଧିକ । ୧୮ରୁ ୨୯ ବର୍ଷ ବୟସ୍କ ଏକ ପ୍ରମୁଖ ଯୁବପୀଢ଼ିର ଅଂଶ ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣ କରିଥାଆନ୍ତି । ଗ୍ରାମାଞ୍ଚଳରେ ଡବ୍ଲ୍ୟୁପିଆର୍ ଅନୁପାତ ସହରାଞ୍ଚଳ ଅପେକ୍ଷା ଅଧିକ । ସେଠାରେ ଯୁବତୀଙ୍କ ଅପେକ୍ଷା ଯୁବକଙ୍କ ଡବ୍ଲ୍ୟୁପିଆର୍ ୩.୫ ଗୁଣ ଅଧିକ । ଏମାନେ ସବୁ ୧୮ ରୁ ୨୯ ବର୍ଷ ବୟସ୍କ ।

୧୮ ରୁ ୨୯ ବର୍ଷ ବୟସ୍କ ଦୁଇ ପଞ୍ଚମାଂସ କର୍ମଚାରୀ ଆତ୍ମନିଯୁକ୍ତ ହୋଇଥିବା ବେଳେ ୩୦ ବର୍ଷରୁ ଅଧିକ ବୟସ୍କ ଶ୍ରମିକଙ୍କ ଆତ୍ମନିଯୁକ୍ତି ଅଧାରୁ ଅଧିକ । ନିୟମିତ ଓ ଦୈନିକ ମଜୁରୀଆ ଭାବେ ଏମାନେ ଉଭୟ ସହର ଓ ଗ୍ରାମାଞ୍ଚଳରେ କାମ କରିଥାନ୍ତି ।

### ଶିଳ୍ପାଞ୍ଚଳରେ ଶ୍ରମିକ ଆବଣ୍ଟନ

ଦେଶର ୩୮.୧ ପ୍ରତିଶତ ଯୁବପୀଢ଼ି (୧୮-୨୯)ବର୍ଷ ବୟସ୍କ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟରେ ନିଯୋଜିତ ଥିବାବେଳେ ୧୯.୪ ପ୍ରତିଶତ ବାଣିଜ୍ୟ, ହୋଟେଲ୍ ଓ ରେସ୍ତୋରାଁରେ ନିଯୋଜିତ ଥାଆନ୍ତି । ୧୫.୧ ପ୍ରତିଶତ ନିର୍ମାଣ ସଂସ୍ଥା, ୧୩.୧ ପ୍ରତିଶତ ଉତ୍ପାଦନ କ୍ଷେତ୍ର ଓ ଅନ୍ୟାନ୍ୟ ସେବାରେ କର୍ମରତ ରହିଥାଆନ୍ତି । ୩୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଲୋକେ କୃଷି ସଂସ୍ଥାରେ

> ୧୮ ରୁ ୨୯ ବର୍ଷ ବୟସ୍କ ସାର୍ଟିଫିକେଟ୍ ପାଠ୍ୟକ୍ରମ ଓ ଡିପ୍ଲୋମା ଡିଗ୍ରି ଶେଷ କରିଥିବା ଅଣ୍ଡର ଗ୍ରାଜୁଏଟ୍ ଓ ଗ୍ରାଜୁଏଟ୍ ସ୍ତରରେ ବେରୋଜଗାର ସଂଖ୍ୟା ଏକତୃତୀୟାଂଶରୁ ଊର୍ଦ୍ଧ୍ୱ । ଗ୍ରାଜୁଏଟ୍ ଓ ତାଠାରୁ ଅଧିକ ପାଠ ପଢ଼ିଥିବା ବେରୋଜଗାର ଯୁବତୀଙ୍କ ସଂଖ୍ୟା ଉତ୍କଟ ଅର୍ଥାତ୍ ପାଖାପାଖି ୪୮ ପ୍ରତିଶତ ରହିଛି । ଏହାର ଅର୍ଥ ଭାରତୀୟ ଶ୍ରମ ବଜାର ଆବଶ୍ୟକ ପରିମାଣର ନିଯୁକ୍ତି ସୃଷ୍ଟି କରିବାରେ କେବଳ ବିଫଳ ହୋଇନାହିଁ ବରଂ ମହିଳାମାନଙ୍କୁ ନିଯୁକ୍ତି ଦେବାରେ ମଧ୍ୟ ଅସଫଳ ରହିଛି । ଏପରିକି ମହିଳାମାନଙ୍କ ପାଇଁ ଉପଯୁକ୍ତ ନିଯୁକ୍ତି ସୃଷ୍ଟି ଓ ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତି କରିବାରେ ଅସଫଳ ହୋଇଛି । ପରିବହନ ସମସ୍ୟା ହିଁ ମହିଳାଙ୍କ ଲାଗି ନିଯୁକ୍ତି କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଛି । ମୋଟ୍ ଉପରେ କହିବାକୁ ଗଲେ ସର୍ବାଧିକ ଯୁବଗୋଷ୍ଠୀର ରାଷ୍ଟ୍ର ଭାରତ ଆଜି ବି ଆବଶ୍ୟକ ଅନୁପାତରେ ଚାକିରୀ ସୃଷ୍ଟି କରିବାରେ ସଫଳ ହୋଇନାହିଁ । ବିଶେଷ କରି ସହରାଞ୍ଚଳରେ ଯୁବତୀଙ୍କ କ୍ଷେତ୍ରରେ ନିଯୁକ୍ତିର ଆହ୍ୱାନ ସବୁଠାରୁ ଅଧିକ ରହିଛି ।

| କ୍ଷେତ୍ର | ୧୫-୧୭ ବର୍ଷ | | | ୧୮-୨୯ ବର୍ଷ | | | ୩୦+ବର୍ଷ | | |
|---|---|---|---|---|---|---|---|---|---|
| | ପୁରୁଷ | ମହିଳା | ବ୍ୟକ୍ତି | ପୁରୁଷ | ମହିଳା | ବ୍ୟକ୍ତି | ପୁରୁଷ | ମହିଳା | ବ୍ୟକ୍ତି |
| ଗ୍ରାମାଞ୍ଚଳ | ୧୧.୧ | ୪.୩ | ୮.୦ | ୬୩.୧ | ୧୯.୧ | ୪୨.୩ | ୮୯.୦ | ୨୯.୮ | ୬୦.୧ |
| ସହରାଞ୍ଚଳ | ୪.୦ | ୧.୪ | ୨.୮ | ୪୮.୬ | ୧୧.୮ | ୩୦.୭ | ୮୨.୬ | ୧୬.୭ | ୫୦.୪ |
| ମୋଟ୍ | ୯.୩ | ୩.୬ | ୬.୭ | ୫୯.୩ | ୧୭.୧ | ୩୯.୨୮ | ୭.୧ | ୨୬.୦ | ୫୭.୩ |

ସୂତ୍ର - ଯୁବ ନିଯୁକ୍ତି ଓ ବେରୋଜଗାରୀ ସ୍ଥିତି ରିପୋର୍ଟ ୨୦୧୫-୧୬ ଭାରତ ସରକାର ଶ୍ରମ ବ୍ୟୁରୋ।

ନିଯୁକ୍ତ ଥିବା ବେଳେ ଯୁବଗୋଷ୍ଠୀ ଅଣକୃଷି କ୍ଷେତ୍ର ଯଥା ନିର୍ମାଣ, ଉତ୍ପାଦନ ଓ ବାଣିଜ୍ୟ ତଥା ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଅଧିକ ସଂଖ୍ୟାରେ କାର୍ଯ୍ୟ କରିଥାନ୍ତି। କୃଷି କ୍ଷେତ୍ରରୁ ଏମାନେ ଶିଳ୍ପ ସଂସ୍ଥାଗୁଡ଼ିକ ଆଡ଼କୁ ଅଧିକ ସଂଖ୍ୟାରେ କାର୍ଯ୍ୟ କରିବାର ଆଶା ବଢାଇବାର ପ୍ରମୁଖ କାରଣ ହେଉଛି ସେଠାରେ ଉପଯୁକ୍ତ ପାରିଶ୍ରମିକ ମିଳିବାରେ ଅଭାବ।

ଏହି ଯୁବଗୋଷ୍ଠୀ ଅପେକ୍ଷାକୃତ ଶିକ୍ଷିତ ଥିବାରୁ ସେମାନେ ଅଣକୃଷି କ୍ଷେତ୍ରରେ କାମ କରିବା ଲାଗି ଆଗ୍ରହ ପ୍ରକାଶ କରିଥାନ୍ତି।

### ବେରୋଜଗାରୀ ହାର

ବେରୋଜଗାରୀ ହାରର ଅନୁପାତ ହେଉଛି ଯୁବପୀଢ଼ି କାମ ପାଇଁ ଉପଲବ୍ଧ ଥିଲେ ମଧ୍ୟ ସେମାନଙ୍କୁ କାମ ମିଳି ନ ଥାଏ ଓ ସେମାନେ କାର୍ଯ୍ୟ ଅନ୍ୱେଷଣରେ ଥାଆନ୍ତି। ୨୦୧୫-୧୬ରେ ୧୮ ରୁ ୨୯ ବୟସ୍କ ଯୁବ ବେରୋଜଗାରୀଙ୍କ ହାର ୧୩.୨ଥିବାବେଳେ ୩୦ ରୁ ଊର୍ଦ୍ଧ୍ୱ ବୟସ୍କ ବେରୋଜଗାରୀଙ୍କ ସଂଖ୍ୟା ମାତ୍ର ୧.୬ ପ୍ରତିଶତ। ଅର୍ଥାତ୍ ୧୮ରୁ ୨୯ ବର୍ଷ ବୟସ୍କ ବେରୋଜଗାରୀଙ୍କ ସଂଖ୍ୟା ୮ଗୁଣ ଅଧିକ। ଏହି ପର୍ଯ୍ୟାୟରେ ଯୁବତୀମାନଙ୍କ ବେରୋଜଗାରୀ ହାର ୨୦ ପ୍ରତିଶତ ଥିବା ବେଳେ ଯୁବକଙ୍କ ବେରୋଜଗାରରୀ ହାର ୧୧.୩ ପ୍ରତିଶତ। ସହରାଞ୍ଚଳରେ ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ବେରୋଜଗାର ଯୁବପୀଢ଼ି ରହିଛନ୍ତି। ଏପରିକି ଯୁବକଙ୍କ ତୁଳନାରେ ଯୁବତୀଙ୍କ ସଂଖ୍ୟା ଏ କ୍ଷେତ୍ରରେ ଅଧିକ। ସହରାଞ୍ଚଳରେ ୧୧.୫ ଯୁବକ ବେରୋଜଗାର ଥିବାବେଳେ ଯୁବତୀଙ୍କ ସଂଖ୍ୟା ଆଶାତିତ ଭାବେ ୨୮ ପ୍ରତିଶତ ରହିବା ଚିନ୍ତାଜନକ। ଏହା ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ

ଯେ ୧୫ ରୁ ୧୭ ବର୍ଷ ବୟସ୍କ ଯୁବକ ଯୁବତୀ ମଧ୍ୟ କାର୍ଯ୍ୟ ଅନ୍ୱେଷଣରେ ରହିଥାନ୍ତି। ୧୮ରୁ ୨୯ ବର୍ଷ ବୟସ୍କ ବେରୋଜଗାର ଯୁବପୀଢ଼ିଙ୍କ ଅପେକ୍ଷା ୧୫ ରୁ ୧୭ ବୟସ୍କ ପର୍ଯ୍ୟାୟର ଯୁବପୀଢ଼ୀ ଅଧିକ ସଂଖ୍ୟାରେ ବେରୋଜଗାର ଅଛନ୍ତି। ଉଭୟ ପୁରୁଷ ଓ ମହିଳା ଏବଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହି ସ୍ଥିତି ସମାନ।

ଶିକ୍ଷିତଙ୍କ କ୍ଷେତ୍ରରେ ନିଯୁକ୍ତି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଶିକ୍ଷାର ସ୍ତର ଯେଭଳି ବଢ଼ିବଢ଼ି ଚାଲିଛି ଅନୁରୂପ ଭାବେ ବେରୋଜଗାରୀ ସଂଖ୍ୟା ମଧ୍ୟ ବଢ଼ି ବଢ଼ି ଚାଲିଛି (ସାରଣୀ-୪)। ସ୍ନାତକରୁ କମ୍ ସାର୍ଟିଫିକେଟ୍ ପାଠ୍ୟକ୍ରମ କରିଥିବା କିମ୍ବା ସ୍ନାତକ ସ୍ତରରେ ଡିପ୍ଲୋମା ସାରିଥିବା ବେରୋଜଗାରୀ ଯୁବ ସଂଖ୍ୟା ୨୩% ଥିବାବେଳେ ସ୍ନାତକ ଶେଷ କରିଥିବା କିମ୍ବା ତା'ଠାରୁ ଅଧିକ ଶିକ୍ଷାଦାନ କରିଥିବା ବେରୋଜଗାରୀଙ୍କ ସଂଖ୍ୟା ୩୫%। ପୁରୁଷଙ୍କ ତୁଳନାରେ ଏହି ଶିକ୍ଷିତ ଯୁବପୀଢ଼ିଙ୍କ କ୍ଷେତ୍ରରେ ମହିଳା ବେରୋଜଗାର ଅଧିକ ରହିଛି।

୧୮ ରୁ ୨୯ ବର୍ଷ ବୟସ୍କ ସାର୍ଟିଫିକେଟ୍ ପାଠ୍ୟକ୍ରମ ଓ ଡିପ୍ଲୋମା ଡିଗ୍ରି ଶେଷ କରିଥିବା ଅଣ୍ଡର ଗ୍ରାଜୁଏଟ୍ ଓ ଗ୍ରାଜୁଏଟ୍ ସ୍ତରରେ ବେରୋଜଗାର ସଂଖ୍ୟା ଏକତୃତୀୟାଂଶରୁ ଊର୍ଦ୍ଧ୍ୱ। ଗ୍ରାଜୁଏଟ୍ ଓ ତାଠାରୁ ଅଧିକ ପାଠ ପଢ଼ିଥିବା ବେରୋଜଗାର ଯୁବତୀଙ୍କ ସଂଖ୍ୟା ଉତ୍କଟ ଅର୍ଥାତ୍ ପାଖାପାଖି ୪୮ ପ୍ରତିଶତ ରହିଛି। ଏହାର ଅର୍ଥ ଭାରତୀୟ ଶ୍ରମ ବଜାର ଆବଶ୍ୟକ ପରିମାଣର ନିଯୁକ୍ତି ସୃଷ୍ଟି କରିବାରେ କେବଳ ବିଫଳ ହୋଇନାହିଁ ବରଂ ମହିଳାମାନଙ୍କୁ ନିଯୁକ୍ତି ଦେବାରେ ମଧ୍ୟ ଅସଫଳ ରହିଛି। ଏପରିକି ମହିଳାମାନଙ୍କ ପାଇଁ ଉପଯୁକ୍ତ ନିଯୁକ୍ତି ସୃଷ୍ଟି ଓ ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତି କରିବାରେ ଅସଫଳ ହୋଇଛି। ପରିବହନ ସମସ୍ୟା ହିଁ ମହିଳାଙ୍କ ଲାଗି ନିଯୁକ୍ତି କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଛି। ମୋଟ୍ ଉପରେ କହିବାକୁ ଗଲେ ସର୍ବାଧିକ ଯୁବଗୋଷ୍ଠୀର ରାଷ୍ଟ୍ର ଭାରତ ଆଜି ବି ଆବଶ୍ୟକ ଅନୁପାତରେ ଚାକିରୀ ସୃଷ୍ଟି କରିବାରେ ସଫଳ ହୋଇନାହିଁ। ବିଶେଷ କରି ସହରାଞ୍ଚଳରେ ଯୁବତୀଙ୍କ କ୍ଷେତ୍ରରେ ନିଯୁକ୍ତିର ଆହ୍ୱାନ ସବୁଠାରୁ ଅଧିକ ରହିଛି।

**ସାରଣୀ -୨ : ୨୦୧୫-୧୬ କର୍ମସଂସ୍ଥା ଅନୁଯାୟୀ ବିଭିନ୍ନ ଗୋଷ୍ଠୀର ଶ୍ରମିକ ବଣ୍ଟନ : (ୟୁପିଏସ୍)**

| | ୧୫-୧୭ ବର୍ଷ | | | ୧୮-୨୯ ବର୍ଷ | | | ୩୦+ ବର୍ଷ | | |
|---|---|---|---|---|---|---|---|---|---|
| | ଗ୍ରାମାଞ୍ଚଳ | ସହରାଞ୍ଚଳ | ଗ୍ରା+ସ | ଗ୍ରାମାଞ୍ଚଳ | ସହରାଞ୍ଚଳ | ଗ୍ରା+ସ | ଗ୍ରାମାଞ୍ଚଳ | ସହରାଞ୍ଚଳ | ଗ୍ରା+ସ |
| ଆତ୍ମନିର୍ଭରଶୀଳ | ୪୦.୮ | ୩୦.୯ | ୩୯.୭ | ୪୦.୫ | ୩୩.୩ | ୩୯.୦ | ୫୧.୨ | ୪୩.୪ | ୪୯.୨ |
| ମଜୁରୀ ଓ ବେତନଭୋଗୀ କର୍ମଚାରୀ | ୫.୧ | ୧୮.୯ | ୬.୫ | ୧୪.୧ | ୩୭.୬ | ୧୯.୦ | ୧୦.୫ | ୩୩.୮ | ୧୬.୫ |
| ଚୁକ୍ତିଭିତ୍ତିକ କର୍ମଚାରୀ | ୩.୬ | ୭.୭ | ୪.୦ | ୪.୬ | ୮.୪ | ୫.୪ | ୨.୪ | ୪.୯ | ୩.୦ |
| ଦିନ ମଜୁରୀ କର୍ମଚାରୀ | ୫୦.୬ | ୪୨.୬ | ୪୯.୭ | ୪୦.୮ | ୨୦.୭ | ୩୬.୬ | ୩୫.୯ | ୧୭.୯ | ୩୧.୦ |
| ମୋଟ୍ | ୧୦୦ | ୧୦୦ | ୧୦୦ | ୧୦୦ | ୧୦୦ | ୧୦୦ | ୧୦୦ | ୧୦୦ | ୧୦୦ |

**ସୂତ୍ର - ଯୁବ ନିଯୁକ୍ତି ଓ ବେରୋଜଗାରୀ ସ୍ଥିତି ରିପୋର୍ଟ ୨୦୧୫-୧୬ ଭାରତ ସରକାର ଶ୍ରମ ବ୍ୟୁରୋ।**

**ସାରଣୀ -୩ : କର୍ମ କ୍ଷେତ୍ର ଅନୁଯାୟୀ ଶ୍ରମିକ ଆବଣ୍ଟନ (ୟୁପିଏସ୍)**

| ଶିଳ୍ପ | ୧୫-୧୭ ବର୍ଷ | ୧୮-୨୯ ବର୍ଷ | ୩୦+ ବର୍ଷ |
|---|---|---|---|
| କୃଷି ଓ ଆନୁଷଙ୍ଗିକ | ୫୩. ୪ | ୩୮.୧ | ୪୭.୨ |
| ଖଣି ଓ ଖାଦାନ | ୧.୯ | ୦ .୯ | ୧.୧ |
| ଉତ୍ପାଦନ ଶିଳ୍ପ | ୧୪. ୫ | ୧୩.୨ | ୯.୬ |
| ବିଜୁଳି, ଗ୍ୟାସ ଓ ଜଳଯୋଗାଣ | ୦. ୨ | ୦. ୬ | ୦.୬ |
| ନିର୍ମାଣ | ୧୪. ୮ | ୧୫.୧ | ୧୦.୦ |
| ବାଣିଜ୍ୟ, ହୋଟେଲ ଓ ରେସ୍ତୋରାଁ | ୧୨. ୨ | ୧୯.୪ | ୧୭.୫ |
| ପରିବହନ, ସଂରକ୍ଷଣ, ଯୋଗାଯୋଗ | ୧. ୧ | ୩.୭ | ୩.୯ |
| ଅର୍ଥ, ବୀମା, ରିୟଲ ଇଷ୍ଟେଟ୍ | ୧. ୪ | ୮.୩ | ୯.୨ |
| ବ୍ୟାବସାୟିକ ସେବା ଗୋଷ୍ଠୀ, ସାମାଜିକ ଓ ବ୍ୟକ୍ତିଗତ ସେବା | ୦. ୬ | ୦.୭ | ୦.୮ |
| ମୋଟ୍ | ୧୦୦. ୦ | ୧୦୦.୦ | ୧୦୦.୦ |

**ସୂତ୍ର - ଯୁବନିଯୁକ୍ତି ଓ ବେରୋଜଗାରୀ ସ୍ଥିତି ରିପୋର୍ଟ, ୨୦୧୫-୧୬, ଭାରତ ସରକାର, ଶ୍ରମ ବ୍ୟୁରୋ।**

### ସମ୍ପ୍ରତି ସରକାରଙ୍କ ପଦକ୍ଷେପ

ସରକାର ପୂର୍ବରୁ ଆତ୍ମନିଯୁକ୍ତି ନେଇ ଏକାଧିକ ଯୋଜନା ଆରମ୍ଭ କରିଛନ୍ତି ।ଶିକ୍ଷିତ ଓ ଯୁବଗୋଷ୍ଠୀଙ୍କ ଲାଗି ଅଧିକ ଚାକିରୀ ସୃଷ୍ଟି କରିବା ଏହାର ଲକ୍ଷ୍ୟ; କିନ୍ତୁ ଏ ଦିଗରେ ସନ୍ତୋଷଜନକ ଫଳ ମିଳିପାରିନାହିଁ। ସେଥିପାଇଁ ଅଧିକ ଚାକିରୀ ସୃଷ୍ଟି କରିବା ଲାଗି ନିକଟରେ ସରକାର ଆଉ କିଛି ନୂଆ ଯୋଜନା କାର୍ଯ୍ୟକାରୀ କରିବା ସହ ନିଯୁକ୍ତି କ୍ଷେତ୍ର ବୃଦ୍ଧି ଲାଗି ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସେଥିପାଇଁ ଷ୍ଟାର୍ଟ ଅପ୍ ଇଣ୍ଡିଆ, ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍, ଷ୍ଟାର୍ଟ ଅପ୍ ଭିଲେଜ ଏଣ୍ଟ୍ରେପ୍ରେନିୟରସିପ୍ ପ୍ରୋଗ୍ରାମ ଭଳି ବହୁବିଦ୍ଧ ପଦକ୍ଷେପ ନେଇଛନ୍ତି। ଏହିସବୁ ଯୋଜନା ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇପାରେ।

### ଷ୍ଟାର୍ଟ ଅପ୍ ଇଣ୍ଡିଆ ଓ ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ

ଜାନୁୟାରୀ ୨୦୧୬ ରୁ ଉଦ୍ୟୋଗ କ୍ଷେତ୍ରକୁ ଓ ନୂତନ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲାଗି କର ପ୍ରଦାନ କ୍ଷେତ୍ରରେ ରିଆତି ଦେବା ଲକ୍ଷ୍ୟରେ ୧୦ହଜାର କୋଟି ଟଙ୍କାର ପାଣ୍ଠିରେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ଷ୍ଟାର୍ଟ ଅପ୍ ଇଣ୍ଡିଆ ଓ ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ। ବ୍ୟବସାୟକୁ ସରଳୀକରଣ କରିବା, ଉଦ୍ୟୋଗ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଓ ଉଦ୍ୟୋଗ ସ୍ଥାପନ

**ସାରଣୀ - ୪ : ବେରୋଜଗାରୀ ହାର (ୟୁପିଏସ୍)**

| କ୍ଷେତ୍ର | ୧୫-୧୭ ବର୍ଷ | | | ୧୮-୨୯ ବର୍ଷ | | | ୩୦+ବର୍ଷ | | |
|---|---|---|---|---|---|---|---|---|---|
| | ପୁରୁଷ | ମହିଳା | ବ୍ୟକ୍ତି | ପୁରୁଷ | ମହିଳା | ବ୍ୟକ୍ତି | ପୁରୁଷ | ମହିଳା | ବ୍ୟକ୍ତି |
| ଗ୍ରାମାଞ୍ଚଳ | ୧୮.୪ | ୨୨.୮ | ୧୯.୫ | ୧୧.୨ | ୧୭.୯ | ୧୨.୭ | ୦.୯ | ୩.୭ | ୧.୬ |
| ସହରାଞ୍ଚଳ | ୨୨.୧ | ୨୧.୪ | ୨୨.୦ | ୧୧.୫ | ୨୭.୯ | ୧୫.୧ | ୦.୭ | ୫.୩ | ୧.୫ |
| ମୋଟ୍ | ୧୮.୮ | ୨୨.୭ | ୧୯.୮ | ୧୧.୩ | ୨୦.୦ | ୧୩.୨ | ୦.୯ | ୪.୦ | ୧.୬ |

**ସୂତ୍ର - ଯୁବନିଯୁକ୍ତି ଓ ବେରୋଜଗାରୀ ସ୍ଥିତି ରିପୋର୍ଟ ୨୦୧୫-୧୬ ଭାରତ ସରକାର ଶ୍ରମ ବ୍ୟୁରୋ।**

ପାଇଁ ରହିଥିବା ସରକାରୀ ଆଇନଗତ ଜଟିଳତାକୁ ହାଲକା କରିବା, ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରିବା, ନିୟାମକ ନିୟନ୍ତ୍ରଣ, ଟିକସ ରିଆତି ଆଦି ବ୍ୟବସ୍ଥା କରି ଭାରତୀୟ ଯୁବ ଉଦ୍ୟୋଗୀଙ୍କ କ୍ଷେତ୍ରରେ ଷ୍ଟାର୍ଟ ଅପ୍ ଓ ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ ଆରମ୍ଭ କରାଯାଇଛି। ଡିସେମ୍ବର ୨୦୧୬ ସୁଦ୍ଧା ଅର୍ଥାତ୍ ଏକବର୍ଷ ମଧ୍ୟରେ ୪୭୦୦ ଷ୍ଟାର୍ଟ ଅପ୍ ଆରମ୍ଭ ହୋଇଛି। ମାତ୍ର ଏସବୁ ଯୋଜନା ସତ୍ତ୍ୱେ ଏହାର ରୂପାୟନରେ କିଛିଟା ସମସ୍ୟା ସୃଷ୍ଟି ହୋଇଥିବାରୁ ଆରମ୍ଭର ବର୍ଷକ ଭିତରେ ୨୦୦ ଷ୍ଟାର୍ଟ ଅପ୍ ବନ୍ଦ ହୋଇଯାଇଛି। ତେବେ ପ୍ରତିଯୋଗିତାମୂଳକ ବଜାରରେ ଏହା ତିଷ୍ଠିବା ନେଇ କିଛିଟା ସମସ୍ୟା ରହିଥିବା ଇଣ୍ଡିଆ ଷ୍ଟାର୍ଟ ଅପ୍ ଆଉଟଲୁକ୍ ରିପୋର୍ଟ ୨୦୧୭ରେ ଉଲ୍ଲେଖ କରାଯାଇଛି। ତେବେ ଏହା ମାତ୍ର ୨୦ପ୍ରତିଶତରୁ ଅଧିକ ନୁହେଁ ବୋଲି ଦର୍ଶାଯାଇଛି। ଏହା ସତ୍ତ୍ୱେ ଷ୍ଟାର୍ଟ ଅପ୍ ଇଣ୍ଡିଆ ଯୋଜନାକୁ ଅଧିକ ବଳ ଦେବା ଲାଗି ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି ସରକାର। ଉଦ୍ୟୋଗ କ୍ଷେତ୍ରକୁ ପ୍ରୋତ୍ସାହନ କରିବା ସହ ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ଭଳି ଛୋଟ ଛୋଟ ଗୋଷ୍ଠୀକୁ ସ୍ୱାବଲମ୍ବୀ କରାଇବା ପାଇଁ ୨୦୧୬ ଜାନୁୟାରୀରେ ଆରମ୍ଭ ହୋଇଥିଲା ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା। ବର୍ଷକ ଭିତରେ (୨୦୧୬ ଡିସେମ୍ବର) ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନାରେ ୨୦୫୫ ମହିଳା ୨୫୬୮ ଅନୁସୂଚିତ ଜାତି ଓ ୭୧୮ ଅନୁସୂଚିତ ଜନଜାତି ଉଦ୍ୟୋଗୀଙ୍କୁ ମିଶାଇ ମୋଟ୍ ୧୫୩୪୧ଙ୍କୁ ଋଣ ପ୍ରଦାନ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ୨୦୧୭ ରିପୋର୍ଟରୁ ପ୍ରକାଶ।

### ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍ଏମ୍‌ୱାଇ)

୨୦୧୫ ଏପ୍ରିଲରୁ ଆରମ୍ଭ ହୋଇଛି ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା। ଲଘୁ, କ୍ଷୁଦ୍ର, ବ୍ୟାବସାୟିକ ସଂସ୍ଥାକୁ ଆର୍ଥିକ ସହାୟତା ପ୍ରଦାନ କରିବା ଏହି ଯୋଜନାର ଲକ୍ଷ୍ୟ। ଏହି ଯୋଜନାରେ ୩ପ୍ରକାର ଋଣ ମଞ୍ଜୁର କରାଯାଇଥାଏ। ସଂସ୍ଥାର

| ସାରଣୀ -୫ : ଶିକ୍ଷା କ୍ଷେତ୍ରରେ ବେରୋଜଗାରୀ ହାର (ୟୁପିଏସ୍) | | | | | | |
|---|---|---|---|---|---|---|
| ଶିକ୍ଷା | ୧୮-୨୯ ବର୍ଷ | | | ୩୦+ ବର୍ଷ | | |
| | ପୁରୁଷ | ମହିଳା | ବ୍ୟକ୍ତି | ପୁରୁଷ | ମହିଳା | ବ୍ୟକ୍ତି |
| ଅଶିକ୍ଷିତ | ୪.୦ | ୬.୨ | ୪.୯ | ୦.୬ | ୩.୦ | ୨.୨ |
| ପ୍ରାଥମିକରୁ କମ୍ | ୪.୮ | ୫.୮ | ୫.୧ | ୦.୬ | ୧.୯ | ୧.୬ |
| ପ୍ରାଥମିକ | ୫.୫ | ୮.୦ | ୬.୨ | ୦.୬ | ୨.୩ | ୧.୦ |
| ମଧ୍ୟ ଓ ଉଚ୍ଚ ମାଧ୍ୟମିକ | ୯.୨ | ୧୭.୧ | ୧୦.୪ | ୦.୭ | ୪.୮ | ୧.୬ |
| ସ୍ନାତକ ତଳ | | | | | | |
| ସାର୍ଟିଫିକେଟ୍ କୋର୍ସ | ୨୧.୩ | ୩୧.୩ | ୨୩.୫ | ୦.୬ | ୧୧.୨ | ୨.୪ |
| ସ୍ନାତକ ସ୍ତର ଡିପ୍ଲୋମା | ୨୦.୯ | ୩୩.୧ | ୨୩.୦ | ୧.୦ | ୭.୬ | ୧.୪ |
| ସ୍ନାତକ ଓ ତଦ୍‌ଊର୍ଦ୍ଧ୍ୱ | ୨୯.୭ | ୪୭.୭ | ୩୪.୮ | ୨.୩ | ୧୩.୫ | ୬.୨ |
| **ମୋଟ୍** | **୧୧.୩** | **୨୦.୦** | **୧୩.୨** | **୦.୯** | **୪.୦** | **୧.୬** |

**ସୂତ୍ର - ଯୁବନିଯୁକ୍ତି ଓ ବେରୋଜଗାରୀ ସ୍ଥିତି ରିପୋର୍ଟ ୨୦୧୫-୧୬ ଭାରତ ସରକାର ଶ୍ରମ ବ୍ୟୁରୋ।**

ବିକାଶ ଓ ଅଭିବୃଦ୍ଧି ତଥା ଆର୍ଥିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଋଣ ଦିଆଯାଇଥାଏ । ଶିଶୁ (୫୦ହଜାର ଟଙ୍କା), କିଶୋର (୫୦ହଜାରରୁ ୫ ଲକ୍ଷ) ଓ ତରୁଣ (୫ ଲକ୍ଷରୁ ୧୦ ଲକ୍ଷ) ପର୍ଯ୍ୟନ୍ତ ଅର୍ଥ ଦିଆଯାଇଥାଏ । ୨୦୧୬ ମାର୍ଚ୍ଚ ସୁଦ୍ଧା ଏ ବାବଦରେ କେନ୍ଦ୍ର ସରକାର ଏକାଧିକ ଲଘୁ ଉଦ୍ୟୋଗୀଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା କାର୍ଯ୍ୟକ୍ରମ ଜରିଆରେ ୧.୨୫ ଟ୍ରିଲିୟନ୍ ଟଙ୍କା ଋଣ ପ୍ରଦାନ କରିଛନ୍ତି । ମୋଟ୍ ୩୨.୭ ନିୟୁତ ଋଣ ଗ୍ରହିତାଙ୍କ ମଧ୍ୟରୁ ୩୦.୩ ନିୟୁତ ଋଣ ଗ୍ରହିତା କେବଳ ଶିଶୁ ପର୍ଯ୍ୟାୟବାଟିରେ ୫୦ ହଜାର ଟଙ୍କା ଲେଖାଏଁ ଋଣ ନେଇଥିବା ଜଣାପଡ଼ିଛି ।

### ଷ୍ଟାର୍ଟ ଅପ୍ ଗ୍ରାମ୍ୟ ଉଦ୍ୟୋଗ କାର୍ଯ୍ୟକ୍ରମ (ଏସ୍‌ଭିଇପି)

ଗ୍ରାମାଞ୍ଚଳରେ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ଷ୍ଟାର୍ଟ ଅପ୍ ଭିଲେଜ ଏଣ୍ଟ୍ରେପ୍ରେନ୍ୟୁରସିପ୍ ପ୍ରୋଗ୍ରାମ୍ (ଏସ୍‌ଭିଇପି) ଅର୍ଥାତ୍ ଷ୍ଟାର୍ଟ ଅପ୍ ଗ୍ରାମ୍ୟ ଉଦ୍ୟୋଗ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି । ଏହି ଯୋଜନା ଜରିଆରେ ତୃଣମୂଳ ସ୍ତରରେ ଲୋକଙ୍କୁ ସ୍ୱାବଲମ୍ବି କରାଇ ତାଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଏହି ଯୋଜନାର ଲକ୍ଷ୍ୟ । ଦୀର୍ଘସ୍ଥାୟୀ ସୂତ୍ରରେ ଆତ୍ମନିଯୁକ୍ତି ସୁଯୋଗକୁ ଗ୍ରାମାଞ୍ଚଳରେ ବଢ଼ାଇବା ଲାଗି ଏହି ଯୋଜନା ନେଇ ଚିନ୍ତା କରାଯାଇଛି । ୨୦୧୫ ରୁ ୨୦୧୯ ଚାରି ବର୍ଷ ମଧ୍ୟରେ ୨୪ଟି ରାଜ୍ୟର ୧୨୫ଟି ବ୍ଲକ୍‌ର ୧.୮୨ ଲକ୍ଷ୍ୟ ଗ୍ରାମ ଉଦ୍ୟୋଗକୁ ମଜବୁତ୍ କରିବା, ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଏହି ଯୋଜନାର ଉଦ୍ଦେଶ୍ୟ । ଏହାଦ୍ୱାରା ୩.୭୮ ଲକ୍ଷ୍ୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଯୋଜନା ରଖାଯାଇଛି । ଉଦ୍ୟୋଗ ସୁଯୋଗକୁ ବଢ଼ାଇ ଗ୍ରାମାଞ୍ଚଳର ଯୁବପୀଢ଼ିଙ୍କୁ ସଠିକ୍ ଢଙ୍ଗରେ ଆତ୍ମନିର୍ଭରଶୀଳ କରାଇବା ଲାଗି ସରକାର ଏଭଳି ଯୋଜନା ମାଧ୍ୟମରେ ପ୍ରୟତ୍ନଶୀଳ ରହିଛନ୍ତି ।

**ସରକାର ପୂର୍ବରୁ ଆତ୍ମନିଯୁକ୍ତି ନେଇ ଏକାଧିକ ଯୋଜନା ଆରମ୍ଭ କରିଛନ୍ତି ।ଶିକ୍ଷିତ ଓ ଯୁବଗୋଷ୍ଠୀଙ୍କ ଲାଗି ଅଧିକ ଚାକିରୀ ସୃଷ୍ଟି କରିବା ଏହାର ଲକ୍ଷ୍ୟ; କିନ୍ତୁ ଏ ଦିଗରେ ସନ୍ତୋଷଜନକ ଫଳ ମିଳିପାରିନାହିଁ । ସେଥିପାଇଁ ଅଧିକ ଚାକିରୀ ସୃଷ୍ଟି କରିବା ଲାଗି ନିକଟରେ ସରକାର ଆଉ କିଛି ନୂଆ ଯୋଜନା କାର୍ଯ୍ୟକାରୀ କରିବା ସହ ନିଯୁକ୍ତି କ୍ଷେତ୍ର ବୃଦ୍ଧି ଲାଗି ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ସେଥିପାଇଁ ଷ୍ଟାର୍ଟ ଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍, ଷ୍ଟାର୍ଟ ଅପ୍ ଭିଲେଜ ଏଣ୍ଟ୍ରେପ୍ରେନିୟରସିପ୍ ପ୍ରୋଗ୍ରାମ ଭଳି ବହୁବିଦ୍ଧ ପଦକ୍ଷେପ ନେଇଛନ୍ତି ।**

### ଉପସଂହାର

ଭାରତର ଜନସଂଖ୍ୟାର ବିଷମତାକୁ ଦେଖିଲେ ମୋଟ୍ ଯୁବଶକ୍ତିଙ୍କ ସଂଖ୍ୟା ଗୋଟିଏପଟେ ବଢ଼ିବଢ଼ି ଚାଲିଥିବା ବେଳେ ସେମାନଙ୍କ ନିଯୁକ୍ତି ସରକାରଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି । ଯୁବକଯୁବତୀଙ୍କ ସଂଖ୍ୟା ବଢୁଥିବା ବେଳେ ସେମାନଙ୍କୁ ଉନ୍ନତ ଶିକ୍ଷା, ଉପଯୁକ୍ତ ନିଯୁକ୍ତି ପାଇଁ ମଧ୍ୟ ଆଶାତୀତ ଆବଶ୍ୟକତା ବଢ଼ିଚାଲିଛି । ଉପରୋକ୍ତ ବିଶ୍ଳେଷଣରୁ ଏତିକି ସ୍ପଷ୍ଟ ଯେ ବିଶେଷ କରି ଶିକ୍ଷିତ ଯୁବକଙ୍କ ପାଇଁ ଏହି ଆହ୍ୱାନ ବିଶାଳ ନିଶ୍ଚୟ । ଦୁର୍ଭାଗ୍ୟ ଏହି ଯେ ବିଶ୍ୱ ଶ୍ରମ ବଜାରରେ ଭାରତୀୟ ମହିଳାଙ୍କ ଯୋଗଦାନ ସବୁଠୁ ତଳେ ରହିଛି । ଅନ୍ୟପଟେ ଯୁବତୀଙ୍କ କ୍ଷେତ୍ରରେ ବେରୋଜଗାରୀ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ସରକାର ଏହାକୁ ଦୂର କରିବା ଲାଗି ଆବଶ୍ୟକ ପଦକ୍ଷେପ ନେଇ ଏକ ନିର୍ଦ୍ଧାରିତ ଲକ୍ଷ୍ୟରେ ଆଗଉଛନ୍ତି । ଏହାସତ୍ତ୍ୱେ ଆଉ ବହୁତ କିଛି କରିବାକୁ ପଡ଼ିବ । ନିଯୁକ୍ତି ସୃଷ୍ଟି ବ୍ୟାପକ ସ୍ତରରେ କରିବାକୁ ହେବ । ଏହା ସହିତ ଅର୍ଥନୀତିକୁ ମଧ୍ୟ ସେହି ରାସ୍ତାରେ ଚଳାଇବାକୁ ହେବ । ଭାରତୀୟ ଅର୍ଥନୀତି ବ୍ୟାପକ ନିଯୁକ୍ତି ସୃଷ୍ଟି କରିବାରେ ସକ୍ଷମ ହୋଇପାରିନାହିଁ । ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ଏକାଧିକ କାର୍ଯ୍ୟକ୍ରମ ଓ ନୀତି ପ୍ରସ୍ତୁତ କରାଯାଇଛି । ପଶ୍ଚିମ ଓ ଦକ୍ଷିଣ ଭାରତ ଭଳି କେନ୍ଦ୍ରୀୟ ଓ ପୂର୍ବ ଭାରତରେ ଆବଶ୍ୟକ ବିକାଶ ଓ ନିଯୁକ୍ତି ସୃଷ୍ଟି ହୋଇପାରିନାହିଁ । ଫଳରେ ଏ ସବୁ ରାଜ୍ୟଗୁଡ଼ିକ ଅପେକ୍ଷାକୃତ ପଛରେ ପଡ଼ିଯାଇଛନ୍ତି । ଏଭଳି ଆଞ୍ଚଳିକ ବିଷମତାକୁ ସଜାଡ଼ିବାକୁ ପଡ଼ିବ । ଯାହାଫଳରେ ସ୍ଥାନୀୟ ଯୁବକଯୁବତୀମାନେ ସେମାନଙ୍କ ଅଞ୍ଚଳରେ ମଧ୍ୟ ନିଯୁକ୍ତି ପାଇପାରିବେ । ଏଥିପାଇଁ ଉପଯୁକ୍ତ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ପଡ଼ିବ ଯାହାଦ୍ୱାରା ଅଧିକରୁ ଅଧିକ ମହିଳା ଚାକିରୀ ପାଇପାରିବେ । ଦେଶର ଜନସଂଖ୍ୟା ବିଭାଜନକୁ ଅନୁଭବ କରି ଆମକୁ ନୀତି ଓ କାର୍ଯ୍ୟକ୍ରମରେ ଅଧିକ ଗତି ଦେବାକୁ ପଡ଼ିବ । ଏହାକୁ ତ୍ୱରାନ୍ୱିତ ନ କଲେ ସମସ୍ୟା ଜଟିଳ ହେବ । ଯଦି ବିପୁଳ ଜନସଂଖ୍ୟାକୁ ନିଯୁକ୍ତି ମୁହାଁ କରା ନ ଯାଏ ତେବେ ଏହା ବିପର୍ଯ୍ୟୟରେ ପରିଣତ ହେବାର ଆଶଙ୍କା ରହିଛି ।

ଶ୍ରୀ ଶର୍ମା ହେଉଛନ୍ତି ମାନବସମ୍ବଳ ବିକାଶ ପ୍ରତିଷ୍ଠାନର ନିର୍ଦ୍ଦେଶକ ଓ ଶ୍ରୀ ବଲବନ୍ତସିଂହ ମେହେଟ୍ଟା, ସେହି ପ୍ରତିଷ୍ଠାନରେ ଗବେଷକଭାବେ କାର୍ଯ୍ୟରତ ।

# ଯୁବପିଢି: ପରିବର୍ତ୍ତନର ପ୍ରତିନିଧି

ସୁନୀତା ସାଂଘି

> "ଦକ୍ଷତା ହିଁ ଗଢିପାରିବ ଏକ ସୁନ୍ଦର ଭାରତ। ଯଦି ଆମେ ଭାରତକୁ ସମୃଦ୍ଧି ପଥରେ ନେବାକୁ ଚାହୁଁଛେ ତେବେ ଦକ୍ଷତା ବିକାଶ ହିଁ ଆମର ମନ୍ତ୍ର ହେବା ଉଚିତ।"
>
> **-ପ୍ରଧାନମନ୍ତ୍ରୀ, ୧୫ ଅଗଷ୍ଟ ୨୦୧୪**

**ଲୋ**କସଂଖ୍ୟା ଦୃଷ୍ଟିରୁ ଭାରତ ପାଇଁ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଆସିଛି। ଦେଶର ୧୫-୫୯ ବୟସ୍କଙ୍କ ସଂଖ୍ୟା ହେଉଛି ମୋଟ ଜନସଂଖ୍ୟାର ୬୨ ପ୍ରତିଶତ। ଯାହାକି ଦେଶର ଏକ ବୃହତ୍ ମାନବ ସମ୍ବଳ। ଏଭଳି ଅନନ୍ୟ ସୁଯୋଗ ହିଁ ବିଶ୍ୱବାସୀଙ୍କ ଆବଶ୍ୟକତା ଥିବା ଦକ୍ଷତାପୂର୍ଣ୍ଣ ମାନବ ସମ୍ବଳର ଚାହିଦା ପୂରଣ କରିବାରେ ସମର୍ଥ ହେବ ଓ ଭାରତ ଉତ୍ତମ ମାନବ ସମ୍ବଳ ସୃଷ୍ଟିର ରାଜଧାନୀ ପାଲଟିପାରିବ। ବିଭିନ୍ନ ରାଷ୍ଟ୍ରଗୁଡିକ ଯେଭଳି ମାନକର ମାନବ ସମ୍ବଳ ଚାହୁଁଛନ୍ତି ତାହାକୁ ଆମେ ଦକ୍ଷତା ବିକାଶ ଜରିଆରେ ପୂରଣ କରିବାର ସାମର୍ଥ୍ୟ ରଖିପାରିବା। ଏହା ଅର୍ଥନୀତିକୁ ସୁଦୃଢ଼ କରିପାରିବ।

ଜାତୀୟ ଯୁବ ନୀତି ୨୦୧୪ ଅନୁଯାୟୀ, ୧୫-୨୯ ବର୍ଷ ବୟସର ଯୁବପୀଢିଙ୍କର ରହିଛି ଭିନ୍ନ ଭିନ୍ନ ଆବଶ୍ୟକତା, ଅଭିଳାଷା ଓ ଚାହିଦା। ୨୦୧୧ ଜନଗଣନା ଅନୁଯାୟୀ, ୨୮ ପ୍ରତିଶତ ଜନତାଙ୍କ ଅବଦାନ ହେଉଛି ଭାରତର ମୋଟ ଜାତୀୟ ଆୟ (ଜିଏନଆଇ)ର ୩୪ ପ୍ରତିଶତ। ଯଦି ଶ୍ରମ କୁଶଳତାକୁ ବୃଦ୍ଧି କରି ସେମାନଙ୍କ ଉତ୍ପାଦନ କ୍ଷେତ୍ରରେ ଅଧିକ ବିନିଯୋଗ କରାଯାଏ, ତେବେ ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ସେମାନଙ୍କ ଭାଗିଦାରୀ ଅଧିକ ବଢିପାରିବ। ଏବେ ସମୟର ଆହ୍ୱାନ ହେଉଛି ଯୁବପୀଢିକୁ ସଶକ୍ତ କରିବା। ଆଗାମୀ ଦିନରେ ଭାରତ କୁଶଳ ତଥା ଦକ୍ଷ ଶ୍ରମ ସମ୍ବଳ ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କୁ ଯୋଗାଇବାରେ ନେତୃତ୍ୱ ନେଇପାରିବ।

ଦେଶର ଜନସଂଖ୍ୟା ସବୁ ସ୍ଥାନରେ ସମାନ ନୁହେଁ। ପଶ୍ଚିମବଙ୍ଗ, କେରଳ, କର୍ଣ୍ଣାଟକ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଭଳି ତଟବର୍ତ୍ତୀ ଅଞ୍ଚଳରୁ ଦୂରରେ ଥିବା ରାଜ୍ୟ ଓ ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ବିହାର ଭଳି ଉପକୂଳ ନିକଟବର୍ତ୍ତୀ ରାଜ୍ୟଗୁଡିକରେ ଏହା ଭିନ୍ନ ଭିନ୍ନ। ତଟୀୟ ରାଜ୍ୟ ଗୁଡିକ ଚୀନ୍ ଓ କୋରିଆ ଭଳି ଶ୍ରମସମ୍ବଳରେ ଉତ୍ଥାନ ଓ ପତନ ଦେଇ ଗତି କରୁଥିବାବେଳେ ଉପକୂଳ ନିକଟବର୍ତ୍ତୀ ରାଜ୍ୟ ଗୁଡିକର ଶ୍ରମ ସମ୍ବଳ କିନ୍ତୁ ଅଧିକ କର୍ମଠ ଓ ଯୁବଶକ୍ତି ସମ୍ପନ୍ନ। କିଛି ବର୍ଷ ଧରି ଏସବୁ ରାଜ୍ୟର ଶ୍ରମଜୀବୀଙ୍କ ସଂଖ୍ୟା ବଢିଚାଲିଛି। ତେଣୁ ଜନସଂଖ୍ୟା ଦୃଷ୍ଟିରୁ ଭାରତର ମାନବ ସମ୍ବଳ ଦୁଇଭାଗରେ ବିଭକ୍ତ। ଗୋଟିଏ ବୟସ୍କ ଓ ଅନ୍ୟଟି ତରୁଣ। ନୀତି ରୂପାୟନ ଦୃଷ୍ଟିରୁ ବୟସ୍କ ଶ୍ରମପୀଢିକୁ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ଥିବାବେଳେ ତରୁଣ ଭାରତକୁ ମଧ୍ୟ ଅନୁରୂପ ଭାବେ ଶିକ୍ଷା, ଦକ୍ଷତାପୂର୍ଣ୍ଣ କରି ସେମାନଙ୍କ ଲାଗି ଅପାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପଡିବ। ତେଣୁ ଏସବୁ ରାଜ୍ୟ ଗୁଡିକ ଲାଗି ଯୁବପୀଢିକୁ ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଚଳାଇବା କଷ୍ଟସାଧ୍ୟ। କାରଣ ଏହି ରାଜ୍ୟରେ ତାଲିମ ଲାଗି ଦେୟପ୍ରଦାନରେ ଅକ୍ଷମତା, ଅନାଗ୍ରହ, ନିଯୁକ୍ତିଦାତା ସେମାନଙ୍କ କର୍ମଚାରୀଙ୍କ ଦକ୍ଷତା ବିକାଶ ଲାଗି ରାଜି ନହେବା, କମ୍ ସାକ୍ଷରତା ହାର ଏବଂ ଅନ୍ୟମାନଙ୍କ ମଧ୍ୟରେ ସଚେତନତାର ଅଭାବ ହିଁ ଏସବୁ ପାଇଁ ଦାୟୀ। ଶ୍ରମ ବଜାରରେ ଯୁବପୀଢିଙ୍କ ଭାଗିଦାରୀକୁ ବିଚାରକୁ ନେଇ ସେମାନଙ୍କୁ ସଶକ୍ତ କରାଇବା ଏକ ବଡ଼ ଆହ୍ୱାନ।

ଶ୍ରମବଜାର ସୂଚନାରେ ଶ୍ରମଶକ୍ତିର ଭାଗିଦାରିତା, ଶ୍ରମିକ ଓଂଖ୍ୟାର ଅନୁପାତ ଏବଂ ବେକାରୀଙ୍କ ସଂଖ୍ୟା ସାରଣୀ-୧ ରେ ଦିଆଯାଇଛି। ଯାହାକି ଭାରତର ଯୁବପୀଢିଙ୍କ ପାଇଁ ଶ୍ରମିକ ବଜାରର ସ୍ଥିତିକୁ ମୂଲ୍ୟାୟନ କରାଯାଇପାରିବ।

ଜନସଂଖ୍ୟା ତୁଳନାରେ ଶିକ୍ଷିତ ଯୁବପୀଢିଙ୍କ କ୍ଷେତ୍ରରେ ବେରୋଜଗାରୀ ସବୁଠୁ ଉପରସ୍ତରରେ ରହିଛି। ୨୦୧୧-୧୨ ଇୟୁଏସ ତଥ୍ୟାନୁଯାୟୀ, ଶିକ୍ଷିତ ଯୁବପୀଢିଙ୍କ କ୍ଷେତ୍ରରେ ସର୍ବାଧିକ ବେରୋଜଗାରୀ ହିଁ ଚାକିରି ସୃଷ୍ଟି ଲାଗି ସମ୍ଭାବନା

**ଜନସଂଖ୍ୟାର ଫାଇଦା ଓ ଯୁବପୀଢିଙ୍କୁ ନିଯୁକ୍ତକ୍ଷମ କରିବା ଲାଗି ରାଷ୍ଟ୍ରୀୟ ଦକ୍ଷତା ବିକାଶ ମିଶନ ସହିତ ଦକ୍ଷତା ବିକାଶ ଓ ଉଦ୍ୟୋଗ ଲାଗି ନୂତନ ଜାତୀୟ ନୀତି ୨୦୧୫ରୁ ଆରମ୍ଭ ହୋଇ କାର୍ଯ୍ୟ କରୁଛି। ଦକ୍ଷ ତଥା କୁଶଳୀ ବ୍ୟକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଚାହିଦା ଓ ଯୋଗାଣକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ ଓ ଦକ୍ଷତାର ପୁର୍ନବିକାଶ କରାଯାଉଛି। ଜାତୀୟ ଓ ବିଶ୍ୱମାନର ତାଲିମ ସୁବିଧା ସହ ପ୍ରମାଣପତ୍ର ପ୍ରଦାନ କରିବା ଲାଗି ନେସନାଲ ସ୍କିଲ କ୍ୱାଲିଫିକେସନ୍ ଫ୍ରେମୱର୍କ ପ୍ରସ୍ତୁତ କରାଯାଇଛି। ବୈଶ୍ୱିକ ଚାହିଦା ଓ ଯୋଗାଣ ଆଧାରରେ ଉଦ୍ୟୋଗ ଲାଗି ପ୍ରସ୍ତୁତ କରାଯାଉଛି ଭାରତୀୟ ଶ୍ରମ ବଜାର। ଏଥିଲାଗି ମନ୍ତ୍ରିସ୍ତରଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ଯୁବପୀଢିଙ୍କୁ ଏକାଠି କରି ଉତ୍ତମ ତାଲିମ ପ୍ରଦାନ, ତାଲିମଦାତାଙ୍କୁ ମଧ୍ୟ ଅଧିକ ତାଲିମ ଦିଆଯିବା, ଦୁର୍ବଳ ଶ୍ରେଣୀର ଗୋଷ୍ଠୀଙ୍କ ନିକଟରେ ବିଭିନ୍ନ ଯୋଜନାକୁ ପହଞ୍ଚାଇବା ଭଳି ପଦକ୍ଷେପ ନିଆଯାଉଛି।**

## ସାରଣୀ- ୧

| ଗ୍ରାମୀଣ ପୁରୁଷ | | | | | | |
|---|---|---|---|---|---|---|
| | ୧୯୯୯-୨୦୦୦ | | | ୨୦୧୧-୧୨ | | |
| ବୟସ | ଏଲଏଫପିଆର | ଡବ୍ଲ୍ୟୁପିଆର | ୟୁଆର | ଏଲଏଫପିଆର | ଡବ୍ଲ୍ୟୁପିଆର | ୟୁଆର |
| ୧୫-୧୯ | ୫୩୨ | ୫୦୩ | ୬.୫ | ୩୩୩ | ୩୦୩ | ୧୧.୪ |
| ୨୦-୨୪ | ୮୮୯ | ୮୪୪ | ୬.୨ | ୭୮୮ | ୭୪୨ | ୬.୯ |
| ୨୫-୨୯ | ୯୭୫ | ୯୫୦ | ୩.୨ | ୯୬୩ | ୯୪୨ | ୨.୮ |
| ୧୫-୨୯ | .... | ୭୪୧ | ୫.୧ | .... | ୬୧୬ | ୬.୧ |
| ସମସ୍ତ | ୫୪୦ | ୫୩୧ | ... | ୫୫୩ | ୫୪୩ | .... |
| **ଗ୍ରାମୀଣ ମହିଳା** | | | | | | |
| ୧୫-୧୯ | ୩୧୪ | ୩୦୪ | ୩.୧ | ୧୬୪ | ୧୫୬ | ୮.୦ |
| ୨୦-୨୪ | ୪୨୫ | ୪୦୯ | ୪.୯ | ୨୯୭ | ୨୭୮ | ୯.୯ |
| ୨୫-୨୯ | ୪୯୮ | ୪୯୧ | ୨.୪ | ୩୬୯ | ୩୫୨ | ୫.୮ |
| ୧୫-୨୯ | .... | ୪୦୦ | ୩.୭ | .... | ୨୫୮ | ୭.୮ |
| ସମସ୍ତ | ୩୦୨ | ୨୯୯ | .... | ୨୫୩ | ୨୪୮ | .... |
| **ସହରାଞ୍ଚଳ ପୁରୁଷ** | | | | | | |
| ୧୫-୧୯ | ୩୬୬ | ୩୧୪ | ୧୫.୪ | ୨୫୬ | ୨୨୩ | ୧୪.୪ |
| ୨୦-୨୪ | ୭୫୫ | ୬୫୮ | ୧୩.୯ | ୬୬୪ | ୫୯.୪ | ୧୧.୬ |
| ୨୫-୨୯ | ୯୫୧ | ୮୮୩ | ୭.୫ | ୯୫୧ | ୯୦୬ | ୫.୩ |
| ୧୫-୨୯ | .... | ୫୯୩ | ୧୧.୫ | ... | ୫୫୮ | ୮.୯ |
| ସମସ୍ତ | ୫୪୨ | ୫୧୮ | ... | ୫୬୩ | ୫୪୬ | .... |
| **ସହରାଞ୍ଚଳ ମହିଳା** | | | | | | |
| ୧୫-୧୯ | ୧୨୧ | ୧୦୫ | ୧୫.୫ | ୮୯ | ୭୮ | ୧୫.୩ |
| ୨୦-୨୪ | ୧୯୧ | ୧୫୫ | ୨୫.୮ | ୧୯୭ | ୧୬୦ | ୨୧.୯ |
| ୨୫-୨୯ | ୨୧୪ | ୧୯୪ | ୧୫.୮ | ୨୫୩ | ୨୩୧ | ୧୦.୮ |
| ୧୫-୨୯ | .... | ୧୪୯ | ୧୯.୯ | .... | ୧୫୭ | ୧୫.୬ |
| ସମସ୍ତ | ୧୪୭ | ୧୩୯ | .... | ୧୫୫ | ୧୪୭ | .... |

**ବି.ଦ୍ର:** ଲେବର ଫୋର୍ସ ପାର୍ଟିସିପେସନ୍ ରେଟ୍ (ଏଲଏଫପିଆର), ୱାର୍କର୍ସ ପପୁଲେସନ୍ ରେସିଓ (ଡବ୍ଲ୍ୟୁପିଆର), ଅନ୍‌ଏମ୍ପ୍ଲୋଏମେଣ୍ଟରେଟ୍(ୟୁଆର)

ବଢ଼ାଇବାକୁ ଅନୁପ୍ରେରିତ କରିଛି । ଶିକ୍ଷିତ ବେକାରୀଙ୍କ ମଧ୍ୟରେ ମନ ମୁତାବକ ନିଯୁକ୍ତିର ଇଚ୍ଛା ଓ ମିଳୁଥିବା ଚାକିରିରେ ରହୁଛି ବ୍ୟାପକ ଅସଙ୍ଗତି । ତେଣୁ କେବଳ ସାଧାରଣ ଭାବେ ଶିକ୍ଷିତଙ୍କ ବେକାରୀସ୍ତର ଅଧିକ ନୁହେଁ; ବରଂ ଧନ୍ଦାମୂଳକ ତାଲିମପ୍ରାପ୍ତ ଡିପ୍ଲୋମା ଓ ସାର୍ଟିଫିକେଟ୍‌ଧାରୀ ଶିକ୍ଷିତଙ୍କ କ୍ଷେତ୍ରରେ ମଧ୍ୟ ନିଯୁକ୍ତି ସମ୍ଭାବନା ସେତେଟା ଆଶାନୁରୂପ ହୋଇନି ।

ଏହି ବିଶ୍ଳେଷଣରୁ ଜଣାପଡୁଛି ଯେ ଯୁବପୀଢ଼ି ଚାକିରି ଚାହୁଁଛି ଓ ଶିଳ୍ପ ସଂସ୍ଥା ଗୁଡ଼ିକର କୁଶଳୀ ଶ୍ରମଶକ୍ତି ଲୋଡ଼ାପଡୁଛି । କିନ୍ତୁ ଦୁର୍ଭାଗ୍ୟର କଥା; ଯୁବପୀଢ଼ିଙ୍କୁ ନିଯୁକ୍ତି ମିଳୁନି ଅଥବା ଶିଳ୍ପସଂସ୍ଥାଙ୍କୁ ତାଲିମପ୍ରାପ୍ତ କର୍ମଚାରୀ ମିଳୁନାହାନ୍ତି । ଏଭଳି ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ଭାରତୀୟ ଶ୍ରମବଜାର ଲଟକିଛି । ଦକ୍ଷତା ଅଭାବରୁ ପିଲାଏ ବେରୋଜଗାର ହେବା ସହ ଶିଳ୍ପ ସଂସ୍ଥାଙ୍କୁ ସଠିକ୍ ଶ୍ରମଶକ୍ତିର ଅଭାବ ଦେଖାଯାଇଛି । କେଉଁକ୍ଷେତ୍ରରେ କେତେ ଶିକ୍ଷାଗତ ଯୋଗ୍ୟତା ଓ କିଭଳି ତାଲିମ ଦରକାର ତାହା ଉପରେ ସନ୍ତୁଳନତା ଭାରତୀୟ ଶ୍ରମ ବଜାରରେ ଆସିପାରନି । କେଉଁଠି ଅଧିକ ଯୋଗ୍ୟତାଧାରୀ ଅପେକ୍ଷାକୃତ କମ୍ ଶିକ୍ଷା ପାଇଁ ନିର୍ଦ୍ଦିଷ୍ଟ ନିଯୁକ୍ତି କ୍ଷେତ୍ରରେ କାମ କରୁଛନ୍ତି ତ' କେଉଁଠି ଶିକ୍ଷାଗତ ଯୋଗ୍ୟତା ଓ ଚାକିରି କ୍ଷେତ୍ର ଲାଗି ଲୋଡ଼ା ପଡୁଥିବା ଶିକ୍ଷାରେ ଏବେ ବଡ଼ ଧରଣର ଅସଙ୍ଗତି ଦେଖାଯାଉଛି । ଅନ୍ୟପକ୍ଷରେ ବୈଷୟିକ ବ୍ୟବସ୍ଥାରେ ଉନ୍ନତି ମଧ୍ୟ ଅନେକ ଚାକିରି କ୍ଷେତ୍ରରେ ଦକ୍ଷତାକୁ ଗୌଣ ତଥା ଅଦରକାରୀ କରିଦେଲାଣି ।

ଆନୁଷ୍ଠାନିକ କ୍ଷେତ୍ରରେ ୯୩ ପ୍ରତିଶତ ଉପଲବ୍ଧ ନିଯୁକ୍ତି ମଧ୍ୟରୁ ୪୯ ପ୍ରତିଶତ ଯୁବ ଶିକ୍ଷିତ ନିଯୁକ୍ତି ଆଶାୟୀ ଏବେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛନ୍ତି । ମାତ୍ର ସେମାନେ ବେରୋଜଗାରୀ, ଅଣନିଯୁକ୍ତ, ନିଯୁକ୍ତି ଅପେକ୍ଷାରେ କିମ୍ବା ଚାକିରି ଓ ନିଯୁକ୍ତି ବ୍ୟବସ୍ଥାର ଅସଙ୍ଗତିକୁ ନେଇ ଅସୁରକ୍ଷିତ ମଣୁଛନ୍ତି । ସଂପ୍ରିତି ଭାରତ ଦକ୍ଷତା ରିପୋର୍ଟ ୨୦୧୭ ଅନୁଯାୟୀ, ପାଖାପାଖି ୪୦ ପ୍ରତିଶତ ଶିକ୍ଷିତ ଯୁବପୀଢ଼ି ନିଯୁକ୍ତି ଲାଗି ଯୋଗ୍ୟ । ତେବେ ଦୁର୍ବଳ ପ୍ରଦର୍ଶନ ଓ କାର୍ଯ୍ୟକ୍ଷେତ୍ରରେ ନିଜକୁ ଅସୁରକ୍ଷିତ ମଣିବା, ବଜାର ଚାହିଦା ଅନୁଯାୟୀ ନିଜକୁ ତାମିଲଯୁକ୍ତ ନକରିବା, ସୂଚନା ରଖିବାରେ ଅସାମର୍ଥ୍ୟ ଓ ଦକ୍ଷତା ବିକାଶ ନେଇ ଦୁର୍ବଳ ମାନସିକତା (ଚିନ୍ତାଧାରା) ଭଳି ଏକାଧିକ ଆହ୍ୱାନ ଏକ୍ଷେତ୍ରରେ ରହିଛି । ଏଭଳି ଆବଶ୍ୟକତାକୁ ଦେଖିଲେ ଦକ୍ଷତା ଲାଗି ବର୍ତ୍ତମାନର ଯୋଗାଣ ଓ ଚାହିଦା, ପରିବର୍ତ୍ତନକୁ ଉଭୟ କର୍ମଚାରୀ ଓ ଉଦ୍ୟୋଗ ସଂସ୍ଥା ଖାପଖୁଆଇ ନେବା ଏବଂ ଭବିଷ୍ୟତରେ ବଜାର ଚାହିଦା ଅନୁଯାୟୀ ଶ୍ରମଶକ୍ତିର ଦକ୍ଷତାକୁ ବୃଦ୍ଧି କରିବା ଭଳି ଆହ୍ୱାନ ରହିଛି । ଏଭଳିସ୍ଥିତିରେ ନିଯୁକ୍ତି ସକ୍ଷମତାକୁ କେଉଁ ରଣନୀତି ଜରିଆରେ ବିକଶିତ କରାଯାଇପାରିବ ତାହାହିଁ ପ୍ରଶ୍ନ ।


**ସାରଣୀ- ୨ :**

| ୨୦୧୧-୧୨ | ତଥ୍ୟାନୁଯାୟୀ ଶିକ୍ଷିତ ସ୍ତରରେ ବେରୋଜଗାରୀ ହାର | | | |
|---|---|---|---|---|
| ସାଧାରଣ ଶିକ୍ଷା ସ୍ତର | ବେରୋଜଗାରୀ ହାର (୧୫-୨୯ ବୟସ୍କଙ୍କ କ୍ଷେତ୍ରରେ) | | | |
| | ଗ୍ରାମୀଣ | | ସହରାଞ୍ଚଳ | |
| | ପୁରୁଷ | ମହିଳା | ପୁରୁଷ | ମହିଳା |
| | ୨.୩ | ୦.୮ | ୨.୫ | ୧.୬ |
| ପ୍ରାଥମିକ ପର୍ଯ୍ୟନ୍ତ ସାକ୍ଷର | ୩.୨ | ୦.୬ | ୪.୮ | ୪.୩ |
| ଉନ୍ନୀତ ବିଦ୍ୟାଳୟ | ୪.୨ | ୪.୬ | ୫.୧ | ୫.୮ |
| ସେକେଣ୍ଡାରୀ | ୪.୬ | ୮.୬ | ୫.୫ | ୧୫.୧ |
| ଯୁକ୍ତଦୁଇ | ୬.୫ | ୧୩.୮ | ୧୨.୦ | ୧୪.୬ |
| ଡିପ୍ଲୋମା/ସାର୍ଟିଫିକେଟ୍ | ୧୫.୯ | ୩୦.୦ | ୧୨.୫ | ୧୭.୩ |
| ସ୍ନାତକ ଓ ତଦୂର୍ଦ୍ଧ୍ୱ | ୧୯.୧ | ୨୯.୬ | ୧୬.୩ | ୨୩.୪ |
| ସମସ୍ତ | ୫.୦ | ୪.୮ | ୮.୧ | ୧୩.୧ |

### ନିଯୁକ୍ତିକ୍ଷମ ସଂକ୍ରାନ୍ତ ପଦକ୍ଷେପ

ଜନସଂଖ୍ୟାର ଫାଇଦା ଓ ଯୁବପୀଢ଼ିଙ୍କୁ ନିଯୁକ୍ତକ୍ଷମ କରିବା ଲାଗି ରାଷ୍ଟ୍ରୀୟ ଦକ୍ଷତା ବିକାଶ ମିଶନ ସହିତ ଦକ୍ଷତା ବିକାଶ ଓ ଉଦ୍ୟୋଗ ଲାଗି ନୂତନ ଜାତୀୟ ନୀତି ୨୦୧୫ରୁ ଆରମ୍ଭ ହୋଇ କାର୍ଯ୍ୟ କରୁଛି । ଦକ୍ଷ ତଥା କୁଶଳୀ ବ୍ୟକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ । ଚାହିଦା ଓ ଯୋଗାଣକୁ ଦୃଷ୍ଟିରେ ରଖି ଦକ୍ଷତା ବିକାଶ ଓ ଦକ୍ଷତାର ପୁର୍ନବିକାଶ କରାଯାଉଛି । ଜାତୀୟ ଓ ବିଶ୍ୱମାନର ତାଲିମ ସୁବିଧା ସହ ପ୍ରମାଣପତ୍ର ପ୍ରଦାନ କରିବା ଲାଗି ନେସନାଲ ସ୍କିଲ କ୍ୱାଲିଫିକେସନ୍ ଫ୍ରେମଓ୍ୱର୍କ ପ୍ରସ୍ତୁତ କରାଯାଇଛି । ବୈଶ୍ୱିକ ଚାହିଦା ଓ ଯୋଗାଣ ଆଧାରରେ ଉଦ୍ୟୋଗ ଲାଗି ପ୍ରସ୍ତୁତ କରାଯାଉଛି ଭାରତୀୟ ଶ୍ରମ ବଜାର । ଏଥିଲାଗି ମନ୍ତ୍ରିସ୍ତରଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ଯୁବପୀଢ଼ିଙ୍କୁ ଏକାଠି କରି ଉତ୍ତମ ତାଲିମ ପ୍ରଦାନ, ତାଲିମଦାତାଙ୍କୁ ମଧ୍ୟ ଅଧିକ ତାଲିମ ଦିଆଯିବା, ଦୁର୍ବଳ ଶ୍ରେଣୀର ଗୋଷ୍ଠୀଙ୍କ ନିକଟରେ ବିଭିନ୍ନ ଯୋଜନାକୁ ପହଞ୍ଚାଇବା ଭଳି ପଦକ୍ଷେପ ନିଆଯାଉଛି ।

ଉଭୟ ଦକ୍ଷତା ଓ ଗୁଣାତ୍ମକ ବିକାଶ ଲାଗି ଧନ୍ଦାମୂଳକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ସେଥିଲାଗି ୯ମ ଶ୍ରେଣୀରୁ ତଦୁର୍ଦ୍ଧ ବିଦ୍ୟାଳୟ ପାଠ୍ୟକ୍ରମକୁ ପୁନଃଧନ୍ଦାମୂଳକ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି । ପ୍ରାକ୍ଟିକାଲ ତାଲିମ, ଶିକ୍ଷକ ପ୍ରଶିକ୍ଷଣ, ଶିକ୍ଷାଞ୍ଚଳ ତାଲିମ ଓ ଶିକ୍ଷାଦାନକୁ ପୁନଃବିକଶିତ କରିବା ସହ କୌଶଳ ଶିକ୍ଷାକୁ ବ୍ୟାପକ ବ୍ୟବସ୍ଥିତ କରାଯାଉଛି । ଶିଳ୍ପ ସଂସ୍ଥାଗୁଡ଼ିକ ସହିତ ଏନେଇ ବୁଝାମଣା ପତ୍ର ସ୍ୱାକ୍ଷର ସହ ନୂତନ ଜ୍ଞାନକୌଶଳ ପ୍ରୟୋଗ ଜରିଆରେ ଦକ୍ଷତା ପରିଷଦ ସହ ଉତ୍ତମ ସଂପର୍କ ପ୍ରତିଷ୍ଠା କରାଯାଉଛି । ଆପରେଣ୍ଟିସ୍ ଟ୍ରେନିଂ, ଓ୍ୱେବ୍‌ପୋର୍ଟାଲ, ତାଲିମପ୍ରାପ୍ତଙ୍କୁ ଶିଳ୍ପ ସଂସ୍ଥାରେ ନିଯୁକ୍ତି ନେଇ କୋହଳ ନୀତି ଗ୍ରହଣ ଉପରେ ପ୍ରାଧାନ୍ୟ ଦିଆଯାଉଛି । ବିଶ୍ୱରେ ପରିବର୍ତ୍ତିତ ଶିଳ୍ପ ଓ ଉଦ୍ୟୋଗ କ୍ଷେତ୍ର ଲାଗି ଆବଶ୍ୟକତା ଥିବା ତାଲିମପ୍ରାପ୍ତ ଉନ୍ନତ ମାନବ ସମ୍ବଳ ସୃଷ୍ଟି କରିବା ଲାଗି ପ୍ରୟାସ ଏହି ଦକ୍ଷତା ବିକାଶ ଜରିଆରେ ଚାଲିଛି । ବହୁମୁଖୀ ଦକ୍ଷତା ବିକାଶ ଲାଗି ସରକାରୀ-ଘରୋଇ ସହଭାଗିତାରେ ନୂଆ ନୂଆ ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ ଖୋଲାଯାଉଛି । ଦକ୍ଷ ପ୍ରଶିକ୍ଷକ ନିଯୁକ୍ତି, ପାଠ୍ୟକ୍ରମକୁ ଅଧିକ ଗବେଷଣାତ୍ମକ ଓ ଯୁଗପୋଯୋଗୀ କରି ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ



କରିବା ଉପରେ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।

ଉଦ୍ୟୋଗ ଓ ଦକ୍ଷତା ବିକାଶ ସମେତ ୨୦ଟି ମନ୍ତ୍ରାଳୟକୁ ଏକାଠି କରି ଯୁବପୀଢିଙ୍କୁ ନିଯୁକ୍ତିକ୍ଷମ କରାଇବା ଲାଗି ସାଧାରଣ, ଅଞ୍ଚଳଭିତ୍ତିକ ଏବଂ କ୍ଷେତ୍ରଭିତ୍ତିକ କାର୍ଯ୍ୟକ୍ରମରେ ବିଭାଜିତ କରାଯାଇ ପଦକ୍ଷେପ ଗ୍ରହଣ କରାଯାଉଛି। ଫଳରେ କୌଣସିଠାରେ ବି ଯୁବପୀଢି ଏଭଳି ଧନ୍ଦାମୂଳକ ଶିକ୍ଷାରୁ ବଞ୍ଚିତ ନହେଉ। ଆବଶ୍ୟକ ଥିବା ଦକ୍ଷତାର ବିକାଶ ଲାଗି ଦେଶରେ ୧୩,୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ, ୪୦୦୦ରୁ ଊର୍ଦ୍ଧ୍ୱ ପଲିଟେକ୍‌ନିକ୍ ଏବଂ ୨୦,୦୦୦ରୁ ଅଧିକ ଧନ୍ଦାମୂଳକ ପ୍ରଶିକ୍ଷକ କାର୍ଯ୍ୟ କରୁଛନ୍ତି। ଏମାନେ ବ୍ୟକ୍ତି ଭିତରେ ଥିବା କ୍ଷମତା ଓ ସାମର୍ଥ୍ୟର ବିକାଶ ଘଟାଇ ସେମାନେ ଯେ ପରିବର୍ତ୍ତିତ ପରିସ୍ଥିତିରେ ମଧ୍ୟ ନୂତନ ଜ୍ଞାନକୌଶଳ ଗ୍ରହଣ କରିବା ଲାଗି ସକ୍ଷମ ତାହାକୁ ଉପଲବ୍ଧି କରାଇପାରୁଛନ୍ତି। ଶିକ୍ଷା ଓ ତାଲିମ ଦ୍ୱାରା ସେମାନଙ୍କ ଜ୍ଞାନକୌଶଳ ଯେ ଅଧିକ ବଢିପାରିବ ଏବଂ ସେମାନେ ସେସବୁ ଦକ୍ଷତାର ଅଧିକାରୀ ହୋଇପାରିବେ, ପ୍ରମାଣପତ୍ର ପାଇପାରିବେ ତାହା ଜାଣିପାରିଲେଣି। ବହୁ ଶ୍ରମଜୀବୀ ଅଣାନୁଷ୍ଠାନିକ ସଂସ୍ଥା ତଥା କ୍ଷେତ୍ରରେ କାମ କରୁଥିବାରୁ ସେମାନଙ୍କୁ ଅଧିକ କୁଶଳୀ କରିବା ଲାଗି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମକେଭିୱାଇ) ଜରିଆରେ ସେମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦିଆଯାଉଛି। ମାଟ୍ରିକ୍ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା କିମ୍ବା ତା'ଠାରୁ ତଳଶ୍ରେଣୀ ପର୍ଯ୍ୟନ୍ତ ଯାଇ ପାଠପଢାରେ ଡୋରି ବାନ୍ଧିଥିବା ପିଲାମାନଙ୍କୁ ଦକ୍ଷତା ଉନ୍ନତି ଓ ପୁର୍ନଦକ୍ଷ କରାଇ ନିଯୁକ୍ତିସକ୍ଷମ କରାଇବା କ୍ଷେତ୍ରରେ ପିଏମକେଭିୱାଇ ଏକ ଦ୍ୱିତୀୟ ସୁଯୋଗ ଆଣିଦେଇଛି। ଶ୍ରମ ବଜାରରେ ଏଥିଲାଗି ଏକ ବ୍ୟାପକ ପରିବର୍ତ୍ତନ ଆସିବାକୁ ଯାଉଛି।

ନେସନାଲ ସ୍କିଲ ଡେଭଲପ୍‌ମେଣ୍ଟ ଏଜେନ୍ସି ଏକ ବ୍ୟବସ୍ଥିତ ପ୍ରକ୍ରିୟା ଆରମ୍ଭ କରିଛି। ନେସନାଲ ସ୍କିଲ କ୍ୱାଲିଫିକେସନ୍ ଫ୍ରେମ୍‌ୱର୍କ ଦ୍ୱାରା ଦକ୍ଷ ତାଲିମ ଲାଗି ଇଚ୍ଛୁକ ଯୁବକ/ଯୁବତୀଙ୍କୁ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ନିଆଯିବା ଲାଗି ଅଗ୍ରାଧିକାର ମିଳୁଛି। ବ୍ୟୟଭାର, ସମୟ ଓ ପାଠ୍ୟକ୍ରମରେ ସମତା ବଜାୟ ରଖିବା ଲାଗି ଏଭଳି ପଦକ୍ଷେପ ନିଆଯାଉଛି। ନୀତିରେ ସ୍ଥିର କରାଯାଇଥିବା ଲକ୍ଷ୍ୟ ହାସଲ କରିବା ଲାଗି ଜାତୀୟ ଦକ୍ଷତା ନିଗମ ଗଢାଯାଇଛି। କିଭଳି ଭିତ୍ତିଭୂମି ବିକାଶ ସହ ଆଶାୟୀ ଯୁବପୀଢିଙ୍କୁ ଉପଯୁକ୍ତ ତାଲିମ ଦିଆଯାଇପାରିବ ସେଦିଗରେ ନିଗମ ବହୁ ବଳିଷ୍ଠ ପଦକ୍ଷେପ ନିଆଯାଉଛି। ଶ୍ରମ ବଜାର ସଂକ୍ରାନ୍ତ ସୂଚନା ବ୍ୟବସ୍ଥା ଦ୍ୱାରା ତଥ୍ୟ ସଂଗ୍ରହ ସହ ଘରୋଇ ସଂସ୍ଥାଗୁଡିକୁ ସଠିକ୍ ତାଲିମଯୁକ୍ତ ଶ୍ରମଶକ୍ତି ସୁଧାରିବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯିବା ସହ ତାଲିମ ପ୍ରଦାନ ଲାଗି କେନ୍ଦ୍ର ସରକାର ସହଯୋଗ ମଧ୍ୟ କରୁଛନ୍ତି। ଦକ୍ଷ ଶ୍ରମ ସମ୍ବଳ ସୃଷ୍ଟି ଲାଗି ଦକ୍ଷତା ପରିଷଦ ବିଶେଷକରି ତାଲିମ ପ୍ରଦାନ, ପାଠ୍ୟକ୍ରମରେ ସଂସ୍କାର ଓ ଶ୍ରମ ବଜାର ଆବଶ୍ୟକତାକୁ ଗୁରୁତ୍ୱ ଦେଉଛି। ଦକ୍ଷ ଶ୍ରମଶକ୍ତି ଲାଗି ସରକାର ଋଣ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଯେଉଁ ଗରିବ ଛାତ୍ରଛାତ୍ରୀଙ୍କୁ ତାଲିମ ଗ୍ରହଣ ଲାଗି ଦକ୍ଷତା ବୃଦ୍ଧି ଋଣ ପ୍ରଦାନ କରାଯାଉଛି।

ଯଦିଓ ଦକ୍ଷତା ବିକାଶ ଲାଗି ସରକାର ଏକାଧିକ ନୀତି ପ୍ରଣୟନ କରିଛନ୍ତି। ବହୁ ପଦକ୍ଷେପ ନିଆଯାଉଛି; ତଥାପି ଯୁବଶକ୍ତିକୁ ଉପଯୁକ୍ତ ତାଲିମ ଦେଇ ରାଷ୍ଟ୍ରୀୟ ଅର୍ଥନୀତିକୁ ସମୃଦ୍ଧ କରିବା ଲାଗି ଆଉ ଅଧିକ କିଛି କରିବାର ମଧ୍ୟ ଆବଶ୍ୟକତା ରହିଛି। ଯୋଜନାର ରୂପାୟନ ନେଇ ମଧ୍ୟ ଅନେକାଂଶରେ କିଛି କିଛି ସମସ୍ୟା ରହୁଛି; ତାହାକୁ ମଧ୍ୟ ସୁଧାରିବାକୁ ପଡ଼ିବ।

**ଯୁବ ଶକ୍ତିର ଉତ୍ସାହ**

ଏକ ଦୀର୍ଘସ୍ଥାୟୀ ଦକ୍ଷତା ବିକାଶ ଲାଗି ଯୁବପୀଢ଼ିଙ୍କ ଇଚ୍ଛା ଓ ଅଭିଳାଷକୁ ପ୍ରଥମେ ଅନୁଧ୍ୟାନ କରିବା ଦରକାର। ସାମାଜିକ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଲାଗି ଯୁବପୀଢ଼ିଙ୍କ ନିଯୁକ୍ତି ସୁଯୋଗକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ୨୦୧୧-୧୨ ତଥ୍ୟ ଅନୁସାରେ ଗ୍ରାମାଞ୍ଚଳରେ ୨୨.୩ ପ୍ରତିଶତ ପୁରୁଷ ଓ ସହରାଞ୍ଚଳରେ ୨୬.୩ ପ୍ରତିଶତ ପୁରୁଷ ଧନ୍ଦାମୂଳକ ତାଲିମ ଯଥା - ଡ୍ରାଇଭିଂ, ମଟର ମେକାନିକ କାମ ଓ କମ୍ପ୍ୟୁଟର କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ଆଗ୍ରହୀ ରହିଛନ୍ତି। ଅନୁରୂପ ଭାବେ ଗ୍ରାମାଞ୍ଚଳରେ ୩୨.୨ ପ୍ରତିଶତ ମହିଳା ବୟନ ଶିଳ୍ପ (ବୁଣାବୁଣୀ)କାମ ଲାଗି ତାଲିମ ଗ୍ରହଣ କରିଥିବା ବେଳେ ସହରାଞ୍ଚଳରେ ୩୦.୪ ପ୍ରତିଶତ ମହିଳା କମ୍ପ୍ୟୁଟର କ୍ଷେତ୍ରରେ ଯଥା : ଡାଟା ଏଣ୍ଟ୍ରି, ଡିଟିପି, ଡିଜାଇନିଂ ଭଳି ଦକ୍ଷତା ବିକାଶ ତାଲିମ ଗ୍ରହଣ କରିଛନ୍ତି। ତେବେ ଏନ୍‌ଏସ୍‌ଡିସି ରିପୋର୍ଟ ଓ ଏହି ତଥ୍ୟକୁ ଦେଖିଲେ ଆମର ବଜାର ଚାହିଦା ଓ ତାଲିମପ୍ରାପ୍ତ କୁଶଳୀ କାରିଗରଙ୍କ ସଂଖ୍ୟା

ଓ ଏହାର ପ୍ରତିଷ୍ଠାନ ମଧ୍ୟରେ ତାଳମେଳ ରହୁ ନ ଥିବା ଜଣାପଡ଼ିଛି । ଜାତୀୟ ଦକ୍ଷତା ବିକାଶ ନିଗମ ରିପୋର୍ଟ ଅନୁସାରେ ଏହି ସବୁ କ୍ଷେତ୍ରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ରହିଛି । ଦକ୍ଷ ଶ୍ରମଶକ୍ତି ଏବେ ଆମ ପାଇଁ ଆହ୍ୱାନ । ଯୁବପୀଢ଼ିଙ୍କ ଇଚ୍ଛାକୁ ଦୃଷ୍ଟି ଦେବା ସହ ବିଭିନ୍ନ କ୍ଷେତ୍ର ଯଥା : ନିର୍ମାଣ, ପରିବହନ, ଆନୁଷଙ୍ଗିକ ବ୍ୟବସ୍ଥା, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଭଳି ଏକାଧିକ କ୍ଷେତ୍ରରେ କୁଶଳୀ ଶ୍ରମିକଙ୍କ ଆବଶ୍ୟକତା ଓ ଚାହିଦା ଥିବା ବେଳେ ଏ ନେଇ ଉନ୍ନତ ମାନବସମ୍ବଳର ଅଭାବ ଅଧିକାଂଶ ରାଜ୍ୟରେ ରହିଛି । ତେଣୁ ଶ୍ରମ ବଜାରର ଚାହିଦା ଓ ଯୁବପୀଢ଼ିଙ୍କ ଅଭିଳାଷକୁ ଦୃଷ୍ଟିରେ ରଖି କେଉଁ କ୍ଷେତ୍ରରେ କେତେ ଶ୍ରମ ଶକ୍ତିର ଆବଶ୍ୟତା ରହିଛି ବିଭିନ୍ନ ରାଜ୍ୟରେ ଏହାର ସ୍ଥିତି କ'ଣ ସେ ନେଇ ମ୍ୟାପିଂ (ଅନୁଧ୍ୟାନ)ର ଆବଶ୍ୟକତା ରହିଛି । ବର୍ତ୍ତମାନର ଯୁବପୀଢ଼ି ଏକ ସୁସ୍ଥ, ଆରାମଦାୟକ ତଥା ଅଧିକ ବେତନଯୁକ୍ତ ଚାକିରୀ ଆଶାୟୀ ରହୁଥିବାରୁ ସରକାର ଦକ୍ଷତା ବିକାଶ ଓ ଯୁବପୀଢ଼ିଙ୍କ ଇପ୍ସିତ ନିଯୁକ୍ତି ପ୍ରତି ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

**ମୋଟ୍ ଜନସଂଖ୍ୟାର ୪୮ ପ୍ରତିଶତ ହେଉଛନ୍ତି ମହିଳା; କିନ୍ତୁ ଭାରତୀୟ ଶ୍ରମବଜାରରେ ମାତ୍ର ୨୨% ମହିଳା ଶ୍ରମଜୀବୀ । ମାନନୀୟ ପ୍ରଧାନମନ୍ତ୍ରୀ କହିଛନ୍ତି 'ଯଦି ମହିଳାଙ୍କ ଦକ୍ଷତା ବିକାଶ କରାଯାଏ ଏବଂ ତାଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରାଯାଏ ତେବେ ଦେଶର ସମୃଦ୍ଧି ଆଶାତୀତ ଭାବେ ବୃଦ୍ଧି ପାଇବ' । ଏବେ ସମୟର ଆହ୍ୱାନ ଅଧିକରୁ ଅଧିକ ମହିଳାଙ୍କୁ ଶ୍ରମ ବଜାର ପ୍ରତି ଆକୃଷ୍ଟ କରି ସେମାନଙ୍କ ଦକ୍ଷତାକୁ ପ୍ରଶିକ୍ଷଣ ମାଧ୍ୟମରେ ବୃଦ୍ଧି କରିବା । ମହିଳାମାନଙ୍କ ଭାଗିଦାରି ଯେଭଳି ଅଧିକ ବଢ଼ିବ, ସେମାନଙ୍କୁ ଆନୁଷଙ୍ଗିକ ସୁବିଧା ସହଯୋଗ ପ୍ରଦାନ ସହ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଅଧିକ ପ୍ରାଧାନ୍ୟ ଦିଆଯାଇପାରିବ ସେଥିପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣର ଆବଶ୍ୟତା ରହିଛି । ସରକାର ଏ ଦିଗରେ ମଧ୍ୟ କାର୍ଯ୍ୟ କରୁଛନ୍ତି ।**



### କେମିତି ମିଳିବ ସୂଚନା

ଜାତୀୟ ଦକ୍ଷତା ବିକାଶ ଓ ଉଦ୍ୟୋଗ ନୀତି ୨୦୧୫ ଅନୁଯାୟୀ ଦେଶରେ ୧୧୦ ନିୟୁତ କୁଶଳୀ ଓ ୨୯୦ ନିୟୁତ ଅର୍ଦ୍ଧକୁଶଳୀ ଶ୍ରମଜୀବୀଙ୍କ ଆବଶ୍ୟକତା ୨୦୨୨ ସୁଦ୍ଧା ରହିଛି । ଯୁବପୀଢ଼ି ଓ ଛାତ୍ରମାନଙ୍କୁ ବିଭିନ୍ନ ରାଜ୍ୟରୁ ଏକାଠି କରି ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଓ ଏ ନେଇ ଆବଶ୍ୟକ ତାଲିମ ବା ପ୍ରଶିକ୍ଷଣ ପ୍ରଦାନ କରିବା କେନ୍ଦ୍ର ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ । ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଫଳତା ନିର୍ଭର କରେ ଛାତ୍ରମାନଙ୍କ ଇଚ୍ଛା ଓ ଆକାଂକ୍ଷାକୁ ନେଇ । ବର୍ତ୍ତମାନ ପରିସ୍ଥିତିରେ ତାଲିମ ନେବାପାଇଁ ଯୁବପୀଢ଼ି ଏକାଠି ହେଉଥିଲେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଅଧାରୁ ଛାଡ଼ି ଚାଲିଯାଉଥିବା ଦେଖାଯାଉଛି । ଧନ୍ଦାମୂଳକ ପାଠ୍ୟକ୍ରମ ଓ ଶ୍ରମ ବଜାରର ଆବଶ୍ୟକତା, ତାଲିମ ପାଇଁ ସୁଯୋଗ, ଇଚ୍ଛା ଶକ୍ତି ଓ ବଦଳୁଥିବା ପାଠ୍ୟକ୍ରମ ସମ୍ପର୍କରେ ଯୁବପୀଢ଼ିଙ୍କୁ ଉପଯୁକ୍ତ ସୂଚନା ମିଳୁ ନ ଥିବାରୁ ସେମାନେ ତାଲିମ ପ୍ରତି ଅନାଗ୍ରହୀ ହୋଇପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର କୌଶଳ ଆପଣେଇବା ଲାଗି ଉଦ୍ୟମ ହେବା ଆବଶ୍ୟକ । ମହାରାଷ୍ଟ୍ର ସରକାର ମହିଳାମାନଙ୍କ ପାଇଁ 'ସ୍କିଲ୍ ସଖୀ ମଡେଲ' ଜରିଆରେ ତାଲିମ ପ୍ରଦାନ କରି ସ୍ଥାନୀୟ ଅଞ୍ଚଳର ଶ୍ରମ ବଜାର ଚାହିଦା ପୂରଣରେ ସଫଳ ହୋଇଛନ୍ତି । ସହରାଞ୍ଚଳର ପୌର ପରିଷଦ ଓ ଗ୍ରାମାଞ୍ଚଳର ପଞ୍ଚାୟତ ଚାହିଁଲେ ମଧ୍ୟ ଏ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବେ । ଉତ୍ତମ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଜରିଆରେ ଆତ୍ମନିର୍ଭରଶୀଳତା ଓ ମଜୁରୀ ବଢ଼ାଇବା ପାଇଁ ସଚେତନତା ସୃଷ୍ଟି କରିବା ସହ ଯୁବପୀଢ଼ିଙ୍କୁ ମାର୍ଗଦର୍ଶନ କରି ପାରିବେ । ଏସ୍ଏସ୍ଡିମ୍ ପୋର୍ଟାଲ୍‌କୁ ଅପ୍‌ଲୋଡ୍ କରି ଆଧାର କାର୍ଡ, ଭୋଟ୍ ପରିଚୟପତ୍ର ଓ ବ୍ୟାଙ୍କ ଖାତା ଜରିଆରେ ତଥ୍ୟ ହାସଲ କରିପାରିବେ । ଜାତୀୟ ସ୍ତରରେ ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମ, ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆରମ୍ଭ କରାଯାଇଛି । ଶ୍ରମ ବଜାରର ଆବଶ୍ୟକତା ଓ ତାଲିମପ୍ରାପ୍ତ କୁଶଳୀ କାରିଗରଙ୍କ ପାଇଁ କ'ଣ କ'ଣ ନିଯୁକ୍ତି ସମ୍ଭାବନା ରହିଛି ସେ ସଂକ୍ରାନ୍ତ କାର୍ଯ୍ୟକ୍ରମ ମଧ୍ୟ ବିଦ୍ୟାଳୟ କ୍ଷେତ୍ରରେ ଆରମ୍ଭ ହୋଇଛି ।

### ବିଷମତାର ସମାଧାନ

ଭାରତୀୟ ଶ୍ରମ ବଜାର, କ୍ଷେତ୍ରୀୟ, ଲିଙ୍ଗଗତ ଓ ଅନ୍ୟାନ୍ୟ ବିଷମତା ଭିତରେ ଭରି ରହିଛି । ଅଣଆନୁଷ୍ଠାନିକ ନିଯୁକ୍ତି ୯୩ ପ୍ରତିଶତ ଥିବା ବେଳେ ଆନୁଷ୍ଠାନିକ କ୍ଷେତ୍ରରେ ମାତ୍ର ୮ ପ୍ରତିଶତ ଲୋକ କାମ କରୁଛନ୍ତି । ଉଭୟ କ୍ଷେତ୍ର ପାଇଁ ତାଲିମ ଆବଶ୍ୟକ । ଅଣଆନୁଷ୍ଠାନିକ କ୍ଷେତ୍ରରେ ଦୁର୍ବଳ ଶ୍ରମ ବିଭାଜନ, ସ୍ୱତନ୍ତ୍ର ତାଲିମର ଅଭାବ, ନିଯୁକ୍ତି କ୍ଷେତ୍ରରେ ଉତ୍ପାଦନଶୀଳତାରେ ହ୍ରାସ ଘଟାଉଛି । କର୍ମଚାରୀଙ୍କ ମଧ୍ୟରେ ଅଳ୍ପ ଶିକ୍ଷା ଓ ଦକ୍ଷତା ସ୍ତର କମ୍ ଯୋଗୁଁ ଏହା ପ୍ରଭାବିତ ହେଉଛି । ଦକ୍ଷ ଶ୍ରମ ଶକ୍ତିକୁ ବ୍ୟବହାର କରିବା ଲାଗି ଜାତୀୟ



ଆପରେଣ୍ଟିସ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ମୋଟ୍ ଜନସଂଖ୍ୟାର ୪୮ ପ୍ରତିଶତ ହେଉଛନ୍ତି ମହିଳା; କିନ୍ତୁ ଭାରତୀୟ ଶ୍ରମବଜାରରେ ମାତ୍ର ୨୨% ମହିଳା ଶ୍ରମଜୀବୀ। ମାନନୀୟ ପ୍ରଧାନମନ୍ତ୍ରୀ କହିଛନ୍ତି 'ଯଦି ମହିଳାଙ୍କ ଦକ୍ଷତା ବିକାଶ କରାଯାଏ ଏବଂ ତାଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରାଯାଏ ତେବେ ଦେଶର ସମୃଦ୍ଧି ଆଶାତୀତ ଭାବେ ବୃଦ୍ଧି ପାଇବ'। ଏବେ ସମୟର ଆହ୍ୱାନ ଅଧିକରୁ ଅଧିକ ମହିଳାଙ୍କୁ ଶ୍ରମ ବଜାର ପ୍ରତି ଆକୃଷ୍ଟ କରି ସେମାନଙ୍କ ଦକ୍ଷତାକୁ ପ୍ରଶିକ୍ଷଣ ମାଧ୍ୟମରେ ବୃଦ୍ଧି କରିବା। ମହିଳାମାନଙ୍କ ଭାଗିଦାରି ଯେଭଳି ଅଧିକ ବଢ଼ିବ, ସେମାନଙ୍କୁ ଆନୁଷଙ୍ଗିକ ସୁବିଧା ସହଯୋଗ ପ୍ରଦାନ ସହ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଅଧିକ ପ୍ରାଧାନ୍ୟ ଦିଆଯାଇପାରିବ ସେଥିପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣର ଆବଶ୍ୟତା ରହିଛି। ସରକାର ଏ ଦିଗରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ମହିଳାମାନେ କର୍ମକ୍ଷେତ୍ରକୁ ଯିବା ମନା; ଏଭଳି ଲିଙ୍ଗଗତ ମାନସିକତାରୁ ଭାରତ ଧୀରେ ଧୀରେ ଉଠିବା ଆରମ୍ଭ କରିଛି। ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ସହ ନିଯୁକ୍ତି ଦିଆଯିବା ବ୍ୟବସ୍ଥା ଆରମ୍ଭ ହୋଇଛି। ହରିୟାନା ସରକାର ଜିନ୍ଦଲ ଷ୍ଟିଲ୍ ଜରିଆରେ ମହିଳାମାନଙ୍କୁ ଇସ୍ପାତ ଶିଳ୍ପରେ ଅଧିକରୁ ଅଧିକ ନିଯୁକ୍ତି ଦେଇଥିବା ଏକ ଉଦାହରଣ। ଭାରତର ଶ୍ରମ ବଜାର କେବଳ କ୍ଷେତ୍ରୀୟ ଓ ଲିଙ୍ଗଗତ ବିଷମତାର ଯେ ସମ୍ମୁଖୀନ ହୋଇଛି ତା' ନୁହେଁ; ଉତ୍ତର ପୂର୍ବାଞ୍ଚଳ ଏବଂ ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ ଭିତ୍ତିଭୂମି ନେଇ ମଧ୍ୟ ଅନେକ ଅସମତା ରହିଛି। ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ରାଜ୍ୟଗୁଡ଼ିକରେ ୬୭% ଘରୋଇ ଓ ସରକାରୀ ଆଇଟିଆଇ ସଂସ୍ଥା ରହିଛି। ସେଥିରେ ୬୦ ପ୍ରତିଶତ ସିଟ୍ ଥିବାବେଳେ ୫୧ ପ୍ରତିଶତଙ୍କୁ ତାଲିମ ଦିଆଯାଉଛି। ଉତ୍ତର ଓ ପୂର୍ବାଞ୍ଚଳ ଜୋନ୍‌ରେ ୪୦ ପ୍ରତିଶତ ସିଟ୍ ରହିଥିବାବେଳେ ୪୯ ପ୍ରତିଶତ ଛାତ୍ରଛାତ୍ରୀଙ୍କ ଆଇଟିଆଇ ତାଲିମ୍ ଆବଶ୍ୟକତା ରହିଛି, ମାତ୍ର ୩୩ ପ୍ରତିଶତ ତାଲିମ ନେଉଛନ୍ତି। କେବଳ ଏତିକି ନୁହେଁ ବିଭିନ୍ନ ଜୋନ୍‌ରେ ମଧ୍ୟ ଭିନ୍ନଭିନ୍ନ ତାରତମ୍ୟତା ଦେଖାଯାଉଛି। ଭିତ୍ତିଭୂମି ସୃଷ୍ଟିକୁ ଆଞ୍ଚଳିକ ସ୍ତରରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳରେ ଦକ୍ଷତା ବିକାଶକୁ ବିଶେଷ କରି ସ୍ଥାନାନ୍ତର ଯୁବପୀଢ଼ିଙ୍କ ଲାଗି ଲାଗୁ କରିବାର ଆବଶ୍ୟକତା ରହିଛି। ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଦାଦନ ସମସ୍ୟାର ସମାଧାନ ହୋଇପାରିବ। ଏପରିକି ପ୍ରବାଶନରେ ରହୁଥିବା ଯୁବପୀଢ଼ିଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଗଲେ ଅପାର ଶ୍ରମବଜାର ସୃଷ୍ଟି ହୋଇପାରନ୍ତା। ଘରୋଇ କ୍ଷେତ୍ରରେ ସଂସ୍ଥାଗୁଡ଼ିକ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ ନିଯୁକ୍ତି ପାଇଁ ତାଲିମ, ପ୍ରଶିକ୍ଷଣ, ପାଠ୍ୟକ୍ରମ ସଂଶୋଧନ ଓ ଭିତ୍ତିଭୂମି ବିକାଶ ଦିଗରେ ପଦକ୍ଷେପ ନେଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା।

**ଜାତୀୟ ଦକ୍ଷତା ବିକାଶ ଓ ଉଦ୍ୟୋଗ ନୀତି ୨୦୧୫ ଅନୁଯାୟୀ ଦେଶରେ ୧୧୦ ନିୟୁତ କୁଶଳୀ ଓ ୨୯୦ ନିୟୁତ ଅର୍ଦ୍ଧକୁଶଳୀ ଶ୍ରମଜୀବୀଙ୍କ ଆବଶ୍ୟକତା ୨୦୨୨ ସୁଦ୍ଧା ରହିଛି। ଯୁବପୀଢ଼ି ଓ ଛାତ୍ରମାନଙ୍କୁ ବିଭିନ୍ନ ରାଜ୍ୟରୁ ଏକାଠି କରି ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଓ ଏ ନେଇ ଆବଶ୍ୟକ ତାଲିମ ବା ପ୍ରଶିକ୍ଷଣ ପ୍ରଦାନ କରିବା କେନ୍ଦ୍ର ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଫଳତା ନିର୍ଭର କରେ ଛାତ୍ରମାନଙ୍କ ଇଚ୍ଛା ଓ ଆକାଂକ୍ଷାକୁ ନେଇ। ବର୍ତ୍ତମାନ ପରିସ୍ଥିତିରେ ତାଲିମ ନେବାପାଇଁ ଯୁବପୀଢ଼ି ଏକାଠି ହେଉଥିଲେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଅଧାରୁ ଛାଡ଼ି ଚାଲିଯାଉଥିବା ଦେଖାଯାଉଛି। ଧନ୍ଦାମୂଳକ ପାଠ୍ୟକ୍ରମ ଓ ଶ୍ରମ ବଜାରର ଆବଶ୍ୟକତା, ତାଲିମ ପାଇଁ ସୁଯୋଗ, ଇଚ୍ଛା ଶକ୍ତି ଓ ବଦଳୁଥିବା ପାଠ୍ୟକ୍ରମ ସମ୍ପର୍କରେ ଯୁବପୀଢ଼ିଙ୍କୁ ଉପଯୁକ୍ତ ସୂଚନା ମିଳୁ ନ ଥିବାରୁ ସେମାନେ ତାଲିମ ପ୍ରତି ଅନାଗ୍ରହୀ ହୋଇପଡୁଛନ୍ତି।**

## ପୁନଃଦକ୍ଷତା ଓ ଦକ୍ଷତା ବିକାଶ ତଥା ତାଲିମ ପ୍ରଦାନ ଚିହ୍ନଟକୁ ଗୁରୁତ୍ୱ

ମାଟ୍ରିକ ଶେଷ ପୂର୍ବରୁ ଅନେକ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଛନ୍ତି। ଦ୍ୱାଦଶ ଯୋଜନା ୨୦୧୨-୧୭ ରିପୋର୍ଟ ଅନୁଯାୟୀ ୪୭ ପ୍ରତିଶତ ଛାତ୍ର ଦଶମ ଶ୍ରେଣୀ ପାଠ୍ୟକ୍ରମ ଶେଷ ନ କରି ଅଧାରୁ ପାଠ ଛାଡୁଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ସେମାନେ ଶ୍ରମ ବଜାରରେ ପ୍ରବେଶ କରୁଥିଲେ ମଧ୍ୟ ସେମାନଙ୍କର ସ୍ୱଳ୍ପ ଦକ୍ଷତା ଯୋଗୁଁ କମ୍ ପାରିଶ୍ରମିକ ପାଉଛନ୍ତି। ଯଦି ସେମାନଙ୍କୁ ପୁନଃଦକ୍ଷ ଓ ଦକ୍ଷତା ବଢ଼ାଇବାର ସୁଯୋଗ ସୃଷ୍ଟି କରାଯାଇପାରନ୍ତା ତା'ହେଲେ ବଜାର ଚାହିଦା ଅନୁସାରେ କୁଶଳୀ କାରିଗର ମିଳିପାରନ୍ତେ। ରାଜ୍ୟ ଓ କେନ୍ଦ୍ର ସ୍ତରରେ ନିଯୁକ୍ତି କ୍ଷମତାକୁ ବଢ଼ାଇବା ପାଇ ଏକାଧିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି; ଇପ୍ସିତ ଲକ୍ଷ୍ୟକୁ ହାସଲ କରିବା ପାଇଁ ଜାତୀୟ ନୀତି ମଧ୍ୟ ସ୍ଥିରିକୃତ ହୋଇଛି। ଏହା ସତ୍ତ୍ୱେ ଦକ୍ଷତା, ପୁନଃଦକ୍ଷତା ଓ ଦକ୍ଷତା ବୃଦ୍ଧି ମଧ୍ୟରେ ଯେଉଁ ସୂକ୍ଷ୍ମ ପ୍ରଭେଦଟି ରହିଛି ତାହାର ବିଶ୍ଳେଷଣ ମଧ୍ୟ ଆବଶ୍ୟକ। କ୍ଷେତ୍ରୀୟ ସ୍ତରରେ ତାଲିମ ଓ ଦକ୍ଷତା ବିକାଶର ବିଶ୍ଳେଷଣ ଜରୁରୀ। ଏହାର ଉପଯୁକ୍ତ ମୂଲ୍ୟାୟନ କରାଯାଇ ଉପଯୁକ୍ତ ତାଲିମ ଦିଆଯାଇପାରିଲେ ଅଳ୍ପ ଅର୍ଥରେ ଅଧିକ କାର୍ଯ୍ୟ କରାଯାଇପାରନ୍ତା। ନିଯୁକ୍ତି, ମଜୁରୀ ଓ ଜୀବନଧାରଣର ମାନରେ

ଉନ୍ନତୀ ସହ ଉତ୍ପାଦନଶୀଳତାକୁ ବଢ଼ାଇବା ଲାଗି ଏକାଧିକ ପଦକ୍ଷେପ ନିଆଯାଉଛି । ଯେଉଁମାନେ ଆଗୁଆ ଶ୍ରମ ବଜାରରେ ପ୍ରବେଶ କରୁଛନ୍ତି ସେମାନଙ୍କ ଅଭିଜ୍ଞତା ରହିଥିଲେ ମଧ୍ୟ ପ୍ରମାଣପତ୍ର ଅଭାବରୁ ସେମାନଙ୍କୁ ଉଚିତ ପାରିଶ୍ରମିକ ମିଳୁନି । ସେମାନଙ୍କୁ ତାଲିମ ଦିଆଯାଇ ଉପଯୁକ୍ତ ପ୍ରମାଣପତ୍ର ଯୋଗାଯାଇପାରିଲେ ସେମାନଙ୍କର ଉନ୍ନତି ଘଟନ୍ତା । ବିଶେଷ କରି କଳାକାର ଓ ବୁଣାକାରଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପର ଆବଶ୍ୟକତା ରହିଛି । ନିଯୁକ୍ତି ସକ୍ଷମତା, ଜୀବନବ୍ୟାପୀ ତାଲିମ, ସାମାଜିକ ଅନ୍ତର୍ଭୁକ୍ତିକରଣ ଓ ଆତ୍ମସମ୍ମାନ ଲାଗି ଭାରତର ସରକାର ୨୯୮.୨୫ ନିୟୁତ କର୍ମଜୀବୀଙ୍କ ଲାଗି ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରୁଛନ୍ତି । ଜାତୀୟ ଦକ୍ଷତା ବିକାଶ ନୀତିକୁ ଗୁରୁତ୍ୱ ଦିଆଯାଇ ଏ ଦିଗରେ ବିଭିନ୍ନ ଯୁକ୍ତିସିଦ୍ଧ ମଡେଲକୁ ଗ୍ରହଣ କରାଯାଉଛି । ଭିନ୍ନଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ମଡେଲର ଉପଯୋଗ ହେଉଛି । ଲୋକଙ୍କ ଭିତରେ ସଚେତନତା, ପ୍ରଭାବୀ ଧନ୍ଦାମୂଳକ ତାଲିମ ନେଇ ମାର୍ଗଦର୍ଶନ, ସେବା କ୍ଷେତ୍ରରେ କାଉନ୍ସେଲିଂ ଆଦିକୁ ଗୁରୁତ୍ୱ ଦେଲେ ଏହି ନୀତି ଅଧିକ କାର୍ଯ୍ୟକ୍ଷମ ହୋଇପାରିବ ।

**ସ୍କୁଲରୁ କାର୍ଯ୍ୟକ୍ଷେତ୍ର ସର୍ଭେକ୍ଷଣ**

ଗୁଣାତ୍ମକ ଶ୍ରମବଜାରର ଉନ୍ନତି ପାଇଁ ୧୫ ରୁ ୨୯ ବର୍ଷ ବୟସ୍କ ଯୁବପୀଢ଼ିଙ୍କୁ ଗୁରୁତ୍ୱ ଦେବାର ସମୟ ଆସିଛି । ଶ୍ରମଶକ୍ତି ସର୍ଭେରୁ ମିଳୁଥିବା ସୂଚନା ଅନୁଯାୟୀ ରୋଜଗାର କ୍ଷମ, ବେକାରୀ ଓ ଶ୍ରମ ବଜାରରୁ ବାହାରି ଆସିଥିବା ଲୋକମାନଙ୍କ ସମ୍ପର୍କରେ ଅଧିକ ଚିନ୍ତା କରିବାକୁ ପଡ଼ିବ । କେତେ ବେରୋଜଗାରୀଙ୍କ ସଂଖ୍ୟା, ନିଯୁକ୍ତିର ସ୍ଥିତି, ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ହୋଇଥିବା ଶ୍ରମିକ ଆଦିକୁ ଅନୁଧ୍ୟାନ କରାଯାଉଛି । କେଉଁ ବ୍ୟକ୍ତି ନିଯୁକ୍ତିରେ ସନ୍ତୁଷ୍ଟ ନୁହେଁ ଓ କେଉଁମାନେ କାର୍ଯ୍ୟକ୍ଷେତ୍ରରେ ଅସହଜ ତଥା ସହଜ ମନେ କରୁଛନ୍ତି ସେ ସବୁର ସର୍ବେକ୍ଷଣ କରାଯାଉଛି । ଏହି ସର୍ବେକ୍ଷଣ ନିର୍ଦ୍ଧାରିତ ସମୟରେ ଓ ଶ୍ରମ ବଜାର ସୂଚନା ଅନୁଯାୟୀ ମିଳିବା ପରେ ସେହି ଆଧାରରେ ଯୋଜନା ଓ ରୂପାୟନ ଲାଗି ଜାତୀୟ ନିଯୁକ୍ତି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି । ଯୁବ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ଏକ ଆହ୍ୱାନ । ଏହି ସବୁ ଗୋଷ୍ଠୀକୁ ଯଦି ଚିହ୍ନଟ କରାଯାଇ ତତ୍‌ସଂକ୍ରାନ୍ତ ନୀତି ପ୍ରସ୍ତୁତ ହୋଇପାରନ୍ତା ତେବେ ଇପ୍‌ସିତ ଲକ୍ଷ୍ୟ ଛୁଇଁବାରେ ଆମେ ସକ୍ଷମ ହୁଅନ୍ତୁ । ଏଭଳି ସର୍ଭେ ଜାତୀୟ ନେସ୍‌ନାଲ୍ କ୍ୟାରିୟର ସର୍ଭିସ୍ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସମର୍ଥ ହେଉଛି । ଶ୍ରମ ବଜାରରେ ଥିବା ବିସଂଗତିକୁ ଚିହ୍ନଟ କରି ଏହି ସମସ୍ୟା ସମାଧାନ ଦିଗରେ ସରକାର ଯଦି ଉଚିତ ପଦକ୍ଷେପ ଗ୍ରହଣ କରିବା ସହ ତାଲିମ ଦେଇପାରନ୍ତେ ତା'ହେଲେ ଭାରତୀୟ ଶ୍ରମବଜାର ବିଶ୍ୱ ଚାହିଦା ପୂରଣରେ ସକ୍ଷମ ହୁଅନ୍ତା । ସରକାର ନିଯୁକ୍ତି ସୁଯୋଗ ନେଇ ରହିଥିବା ଆହ୍ୱାନର ମୁକାବିଲା କରିବାକୁ ଯାଇ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଶିକ୍ଷା ବିପ୍ଳବ ଜରିଆରେ ଅନେକ ନିଯୁକ୍ତି ସୃଷ୍ଟି ସମ୍ଭବ ହୋଇଛି । ତେବେ ଏ କ୍ଷେତ୍ରରେ ଅଧିକ ପଦକ୍ଷେପର ଆବଶ୍ୟକତା ରହିଛି ।

| | **ଇପ୍‌ସିତ ମ୍ୟାଟ୍ରିକ୍ସ** | | | |
|---|---|---|---|---|
| **ଜନସଂଖ୍ୟା ଅନୁଯାୟୀ ଫାଇଦାରେ ଥିବା ରାଜ୍ୟ** | **କ୍ଷେତ୍ର ଅନୁଯାୟୀ ଶ୍ରମଶକ୍ତିର ଚାହିଦା** | **ଯୁବପୀଢ଼ିର ଅଭିଳାଷ** | | |
| | | **ସର୍ବୋଚ୍ଚ** | **ହାରାହାରି** | **କମ୍** |
| **ଉତ୍ତରପ୍ରଦେଶ** | କୋଠାବାଡ଼ି ନିର୍ମାଣ ଓ ରିୟଲ ଇଷ୍ଟେଟ୍, ସଙ୍ଗଠିତ ଖୁଚୁରା, ବ୍ୟାଙ୍କିଂ, ଅର୍ଥନୈତିକ ସେବା ଓ ବୀମା | ଆଇଟି/ ଆଇଟିଇଏସ୍, ସଂଗଠିତ ଖୁଚୁରା ଏବଂ ଗଣମାଧ୍ୟମ ଓ ମନୋରଞ୍ଜନ | ବିଏଫ୍‌ଏସ୍‌ଆଇ, ସ୍ୱାସ୍ଥ୍ୟସେବା, ଅଭ୍ୟର୍ଥନା ଓ ଖାଦ୍ୟ ପ୍ରକ୍ରିୟକରଣ | କୋଠାବାଡ଼ି ଓ ନିର୍ମାଣ ପରିବହନ, କୃଷି ଓ ଅନୁଷଙ୍ଗିକ, ବୟନଶିଳ୍ପ ଅନ୍ୟ ଉତ୍ପାଦନକ୍ଷେତ୍ର, ଫାର୍ମାସ୍ୟୁଟିକାଲ୍ |
| **ଦିଲ୍ଲୀ** | ଖୁଚୁରା, ନିର୍ମାଣ, ପରିବହନ, ଘରୋଇ ସହାୟତା, ଆଇଟି | ଖୁଚୁରା ବ୍ୟବସାୟ, ଆଇଟି ଓ ବିପିଓ, ଶିକ୍ଷା, ଅଟୋ ଓ ଅଟୋ ପାର୍ଟ୍ସ ସାଧାରଣ ପ୍ରଶାସନ | ନିର୍ମାଣ, ପରିବହନ, ଅଭ୍ୟର୍ଥନା, ବିଏଫ୍‌ଏସ୍‌ଆଇ, ଅଟୋ ମେଣ୍ଟେନାନ୍ସ | ଘରୋଇ ସହାୟତା ସିକ୍ୟୁରିଟି ପରସୋନେଲ୍, ପାଇକାରି ବେପାର କାଠ ଓ ଆସବାବ, |

| | | | | |
|---|---|---|---|---|
| | ଆଇଟିଇଏସ<br>ଅଭ୍ୟର୍ଥନା,<br>ସ୍ୱାସ୍ଥ୍ୟସେବା,<br>ଶିକ୍ଷା, ବ୍ୟାଙ୍କିଂ,<br>ଆର୍ଥିକ ସେବା ଓ<br>ବୀମା | ,ବୈଦ୍ୟୁତିକ ଯନ୍ତ୍ରାଂଶ<br>ବୟନ ଶିଳ୍ପ<br>ଆପାରେଲ,<br>ଇଲେକ୍ଟ୍ରୋନିକ୍ସ ଓ<br>ହାର୍ଡୱେୟାର | ସ୍ୱାସ୍ଥ୍ୟସେବା,<br>ଗଣମାଧ୍ୟମ<br>ମନୋରଞ୍ଜନ,<br>ଧାତବ ଉତ୍ପାଦ<br>ଅଣଧାତବ ଉତ୍ପାଦ,<br>ଛାପା ଓ ପ୍ରକାଶନ,<br>ଖାଦ୍ୟ ପ୍ରକ୍ରିୟାକରଣ,<br>ରସାୟନ ଓ<br>ଫାର୍ମାସ୍ୟୁଟିକାଲ୍ସ | ରିୟଲଇଷ୍ଟେଟ୍ ସେବା |
| **ଝାଡ଼ଖଣ୍ଡ** | କୋଠାବାଡ଼ି ଓ ନିର୍ମାଣ<br>ପର୍ଯ୍ୟଟନ ଅଭ୍ୟର୍ଥନା,<br>ଭ୍ରମଣ, ବାଣିଜ୍ୟ,<br>ଖାଦ୍ୟ ପ୍ରକ୍ରିୟାକରଣ,<br>ରିୟଲଇଷ୍ଟେଟ୍ ସେବା,<br>ବ୍ୟାଙ୍କିଂ ଓ ଫାଇନାନ୍ସ<br>ଇନିୟରିଂ ଉତ୍ପାଦ,<br>ପରିବହନ ଓ ଆନୁଷଙ୍ଗିକ<br>ସହାୟତା | ଖାଦ୍ୟ ପ୍ରକ୍ରିୟାକରଣ<br>ବ୍ୟାଙ୍କିଂ ଓ ଫାଇନାନ୍ସ<br>ଇଞ୍ଜିନିୟରିଂ ଉତ୍ପାଦ<br>ବୟନ ଓ ପୋଷାକ<br>ସାମଗ୍ରୀ,<br>ଅଟୋମୋବାଇଲ,<br>ସ୍ୱାସ୍ଥ୍ୟସେବା,<br>ଶିକ୍ଷା ଓ ଦକ୍ଷତା<br>ବିକାଶ<br>ଆଇଟି/ ଆଇଟିଇଏସ୍ | ପର୍ଯ୍ୟଟନ,<br>ଅଭ୍ୟର୍ଥନା,<br>ଭ୍ରମଣ ଓ ବାଣିଜ୍ୟ<br>ରିୟଲଇଷ୍ଟେଟ୍ ଓ<br>ବ୍ୟାବସାୟିକ ସେବା<br>ଗଣମାଧ୍ୟମ ଓ<br>ଯୋଗାଯୋଗ<br>ବିଦ୍ୟୁତ, ଗ୍ୟାସ୍<br>ଓ ଜଳଯୋଗାଣ | କୋଠାବାଡ଼ି ଓ<br>ନିର୍ମାଣ<br>ଖଣି ଖାଦାନ<br>ହସ୍ତତନ୍ତ ଓ<br>ହସ୍ତଶିଳ୍ପ<br>ସଂଗଠିତ ଖୁଚୁରା<br>ବେପାର,<br>ଚମଡ଼ା ଓ<br>ଚମଡ଼ା ସାମଗ୍ରୀ,<br>ରସାୟନ ଓ<br>ଫାର୍ମାସ୍ୟୁଟିକାଲ୍ସ |
| **ମଧ୍ୟପ୍ରଦେଶ** | ନିର୍ମାଣ ଓ ଖୁଚୁରା<br>କୃଷି ଓ ଆନୁଷଙ୍ଗିକ<br>କ୍ଷେତ୍ର,<br>ବୟନ,ପରିବହନ ଓ<br>ଆନୁଷଙ୍ଗିକ ସହାୟତା<br>ଖଣିଜ ପ୍ରକ୍ରୀୟାକରଣ | ଆଇଟି / ଆଇଟିଇଏସ୍,<br>ବ୍ୟାପାର,<br>ଦକ୍ଷତା ବିକାଶ,<br>ଅଟୋ / ଅଟୋ<br>ଯନ୍ତ୍ରାଂଶ,<br>ଗଣମାଧ୍ୟମ ଓ<br>ମନୋରଞ୍ଜନ | ଅଭ୍ୟର୍ଥନା,<br>ସ୍ୱାସ୍ଥ୍ୟସେବା,ଶିକ୍ଷା ଓ<br>ଆର୍ଥିକ ସେବା<br>ବୟନ ଶିଳ୍ପ,<br>ପରିବହନ ଓ<br>ଆନୁଷଙ୍ଗିକ<br>ସହାୟତା,<br>ଖଣିଜ ପ୍ରକ୍ରିୟାକରଣ | ନିର୍ମାଣ, ଖୁଚୁରା ବ୍ୟାପାର<br>ବ୍ୟାଙ୍କିଂ ଓ  କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ<br>ବୟନ, ପରିବହନ ଓ<br>ଆନୁଷଙ୍ଗିକ ସହାୟତା<br>ଖଣିଜ ପ୍ରକ୍ରିୟାକରଣ |
| **ରାଜସ୍ଥାନ** | ଇଲେକ୍ଟ୍ରିସିଆନ୍,<br>କମ୍ପ୍ୟୁଟର ଆକାଉଣ୍ଟାନ୍ସି<br>ଆଇଟି / ମୋବାଇଲ୍<br>ମରାମତି,<br>ୱେୟାରିଂ ଓ<br>ମରାମତି (ଘରୋଇ),<br>ଅଟୋମୋବାଇଲ୍ | ବିଦ୍ୟୁତ୍ ମିସ୍ତ୍ରି | ହସ୍ତକଳା ଓ ହସ୍ତତନ୍ତ | ମୋଇଲ୍ ମରାମତି<br>କମ୍ପ୍ୟୁଟର ଆକାଉଣ୍ଟାନ୍ସି<br>ଆଇଟି / ୱେୟାରିଂ ଓ<br>ମରାମତି (ଘରୋଇ),<br>କୋରିୟର ପ୍ରେରଣ<br>ବିକ୍ରି ଓ ବଜାରିକରଣ,<br>ରତ୍ନ ପଥର ଓ ଅଳଙ୍କାର |

| | | | | |
|---|---|---|---|---|
| | ମିସ୍ତ୍ରି, କୋରିୟର ପ୍ରେରଣ<br>ବିକ୍ରି ଓ ବଜାରିକରଣ,<br>ରତ୍ନ ପଥର ଓ ଅଳଙ୍କାର<br>ହସ୍ତଶିଳ୍ପ ଓ ହସ୍ତତନ୍ତ | | | |
| **ପଶ୍ଚିମବଙ୍ଗ** | ନିର୍ମାଣ, ଖୁଚୁରା ବ୍ୟାପାର<br>କୃଷି ଓ ଆନୁଷଙ୍ଗିକ କ୍ଷେତ୍ର<br>କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ,<br>ଝୋଟ କଳ,<br>କୃଷିଯାତ ଖାଦ୍ୟ | ଆଇଟି ଓ ଆଇଟିଜ୍<br>ସ୍ୱାସ୍ଥ୍ୟସେବା,<br>ବ୍ୟାଙ୍କିଂ ଓ ଆର୍ଥିକସେବା<br>ମରାମତି ଓ<br>ପରିଚାଳନା,<br>ଅଟୋ ଇଜିନିୟରିଂ<br>ଶିକ୍ଷା ଓ ତାଲିମ୍<br>ରତ୍ନ ପଥର ଓ ଅଳଙ୍କାର | ପର୍ଯ୍ୟଟନ,<br>ଭ୍ରମଣ ଓ<br>ଅଭ୍ୟର୍ଥନା,<br>ପରିବହନ ଓ<br>ଆନୁଷଙ୍ଗିକ<br>ସହାୟତା,<br>ଯୋଗାଯୋଗ<br>ରବର ଓ ପ୍ଲାଷ୍ଟିକ୍<br>ଇଲେକ୍ଟ୍ରୋନିକ୍<br>ଓ ହାର୍ଡୱେୟାର୍ | ନିର୍ମାଣ ଓ ଖୁଚୁରା<br>ବ୍ୟବସାୟ<br>କୃଷି ଓ ଆନୁଷଙ୍ଗିକ କ୍ଷେତ୍ର<br>ଲଘୁ, କ୍ଷୁଦ୍ର ଓ<br>ମଧ୍ୟମ ଉଦ୍ୟୋଗ<br>ଝୋଟ ଶିଳ୍ପ<br>କୃଷିଜାତ ଖାଦ୍ୟ<br>ପ୍ରକ୍ରିୟାକରଣ |
| **ମହାରାଷ୍ଟ୍ର** | ସୂଚନା ଓ ପ୍ରଯୁକ୍ତି<br>ସଂଗଠିତ ଖୁଚୁରା<br>ବ୍ୟବସାୟ, ନିର୍ମାଣ,<br>କୃଷି ଓ ଆନୁଷଙ୍ଗିକ<br>କ୍ଷେତ୍ର, ରସାୟନ ଓ<br>ଫାର୍ମାସ୍ୟୁଟିକାଲ୍<br>ରତ୍ନ ପଥର ଓ<br>ଅଳଙ୍କାର | ସୂଚନା ଓ ପ୍ରଯୁକ୍ତି,<br>ସଂଗଠିତ ଖୁଚୁରା ବେପାର<br>ପର୍ଯ୍ୟଟନ, ଭ୍ରମଣ<br>ଓ ଅଭ୍ୟର୍ଥନା,<br>ଖାଦ୍ୟ ପ୍ରକ୍ରିୟାକରଣ<br>ଅଟୋ ଓ ଅଟୋ ଯନ୍ତ୍ରାଂଶ | ଗଣମାଧ୍ୟମ ଓ<br>ମନୋରଞ୍ଜନ<br>ବୀମା, ପରିବହନ<br>ଓ ଆନୁଷଙ୍ଗିକ<br>ସହାୟତା<br>ସ୍ୱାସ୍ଥ୍ୟ ସେବା,<br>ଶିକ୍ଷା ଓ ଦକ୍ଷତା ବିକାଶ,<br>ବୟନ ଓ ପୋଷାକ | କୋଠାବାଡ଼ି ଓ ନିର୍ମାଣ<br>ଅନ୍ୟାନ୍ୟ ଉତ୍ପାଦନ କ୍ଷେତ୍ର<br>କୃଷି ଓ ଆନୁଷଙ୍ଗିକ କ୍ଷେତ୍ର<br>ରସାୟନ ଓ ଔଷଧ<br>ରତ୍ନ ପଥର ଓ ଅଳଙ୍କାର |
| **ତାମିଲନାଡୁ** | ନିର୍ମାଣ, ଖୁଚୁରା<br>ବେପାର ଓ ଭ୍ରମଣ,<br>ଅଭ୍ୟର୍ଥନା, ପର୍ଯ୍ୟଟନ<br>ବୀମା ଓ ଅଟୋ<br>ମୋବାଇଲ୍ | ଅଟୋମୋବାଇଲ୍<br>ସୂଚନା ପ୍ରଯୁକ୍ତି<br>ପର୍ଯ୍ୟଟନ, ଭ୍ରମଣ<br>ଓ ଅଭ୍ୟର୍ଥନା<br>ଖୁଚୁରା ବ୍ୟାପାର<br>ବୀମା, ବୈଦ୍ୟୁତିକ<br>ଯନ୍ତ୍ରାଂଶ, ହାର୍ଡୱେୟାର ଶିକ୍ଷା | ବୟନ, ଗଣମାଧ୍ୟମ<br>ଓ ମନୋରଞ୍ଜନ<br>ପରିବହନ ଓ<br>ଆନୁଷଙ୍ଗିକ ସହାୟତା<br>ସ୍ୱାସ୍ଥ୍ୟସେବା,<br>ରିୟଲ ଇଷ୍ଟେଟ୍<br>ହସ୍ତ ଶିଳ୍ପ | ଚମଡ଼ା, ନିର୍ମାଣ, ଖାଦ୍ୟ<br>ପ୍ରକ୍ରିୟାକରଣ,<br>ରତ୍ନପଥର ଓ ଅଳଙ୍କାର<br>ରସାୟନ ଓ ଔଷଧ<br>ଆସବାବ ପତ୍ର,<br>କୃଷି, ହସ୍ତତନ୍ତ ଓ |

ଲେଖିକା ହେଉଛନ୍ତି ନୀତି ଆୟୋଗର ଜଣେ ପରାମର୍ଶ ଦାତ୍ରୀ ।

**ବିଶେଷ ପ୍ରବନ୍ଧ**

# ଷ୍ଟାର୍ଟଅପ୍ ଅଧାରିତ ଉଦ୍ୟୋଗ : ଆହ୍ୱାନ ଓ ପନ୍ଥା

**ସୌରଭ ସାନ୍ୟାଲ**
**ଡଃ ରଞ୍ଜିତ ମେହେତା**

ଭାରତରେ ବାର୍ଷିକ ୧୦ ନିୟୁତ ନିଯୁକ୍ତିର ଆବଶ୍ୟକତା ରହିଛି। ବିଶ୍ୱ ତଥ୍ୟାବଳୀ କହୁଛି ଯେ ଏବେ ବିଭିନ୍ନ ଦେଶରେ ଆଉ ବଡ଼ ଉଦ୍ୟୋଗ ନୁହେଁ ଛୋଟ ଛୋଟ ଉଦ୍ୟୋଗ (ଷ୍ଟାର୍ଟଅପ୍) ହିଁ ନୂଆ ନିଯୁକ୍ତି ସୃଷ୍ଟି କରୁଛି। ଏହି ଷ୍ଟାର୍ଟଅପ୍‌ଗୁଡ଼ିକ ଏବେ ଅଭିନବ କେନ୍ଦ୍ର ପାଲଟିଛି ଏବଂ ଅର୍ଥନୀତିରେ ଅଧିକ ନିଯୁକ୍ତି ସୃଷ୍ଟି କରିବାରେ ବିଶେଷ ସହାୟକ ହେଉଛି। ୨୦୧୬ ଜାନୁଆରୀ ୧୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀର ବିଜ୍ଞାନ ଭବନରୁ ଷ୍ଟାର୍ଟଅପ୍ ଇଣ୍ଡିଆ ପ୍ରୟାସର ଶୁଭାରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଛୋଟ ଛୋଟ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଉଦ୍ୟମୀଙ୍କୁ ପ୍ରୋତ୍ସାହିତ କରିବା ସହ ନୂଆ ନୂଆ କଥା ତିଆରି କରିବା ଏବଂ ଏ କ୍ଷେତ୍ରରେ ଅଭିନବତା ଆଣିବାକୁ ଏକ ପରିବେଶ ସୃଷ୍ଟି କରିବା। ଚାକିରି ଅନ୍ୱେଷଣକାରୀ ରାଷ୍ଟ୍ର ଅପେକ୍ଷା ଭାରତକୁ ଏକ ନିଯୁକ୍ତି ସୃଷ୍ଟିକାରୀ ରାଷ୍ଟ୍ରରେ ପରିଣତ କରିବା ଥିଲା ଏହି ପ୍ରୟାସର ପ୍ରମୁଖ ଲକ୍ଷ୍ୟ।

ପ୍ରଧାନମନ୍ତ୍ରୀଙ୍କ ଏହି ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଦେଶର ଉଦ୍ୟୋଗୀଙ୍କ ମଧ୍ୟରେ ବେଶ୍ କିଛି ଆଶା ଓ ବିଶ୍ୱାସ ସୃଷ୍ଟି କରିପାରିଛି। ଷ୍ଟାର୍ଟଅପ୍‌ର ସଂଖ୍ୟା ଦୃଷ୍ଟିରୁ ଭାରତ ଏବେ ବିଶ୍ୱରେ ନମ୍ବର ୩ ରାଷ୍ଟ୍ର। ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି ପ୍ରୟାସ ଆରମ୍ଭ ହୋଇଛି ତାହା ସଫଳ ହେଲେ ଭାରତ ବିଶ୍ୱର ଏକ ପ୍ରମୁଖ ଡିଜାଇନ୍, ଇନୋଭେସନ୍ ଓ ଷ୍ଟାର୍ଟଅପ୍ ହବ୍‌ରେ ପରିଣତ ହୋଇପାରିବ ଏବଂ ସରକାରଙ୍କ ଏ ସଂକ୍ରାନ୍ତ ଅଙ୍ଗୀକାର ସାକାର ହେବ।

ଏକ ଷ୍ଟାର୍ଟଅପ୍ କମ୍ପାନୀ ବା ଷ୍ଟାର୍ଟଅପ୍ ଏକ ଯୁବଉଦ୍ୟୋଗ ଯାହା ବିକାଶର ଆଦ୍ୟ ପାଦରେ ଥାଏ। ଷ୍ଟାର୍ଟଅପ୍‌ଗୁଡ଼ିକ ସାଧାରଣତଃ କ୍ଷୁଦ୍ର ଏବଂ ପ୍ରାରମ୍ଭିକ ଅବସ୍ଥାରେ ଜଣେ କିମ୍ବା ଅଳ୍ପ କେତେକ ବ୍ୟକ୍ତିଙ୍କ ଆର୍ଥିକ ଅବଦାନରେ ପ୍ରତିଷ୍ଠା ହୋଇଥାଏ। ଏସବୁ କମ୍ପାନୀ ଯେଉଁସବୁ ଦ୍ରବ୍ୟ ଓ ସେବା ଯୋଗାନ୍ତି ତାହା ଏବେ ବଜାରରେ ଉପଲବ୍ଧ ନୁହେଁ କିମ୍ବା ଯାହା ଉପଲବ୍ଧ ତାହାର ମାନ ବହୁତ ଖରାପ ବୋଲି ଷ୍ଟାର୍ଟଅପ୍ ସଂସ୍ଥାପକମାନେ ବିଶ୍ୱାସ କରନ୍ତି। ପ୍ରାରମ୍ଭିକ ଅବସ୍ଥାରେ ଷ୍ଟାର୍ଟଅପ୍‌ଗୁଡ଼ିକର ବ୍ୟୟ ସେମାନଙ୍କ ରାଜସ୍ୱକୁ ବଳିଯାଏ, କାରଣ ସେମାନଙ୍କୁ ନିଜର ପରିକଳ୍ପନାର ବିକାଶ, ପରୀକ୍ଷାନିରୀକ୍ଷା ଏବଂ ବିପଣନ ପାଇଁ ବେଶ କିଛି କାମ କରିବାକୁ ପଡ଼େ। ସେଥିପାଇଁ ପ୍ରାରମ୍ଭିକ ଅବସ୍ଥାରେ ସେମାନେ ଅଧିକ ଅର୍ଥ ଦରକାର କରନ୍ତି। ଏହିସବୁ ଷ୍ଟାର୍ଟଅପ୍‌କୁ ବ୍ୟାଙ୍କ କିମ୍ବା ସମବାୟ ସଂସ୍ଥାରୁ ପାରମ୍ପରିକ ବ୍ୟାବସାୟିକ ଋଣ, ସରକାରୀ ପ୍ରୋତ୍ସାହିତ କ୍ଷୁଦ୍ର ବ୍ୟାବସାୟିକ ଋଣ, ରାଜ୍ୟ ସରକାର ଓ ଅଣଲାଭ-ଅଣକ୍ଷତି ସଂସ୍ଥାରୁ ଅନୁଦାନ ଆକାରରେ ଅର୍ଥ ଯୋଗାଇ ଦିଆଯାଇପାରିବ।

ଷ୍ଟାର୍ଟଅପ୍‌ଗୁଡ଼ିକ ମୁଖ୍ୟତଃ ଦୁଇ ପ୍ରକାରର। ପ୍ରଥମଟି ଯେଉଁ ବିଷୟରେ କେହି ଏଯାଏ ଚିନ୍ତା କରିନାହାନ୍ତି କିମ୍ବା ଏନେଇ କିଛି କରିନାହାନ୍ତି ସେଭଳି କିଛି କରିବା। ଏହା ଅଭିନବ ଶ୍ରେଣୀର। ଏହା କରିବା ଅବଶ୍ୟ ଏତେ ସହଜ ନୁହେଁ; ମାତ୍ର ଥରେ ଏଭଳି ଷ୍ଟାର୍ଟଅପ୍ ଆରମ୍ଭ ହୋଇଗଲେ ତାହା ଅଭୂତପୂର୍ବ ଭାବେ ଆଗେଇ ଚାଲେ। ଦ୍ୱିତୀୟ ଶ୍ରେଣୀର ଷ୍ଟାର୍ଟଅପ୍ ହେଲା ଯେଉଁଥିରେ ବିଶେଷ କିଛି ନୂତନତ୍ୱ ବା ଅଭିନବତା ନ ଥାଏ। ଏହା ନୂଆ ବୋତଲରେ ପୁରୁଣା ମଦ ପୂରାଇ ବେପାର କରିବା ଭଳି କାମ। ଏକ ପୁରୁଣା କାମକୁ କୌଶଳ କରି ନୂଆ ରୂପ ଦେବା ଓ ଏଥିରେ ଅଭିନବତା ଆଣିବାର ପ୍ରୟାସ କରାଯାଇଥାଏ। ଭାରତରେ ଏଭଳି ଉଦ୍ୟୋଗାୟନ ଓ ଷ୍ଟାର୍ଟଅପ୍ ବେଶୀ ପୁରୁଣା ନୁହେଁ। ଏହା ଏକ କଷ୍ଟ ସାଧ୍ୟ ପ୍ରୟାସ। ବିଭିନ୍ନ ଦେଶରେ ଯେଉଁ ସବୁ ଷ୍ଟାର୍ଟଅପ୍ ଉଦ୍ୟମ ଚାଲିଛି ସେଥିରେ ସଫଳତା କମ୍, ବିଫଳତା ଅଧିକ। ଏଥିରେ ସଂପୃକ୍ତ ଉଦ୍ୟୋଗୀକୁ ଅର୍ଥାଭାବ ଓ କଠୋର ସମୟ ଦେଇ ଗତିକରିବାକୁ ପଡ଼ିଥାଏ। ଯେଉଁ ସମାଜ ଉଦ୍ୟୋଗ ସ୍ଥାପନର ବିଫଳତାକୁ ପସନ୍ଦ କରେ ନାହିଁ, ସେଠାରେ ଷ୍ଟାର୍ଟଅପ୍ ଆରମ୍ଭ କରିବା ଓ ଏଥିରେ ସଫଳ ହେବା ସହଜ କଥାନୁହେଁ। ସେଠି ସବୁ ବିଚାର, ପରିକଳ୍ପନା ରୂପନେବା ଆଗରୁ ମରିଯାଏ। ତେଣୁ ଏ କ୍ଷେତ୍ରରେ ସଫଳ ହେବାକୁ ହେଲେ ଷ୍ଟାର୍ଟଅପ୍‌ର ବିଫଳତାକୁ ଏକ ସାଧାରଣ ଘଟଣାଭାବେ ଧରି ତାହାର ତ୍ରୁଟିବିଚ୍ୟୁତିରୁ ଶିଖିବାକୁ ହେବ। ସେହି ଶିକ୍ଷାରୁ ସଫଳତାର ମନ୍ତ୍ର ମିଳିବ।

ଆପଣଙ୍କ ପାଖରେ ବ୍ୟବସାୟର କଳକୌଶଳ ଓ ବିଶେଷ ବୁଦ୍ଧି ନ ଥିଲେ ମଧ୍ୟ ଆପଣ

**ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିପାଇଁ ଏକ ୧୯ ସୂତ୍ର ବିଶିଷ୍ଟ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଶ୍ରମ ଓ ପରିବେଶ ପାଇଁ ପରିପାଳନ ନିମନ୍ତେ ଉଦ୍ୟୋଗୀମାନଙ୍କ ପାଇଁ ଆତ୍ମ ପ୍ରମାଣପତ୍ର ଦେବାର ବ୍ୟବସ୍ଥା ଅଛି। ପେଟେଣ୍ଟ ଓ ବୌଦ୍ଧିକ ସ୍ୱତ୍ତ୍ୱାଧିକାର ଆବେଦନ ପତ୍ର ପୂରଣ କରିବାକୁ ଏକ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ପୁଞ୍ଜି ଲାଭ ଓ ମୂଳ ପୁଞ୍ଜି ଲଗାଣ କ୍ଷେତ୍ରରେ ଟିକସ ଛାଡ଼ ବ୍ୟବସ୍ଥା ହୋଇଛି। ତିନିବର୍ଷ ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି। ଷ୍ଟାର୍ଟଅପ୍ ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଦେବାକୁ ୧୦ହଜାର କୋଟି ଟଙ୍କାର ଏକ କର୍ପସ ପାଣ୍ଠି ସରକାର ଗଠନ କରିଛନ୍ତି ଯାହା ଚାରିବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ।**



ସହପ୍ରତିଷ୍ଠାତାଙ୍କୁ ସାଥିରେ ନେଇ ଏହା ଆରମ୍ଭ କରିପାରିବେ। ଯେଉଁମାନେ ବେପାର ବଣିଜ ଓ ନୂଆ କିଛି କରିବାର ବୁଦ୍ଧି ବିଦ୍ୟାରେ ପାରଙ୍ଗମ ସେମାନଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଆପଣ ମିଳିତ ଉଦ୍ୟୋଗରେ ଷ୍ଟାର୍ଟଅପ୍ କରିପାରିବେ। ଜଣକ ପାଖରେ ଚମତ୍କାର ବିଚାରବୁଦ୍ଧି ଥାଇପାରେ; ମାତ୍ର ତାହାରି ବଳରେ ସେ ଯେ ବ୍ୟବସାୟରେ ସଫଳ ହୋଇପାରିବ ଏମିତି କିଛି ଗ୍ୟାରେଣ୍ଟି ନାହିଁ। ତେଣୁ ଦିଗ୍‌ଦର୍ଶକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଦିଗ୍‌ଦର୍ଶକ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ବିଫଳତାକୁ ସଫଳତାରେ ପରିଣତ କରିବାରେ ସହାୟକ ହୋଇପାରନ୍ତି। ଭାରତରେ ଷ୍ଟାର୍ଟଅପ୍ ପାଇଁ ଉତ୍ତମ ଦିଗ୍‌ଦର୍ଶକଙ୍କର ଅଭାବ ରହିଛି। ଏହି ଦିଗ୍‌ଦର୍ଶକଙ୍କ ପାଇଁ ମଧ୍ୟ ଆବଶ୍ୟକ ବ୍ୟବସ୍ଥା ନାହିଁ। ଯାହା ଚାଲିଛି ତାହା କେବଳ ଅସ୍ଥାୟୀ ଓ କାମଚଳା ଭିତ୍ତିରେ ଚାଲିଛି।

### ପାଣ୍ଠି ଅଭାବ ସମସ୍ୟାର ସମାଧାନ

ଦେଶର ପ୍ରଥମ ପିଢ଼ିର ଅଧିକାଂଶ ଉଦ୍ୟୋଗୀ ସେମାନଙ୍କର ବ୍ୟବସାୟକୁ ଷ୍ଟାର୍ଟଅପ୍ ଇଣ୍ଡିଆ ନୀତିରେ ସରକାର ସ୍ୱୀକୃତି ଦେବା ବ୍ୟବସ୍ଥାକୁ ସ୍ୱାଗତ କରୁଛନ୍ତି। ତେବେ ସେମାନେ ନିଜ ଉଦ୍ୟୋଗ ପାଇଁ ସମ୍ବଳ ବା ପାଣ୍ଠି ଯୋଗାଡ଼, ପେଟେଣ୍ଟ ଓ ବୌଦ୍ଧିକ ସ୍ୱତ୍ୱାଧିକାର ସୁରକ୍ଷା ଆଦି ବ୍ୟବସ୍ଥା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ। ପେଟେଣ୍ଟ ପାଇଁ ଦୀର୍ଘ ପଞ୍ଜୀକରଣ ବ୍ୟବସ୍ଥା ଓ ଗବେଷଣା ଓ ଉନ୍ନୟନ ସକାଶେ ପ୍ରୋତ୍ସାହନର ଅଭାବ ମଧ୍ୟ ଏ କ୍ଷେତ୍ରରେ ଆଉ ଏକ ବଡ଼ ପ୍ରତିବନ୍ଧକ। ସେଥିପାଇଁ ଅନେକ ଉଦ୍ୟୋଗୀ ଭାରତ ବାହାରେ ନିଜର ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଅନେକ ମତ ଦିଅନ୍ତି।

ସରକାରୀ ତଥ୍ୟ ଅନୁସାରେ ୨୦୧୫ ନଭେମ୍ବର ପହିଲା ସୁଦ୍ଧା ୨,୪୬,୪୯୫ ପେଟେଣ୍ଟ ଆବେଦନ ଓ ୫,୩୨,୬୮୨ ଟ୍ରେଡ୍‌ମାର୍କ ଆବେଦନ ଚୂଡ଼ାନ୍ତ ନ ହୋଇ ପଡ଼ିରହିଥିଲା। ଏବେ ଷ୍ଟାର୍ଟଅପ୍ ପାଇଁ ୯୦ ଶତାଂଶ ପାଣ୍ଠି ଦେଶୀ ଅର୍ଥ ଯୋଗାଣ ତଥା ବିଦେଶୀ ଉଦ୍ୟମ ପୁଞ୍ଜି (ଫରେନ ଭେଞ୍ଚର କ୍ୟାପିଟାଲ) ବ୍ୟବସ୍ଥାରେ ଆସୁଛି। ଏହାଦ୍ୱାରା ଷ୍ଟାର୍ଟଅପ୍ ସ୍ଥିତିରେ ପରିବର୍ତ୍ତନ ଘଟିପାରେ। ୨୦୧୫ରେ ଗ୍ରାଣ୍ଟ ଥର୍ଣ୍ଣଟନ ସଂସ୍ଥାଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନ ଅନୁସାରେ ୬୦୦ ଏଭଳି କମ୍ପାନୀ ଘରୋଇ ଓ ବିଦେଶୀ ପୁଞ୍ଜି ନିବେଶ ବ୍ୟବସ୍ଥାରେ ୨ ବିଲିୟନ ଡଲାର ପାଇଛନ୍ତି।

ଏବେ ହୋଇଥିବା ଏକ ଅନୁଧ୍ୟାନ ଅନୁସାରେ ୯୪% ଏଭଳି ନୂଆ ପ୍ରୟାସ ବ୍ୟବସାୟ ଆରମ୍ଭର ଏକବର୍ଷ ମଧ୍ୟରେ ବିଫଳ ହୋଇଥିଲା। ସେମାନଙ୍କ ବିଫଳତା ପଛରେ ପୁଞ୍ଜି ଅଭାବ ପ୍ରମୁଖ କାରଣ ଥିଲା। ଅର୍ଥ ବା ପୁଞ୍ଜି ଯେକୌଣସି ବ୍ୟବସାୟର ଜୀବନ ରେଖା। ତେଣୁ ଏକ ରାଜସ୍ୱ ସୃଷ୍ଟିକାରୀ ବ୍ୟବସାୟ ଆରମ୍ଭ କରିବାକୁ ହେଲେ କେବଳ ପ୍ରଚଣ୍ଡ ପରିଶ୍ରମ ନୁହେଁ, ପୁଞ୍ଜି ରୂପକ ଇନ୍ଧନ ମଧ୍ୟ ଯଥେଷ୍ଟ ଲୋଡ଼ା। ସେଥିପାଇଁ ଉଦ୍ୟମୀକୁ ମଝିରେ ମଝିରେ ନିଜକୁ ପ୍ରଶ୍ନ କରିବାକୁ ପଡ଼େ, ବେପାର ଚଳାଇବାକୁ ପଇସା ଆସିବ କେଉଁଠୁ? ସୁଖର କଥା ଏବେ ବଜାରରେ ଷ୍ଟାର୍ଟଅପ୍‌କୁ ପାଣ୍ଠି ଯୋଗାଇବା ପାଇଁ ବିଭିନ୍ନ ବ୍ୟବସ୍ଥା କାର୍ଯ୍ୟକରୁଛି। ସେ ସମ୍ପର୍କରେ ନିମ୍ନରେ ଆଲୋଚନା କରିବା।

### ମୁଦ୍ରା

ପ୍ରଧାନମନ୍ତ୍ରୀ ମାଇକ୍ରୋ ୟୁନିଟସ୍ ଡେଭେଲପମେଣ୍ଟ ଆଣ୍ଡ ରିଫାଇନାନ୍ସ ଏଜେନ୍ସି ଲିମିଟେଡ (ମୁଦ୍ରା) - ୨୦ ହଜାର କୋଟି ଟଙ୍କାର ପ୍ରାରମ୍ଭିକ ମୂଳଧନରେ ଗଠିତ ଏହି କର୍ପସ ପାଣ୍ଠି ୧୦ ଲକ୍ଷ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାକୁ ସୁବିଧାସୁଯୋଗ ଯୋଗାଇ ଦେବାକୁ ଉଦ୍ଦିଷ୍ଟ। ଆପଣ ନିଜର ବ୍ୟାପାର ସଂକ୍ରାନ୍ତ ଯୋଜନା ଓ ରୂପରେଖ ସହ ମୁଦ୍ରା ଋଣ ପାଇଁ ଆବେଦନ କଲେ ତାହା ଯଦି ଅନୁମୋଦିତ ହୁଏ, ତେବେ ଆପଣଙ୍କୁ ଗୋଟିଏ ମୁଦ୍ରାକାର୍ଡ ମିଳିବ। ଏହା ଏକ କ୍ରେଡିଟ୍‌କାର୍ଡ ଭଳି। ଏହି କାର୍ଡ ମାଧ୍ୟମରେ ଆପଣ କଞ୍ଚାମାଲ କ୍ରୟ କରିପାରିବେ ବା ଅନ୍ୟାନ୍ୟ ଖର୍ଚ୍ଚ ଭରଣା କରିବାରେ ସମର୍ଥ ହେବେ। ଏହି ଯୋଜନାରେ ଉଦ୍ୟୋଗୀଙ୍କୁ ଶିଶୁ, କିଶୋର ଏବଂ ତରୁଣ ଏଭଳି ତିନି ପ୍ରକାରର ଋଣ ଦେବାର ବ୍ୟବସ୍ଥା ଅଛି।

### ଆତ୍ମ ଅର୍ଥ ଯୋଗାଣ ବ୍ୟବସ୍ଥା

ନିଜ ଗରଜ ପାଇଁ ନିଜେ ଅର୍ଥ ବା ପାଣ୍ଠି ବ୍ୟବସ୍ଥା କରିବା (ଇଂରାଜୀରେ ବୁଟ୍ ଷ୍ଟ୍ରାପିଙ୍ଗ) ଷ୍ଟାର୍ଟଅପ୍ ପାଇଁ ଏକ ସଫଳ ବ୍ୟବସ୍ଥା। ତେବେ ପ୍ରଥମ କରି ଉଦ୍ୟୋଗ ଆରମ୍ଭ କରୁଥିବା ଲୋକଙ୍କୁ ଅର୍ଥ ଯୋଗାଡ଼ କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଅତଏବ ପ୍ରଥମ କରି ଉଦ୍ୟୋଗ ଆରମ୍ଭ କରୁଥିବା ବ୍ୟକ୍ତିର ଯୋଜନା ଏବଂ ଦକ୍ଷତା ଉପରେ ଅନେକ କଥା ନିର୍ଭର କରେ ଯାହା ଅର୍ଥ ଯୋଗାଡ଼ରେ ଅସୁବିଧାକୁ ଦୂର କରିଥାଏ।

### ବିଭିନ୍ନ ଉତ୍ସରୁ ଅର୍ଥ ଯୋଗାଡ଼ (କ୍ରାଉଡ୍ ଫଣ୍ଡିଂ)

ଅର୍ଥନୀତିରେ ଯେଉଁ କ୍ରାଉଡ୍ ଫଣ୍ଡିଂ ବ୍ୟବସ୍ଥା ଅଛି ତାହାର ଅର୍ଥ ବିଭିନ୍ନ ସୂତ୍ରରୁ ପାଣ୍ଠି ସଂଗ୍ରହକୁ ବୁଝାଏ। ଏଥିରେ ଋଣ, ପ୍ରାକ୍-ନିର୍ଦ୍ଦେଶ, ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ପୁଞ୍ଜି ଲଗାଣ, ଅଂଶଧନ ସଂଗ୍ରହ ଆଦି ଅନ୍ତର୍ଭୁକ୍ତ। ଏଥିପାଇଁ ଦେଶରେ କ୍ରାଉଡ୍ ଫଣ୍ଡିଂ ପ୍ଲାଟଫର୍ମ ରହିଛି। ଜଣେ ଉଦ୍ୟୋଗୀ ଏହି ମଞ୍ଚରେ ନିଜର ଷ୍ଟାର୍ଟଅପ୍ ଯୋଜନା, ବ୍ୟବସାୟର ରୂପରେଖ, ସମ୍ଭାବ୍ୟ ଲାଭ ସଂକ୍ରାନ୍ତ ସବିଶେଷ ତଥ୍ୟ ଉପସ୍ଥାପନ କରି ପାଣ୍ଠି ସଂଗ୍ରହର ବ୍ୟବସ୍ଥା କରିପାରିବ। ଦେଶରେ ଏବେ ଇଣ୍ଡିଗୋଗୋ, ଉଇଶ୍‌ବେରୀ, କେଟ୍ଟୋ, ଫଣ୍ଡଲାଇନ୍‌ଡ ଆଦି କେତେକ ଲୋକପ୍ରିୟ କ୍ରାଉଡ୍ ଫଣ୍ଡିଂ ସାଇଟସ୍ ରହିଛି। ତା' ମାଧ୍ୟମରେ ଷ୍ଟାର୍ଟଅପ୍ ପାଇଁ ପାଣ୍ଠିଯୋଗାଣ ସହଜ ହୋଇପାରିବ।

### ଆଞ୍ଜେଲ ଇନ୍‌ଭେଷ୍ଟମେଣ୍ଟ

ଆଞ୍ଜେଲ ଇନ୍‌ଭେଷ୍ଟରମାନେ ହେଲେ ସେମାନେ ଯେଉଁମାନଙ୍କ ପାଖରେ ବଳକା ଅର୍ଥ ଅଛି ଏବଂ ସେମାନେ ନୂଆ ଉଦ୍ୟୋଗ ବା ଷ୍ଟାର୍ଟଅପ୍‌ରେ ପାଣ୍ଠି ବିନିଯୋଗ କରିବାକୁ ଆଗ୍ରହୀ। ସେମାନେ ପୁଞ୍ଜି ଲଗାଣ ପୂର୍ବରୁ ଦଳଗତ ବା ଗୋଷ୍ଠୀଗତ ଭାବେ ଅନ୍‌ଲାଇନ୍‌ରେ ଏକ ଷ୍ଟାର୍ଟଅପ୍‌ର ବିଭିନ୍ନ ଦିଗ ପରୀକ୍ଷା ନିରୀକ୍ଷା କରିଦେଖନ୍ତି। ଏହା ତାଙ୍କ ମନକୁ ପାଇଲେ ଓ ଷ୍ଟାର୍ଟଅପ୍‌ଟି ସଫଳ ହେବ

ବୋଲି ସେମାନଙ୍କର ହୃଦ୍‌ବୋଧ ହେଲେ ସେମାନେ ପାଣ୍ଠି ଲଗାଣ ପାଇଁ ଆଗ୍ରହ ଦେଖାନ୍ତି। ପୁଞ୍ଜି ସହ ସେମାନେ ମଧ୍ୟ ଉଦ୍ୟୋଗ ବାବଦରେ ପରାମର୍ଶ ଦେଇଥାନ୍ତି। ଗୁଗୁଲ୍, ଆଲିବାବା ଓ ୟାହୁ ଭଳି କେତେକ ପ୍ରମୁଖ କମ୍ପାନୀ ଆଞ୍ଜେଲ ଇନ୍‌ଭେଷ୍ଟରମାନଙ୍କ ପୁଞ୍ଜି ସହାୟତରେ ପ୍ରତିଷ୍ଠା ହୋଇଛି। କମ୍ପାନୀ ବା ସଂସ୍ଥା ଗଠନ ସମୟରେ ଆଞ୍ଜେଲ ଇନ୍‌ଭେଷ୍ଟରମାନେ ୩୦ ଶତାଂଶ ପର୍ଯ୍ୟନ୍ତ ପୁଞ୍ଜି ନିବେଶ କରିବାକୁ ଆଗ୍ରହ ଦେଖାଇଥାନ୍ତି।

### ଭେଞ୍ଚର କ୍ୟାପିଟାଲ

ଭେଞ୍ଚର କ୍ୟାପିଟାଲ (ଉଦ୍ୟୋଗ ପୁଞ୍ଜି) ପେସାଦାରୀ ଢଙ୍ଗରେ ପରିଚାଳିତ ଏକ ବ୍ୟବସ୍ଥା ଯେଉଁଠି ନିବେଶକ ବିପୁଳ ଲାଭର ସମ୍ଭାବନା ଥିବା କମ୍ପାନୀରେ ପୁଞ୍ଜି ନିବେଶ କରନ୍ତି। ସେମାନେ ସାଧାରଣତଃ ଗୋଟିଏ ବ୍ୟବସାୟରେ ଇକ୍ୱିଟି ସର୍ତ୍ତରେ ଅର୍ଥ ଲଗାନ୍ତି ଏବଂ ସେହି ସଂସ୍ଥାର ମାଲିକାନା ପରିବର୍ତ୍ତନ ହେଲେ ସେଥିରୁ ଓହରିଯାଆନ୍ତି। ଭେଞ୍ଚର କ୍ୟାପିଟାଲରେ ଉଦ୍ୟୋଗ ପାଇଁ ଜ୍ଞାନକୌଶଳ, ପରାମର୍ଶ, ଦିଗ୍‌ଦର୍ଶନ ଓ ତଦାରଖ ବ୍ୟବସ୍ଥା ଆଦି ଉଦ୍ୟୋଗୀକୁ ନିବେଶକ ଯୋଗାଇଦେଇଥାନ୍ତି।

### ବିଜ୍‌ନେସ୍ ଇନ୍‌କ୍ୟୁବେଟର ଓ ଆକ୍‌ସେଲେଟର

କୌଣସି ଏକ ବ୍ୟବସାୟର ପ୍ରାଥମିକ ଅବସ୍ଥାକୁ ଇନ୍‌କ୍ୟୁବେଟର ଏବଂ ଏହାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପାଣ୍ଠି ଯୋଗାଣ ବ୍ୟବସ୍ଥାକୁ ଆକ୍‌ସେଲେଟର କୁହାଯାଉଛି। ପ୍ରତ୍ୟେକ ସହରରେ ବ୍ୟବସାୟକୁ ଏହି ଦୁଇ ପ୍ରକାର ସହାୟତା ପ୍ରାଥମିକ ଅବସ୍ଥାରେ ଯୋଗାଇବା ପାଇଁ ବିଜିନେସ୍ ଇନ୍‌କ୍ୟୁବେଟର ଓ ଆକ୍‌ସେଲେଟର ଏବେ ଉପଲବ୍ଧ। ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଶହ ଶହ ଷ୍ଟାର୍ଟଅପ୍‌କୁ ସହାୟତା ଯୋଗାଇ ଦିଆଯାଉଛି। ଜଣେ ଶିଶୁ ପାଇଁ ତାହାର ପିତାମାତାଙ୍କର ଯେଉଁ ଦାୟିତ୍ୱ ଏକ ଷ୍ଟାର୍ଟଅପ୍ ବା ଉଦ୍ୟୋଗ ପାଇଁ ଇନ୍‌କ୍ୟୁବେଟର ସେହି ଦାୟିତ୍ୱ ନିର୍ବାହ କରେ। ଏହି ଇନ୍‌କ୍ୟୁବେଟର ବ୍ୟବସାୟ ବା ଉଦ୍ୟୋଗକୁ ତିଷ୍ଠି ରହିବାକୁ ଆବଶ୍ୟକ ସାଧନ, ତାଲିମ, ଯୋଗସୂତ୍ର ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ଯୋଗାଏ। ଆକ୍‌ସେଲେଟର ମଧ୍ୟ ପ୍ରାୟ ସମାନ ଦାୟିତ୍ୱ ବହନ କରେ। ସଂକ୍ଷେପରେ କହିଲେ ଇନ୍‌କ୍ୟୁବେଟର ବ୍ୟବସାୟକୁ ଚାଲିବା ଶିଖାଏ ଏବଂ ଆକ୍‌ସେଲେଟର ଏହାକୁ



ଦୌଡ଼ାଏ।

### ମାଇକ୍ରୋଫାଇନାନ୍ସ

ଯେଉଁମାନଙ୍କର ପାରମ୍ପରିକ ବ୍ୟାଙ୍କ ସେବା ସହିତ ସମ୍ପର୍କ ବା ପହଞ୍ଚ ନାହିଁ ସେମାନଙ୍କୁ ମାଇକ୍ରୋଫାଇନାନ୍ସ ସଂସ୍ଥା ଆର୍ଥିକ ସେବା ଯୋଗାଇଥାନ୍ତି। ଯେଉଁମାନେ ବ୍ୟାଙ୍କ ଋଣ ପାଇବାକୁ ଯୋଗ୍ୟ ନୁହଁନ୍ତି ବା ପାଇଲେ ନାମକୁମାତ୍ର ଋଣ ସେମାନଙ୍କୁ ମିଳେ ଏହି ବର୍ଗର ଲୋକେ ସେମାନଙ୍କର ସୀମିତ ଋଣ ଆବଶ୍ୟକତା ପାଇଁ ମୁଖ୍ୟତଃ ମାଇକ୍ରୋ ଫାଇନାନ୍ସ ସଂସ୍ଥା ଉପରେ ନିର୍ଭର କରନ୍ତି। ଅଣ ବ୍ୟାଙ୍କିଙ୍ଗ ଅର୍ଥ ଲଗାଣକାରୀ ନିଗମ ସମୂହ ବ୍ୟାଙ୍କର ଆଇନଗତ ଜଟିଳତା ଓ ସଂଜ୍ଞା ବାହାରେ ରହି ଲୋକଙ୍କୁ ସୁବିଧାରେ ବ୍ୟାଙ୍କ ସେବା ଯୋଗାଇ ଦେଇଥାନ୍ତି।

### ଭାରତ ସରକାରଙ୍କ ଉଦ୍ୟମ

ଷ୍ଟାର୍ଟଅପଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିପାଇଁ ଏକ ୧୯ ସୂତ୍ର ବିଶିଷ୍ଟ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଶ୍ରମ ଓ ପରିବେଶ ନିୟମ ପରିପାଳନ ନିମନ୍ତେ ଉଦ୍ୟୋଗୀମାନଙ୍କ ନିମନ୍ତେ ଆତ୍ମ ପ୍ରମାଣପତ୍ର ଦେବାର ବ୍ୟବସ୍ଥା ଅଛି। ପେଟେଣ୍ଟ ଓ ବୌଦ୍ଧିକ ସ୍ୱତ୍ତ୍ୱାଧିକାର ଆବେଦନ ପତ୍ର ପୂରଣ କରିବାକୁ ଏକ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ପୁଞ୍ଜି ଲାଭ ଓ ମୂଳ ପୁଞ୍ଜି ଲଗାଣ କ୍ଷେତ୍ରରେ ଟିକସ ଛାଡ଼ ବ୍ୟବସ୍ଥା ହୋଇଛି। ତିନିବର୍ଷ ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି। ଷ୍ଟାର୍ଟଅପ୍ ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଦେବାକୁ ୧୦ହଜାର କୋଟି ଟଙ୍କାର ଏକ କର୍ପସ ପାଣ୍ଠି ସରକାର ଗଠନ କରିଛନ୍ତି ଯାହା ଚାରିବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ।

### ଷ୍ଟାର୍ଟଅପ୍ ଇଣ୍ଡିଆ ପାଇଁ ୧୯ ଦଫା କାର୍ଯ୍ୟକ୍ରମ

- ନୀତି ନିୟମ ପାଳନ ପାଇଁ ଆତ୍ମ ପ୍ରମାଣନ ବ୍ୟବସ୍ଥା
- ଷ୍ଟାର୍ଟଅପ୍ ଇଣ୍ଡିଆ ହବ୍ ଜରିଆରେ ଗୋଟିଏ ସ୍ଥାନରେ ସମ୍ପର୍କ ଓ ସମାଧାନ ବ୍ୟବସ୍ଥା

**ଆର୍ଥିକ ବ୍ୟବସ୍ଥାରେ ଯେଉଁ ନୂଆ ପ୍ରତିଯୋଗିତାମୂଳକ ଧାରା ଓ ଗତି ଆସିଛି ସେଥିରେ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ଷ୍ଟାର୍ଟଅପ୍ ଉପଯୁକ୍ତ ବୋଲି କୁହାଯାଇପାରେ। କାରଣ ସେମାନେ ଅର୍ଥ ବ୍ୟବସ୍ଥାକୁ ଅତିରିକ୍ତ ବେଗ ଦେବା ସହ ଏହାକୁ ଅଧିକ ପ୍ରତିଯୋଗିତାମୂଳକ କରିପାରିବେ। ସେମାନେ ପରିବର୍ତ୍ତନରେ ଅଣୁଘଟକ ଭଳି କାର୍ଯ୍ୟ କରିବେ। ଏକ ଉଦ୍ୟୋଗ ଥରେ ପ୍ରତିଷ୍ଠିତ ହୋଇଗଲେ ଶିଳ୍ପାୟନ ପ୍ରକ୍ରିୟା ଦମ୍ ଧରିବ। ଶିଳ୍ପାୟନ ପ୍ରକ୍ରିୟାରେ ବିଭିନ୍ନ ଉଦ୍ୟୋଗୀ ସାମିଲ ହୋଇ ନାନାବିଧ ଶିଳ୍ପ ବ୍ୟବସାୟ ଆରମ୍ଭ କଲେ ଗୋଟିଏ ଗୋଟିଏ ଅଞ୍ଚଳର ଅର୍ଥନୈତିକ ଚିତ୍ର ବଦଳିଯିବ। ଏକ ସମୃଦ୍ଧ ଭାରତ ଗଠନ ଷ୍ଟାର୍ଟଅପ୍ ଇଣ୍ଡିଆର ଲକ୍ଷ୍ୟ।**



● ପଞ୍ଜୀକରଣ, ନିୟମପାଳନ ସଂକ୍ରାନ୍ତ ଆତ୍ମପ୍ରମାଣନ ଘୋଷଣାନାମା, ସୂଚନା ଆଦି ପାଇବା ପାଇଁ ମୋବାଇଲ ଆପ୍ସ ଓ ପୋର୍ଟାଲ ଜରିଆରେ ସରଳ ବ୍ୟବସ୍ଥା ।

●ଆଇନଗତ ସହାୟତା, ପେଟେଣ୍ଟ ପଞ୍ଜିକରଣ ଫି ରେ ୮୦ ଶତାଂଶ ରିଆତି ଓ ତ୍ୱରିତ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା

●ସରକାରୀ ସଂଗ୍ରହ କ୍ଷେତ୍ରରେ କୋହଳ ନୀତି ନିୟମ

●ବ୍ୟବସାୟ ବନ୍ଦ କରିବା ପାଇଁ ସହଜ ଓ ତ୍ୱରିତ ବ୍ୟବସ୍ଥା

●୧୦ ହଜାର କୋଟି ଟଙ୍କାର କର୍ପସ ପାଣ୍ଠି ଜରିଆରେ ପାଣ୍ଠି ଯୋଗାଣ ସହାୟତା

● ଋଣ ଗ୍ୟାରେଣ୍ଟି ବ୍ୟବସ୍ଥା

● ପୁଞ୍ଜିଗତ ଲାଭ ଉପରୁ ଟିକସ ଉଚ୍ଛେଦ

● ତିନି ବର୍ଷ ଯାଏ ଆୟକର ଛାଡ଼

●ଉଚିତ ବଜାର ମୂଲ୍ୟଠାରୁ ଅଧିକ ପୁଞ୍ଜି ଲଗାଣ ଉପରେ ଟିକସ ଛାଡ଼

● ବାର୍ଷିକ ଷ୍ଟାର୍ଟଅପ୍ ମେଳା (ଜାତୀୟ ଓ ଆନ୍ତର୍ଜାତିକ) ଆୟୋଜନ

● ଅଟଳ ଇନୋଭେସନ୍ ମିସନ୍ ମାଧ୍ୟମରେ ବିଶ୍ୱସ୍ତରୀୟ ଇନୋଭେସନ ହବ୍ ପ୍ରତିଷ୍ଠା

● ଦେଶବ୍ୟାପୀ ଇନ୍‌କ୍ୟୁବେଟର ନେଟ୍‌ୱାର୍କ

● ଇନ୍‌କ୍ୟୁବେଟର ତଥା ଗବେଷଣା ଓ ଉନ୍ନୟନ ପାଇଁ ଇନ୍‌କ୍ୟୁବେସନ କେନ୍ଦ୍ରମାନ ପ୍ରତିଷ୍ଠା

● ଇନୋଭେସନକୁ ପ୍ରୋତ୍ସାହିତ କରିବା ପାଇଁ ରିସର୍ଚ୍ଚ ପାର୍କ ନିର୍ମାଣ

●ଜୈବ ପ୍ରଯୁକ୍ତିରେ ଉଦ୍ୟମୀଙ୍କୁ ପ୍ରୋତ୍ସାହିତ କରିବାର ବ୍ୟବସ୍ଥା

● ଛାତ୍ରଛାତ୍ରୀଙ୍କ ପାଇଁ ଇନୋଭେସନ (ଅଭିନବତା) ଭିତ୍ତିକ କାର୍ଯ୍ୟକ୍ରମ

● ବାର୍ଷିକ ଇନ୍‌କ୍ୟୁବେଟର ସମାବେଶ

**ଉପସଂହାର :** ଷ୍ଟାର୍ଟଅପ୍ ଆରମ୍ଭ କରିବାର ଉଦ୍ଦେଶ୍ୟ

**ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥିପାଇଁ ଏକ ୧୯ ସୂତ୍ର ବିଶିଷ୍ଟ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ଶ୍ରମ ଓ ପରିବେଶ ନିୟମ ପରିପାଳନ ନିମନ୍ତେ ଉଦ୍ୟୋଗୀମାନଙ୍କ ନିମନ୍ତେ ଆତ୍ମ ପ୍ରମାଣପତ୍ର ଦେବାର ବ୍ୟବସ୍ଥା ଅଛି । ପେଟେଣ୍ଟ ଓ ବୌଦ୍ଧିକ ସ୍ୱତ୍ତ୍ୱାଧିକାର ଆବେଦନ ପତ୍ର ପୂରଣ କରିବାକୁ ଏକ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ପୁଞ୍ଜି ଲାଭ ଓ ମୂଳ ପୁଞ୍ଜି ଲଗାଣ କ୍ଷେତ୍ରରେ ଟିକସ ଛାଡ଼ ବ୍ୟବସ୍ଥା ହୋଇଛି । ତିନିବର୍ଷ ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି । ଷ୍ଟାର୍ଟଅପ୍ ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଦେବାକୁ ୧୦ହଜାର କୋଟି ଟଙ୍କାର ଏକ କର୍ପସ ପାଣ୍ଠି ସରକାର ଗଠନ କରିଛନ୍ତି ଯାହା ଚାରିବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।**

ଉପରେ ବର୍ଣ୍ଣିତ । ଏଥିପାଇଁ ସରକାର ଯୋଗାଇଦେଉଥିବା ସୁବିଧାସୁଯୋଗ ବିଷୟରେ ମଧ୍ୟ ଆଲୋକପାତ କରାଯାଇଛି । ଏହାସତ୍ତ୍ୱେ ଗୋଟିଏ ଷ୍ଟାର୍ଟଅପ୍ ଯଦି ବିଫଳ ହୁଏ ସରକାର ଏ କ୍ଷେତ୍ରରେ ଏହାର ସମାଧାନ ସୂତ୍ର ଯୋଗାଇ ଦେବା ସହ ସାହାଯ୍ୟ କରିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ସତ୍ତ୍ୱେ ଉଦ୍ୟମୀ ଜଣକ ଯଦି ପୁନର୍ବାର ବିଫଳ ହୁଏ ତେବେ ପ୍ରୟାସରୁ ଓହରିଯିବାକୁ ସରକାର ତାଙ୍କୁ ସୁବିଧା ବାଟ ଦେଖାଇବେ । ୨୦୧୬ ବର୍ଷର ନ'ମାସ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍‌ରେ ୩.୫ ବିଲିୟନ ଡଲାର ଏଞ୍ଜେଲ ଓ ଭେଞ୍ଚର କ୍ୟାପିଟାଲ (ପୁଞ୍ଜି) ୮୧୫ଟି କାରବାରରେ ବିନିଯୋଗ ହୋଇଛି । ତେବେ ତା ପୂର୍ବ ବର୍ଷର ସେହି ସମୟରେ ଏହାଠାରୁ ପ୍ରାୟ ଦୁଇଗୁଣ ଅଧିକ ପୁଞ୍ଜି ଲଗାଣ ହୋଇଥିଲା । ଏବେ ଏହାଦ୍ୱାରା ମୋଟ୍ ୬୩୯ଟି ଷ୍ଟାର୍ଟଅପ୍ ଉପକୃତ ହୋଇଥିଲେ । ଚଳିତ ବର୍ଷ ଏହା ଆହୁରି କମିବ ବୋଲି ସୂଚନା ମିଳୁଛି ।

ଆର୍ଥିକ ବ୍ୟବସ୍ଥାରେ ଯେଉଁ ନୂଆ ପ୍ରତିଯୋଗିତାମୂଳକ ଧାରା ଓ ଗତି ଆସିଛି ସେଥିରେ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ଷ୍ଟାର୍ଟଅପ୍ ଉପଯୁକ୍ତ ବୋଲି କୁହାଯାଇପାରେ । କାରଣ ସେମାନେ ଅର୍ଥ ବ୍ୟବସ୍ଥାକୁ ଅତିରିକ୍ତ ବେଗ ଦେବା ସହ ଏହାକୁ ଅଧିକ ପ୍ରତିଯୋଗିତାମୂଳକ କରିପାରିବେ । ସେମାନେ ପରିବର୍ତ୍ତନରେ ଅଣୁଘଟକ ଭଳି କାର୍ଯ୍ୟ କରିବେ । ଏକ ଉଦ୍ୟୋଗ ଥରେ ପ୍ରତିଷ୍ଠିତ ହୋଇଗଲେ ଶିଳ୍ପାୟନ ପ୍ରକ୍ରିୟା ଦମ୍ ଧରିବ । ଶିଳ୍ପାୟନ ପ୍ରକ୍ରିୟାରେ ବିଭିନ୍ନ ଉଦ୍ୟୋଗୀ ସାମିଲ ହୋଇ ନାନାବିଧ ଶିଳ୍ପ ବ୍ୟବସାୟ ଆରମ୍ଭ କଲେ ଗୋଟିଏ ଗୋଟିଏ ଅଞ୍ଚଳର ଅର୍ଥନୈତିକ ଚିତ୍ର ବଦଳିଯିବ । ଏକ ସମୃଦ୍ଧ ଭାରତ ଗଠନ ଷ୍ଟାର୍ଟଅପ୍ ଇଣ୍ଡିଆର ଲକ୍ଷ୍ୟ । ଅନେକ ଯୁବ ଉଦ୍ୟମୀ ନିଜର କିଛି ବ୍ୟବସାୟ ଓ ସଂସ୍ଥା କରିବାକୁ ସ୍ୱପ୍ନ ଦେଖନ୍ତି; କିନ୍ତୁ ସମ୍ବଳ ଅଭାବରୁ ତାହା ଅଧିକାଂଶ ସମୟରେ ସଫଳ ହୁଏନାହିଁ । ଏହାଦ୍ୱାରା ସେମାନଙ୍କର ବିଚାରବୁଦ୍ଧି, ମେଧା, ଦକ୍ଷତା ଓ ସାମର୍ଥ୍ୟର ଉପଯୁକ୍ତ ବିନିଯୋଗ ହୁଏନାହିଁ । ଏହା ଫଳରେ ଦେଶ ସମ୍ପଦ ସୃଷ୍ଟି, ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ଆଦି କ୍ଷେତ୍ରରେ କ୍ଷତିଗ୍ରସ୍ତ ହୁଏ ।

ଷ୍ଟାର୍ଟଅପ୍ ଇଣ୍ଡିଆ ଉଦ୍ୟୋଗ ସ୍ଥାପନ ଉଦ୍ୟମ ଓ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରୁଛି । ଏଥିପାଇଁ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଯେଉଁମାନଙ୍କର ଦକ୍ଷତା ଓ ନୂଆ କିଛି କରିବାର କ୍ଷମତା, ବୁଦ୍ଧି ଓ କୌଶଳ ଅଛି ସେମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ।

ଲେଖକ ସୌରଭ ସାନ୍ୟାଲ ପିଏଚ୍‌ଡି ଚାମ୍ବର୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ମହାସଚିବ ଏବଂ ଡକ୍ଟର ରଞ୍ଜିତ ମେହେତା ସେହି ସଂସ୍ଥାର ନିର୍ଦ୍ଦେଶକ

ଫୋକସ୍

# ଯୁବ ସମାଜ ପାଇଁ ଯୋଗର ଉପକାରୀତା

ଡକ୍ଟର ଈଶ୍ୱର ଏନ୍. ଆଚାର୍ଯ୍ୟ
ଡକ୍ଟର ରାଜୀବ ରସ୍ତୋଗି

**ଯୋଗ ଏକ ସୁସ୍ଥ ଜୀବନ ଜିଇଁବାର କଳା ଓ ବିଜ୍ଞାନ ଭାବେ ଗଣ୍ୟ। ସମସ୍ତେ ଅସୁସ୍ଥତାରୁ ଦୂରେଇ ରହି ସୁସ୍ଥ ନିରାମୟ ଜୀବନ ବିତାଇବାକୁ ଚାହାଁନ୍ତି। ବାସ୍ତବରେ ଯୋଗ ଭିତରର ଦକ୍ଷତା, କୁଶଳତା ବଢ଼ାଇବା ସହ ଆତ୍ମବିଶ୍ୱାସ ବୃଦ୍ଧିର ଏକ ମାର୍ଗ। ଏହାର ମଧ୍ୟ ଅନ୍ୟାନ୍ୟ ଉପକାର ରହିଛି। ଏହାକୁ ଜୀବନ ଶୈଳୀର ଏକ ପୂର୍ଣ୍ଣାଙ୍ଗ ପରିବର୍ତ୍ତନ ବୋଲି କୁହାଯାଇପାରେ। ଏବେ ଯୁବ ସଂପ୍ରଦାୟ ପାଇଁ ଯୋଗର ଯଥେଷ୍ଟ ଆବଶ୍ୟକତା ରହିଛି। ପାଠପଢ଼ା ହେଉ ଅଥବା ଚାକିରି ବାକିରୀ ସେମାନେ ଏସବୁକୁ ନେଇ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଯୋଗ ପ୍ରକୃତରେ ସେମାନଙ୍କୁ ବାସ୍ତବ ଯୋଗୀକୁ ପରିବର୍ତ୍ତନ କରିପାରିବ।**

ଯୋଗ ଏବେ ସାରା ବିଶ୍ୱରେ ଲୋକପ୍ରିୟ। ଏହା ଅଞ୍ଚଳ, ଧର୍ମ, ଜାତି, ସଂପ୍ରଦାୟ ଓ ଜାତୀୟତାର ପ୍ରାଚୀର ଅତିକ୍ରମ କରି ସମସ୍ତଙ୍କ ପାଖରେ ପହଞ୍ଚିବାକୁ ସକ୍ଷମ ହୋଇଛି। ସ୍ୱାସ୍ଥ୍ୟର ଉନ୍ନତି, ବ୍ୟାଧି ନିରାକରଣ ଏବଂ ବିଭିନ୍ନ ପ୍ରକାର ଜୀବନଶୈଳୀ ଜନିତ ଅସୁସ୍ଥତାର ଦୂରୀକରଣ ପାଇଁ ଏହା ମହୌଷଧି ଭଳି କାମ କରୁଥିବାରୁ ଏହାର ଲୋକପ୍ରିୟତା ବଢ଼ିଛି। ଯୋଗ ମଧ୍ୟ ଏକ ଆଧ୍ୟାତ୍ମିକ ମାର୍ଗ ଯାହା ଶରୀର ଓ ମନ ମଧ୍ୟରେ ପୂର୍ଣ୍ଣ ସଂହତି ଆଣିଥାଏ।

ସାଂପ୍ରତିକ କାଳର ବୈଷୟିକ ବିକାଶ ଆମ ଜୀବନକୁ ଆରାମଦାୟକ କରିଛି। ତେବେ ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ, ପରିବେଶଗତସ୍ଥିତି, ପ୍ରଦୂଷଣ, ଆଧୁନିକ କର୍ମ ସଂସ୍କୃତି ଆଦି ମଣିଷ ଜୀବନକୁ ଅସହଜ କରିଦେଇଛି। ଶାରୀରିକ, ମାନସିକ, ବୌଦ୍ଧିକ, ଆବେଗାତ୍ମକ, ସାମାଜିକ ଓ ଆଧ୍ୟାତ୍ମିକ ଆଦି ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏହା ସମସ୍ୟା ସୃଷ୍ଟି କରିଛି। ଜୀବନର ପ୍ରତ୍ୟେକ ପାଦରେ ଠିକଣା ଦିଗଦର୍ଶନ ଦେବାକୁ ଯୋଗ ଅଭିପ୍ରେତ। ଏହାର ବିଶେଷତ୍ୱ ହେଲା ଏହାକୁ ଅନ୍ୟ ଯେକୌଣସି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସହ ଆପଣେଇ ହେବ। ଫଳରେ ଅନ୍ୟାନ୍ୟ ଚିକିତ୍ସା ବ୍ୟବସ୍ଥାରେ ଥିବା ବ୍ୟକ୍ତି ଔଷଧପତ୍ର ସେବନ ସହିତ ମଧ୍ୟ ଯୋଗାଭ୍ୟାସ ଓ ଯୋଗ ଚିକିତ୍ସା କରିପାରିବେ।

୨୦୧୪ ସେପ୍ଟେମ୍ବର ୨୭ରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ତାଙ୍କ ଭାଷଣରେ କହିଥିଲେ, "ଯୋଗ ଆମ ପ୍ରାଚୀନ ପରମ୍ପରାର ଏକ ଅମୂଲ୍ୟ ଉପହାର। ଏହା ମନ ଓ ଶରୀରକୁ ଏକ କରେ, ଚିନ୍ତନ ଓ କର୍ମକୁ ଯୋଡ଼େ, ପ୍ରାପ୍ତି ଓ ସଂଯମ ମଧ୍ୟରେ ସମନ୍ୱୟ ରଖେ, ମଣିଷ ଓ ପ୍ରକୃତି ମଧ୍ୟରେ ସମନ୍ୱୟ ରକ୍ଷା କରେ, ସ୍ୱାସ୍ଥ୍ୟ ଓ ସୁଖଶାନ୍ତି ଆଣେ। ଯୋଗ କେବଳ ଏକ ବ୍ୟାୟାମ ବିଷୟକ ପ୍ରସଙ୍ଗ ନୁହେଁ। ଏହା ଆମ ଭିତରେ ନିଜକୁ ଖୋଜିପାଇବାର ବିଚାର ସୃଷ୍ଟି କରେ। ପୃଥିବୀ ଓ ପ୍ରକୃତି ମଧ୍ୟରେ ସମ୍ପର୍କ ଯୋଡ଼େ। ଆମେ ଆମର ଜୀବନଶୈଳୀ ବଦଳାଇ ସଚେତନଭାବ ଉଦ୍ରେକ କରାଇ ପାରିଲେ ଏହା ଆମକୁ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାର ମୁକାବିଲା କରିବାରେ ସହାୟକ ହୋଇପାରିବ। ତେଣୁ ଆସନ୍ତୁ ଗୋଟିଏ ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ଗ୍ରହଣ କରିବାକୁ କାର୍ଯ୍ୟ କରିବା।"

ଯୋଗର ଗ୍ରହଣୀୟତା ବ୍ୟାପକ ହୋଇଥିବାରୁ ଏବଂ ଏହାର ଲାଭକୁ ଅଧିକ ଉନ୍ନତ ମାର୍ଗରେ ଉପଯୋଗ କରିବାକୁ ଏହାକୁ ସାରା ବିଶ୍ୱରେ ଲୋକପ୍ରିୟ କରିବା ଉପରେ ପ୍ରଧାନମନ୍ତ୍ରୀ ମଧ୍ୟ ଗୁରୁତ୍ୱ ଦେଇଥିଲେ।

ପରେ ଜୁନ୍ ୨୧କୁ ଜାତିସଂଘ ଅନ୍ତର୍ଜାତିକ ଯୋଗ ଦିବସ ଭାବେ ଘୋଷଣା କରିଥିଲା। ଏହି ପ୍ରସ୍ତାବକୁ ଜାତିସଂଘର ପ୍ରାୟ ୧୭୭ ରାଷ୍ଟ୍ର ସମର୍ଥନ ଜଣାଇଥିଲେ। ଏବେ ସାରା ବିଶ୍ୱ ଆନ୍ତର୍ଜାତିକ ଯୋଗ ଦିବସକୁ ଦେଶ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରୁଛି।

ଭାରତରେ ଆୟୁଷ ମନ୍ତ୍ରଣାଳୟ ଉପରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଥିରେ ସହଯୋଗ କରିବାକୁ ଅନ୍ୟାନ୍ୟ ମନ୍ତ୍ରଣାଳୟକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ଆମେ ତୃତୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରୁଛୁ।

### ଯୋଗ କ'ଣ ?

ଯୋଗ ଏକ ଆଧ୍ୟାତ୍ମିକ ବିଜ୍ଞାନ ଯାହା ପ୍ରାଚୀନ ଭାରତୀୟ ମୁନି ଋଷିମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ଏହା ଏକ ପୂର୍ଣ୍ଣାଙ୍ଗ ଜୀବନ ଯାପନର ବ୍ୟବସ୍ଥା ଯାହା ଭାରତର ପରମ୍ପରା ଓ ସଂସ୍କୃତି ଉପରେ ଆଧାରିତ। ମୁନିଋଷିମାନଙ୍କ ଦ୍ୱାରା ହଜାର ହଜାର ବର୍ଷ ତଳେ ଏହି ବ୍ୟବସ୍ଥା ପ୍ରସ୍ତୁତ ହୋଇଥିଲା। ଭାରତର ପ୍ରାୟ ସବୁ ପ୍ରାଚୀନ ଧର୍ମଗ୍ରନ୍ଥରେ ଯୋଗ ସମ୍ପର୍କରେ ବର୍ଣ୍ଣନା ଓ ଉଲ୍ଲେଖ ଅଛି। ମଧ୍ୟ, ଆଧୁନିକ ଓ ସମସାମୟିକ ସାହିତ୍ୟରେ ମଧ୍ୟ ଯୋଗ ଉପରେ ଅନେକ ତଥ୍ୟ ରହିଛି।

ପତଞ୍ଜଳି ଯୋଗସୂତ୍ର (ଖ୍ରୀପୂ ୪୦୦)କୁ ଯୋଗବିଦ୍ୟା ସଂକ୍ରାନ୍ତ ପ୍ରଥମ ବ୍ୟବସ୍ଥିତ ଲେଖା ବୋଲି ଗ୍ରହଣ କରାଯାଏ। ଏହା ଉପରେ ଅନେକ ଟୀକାକାର ନିଜର ମତାମତ ଦେଇଛନ୍ତି। ପତଞ୍ଜଳି ଯୋଗ ସମ୍ପର୍କରେ ଆଠଟି ମାର୍ଗ ପ୍ରଦାନ କରିଛନ୍ତି ଯାହା 'ଅଷ୍ଟାଙ୍ଗ ଯୋଗ' ଭାବେ ପରିଚିତ। ଏହି ବିଭିନ୍ନ ବର୍ଗର ଲୋକେ ସୁସ୍ଥ ଓ ନିରାମୟ ଜୀବନ ତଥା ବ୍ୟାଧି ନିରାକରଣ ପାଇଁ ଯୋଗାଭ୍ୟାସର ଆଶ୍ରୟ ନେଉଛନ୍ତି। ଯୋଗଭିତ୍ତିକ ଜୀବନ ଚର୍ଯ୍ୟାର ପ୍ରସାର ପାଇଁ ଅନେକ ଯୋଗଗୁରୁ ଓ ଚିକିତ୍ସକ କାର୍ଯ୍ୟ କରୁଛନ୍ତି। ମାନସିକ ଚାପ ଓ ଉତ୍ତେଜନା ପ୍ରଶମନ ତଥା ଅନ୍ୟାନ୍ୟ ମାନସିକ, ଶାରୀରିକ



ଅଷ୍ଟାଙ୍ଗ ଯୋଗରେ ମଣିଷର ସବୁ ଶାରୀରିକ, ମାନସିକ ଦିଗ ପ୍ରତି ଧ୍ୟାନ ଦିଆଯାଇଛି।

ଯୋଗ ମଧ୍ୟ ଏକ ଔଷଧବିହୀନ ଚିକିତ୍ସା ବ୍ୟବସ୍ଥା ଯାହା ନିରାମୟ ଜୀବନ ଓ ସହଜ ଚିକିତ୍ସା ସୁବିଧା ଯୋଗାଏ। ସ୍ୱାସ୍ଥ୍ୟ ଓ ବ୍ୟାଧି ସମ୍ପର୍କରେ ଯୋଗର ନିଜସ୍ୱ ନୀତି ନିୟମ ଓ ବ୍ୟାଖ୍ୟା ରହିଛି। ଏହାର ପ୍ରଥମ ନୀତି ହେଲା ସ୍ୱାସ୍ଥ୍ୟ ପ୍ରତି ସାମଗ୍ରିକ ଲକ୍ଷ୍ୟ ଓ ପଦକ୍ଷେପ। ଏହା ମଧ୍ୟରେ ଜୀବନର ଶାରୀରିକ, ମାନସିକ, ନୈତିକ, ସାମାଜିକ, ଆବେଗାତ୍ମକ ଓ ଆଧ୍ୟାତ୍ମିକ ଦିଗ ସଂପୃକ୍ତ। ସୁସ୍ଥ ଜୀବନ ଓ ବ୍ୟାଧି ନିରାକରଣ ପାଇଁ ଯୋଗରେ ଅନେକ ସହଜ, ସରଳ ସୂତ୍ର ପ୍ରଦାନ କରାଯାଇଛି ଯାହାକୁ ନିୟମିତ ଅଭ୍ୟାସ କରାଯିବା ଆବଶ୍ୟକ। ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ସହିତ ଯୋଗାଭ୍ୟାସକୁ ମଧ୍ୟ ଜାରି ରଖାଯାଇ ପାରିବ ଏବଂ ଏହାର କୌଣସି ଅନିଷ୍ଟକାରୀ ପ୍ରଭାବ ମଣିଷ ଉପରେ ପଡ଼ିବ ନାହିଁ।

ମାନବ ସମାଜର ପରିବର୍ତ୍ତିତ ସ୍ୱାସ୍ଥ୍ୟ ସେବା ଆବଶ୍ୟକତା ପୂରଣ ପାଇଁ ଏବେ ଯୋଗାଭ୍ୟାସକୁ ଗବେଷକ ଓ ଅଭ୍ୟାସକାରୀମାନେ ବ୍ୟାପକ ଭାବେ ଗ୍ରହଣ କରୁଛନ୍ତି। ସେଥିପାଇଁ ଯୋଗ ଏବେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଫଳରେ ସମାଜର ବିଶୃଙ୍ଖଳାର ନିରାକରଣ ପାଇଁ ଯୋଗ ଉପଚାର ଅଧିକରୁ ଅଧିକ କରାଯାଉଛି।

ଯୋଗ କେବଳ ଶାରୀରିକ, ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରୁନାହିଁ। ଏହା ମଧ୍ୟ ରୋଗ ନିରାକରଣ, ଚିକିତ୍ସାରେ ସହାୟକ ହେବା ସହ ଚେତନାର ଉଚ୍ଚତର ସ୍ତରକୁ ବୁଝିବାରେ ମଣିଷକୁ ସକ୍ଷମ କରାଉଛି।


ଯୋଗର ଲୋକପ୍ରିୟ ଅଭ୍ୟାସଗୁଡ଼ିକ ହେଲା, କ୍ରିୟା (ବିଶୋଧନ ବ୍ୟବସ୍ଥା), ସୂର୍ଯ୍ୟନମସ୍କାର, ଆସନ (ଶାରୀରିକ ମୁଦ୍ରା), ପ୍ରାଣାୟାମ (ଶ୍ୱାସ ପ୍ରଶ୍ୱାସ ଅଭ୍ୟାସ), ଶ୍ଲଥନ ବା ଶୈଥିଲ୍ୟ ପ୍ରକ୍ରିୟା, ବନ୍ଧ ଓ ମୁଦ୍ରା ଏବଂ ଧ୍ୟାନ।

### ସୂର୍ଯ୍ୟ ନମସ୍କାର

ସୂର୍ଯ୍ୟ ନମସ୍କାର ପ୍ରକ୍ରିୟାରେ ଶରୀରକୁ ଏକାଦିକ୍ରମେ ୧୨ଟି ମୁଦ୍ରା ଅଭ୍ୟାସ କରାଇବାକୁ ପଡ଼ିଥାଏ। ପ୍ରତ୍ୟୁଷରୁ ଉଠି ଉଦିତ ସୂର୍ଯ୍ୟଙ୍କ ଆଡ଼େ ମୁହଁ କରି ଏସବୁ ଶାରୀରିକ ମୁଦ୍ରା କରିବାକୁ ପଡ଼େ। ଏହା ଫଳରେ ସମଗ୍ର ଶରୀରର ସ୍ନାୟୁତନ୍ତ୍ର, ମାଂସପେଶୀ ଓ ଅଙ୍ଗପ୍ରତ୍ୟେଙ୍ଗ ସଶକ୍ତ, ସଚଳ ହୁଅନ୍ତି। ଏହାକୁ ନିୟମିତ ଅଭ୍ୟାସ କଲେ ଶରୀରରୁ ବିଭିନ୍ନ ଅଂଶକୁ ଆବଶ୍ୟକତା ଅନୁସାରେ ଅମ୍ଳଯାନ ମିଶ୍ରିତ ରକ୍ତ ପ୍ରବାହିତ ହୋଇଥାଏ। ଫଳରେ ଶରୀରର ସବୁ ଅଙ୍ଗ ସୁସ୍ଥ ରହି ଠିକ୍‌ଠାକ୍ କାମ କରେ ଏବଂ ମଣିଷର ଶାରୀରିକ, ମାନସିକ ଭାରସାମ୍ୟ ଅତୁଟ ରହେ।

### ଆସନ

ଶରୀରର ବିଭିନ୍ନ ଅଙ୍ଗକୁ ସ୍ଥିର ଅଥବା ସଚଳ ରଖି ମନ ଓ ଶରୀର ମଧ୍ୟରେ ସ୍ଥିରତା ଓ ସାମ୍ୟ ପ୍ରତିଷ୍ଠା କରାଯାଇଥାଏ। ଏହା ସ୍ନାୟୁତନ୍ତ୍ର, ମାଂସାପେଷୀ, ଅସ୍ଥି ଆଦିକୁ ସଚଳ ଏବଂ ଦକ୍ଷ କରିବା ସହ ମନରେ ଏକାଗ୍ରତା ଭାବ ଓ ସ୍ଥିରତା





ଆଣେ। ଆସନରେ ଶରୀରକୁ କଷ୍ଟ ନ'ଦେଇ ଏହାକୁ ସହଜରେ ଅଭ୍ୟାସ କରିବା ଉଚିତ। ଅଯଥାରେ ଏହାକୁ ବଢ଼ାଇ ଶରୀରିକୁ କଷ୍ଟ ଦେବା ଅନୁଚିତ।

**ପ୍ରାଣାୟାମ**

ନିଶ୍ୱାସ ପ୍ରଶ୍ୱାସର ନିୟନ୍ତ୍ରଣ, ଆଘ୍ରାଣ ଓ ପ୍ରତି ଆଘ୍ରାଣ ଆଦି ଦ୍ୱରା ଶରୀରରେ ଶ୍ୱାସକ୍ରିୟା ଜନିତ କମ୍ପନ ସୃଷ୍ଟି ହୋଇଥାଏ। ଏହା ସ୍ନାୟୁକୁ ମଧ୍ୟ ସ୍ପନ୍ଦିତ କରାଏ। ନିର୍ଦ୍ଧାରିତ ମାର୍ଗରେ ଦୈନିକ ପ୍ରାଣାୟାମ କଲେ ଏହା ଅନେକ ଉପକାର ମଣିଷକୁ ଦିଏ। ପ୍ରାଣାୟାମ ଅଭ୍ୟାସକୁ ବେଶ୍ ସହଜ ଉପାୟରେ କରାଯିବା ଉଚିତ। ଏଥିପାଇଁ କଷ୍ଟସ୍ୱୀକାର ବା ଶରୀରକୁ ପୀଡ଼ା ଦେବା ଭଳି ଅଭ୍ୟାସ ଗ୍ରହଣୀୟ ନୁହେଁ।

**ଧ୍ୟାନ**

ଏକ ଦିଗରେ ମନର ନିରନ୍ତର ଏବଂ ଅବିଚ୍ଛିନ୍ନ ପ୍ରବାହ ଘଟି ଯେଉଁଠି ମନ ସ୍ଥିର ଓ ଅଚଞ୍ଚଳ ହୋଇଯାଏ ତାହା ହିଁ ଧ୍ୟାନ। ଧ୍ୟାନର ମୂଳନୀତି ହେଲା ଅନ୍ତର୍ଚେତନା ଜାଗ୍ରତ କରାଇବା। ଏହି ଅଭ୍ୟାସ ଦ୍ୱାରା ମନକୁ ନିୟନ୍ତ୍ରଣ କରିବାକୁ ପଡ଼େ। ଧ୍ୟାନ ବେଳେ ମନ ବାହ୍ୟ ଜଗତ ଓ ପରିବେଶରୁ ସମ୍ପୂର୍ଣ୍ଣ ଅପସରିଆସି ଏକ ଶୂନ୍ୟ ପରିବେଶରେ ବିଚରଣ କରେ। ନିୟମିତ ଧ୍ୟାନ କଲେ ବ୍ୟକ୍ତିର ଏକାଗ୍ରତା ଶକ୍ତି ବଢ଼େ। ଏହା ଫଳରେ ମଣିଷର ଶାରୀରିକ ଶକ୍ତି, ମାନସିକ ଦକ୍ଷତା, ସୃଜନାତ୍ମକ ଶକ୍ତି, ଶାନ୍ତି, ସ୍ମରଣ ଶକ୍ତି ମେଧା, ମାନସିକ ଶକ୍ତି, ଅନୁମାନ ଓ ବିଚାର ବଢ଼େ।

**ସ୍ୱାସ୍ଥ୍ୟ କାହାକୁ କୁହାଯାଏ ?**

ସ୍ୱାସ୍ଥ୍ୟର ସଂଜ୍ଞା ଅନେକ। ତେବେ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ସ୍ୱାସ୍ଥ୍ୟର ଯେଉଁ ସଂଜ୍ଞା ନିର୍ଦ୍ଧାରଣ କରିଛି ତାହା ଆଧୁନିକ ଓ ଯଥାର୍ଥ ମନେ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସମ୍ବିଧାନରେ ଯେଉଁ ପ୍ରସ୍ତାବନା (ପ୍ରିଆମ୍ବଲ) ରହିଛି ସେଥିରେ ଲେଖାଯାଇଛି – 'ସ୍ୱାସ୍ଥ୍ୟ ଏକ ପୂର୍ଣ୍ଣାଙ୍ଗ ଶାରୀରିକ, ମାନସିକ ଓ ସାମାଜିକ କୁଶଳ ମଙ୍ଗଳ ସ୍ଥିତି ଏବଂ ଏହା କେବଳ ବ୍ୟାଧି ବା ଦୁର୍ବଳତା କିମ୍ବା ଅସୁସ୍ଥତା ନୁହେଁ।'

**ଯୋଗ ଏବଂ ଯୁବବର୍ଗ**

ଯୋଗ ଏକ ସୁସ୍ଥ ଜୀବନ ଜିଇଁବାର କଳା ଓ ବିଜ୍ଞାନ ଭାବେ ଗଣ୍ୟ। ସମସ୍ତେ ଅସୁସ୍ଥତାରୁ ଦୂରେଇ ରହି ସୁସ୍ଥ ନିରାମୟ ଜୀବନ ବିତାଇବାକୁ ଚାହାନ୍ତି। ବାସ୍ତବରେ ଯୋଗ ଭିତରର ଦକ୍ଷତା, କୁଶଳତା ବଢ଼ାଇବା ସହ ଆତ୍ମବିଶ୍ୱାସ ବୃଦ୍ଧିର ଏକ ମାର୍ଗ। ଏହାର ମଧ୍ୟ ଅନ୍ୟାନ୍ୟ ଉପକାର ରହିଛି। ଏହାକୁ ଜୀବନଶୈଳୀର ଏକ ପୂର୍ଣ୍ଣାଙ୍ଗ ପରିବର୍ତ୍ତନ ବୋଲି କୁହାଯାଇପାରେ।

ଏବେ ଯୁବ ସଂପ୍ରଦାୟ ପାଇଁ ଯୋଗର ଯଥେଷ୍ଟ ଆବଶ୍ୟକତା ରହିଛି। ପାଠପଢ଼ା ହେଉ ଅଥବା ଚାକିରି ବାକିରୀ ସେମାନେ ଏସବୁକୁ ନେଇ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଯୋଗ ପ୍ରକୃତରେ ସେମାନଙ୍କୁ ବାସ୍ତବ ଯୋଗୀକୁ ପରିବର୍ତ୍ତନ କରିପାରିବ। ସେମାନେ ଏହା ବଳରେ ଦୈନନ୍ଦିନ ଜୀବନର ଗୁରୁତର ଆହ୍ୱାନଗୁଡ଼ିକୁ ସଫଳତାର ସହ ମୁକାବିଲା କରିପାରିବେ। ଯୋଗ ମଣିଷର ବ୍ୟକ୍ତିତ୍ୱକୁ ସବୁଦିଗରୁ ବଢ଼ାଏ। ମଣିଷର ମାନସିକ, ଶାରୀରିକ, ନୈତିକ, ସାମାଜିକ ଭାବଗତ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଓ ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣି ଯୋଗ ମଣିଷକୁ ଏକ ସ୍ୱତନ୍ତ୍ର ବ୍ୟକ୍ତି ଭାବେ ଗଢ଼ିତୋଳେ। ଏହା ଶରୀରର ସମସ୍ତ ଅଙ୍ଗକୁ ପ୍ରଭାବିତ କରେ, ଲୟ ଓ ଧୈର୍ଯ୍ୟ ବଢ଼ାଏ, ଯୋଗାଭ୍ୟାସକାରୀକୁ ଶାନ୍ତ ଓ ସ୍ଥିର ରଖେ। ଆଜିର ଯୁଗ ପାଇଁ ଏହା ବିଶେଷ ଉପଯୋଗୀ।

ଭାରତ ୧୨୫ କୋଟି ଜନସଂଖ୍ୟାର ଏକ ବିରାଟ ଦେଶ। ଦେଶର ବିକାଶ ଏହାର ନାଗରିକଙ୍କ ସ୍ୱାସ୍ଥ୍ୟ ଉପରେ ନିର୍ଭରକରେ। ଦେଶର ଲୋକ ଅସୁସ୍ଥ, ଦୁର୍ବଳ ହେଲେ ଏହାର ବିକାଶ ପ୍ରକ୍ରିୟା ଧିମେଇ ଯିବ। ତେଣୁ ଲୋକଙ୍କ ସ୍ୱାସ୍ଥ୍ୟ, ବିଶେଷ କରି ଯୁବବର୍ଗଙ୍କ ସ୍ୱାସ୍ଥ୍ୟର ଗୁରୁତ୍ୱ ଦେଶ ପାଇଁ ଅଧିକ। ଯୋଗ ମୂଳତଃ ଏକେ ଆଧ୍ୟାତ୍ମିକ ବିଜ୍ଞାନ। ଏହା ଛଡ଼ା ଯୋଗ ମଧ୍ୟ ଏକ ସୁସ୍ଥ ଜୀବନ ପାଇଁ ଏକ ବିଜ୍ଞାନ ଭିତ୍ତିକ ମାର୍ଗ। ଏହାର ରୋଗ ନିରାକରଣ ଓ ସ୍ୱାସ୍ଥ୍ୟବର୍ଦ୍ଧକ ଶକ୍ତି ରହିଛି। ଯୋଗ

**୨୦୧୪ ସେପ୍ଟେମ୍ବର ୨୭ରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ତାଙ୍କ ଭାଷଣରେ କହିଥିଲେ, "ଯୋଗ ଆମ ପ୍ରାଚୀନ ପରମ୍ପରାର ଏକ ଅମୂଲ୍ୟ ଉପହାର। ଏହା ମନ ଓ ଶରୀରକୁ ଏକ କରେ, ଚିନ୍ତନ ଓ କର୍ମକୁ ଯୋଡ଼େ, ପ୍ରାପ୍ତି ଓ ସଂଯମ ମଧ୍ୟରେ ସମନ୍ୱୟ ରଖେ, ମଣିଷ ଓ ପ୍ରକୃତି ମଧ୍ୟରେ ସମନ୍ୱୟ ରକ୍ଷା କରେ, ସ୍ୱାସ୍ଥ୍ୟ ଓ ସୁଖଶାନ୍ତି ଆଣେ। ଯୋଗ କେବଳ ଏକ ବ୍ୟାୟାମ ବିଷୟକ ପ୍ରସଙ୍ଗ ନୁହେଁ। ଏହା ଆମ ଭିତରେ ନିଜକୁ ଖୋଜିପାଇବାର ବିଚାର ସୃଷ୍ଟି କରେ। ପୃଥିବୀ ଓ ପ୍ରକୃତି ମଧ୍ୟରେ ସମ୍ପର୍କ ଯୋଡ଼େ। ଆମେ ଆମର ଜୀବନଶୈଳୀ ବଦଳାଇ ସଚେତନଭାବ ଉଦ୍ରେକ କରାଇ ପାରିଲେ ଏହା ଆମକୁ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାର ମୁକାବିଲା କରିବାରେ ସହାୟକ ହୋଇପାରିବ। ତେଣୁ ଆସନ୍ତୁ ଗୋଟିଏ ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ଗ୍ରହଣ କରିବାକୁ କାର୍ଯ୍ୟ କରିବା ।"**

ଜୀବନର ସବୁକ୍ଷେତ୍ରରେ ସଂହତି ଓ ସମନ୍ୱୟ ଆଣେ। ଏହା ମଧ୍ୟ ଦୈନିକ ଜୀବନ ଚର୍ଯ୍ୟାକୁ ପ୍ରଭାବିତ କରେ। ଏହାର ନିୟମିତ ଅଭ୍ୟାସ ମଣିଷ ଭିତରେ ଗଠନମୂଳକ ପରିବର୍ତ୍ତନ, ଅସ୍ତିବାଚକ ମନୋଭାବ ଓ ଉତ୍ତମ ବିଚାର ଆଣେ। ଯୋଗର ଆରୋଗ୍ୟକାରୀ ଶକ୍ତି ସମ୍ପର୍କରେ ବହୁ ଗବେଷକ ଅନେକ ଗବେଷଣାତ୍ମକ ସନ୍ଦର୍ଭ ଓ ତଥ୍ୟ ପ୍ରମାଣ ଉପସ୍ଥାପନ କରିଛନ୍ତି। ଜୀବନଶୈଳୀ ଜନିତ ବ୍ୟାଧି ଓ ସମସ୍ୟାର ନିରାକରଣରେ ଯୋଗ ବିଶେଷ ସହାୟକ ହେଉଥିବାରୁ ବିଶ୍ୱବ୍ୟାପୀ ଏହାର ଗ୍ରହଣୀୟତା ବଢ଼ିଛି।

**ଜୁନ୍ ୨୧କୁ ଜାତିସଂଘ ଅନ୍ତର୍ଜାତିକ ଯୋଗ ଦିବସ ଭାବେ ଘୋଷଣା କରିଥିଲା। ଏହି ପ୍ରସ୍ତାବକୁ ଜାତିସଂଘର ପ୍ରାୟ ୧୭୭ ରାଷ୍ଟ୍ର ସମର୍ଥନ ଜଣାଇଥିଲେ। ଏବେ ସାରା ବିଶ୍ୱ ଆନ୍ତର୍ଜାତିକ ଯୋଗ ଦିବସକୁ ଦେଶ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରୁଛି।**

### ଯୋଗ ଓ ଗବେଷଣା

ଅଣ ସଂକ୍ରାମକ ବ୍ୟାଧିର ନିରାକରଣ ଓ ଚିକିତ୍ସା କ୍ଷେତ୍ରରେ ଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଶତକର୍ମ, ଆସନ, ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ, ଧ୍ୟାନ ଆଦି ଯୋଗାଭ୍ୟାସ ସହିତ, ଉପବାସ, ଖାଦ୍ୟ ନିୟନ୍ତ୍ରଣ, କର୍ଦ୍ଦମ ଚିକିତ୍ସା, ଜଳ ଚିକିତ୍ସା, ମର୍ଦ୍ଦନ ଚିକିତ୍ସା, ବାୟୁ ଚିକିତ୍ସା ଭଳି ପ୍ରାକୃତିକ ଚିକିତ୍ସାକୁ ଆପଣାଇ ଲୋକେ ବ୍ୟାଧିମୁକ୍ତ ସୁସ୍ଥ ଓ ସୁଖଦ ଜୀବନ ବିତାଇ ପାରିବେ। ଉଚ୍ଚରକ୍ତଚାପ, ହୃଦ୍‌ସମସ୍ୟା, ମଧୁମେହ, ମାନସିକ ଚାପ, ବିଷାଦ, ଉତ୍କଣ୍ଠା, ନିଦ୍ରାହୀନତା ଭଳି ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାରେ ଯୁବ ସମାଜ ଅଧିକ ଆକ୍ରାନ୍ତ। ଯୋଗାଭ୍ୟାସ ଦ୍ୱାରା ହୃଦ୍‌ରୋଗ ଭଳି ସମସ୍ୟାର ଦୂରୀକରଣ ସମ୍ଭବ ବୋଲି ଗବେଷଣାରୁ ଜଣାପଡ଼ିଛି। ଯୋଗାଭ୍ୟାସ ସହଜ ଓ ସରଳ ଏବଂ ଏଥିପାଇଁ ବିଶେଷ ଅର୍ଥ ବ୍ୟୟ କରିବାକୁ ପଡ଼େ ନାହିଁ। ତେଣୁ ହୃଦ୍‌ରୋଗ ଓ ଅନ୍ୟାନ୍ୟ ଜୀବନଶୈଳୀ ଜନିତ ବ୍ୟାଧିର ଚିକିତ୍ସା ଓ ମୁକାବିଲା ପାଇଁ ଯୋଗାଭ୍ୟାସକୁ ଗ୍ରହଣ କଲେ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରକରାଯାଇପାରିବ। ଅଣସଂକ୍ରାମକ ବ୍ୟାଧି ଯଥା ଉଚ୍ଚରକ୍ତଚାପ, ମଧୁମେହ, ହୃଦ୍‌ରୋଗ, ମାନସିକ ଚାପ ଆଦିକୁ ନିୟମିତ ଯୋଗାଭ୍ୟାସ ଦ୍ୱାରା ଏଡ଼ାଇ ହେବ ବୋଲି ବହୁ ଗବେଷଣାରୁ ପ୍ରମାଣିତ ହୋଇଛି। ଯୁବସମାଜର ସ୍ୱାସ୍ଥ୍ୟ ଉପରେ ଖାଦ୍ୟ ଓ ଖାଦ୍ୟାଭ୍ୟାସର ଯଥେଷ୍ଟ ପ୍ରଭାବ ରହିଛି। ସୁଷମ ଖାଦ୍ୟ ଅନେକ ରୋଗକୁ ଦୂରେଇ ରଖେ। ଖାଦ୍ୟ ଗ୍ରହଣରେ ଅନିୟମିତତା, ସଂରକ୍ଷିତ ଓ ଚଟପଟି ଖାଦ୍ୟ, ଅଧିକ ତେଲ, ମସଲା ଓ ଚର୍ବିଯୁକ୍ତ ଖାଦ୍ୟ ଗ୍ରହଣ, ଧୂମପାନ, ମଦ୍ୟପାନ, ନିଶା ଔଷଧ ସେବନ, ଆବଶ୍ୟକ ନିଦ୍ରା ଓ ବିଶ୍ରାମର ଅଭାବ, ଶାରୀରିକ ଶ୍ରମ ନ କରିବା ଆଦି ରୋଗକୁ ନିମନ୍ତ୍ରଣ କରିଥାଏ। ଯୋଗ ଏକ ଏପରି ବ୍ୟବସ୍ଥା ଯାହାକୁ ଅଭ୍ୟାସ କଲେ ରୋଗ ଦୂର ହୁଏ ଓ ଏହାର ଶରୀର ଉପରେ କୌଣସି ଖରାପ ପ୍ରଭାବ ପଡ଼େ ନାହିଁ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବା ପାଇଁ ଯୁବସମାଜ ନିମନ୍ତେ ଯୋଗ ହିଁ ପ୍ରକୃଷ୍ଟ ମାଧ୍ୟମ। ଦେଶର ନାଗରିକ ବିଶେଷତଃ ଯୁବ ସମାଜ ସୁସ୍ଥସବଳ, ନିଃରୋଗ ରହିଲେ ଦେଶର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଯୋଗ ଅସ୍ତିବାଚକ ଆଭିମୁଖ୍ୟ ସୃଷ୍ଟି କରେ ଓ ସ୍ୱାସ୍ଥ୍ୟକୁ ଠିକ୍ ରଖେ। ଉଭୟ ଶରୀର ଓ ମନକୁ ସୁସଂହତ କରି ରଖୁଥିବା ଯୋଗର ଉପଯୁକ୍ତ ସାଧନ ଓ ଅଭ୍ୟାସ ସମସ୍ତଙ୍କର ଧ୍ୟେୟ ହେବା ଉଚିତ।

**ଏବେ ଯୁବ ସଂପ୍ରଦାୟ ପାଇଁ ଯୋଗର ଯଥେଷ୍ଟ ଆବଶ୍ୟକତା ରହିଛି। ପାଠପଢ଼ା ହେଉ ଅଥବା ଚାକିରି ବାକିରୀ ସେମାନେ ଏସବୁକୁ ନେଇ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଯୋଗ ପ୍ରକୃତରେ ସେମାନଙ୍କୁ ବାସ୍ତବ ଯୋଗୀକୁ ପରିବର୍ତ୍ତନ କରିପାରିବ। ସେମାନେ ଏହା ବଳରେ ଦୈନନ୍ଦିନ ଜୀବନର ଗୁରୁତର ଆହ୍ୱାନଗୁଡ଼ିକୁ ସଫଳତାର ସହ ମୁକାବିଲା କରିପାରିବେ। ଯୋଗ ମଣିଷର ବ୍ୟକ୍ତିତ୍ୱକୁ ସବୁଦିଗରୁ ବଢ଼ାଏ। ମଣିଷର ମାନସିକ, ଶାରୀରିକ, ନୈତିକ, ସାମାଜିକ ଭାବଗତ ଓ ଆଧାତ୍ମିକ ବ୍ୟକ୍ତିତ୍ୱ ଓ ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣି ଯୋଗ ମଣିଷକୁ ଏକ ସ୍ୱତନ୍ତ୍ର ବ୍ୟକ୍ତି ଭାବେ ଗଢ଼ିତୋଳେ। ଏହା ଶରୀରର ସମସ୍ତ ଅଙ୍ଗକୁ ପ୍ରଭାବିତ କରେ, ଲୟ ଓ ଧୈର୍ଯ୍ୟ ବଢ଼ାଏ, ଯୋଗାଭ୍ୟାସକାରୀକୁ ଶାନ୍ତ ଓ ସ୍ଥିର ରଖେ। ଆଜିର ଯୁଗ ପାଇଁ ଏହା ବିଶେଷ ଉପଯୋଗୀ।**

ଲେଖକ ଡକ୍ଟର ଆଚାର୍ଯ୍ୟ ପ୍ରାକୃତିକ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଓ ଡକ୍ଟର ରସ୍ତୋଗି ଏହି ବିଭାଗର ସହକାରୀ ନିର୍ଦ୍ଦେଶକ।

# ପଶ୍ଚିମ ଓଡିଶାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟଗୁଡିକରେ ପ୍ରଶାସନିକ କ୍ଷମତା ଭୁବନେଶ୍ୱରକୁ ସ୍ଥାନାନ୍ତରିତ

ଓଡ଼ିଶାର ପଶ୍ଚିମତଟରେ ଥିବା ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ମାନଙ୍କର ପ୍ରଶାସନିକ କ୍ଷମତା ଡେପୁଟି କମିଶନର ରାଞ୍ଚି ଏବଂ ରାୟପୁର ଅଧୀନରେ ଥିବାବେଳେ ଏହି ସବୁ ଅଞ୍ଚଳରେ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମଙ୍କ ଅନୁରୋଧକ୍ରମେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭଡେକର ଓଡ଼ିଶାର ପଶ୍ଚିମତଟ ଯଥା ସୁନ୍ଦରଗଡ ଏବଂ ଝାରସୁଗୁଡା ଅଞ୍ଚଳରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଗୁଡିକର ପ୍ରଶାସନିକ ବ୍ୟବସ୍ଥା ନୂତନ ଭାବରେ ଡେପୁଟି କମିଶନର ଭୁବନେଶ୍ୱର ଅଧୀନକୁ ସ୍ଥାନାନ୍ତରିତ କରିଛନ୍ତି। ଏହା ଦ୍ୱାରା ଓଡ଼ିଶାରେ ଥିବା ସମସ୍ତ ୫୭ଟି ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଭୁବନେଶ୍ୱର ସଞ୍ଚାଳିତ ହେବ ।

ଫୋକସ୍

# ଯୁବ ସଶକ୍ତୀକରଣ ଏବଂ ଯୋଗ

ଈଶ୍ୱର ଭି. ବାସବରାଡ୍ଡୀ



ଯୁବ ସଶକ୍ତୀକରଣ ଏକ ପ୍ରକ୍ରିୟା । ଯେଉଁଠି ପିଲା ଓ ଯୁବଗୋଷ୍ଠୀ ନିଜ ଜୀବନ ଗଢ଼ିବାର ଦାୟିତ୍ୱ ନେବା ଲାଗି ପ୍ରୋତ୍ସାହିତ ହୋଇଥାନ୍ତି । ପରିସ୍ଥିତିକୁ ସାମ୍ନା କରିବା ସହିତ ଉପଲବ୍ଧ ସମ୍ବଳର ଉନ୍ନତି ଘଟାଇବା ଏବଂ ନିଜ ନିଜର ବିଶ୍ୱାସ, ମୂଲ୍ୟବୋଧ ଓ ଆଚାର ବ୍ୟବହାର ପ୍ରତି ସତର୍କ ତଥା ସଚେତନ ରହି ନିଜ ଭିତରେ ସଂସ୍କାର ଏବଂ ପରିବର୍ତ୍ତନ ଘଟାଇଥାନ୍ତି । ଜୀବନଧାରଣର ମାନରେ ଉନ୍ନତି ଆଣିବା ଯୁବ ସଶକ୍ତୀକରଣର ଲକ୍ଷ୍ୟ । ଯୁବ ସଶକ୍ତୀକରଣ କାର୍ଯ୍ୟକ୍ରମରେ ଭାଗନେବା ଦ୍ୱାରା ଏହାକୁ ହାସଲ କରିହୁଏ ।

ଯୁବ ବିକାଶଠାରୁ ଯୁବ ସଶକ୍ତୀକରଣ ଭିନ୍ନ କଥା । କାରଣ ବିକାଶ କହିଲେ ବ୍ୟକ୍ତିଗତ ଉନ୍ନତିକୁ ଗୁରୁତ୍ୱ ଦିଆଯାଇଥାଏ । ମାତ୍ର ସଶକ୍ତୀକରଣ ହେଉଛି ସେମାନଙ୍କ ସ୍ୱାୟତ୍ତତା ଓ ଆତ୍ମବଳ ବୃଦ୍ଧି କରିବା । ଏପରିକି ଗୋଷ୍ଠୀ ଜୀବନରେ ସେମାନଙ୍କ ଆଗ୍ରହ ଓ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେଇ ଦୃଢ଼ନିଶ୍ଚିତ ହୋଇ ନିଜ କ୍ଷମତା ଜରିଆରେ କାର୍ଯ୍ୟ ସମାପନ ଦିଗରେ ଅଗ୍ରସର ହେବା ।

ଯୁବ ସଶକ୍ତୀକରଣକୁ ତିନିଟି ପର୍ଯ୍ୟାୟରେ ବିଭକ୍ତୀକରଣ କରାଯାଇପାରେ । ଯଥା- ବ୍ୟକ୍ତିଗତ ସଶକ୍ତୀକରଣ, ସାଂଗଠନିକ ସଶକ୍ତୀକରଣ ଏବଂ ଗୋଷ୍ଠୀଗତ ସଶକ୍ତୀକରଣ ।

### ବ୍ୟକ୍ତିଗତ ସଶକ୍ତୀକରଣ

ଯୁବ କିମ୍ବା ପ୍ରୌଢ଼ ଦକ୍ଷତା ବିକାଶ ହେଉଛି ନିୟନ୍ତ୍ରଣ ସୃଷ୍ଟି ସହିତ ସାମର୍ଥ୍ୟର ଉନ୍ନତି ଘଟାଇବା । ଏପିକି ସୂକ୍ଷ୍ମ ସଚେତନତାର ବିକାଶ ସହିତ ସଂଗଠନ ଓ ଗୋଷ୍ଠୀର ସଶକ୍ତୀକରଣ ଲାଗି ମିଳିତ ପ୍ରୟାସ ଜାରି ରଖିବା ।

### ସଂଗଠନାତ୍ମକ ସଶକ୍ତୀକରଣ

ଜୀବନ ଉପରେ ନିୟନ୍ତ୍ରଣ, ସେବା ବ୍ୟବସ୍ଥାରେ ବିକଳ୍ପ, ଏପରିକି ନୀତିଗତ ନିଷ୍ପତ୍ତିକୁ ପ୍ରଭାବିତ କରିବାର ଦକ୍ଷତା ବୃଦ୍ଧି କୌଶଳ ଶିକ୍ଷା ଲାଭ ସାଂଗଠନିକ ସଶକ୍ତୀକରଣ ଦ୍ୱାରା ଉଭୟ ଯୁବପୀଢ଼ି ଓ ପ୍ରୌଢ଼ଙ୍କ କ୍ଷେତ୍ରରେ ହୋଇଥାଏ । **ଗୋଷ୍ଠୀଗତ ସଶକ୍ତୀକରଣ**

ଗୋଷ୍ଠୀଗତ ଜୀବନରେ ଉନ୍ନତି ଆଣିବା, ଉତ୍ତମ ଜୀବନଧାରଣ କ୍ଷେତ୍ରରେ ଆସୁଥିବା ସମସ୍ୟାର ମୁକାବିଲା କରିବା ଏବଂ ସ୍ଥାନୀୟ, ରାଜ୍ୟ ଓ ଜାତୀୟ ସ୍ତରରେ ଜନଭାଗୀଦାରି ଲାଗି ସୁଯୋଗ ପ୍ରଦାନ କରିବା ।

### ଯୁବପୀଢ଼ିଙ୍କ ସ୍ୱାସ୍ଥ୍ୟ ସମସ୍ୟା

ମିଳୁଥିବା ତଥ୍ୟ ସୂଚୀତ କରାଏ ଯେ ଯୁବପୀଢ଼ି ଏବେ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ କବଳିତ । ବ୍ୟକ୍ତିଗତ ପସନ୍ଦ /ନାପସନ୍ଦ, ପରିବେଶର ପ୍ରଭାବ, ପରିବର୍ତ୍ତିତ ଜୀବନଶୈଳୀ, ଏକାଧିକ ସଂକ୍ରମିତ ଓ ଅଣସଂକ୍ରମିତ ସ୍ୱାସ୍ଥ୍ୟ ସମସ୍ୟା ହିଁ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । କେବଳ ଯୁବପୀଢ଼ି ସାମାଜିକ ଓ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇନଥାନ୍ତି; ବରଂ ମାନସିକ ସମସ୍ୟା ବି ତାଙ୍କୁ କବଳିତ କରିଥାଏ । ସମ୍ପର୍କର ଜଟିଳତା, ନିସଙ୍ଗତାର ଯନ୍ତ୍ରଣାଦାୟକ ଜୀବନ ସେମାନଙ୍କୁ ନିଶା, ଔଷଧ ଓ ମଦ୍ୟପାନ ଲାଗି ପ୍ରବର୍ତ୍ତାଇଥାଏ । କାର୍ଯ୍ୟକ୍ଷେତ୍ରରେ ଚାପ, ମନ ଭିତରେ ବଢ଼ୁଥିବା ଅବସାଦ ଓ ପରିବାରର ଏକାଧିକ ଦାୟିତ୍ୱବୋଧ ସେମାନଙ୍କ ସମସ୍ୟାକୁ ଅଧିକ ଭାରାକ୍ରାନ୍ତ କରିଥାଏ । ଉପଯୁକ୍ତ ପରାମର୍ଶର ଅଭାବ ଓ ଶରୀର ପ୍ରତି ଅବହେଳା ଯୋଗୁଁ ଯୁବପୀଢ଼ି ଅନେକ ସମୟରେ ଆତ୍ମହତ୍ୟା ଭଳି ଭୟଙ୍କର ଭୁଲ୍ ନିଷ୍ପତ୍ତି ନେଇ ଜୀବନ ହାରିଥାଏ ।

### ଯୁବପୀଢ଼ି ସମ୍ମୁଖୀନ ହେଉଥିବା ସମସ୍ୟା

- ମାତ୍ରାଧିକ ଓଜନ ବୃଦ୍ଧି ଓ ମେଦବହୁଳତା
- ଚାପ
- ଅବସାଦଗ୍ରସ୍ତତା ଓ ବ୍ୟତିବ୍ୟସ୍ତତା
- ଯୁବକ ଭିତରେ ବଢ଼ୁଥିବା ବନ୍ଧୁଗତ ହିଂସା
- ଆତ୍ମହତ୍ୟା ପ୍ରବଣତା
- ତମାଖୁ ସେବନ
- ମଦ ଓ ନିଶା ଔଷଧ ପ୍ରତି ଆସକ୍ତି
- ଅଣସଂକ୍ରାମକ ରୋଗ

### ଯୁବ ସଶକ୍ତୀକରଣରେ ଯୋଗ

ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଆସନ ଓ ପ୍ରାଣାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଶରୀରର ସାମର୍ଥ୍ୟ ବୃଦ୍ଧି କରିବା ସହ ଶରୀର ଭିତରୁ ଟକ୍ସିନ୍ ଭଳି ବିଷାକ୍ତ ପଦାର୍ଥକୁ ବାହାର କରିଥାଏ। ଶରୀରକୁ ଆରାମ ଦେବା ସହ ମନକୁ ସୁସ୍ଥ କରେ। ସ୍ନାୟବିକ ଦୁର୍ବଳତାକୁ ହ୍ରାସ କରିବା ସହ ମାନସିକ ଚାପକୁ କମାଇଦିଏ। କେବଳ ସେତିକି ନୁହେଁ; କେତେକ ଅଣସଂକ୍ରାମକ ରୋଗକୁ ମଧ୍ୟ ପ୍ରତିରୋଧ କରିବାରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆସନ ଓ ପ୍ରାଣାୟାମ ଆମକୁ କି ପ୍ରକାର ସାହାଯ୍ୟ କରେ ତାହା ଆସନ୍ତୁ ଜାଣିବା।

- ଚାପ ଓ ବ୍ୟତିବ୍ୟସ୍ତତା ହ୍ରାସ
- ସକାରାତ୍ମକ ଶକ୍ତି ଓ ମାନସିକତା ସୃଷ୍ଟି
- ରକ୍ତଚାପ ସ୍ୱାଭାବିକ କରାଇବାରେ ସହାୟକ
- ପାଚନକ୍ରିୟାକୁ ଦ୍ରୁତ କରିବା ସହ ମାଂସପେଶୀରେ ଦୃଢ଼ତା
- ମନକୁ ଶାନ୍ତ ଓ ଶରୀରକୁ ହାଲୁକା କରେ
- ଅଧିକ ଚାପ ସମ୍ଭାଳିବା ଲାଗି ସୁଯୋଗ ସୃଷ୍ଟି ସହ କ୍ରୋନିକ୍ ଷ୍ଟ୍ରେସ୍‌ର ପ୍ରଭାବରୁ ମୁକ୍ତ ରଖେ
- ହୃଦ୍ ଓ ଶ୍ୱାସକ୍ରିୟାକୁ ଧିମା କରି ରକ୍ତଚାପକୁ ସ୍ୱାଭାବିକ କରାଏ

**ନିଶା ସେବନ, ଅନିୟମିତ ଜୀବନଚର୍ଯ୍ୟା, ନିୟମିତ ବ୍ୟାୟାମର ଅଭାବ, ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ନିୟମିତ ଭାବେ ମାନସିକ ଚାପ ଭଳି ଏକାଧିକ ଅଣସଂକ୍ରମିତ ରୋଗ ଯୁବଗୋଷ୍ଠୀର ଜୀବନକୁ ନଷ୍ଟ କରିବାରେ ଲାଗିଛି। ଶରୀର ଫୁଲିବା, ଚାପଗ୍ରସ୍ତ ହେବା ଅଣସଂକ୍ରମିତ ରୋଗର ଏକ ସାଧାରଣ ଲକ୍ଷ୍ୟ। ଏ କ୍ଷେତ୍ରରେ ଯୋଗ ଶରୀର ପାଇଁ ଅତ୍ୟନ୍ତ ଉପଯୋଗୀ। ନିକଟରେ ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେଉଁମାନେ ନିୟମିତ ଯୋଗାଭ୍ୟାସ ଓ ବ୍ୟାୟାମ କରନ୍ତି ସେମାନଙ୍କ ଶରୀର ଓ ମନ ଉଭୟ ସୁସ୍ଥ ରହିବା ସହ ଶରୀରର ରକ୍ତଶର୍କରା ସ୍ତର ଓ ହୃଦ୍‌ବକ୍ଷ ବ୍ୟବସ୍ଥା ନିୟନ୍ତ୍ରିତ ଥାଏ। ବ୍ୟକ୍ତିର ସତର୍କତା ବୃଦ୍ଧି ଭଳି ମାନସିକ ଫାଇଦା ମଧ୍ୟ ଯୋଗ ପହଞ୍ଚାଇଥାଏ।**



- ଅମ୍ଳଜାନକୁ ଅଧିକ ବ୍ୟବହାର କରେ
- ଆଡ୍ରେନାଲ୍ ଗ୍ରନ୍ଥିରୁ କମ୍ କୋର୍ଟିସଲ୍ ନିର୍ଗତ କରାଏ
- ପ୍ରତିରୋଧକ କ୍ରିୟାରେ ଉନ୍ନତି ଆଣେ

### ଚାପ ପାଇଁ ଯୋଗ

ଚାପ ଶରୀରର ସ୍ୱୟଂକ୍ରିୟ ସ୍ନାୟୁବିକ ବ୍ୟବସ୍ଥାଜନିତ କାର୍ଯ୍ୟକଳାପକୁ ଧୀମା କରିଦିଏ। ଯେତେବେଳେ ବ୍ୟକ୍ତିର ଚାହିଦା ଓ ତା'ମଧ୍ୟରେ ଥିବା ଦକ୍ଷତା ଭିତରେ ଅସନ୍ତୁଳନତା ଦେଖାଯାଏ ସେତେବେଳେ ଚାପ ସୃଷ୍ଟି ହୁଏ। ବ୍ୟକ୍ତିଟି ନିୟମିତ ଭାବରେ ଚାପଗ୍ରସ୍ତ ହେଲେ ତାର ସ୍ନାୟୁବିକ ଭାରସାମ୍ୟ ବିଗିଡ଼ିଯାଏ। ଫଳରେ ସ୍ନାୟୁ ବ୍ୟବସ୍ଥା ସ୍ୱୟଂକ୍ରିୟ ଭାବେ କାର୍ଯ୍ୟ କରିବାରେ ଅସୁବିଧା ହୁଏ। ଫଳରେ ଏପିନେଫେରିଂ ଭଳି ରାସାୟନିକ ପଦାର୍ଥ କ୍ଷରଣ କମିଯାଏ। ମାତ୍ର କୋର୍ଟିକୋଷ୍ଟରଏଡ୍ ଭଳି ବିଷାକ୍ତ ଟକ୍ସିନ୍ କ୍ରମାଗତ ଭାବେ ସ୍ୱାଭାବିକ ସ୍ତରଠାରୁ ବଢ଼ିଯାଏ। ଏହି ସ୍ଥିତି ସଂପର୍କରେ ବ୍ୟକ୍ତିଟି ହଠାତ୍ ଜାଣିପାରେ ନାହିଁ। ସେ ବୁଝିପାରେ ନାହିଁ ଯେ ସେ ଏକ ଚାପଗ୍ରସ୍ତ ଅବସ୍ଥାକୁ ଚାଲିଆସିଛି। ପାରାସିମ୍ପେଥାଟିକ୍ ନର୍ଭସ୍ ସିଷ୍ଟମ୍‌କୁ ସ୍ୱୟଂକ୍ରିୟ କରାଇପାରିଲେ ଏକ ଉତ୍ତମ ସ୍ୱାସ୍ଥ୍ୟ ସୃଷ୍ଟି ସହ ସ୍ନାୟୁବିକ ବ୍ୟବସ୍ଥା ଆପେ ଆପେ ଠିକ୍‌ଠାକ୍ ଚାଲିଥାଏ। ଯୋଗ ଦ୍ୱାରା ହିଁ ଏହି ସ୍ଥିତି ଆସିପାରେ। ସକାରାତ୍ମକ କିମ୍ବା ନକାରାତ୍ମକ ଅବସ୍ଥା ସୃଷ୍ଟି ପାଇଁ ଆମେ ଦାୟୀ। ଯୋଗ ଦ୍ୱାରା କିନ୍ତୁ ସକାରାତ୍ମକ (ପଜିଟିଭ୍ ଭାଇବ୍ସ) ଅବସ୍ଥା ସୃଷ୍ଟି ହୋଇଥାଏ। ଉଡ଼ିବା କିମ୍ବା ଲଢ଼ିବା, ଉତ୍ତେଜନା କିମ୍ବା ଶାନ୍ତ ପରିସ୍ଥିତି, ହଜମ କିମ୍ବା ବଦ୍‌ହଜମ ଆମ ଶାରୀରିକ ବ୍ୟବସ୍ଥାରେ ରହିଛି। ମାତ୍ର ଯୋଗ ହିଁ ଏହାକୁ ନିୟନ୍ତ୍ରିତ କରିପାରେ। ହାଇପୋଥାଲାମିକ୍-ପିଟ୍ୟୁଟାରି-ଆଡ୍ରେନାଲ୍ ଅକ୍ସିସ୍ (ଏଚ୍‌ପିଏ) ଏବଂ ସିମ୍ପାଥେଟିକ୍ ନର୍ଭସ୍ ସିଷ୍ଟମ୍‌ର ନିୟନ୍ତ୍ରଣକୁ ହ୍ରାସ କରିବା କ୍ଷେତ୍ରରେ ଯୋଗ ଫାଇଦା ଦେଇଥାଏ। ଯୋଗରୁ ଆମକୁ ଯେଉଁ ଶାରୀରିକ ଓ ମାନସିକ ସୁସ୍ଥତା ଅନୁଭୂତ ହୁଏ ତାହା ଏହି ବ୍ୟବସ୍ଥାକୁ ନିୟନ୍ତ୍ରଣ କରିଥାଏ। ଶରୀରକୁ ହାଲୁକା ଅନୁଭବ କରିବା ଓ ଚିତ୍ତକୁ ଶାନ୍ତ କରିବା କ୍ଷେତ୍ରରେ ଯୋଗ ହିଁ ରକ୍ତଚାପ, ନାଡ଼ିର ଗତି, ଶ୍ୱାସକ୍ରିୟାର ହାରକୁ କମାଇଥାଏ। ଫଳରେ କୋର୍ଟିସୋଲ୍ ଓ ଆକ୍ସାଇଲ୍‌କୋଲାଇନ୍‌ର ସ୍ତର ଶରୀରରେ ହ୍ରାସ ପାଇଥାଏ। ବ୍ୟକ୍ତି ଚାପଗ୍ରସ୍ତ ହେଲେ ଏହି ରାସାୟନିକ ପଦାର୍ଥର ସ୍ତର ଶରୀରରେ ବଢ଼ିଥାଏ। ଯୋଗ ହିଁ ମାନସିକ ଦ୍ୱନ୍ଦ୍ୱ, ଅତ୍ୟଧିକ ଚାପ ଏବଂ ଉତ୍ତେଜନାପ୍ରବଣତାକୁ କମାଇବାରେ ସାହାଯ୍ୟ କରେ। ଏହା ମଧ୍ୟ ଦେଖାଯାଇଛି ଯୋଗଦ୍ୱାରା ଶରୀରର ମେଲାଟୋନିନ୍ ସ୍ତର ବଢ଼ିଥାଏ। ଯାହା ଫଳରେ ଏହା ମାନସିକ ଓ ହୃଦ୍‌ବକ୍ଷ ଶ୍ୱସନ ବ୍ୟବସ୍ଥାରେ ଉନ୍ନତି ଘଟାଏ। ଅତଏବ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ କେବଳ ଅନିର୍ବାଯ୍ୟ ନୁହେଁ; ବରଂ ଏକ ପ୍ରମୁଖ ଆବଶ୍ୟକତା।


### ନିଶାସେବନକାରୀଙ୍କ ପାଇଁ ଯୋଗ

ଯେଉଁମାନେ ନିଶାସେବନ କରନ୍ତି ସେମାନଙ୍କ ପାଇଁ ଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଥେରାପି (ଚିକିତ୍ସା)। ଏହା ସେମାନଙ୍କ ଦେହ, ଶରୀର ଓ ମନକୁ ସୁସ୍ଥ ରଖିଥାଏ। ଶାରୀରିକ ସୁସ୍ଥତା ଓ ସମାର୍ଥ୍ୟ ବଢ଼ାଏ। ମନକୁ ହାଲୁକା କରେ। ଉଭୟ ଶରୀର ଓ ମନ ଭିତରର ଆତ୍ମିକ ସ୍ଥିତିରେ ସଚେତନତା ସୃଷ୍ଟି କରେ। ଚାପ ହାଲୁକା କରିବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ ଉନ୍ନତି ଘଟାଏ। ଅନ୍ୟମାନଙ୍କ ସହିତ ମେଳାପି ହେବା, ନିର୍ଦ୍ଧାରିତ ଲକ୍ଷ୍ୟ ସ୍ଥିର କରିବା, କାର୍ଯ୍ୟରେ ମନୋନିବେଶ କରିବା ଆଦିକୁ ପ୍ରୋତ୍ସାହିତ କରେ। ସାମ୍ପ୍ରତିକ ସ୍ଥିତିରେ ଯୁବପୀଢ଼ି ଅଧିକ ଚାପଗ୍ରସ୍ତ ହୋଇ ରାସ୍ତା ହୁଡ଼ିଥାନ୍ତି। ଏହା ବ୍ୟକ୍ତିସ୍ତରରେ ସାମାଜିକ

ବ୍ୟବସ୍ଥାକୁ ମଧ୍ୟ ବିଗାଡ଼ିଥାଏ । କାର୍ଯ୍ୟ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବା ସହ ଯୁବକ/ଯୁବତୀଙ୍କ ମାନସିକ ଚାପ ବିଗିଡ଼ିଥାଏ । ମାତ୍ର ଯୋଗ ଏସବୁକୁ ଦୂର କରିବାର ଏକ ମହୋଷୌଧି ସାଜି ଉଭୟ ଶରୀର ଓ ମନକୁ ସୁସ୍ଥ ନିରନ୍ତର ପ୍ରକ୍ରିୟାରେ ପ୍ରବାହିତ କରାଏ । ଯୋଗ ମଧ୍ୟରେ ଥିବା ଏକାଧିକ ଆସନ, ଶରୀରର ଅଙ୍ଗକୁ ସୁପରିଚାଳନା କରିବା ସହ ଭାବନାତ୍ମକ ଶୁଦ୍ଧତା ସୃଷ୍ଟି କରିଥାଏ ।

### ମେଦବହୁଳତା ପାଇଁ ଯୋଗ

ନିଶ୍ୱାସ ପ୍ରଶ୍ୱାସ ଛାଡ଼ିବାରେ ଉପଯୁକ୍ତ କୌଶଳ ଅବଲମ୍ବନ ଓ ଆସନର ସଠିକ୍ ଅଭ୍ୟାସ ସହିତ ସନ୍ତୁଳିତ ଆହାର ଯୋଗୁଁ ଯୋଗୀମାନେ ଅଧିକ ଶାନ୍ତ, ସରଳ ତଥା ପ୍ରଭାବଶାଳୀ ରହିଥାନ୍ତି । ସୁସ୍ଥ, ସୁନ୍ଦର ଓ ସୁଠାମ ଶରୀର ପାଇଁ ଯୋଗର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ । ଆଜିକାଲି ଅନିୟମିତ ଖାଦ୍ୟାଭାସ, କମ୍ ଶାରୀରିକ ଶ୍ରମ ଯୋଗୁଁ ସମ୍ପ୍ରତି ଯୁବପୀଢ଼ିଠାରେ ମେଦବହୁଳତା ଭଳି ଭୟଙ୍କର ବ୍ୟାଧି ମାଡ଼ିଚାଲିଛି । ଅଧିକ ମୋଟାପଣ ଯୋଗୁଁ ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ସୃଷ୍ଟି ହେଉଛି । ଶରୀରର ଏହି ଆଣ୍ଠୁଗଣ୍ଠି କେତେ ଓଜନ ସମ୍ଭାଳିପାରିବ ତାହାର ଏକ ସମତୁଲତା ରହିଛି । ଯୋଗ ଶରୀରର ଆଲାଏନ୍‌ମେଣ୍ଟ (ଶାରୀରିକ ଗଠନ ସ୍ଥିତି)ରେ ଉନ୍ନତି ଘଟାଇବାରେ ସାହାଯ୍ୟ କରେ । ଅସ୍ଥିସଂଯୋଗ ସ୍ଥଳର ଯନ୍ତ୍ରଣା ଓ ଚାପ କମାଏ । ଓଜନକୁ ଆମ ଶରୀର ସମ୍ଭାଳିବା ପାଇଁ ସୃଷ୍ଟି ହୋଇଥିବା ଫ୍ରେମ୍‌କୁ ଯୋଗ ହିଁ ସଜାଡ଼ିଥାଏ ।





ସାମର୍ଥ୍ୟ ଓ ଗତିଶୀଳତାକୁ ବଢ଼ାଏ । ଶରୀରର ସନ୍ତୁଳନକୁ ବିକଶିତ କରାଏ । ସୁଖଦ ଅନୁଭବ ସୃଷ୍ଟି କରାଏ । ଉଭୟ ଶାରୀରିକ ଫିଟ୍‌ନେସ୍ ସହ ମନକୁ ହାଲୁକା କରାଇବାରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୈନିକ ଯୋଗାଭ୍ୟାସ ମେଦବହୁଳ ରୋଗୀଙ୍କ ପାଇଁ ଔଷଧର କାର୍ଯ୍ୟ କରେ । ଓଜନ କମାଏ, ଶରୀର ଓ ମନକୁ ସୁସ୍ଥ ରଖେ । ମୋଟା ଲୋକଙ୍କ ପାଇଁ ସୂର୍ଯ୍ୟ ନମସ୍କାର ଗୁରୁତ୍ୱପୂର୍ଣ୍ଣ । ସୂର୍ଯ୍ୟ ନମସ୍କାର ଭଳି ଅଭ୍ୟାସ ଆମ ଶରୀରର ସ୍ନାୟୁସଂସ୍ଥା ଓ ଏଣ୍ଡୋକ୍ରିନ୍ କ୍ଷରଣକୁ ସନ୍ତୁଳିତ ରଖିଥାଏ । ଶରୀରର ମେଟାବୋଲିକ୍ ଅସନ୍ତୁଳନକୁ ସୁଧାରେ । ଫଳରେ ମେଦବହୁଳ ରୋଗୀଙ୍କ ମେଦହ୍ରାସ ଘଟିଥାଏ । ଭସ୍ତ୍ରିକା, କପାଳଭାତି ଓ ସୂର୍ଯ୍ୟଭେଦନ ଭଳି ପ୍ରାଣାୟାମ ମେଦବହୁଳ ରୋଗୀଙ୍କ ପାଇଁ ଅତ୍ୟନ୍ତ ଜରୁରୀ । ଏହା ଶରୀରର ମେଟାବୋଲିଜିମ୍‌କୁ ସଠିକ୍ ପରିଚାଳନା କରେ ।

### ଯୁବପୀଢ଼ି ଓ ଅସଂକ୍ରମିତ ରୋଗ

ଯୁବକ ସମୟ ହିଁ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସମୟ । ଶିଶୁ ଓ ପ୍ରୌଢ଼ାବସ୍ଥାର ମଧ୍ୟମ ସମୟ ହେଉଛି ଯୁବାବସ୍ଥା । ଏହି ସମୟରେ ବ୍ୟକ୍ତିଠାରେ ସୁଠାମ ଶରୀର, କାର୍ଯ୍ୟ କରିବାର ମାନସିକତା, ଶକ୍ତି, ସାହସ, ସୁସ୍ଥ ମନ ଓ କର୍ମପ୍ରବଣତା ଭଳି ଯୁବସୁଲଭ ଗୁଣର ପରିସ୍ଫୁଟନ ଘଟିଥାଏ । ଏହି ସମୟରେ ମଧ୍ୟ ଯୁବପୀଢ଼ି ଏକାଧିକ ପରିସ୍ଥିତିର ସାମ୍ନା କରିଥାଏ । ଯାହାକି ତାହାର ବ୍ୟବହାର ଓ ଜୀବନଚର୍ଯ୍ୟାକୁ ପ୍ରଭାବିତ କରେ । ଭାରତରେ ବିଶେଷକରି ଯୁବପୀଢ଼ି ପୁଷ୍ଟିହୀନତାର ଶିକାର ହୋଇ ଏକାଧିକ ଅଣସଂକ୍ରମିତ ରୋଗ ଯଥା - ଅତ୍ୟଧିକ ଉତ୍ତେଜନା, ଚାପ, ମଧୁମେହ ଓ ଫୁସ୍‌ଫୁସ୍ ରୋଗର ଶିକାର ହୋଇଥାନ୍ତି । ନିଶା ସେବନ, ଅନିୟମିତ ଜୀବନଚର୍ଯ୍ୟା, ନିୟମିତ ବ୍ୟାୟାମର ଅଭାବ, ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ନିୟମିତ ଭାବେ ମାନସିକ ଚାପ ଭଳି ଏକାଧିକ ଅଣସଂକ୍ରମିତ ରୋଗ ଯୁବଗୋଷ୍ଠୀର ଜୀବନକୁ ନଷ୍ଟ କରିବାରେ ଲାଗିଛି । ଶରୀର ଫୁଲିବା, ଚାପଗ୍ରସ୍ତ ହେବା ଅଣସଂକ୍ରମିତ ରୋଗର ଏକ ସାଧାରଣ ଲକ୍ଷ୍ୟ । ଏ କ୍ଷେତ୍ରରେ ଯୋଗ ଶରୀର ପାଇଁ ଅତ୍ୟନ୍ତ ଉପଯୋଗୀ । ନିକଟରେ ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେଉଁମାନେ ନିୟମିତ ଯୋଗାଭ୍ୟାସ ଓ ବ୍ୟାୟାମ କରନ୍ତି ସେମାନଙ୍କ ଶରୀର ଓ ମନ ଉଭୟ ସୁସ୍ଥ ରହିବା ସହ ଶରୀରର ରକ୍ତଶର୍କରା ସ୍ତର ଓ ହୃଦ୍‌ବକ୍ଷ ବ୍ୟବସ୍ଥା ନିୟନ୍ତ୍ରିତ ଥାଏ । ବ୍ୟକ୍ତିର ସତର୍କତା ବୃଦ୍ଧି ଭଳି ମାନସିକ ଫାଇଦା ମଧ୍ୟ ଯୋଗ ପହଞ୍ଚାଇଥାଏ । ଯୋଗ ଜଣକୁ ଅନ୍ୟମାନଙ୍କ ସହିତ ଯୋଡ଼େ । କେତେବେଳେ ଓ କାହିଁକି ଶରୀରରେ ରୋଗ ସୃଷ୍ଟି ହୁଏ ତାହା ସୂଚନା ଦିଏ ଯୋଗ । କିଭଳି ଦୀର୍ଘ ସମୟ ଧରି କାମ କରିପାରିବ ତାହାର ସୂତ୍ର ଯୋଗରୁ ହିଁ ମିଳେ । ଏଇଥିପାଇଁ ଯୋଗ ପ୍ରତି ଏବେ ଅହେତୁକ ଆଗ୍ରହ ବଢ଼ିଛି । ଜୀବନପ୍ରତି ଯେତେଯେତେ ଆହ୍ୱାନ ସୃଷ୍ଟି ହେଉଛି ଯୋଗପ୍ରତି ସେତିକି ସେତିକି ଆଗ୍ରହ ବଢ଼ିବାରେ ଲାଗିଛି । ମନକୁ ହାଲକା କରିବା, ଶରୀରକୁ ସୁସ୍ଥ ରଖିବା ଓ ଅଧିକ କର୍ମପ୍ରବଣତା ଭାବନା ତଥା ଦୟାପରବସତା ସୃଷ୍ଟି କରିବା ଲାଗି ଯୋଗର ଭୂମିକା ଆଜିର ଦିନରେ ଅନସ୍ୱିକାର୍ଯ୍ୟ ।

ଲେଖକ ହେଉଛନ୍ତି ମୋରାର୍ଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ।

# ଯୁବ ସମାଜର ସଶକ୍ତୀକରଣ ପାଇଁ ମୌଳିକ ବିଜ୍ଞାନ ଓ କଳାରେ ଉଚ୍ଚ ମାନର ଶିକ୍ଷା

ଡକ୍ଟର ରାକେଶ ବସ୍ତ
ଡକ୍ଟର ମୀନୁ ବସ୍ତ

ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନବହୁଳ ରାଷ୍ଟ୍ର ଭାରତର ଜନସଂଖ୍ୟାର ୫୦ଭାଗ ବା ୬୦ କୋଟିଙ୍କ ବୟସ ୨୫ବର୍ଷରୁ କମ୍। ଆଉ ଦୁଇ ବର୍ଷରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ଏବଂ ଦେଶର ମୋଟ ଜନସଂଖ୍ୟାର ତିନିଚତୁର୍ଥାଂଶଙ୍କ ବୟସ ୨୫ ବର୍ଷରୁ କମ୍ ହେବ। ଅର୍ଥାତ୍ ଭାରତ ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ଏକନମ୍ବର ଯୁବରାଷ୍ଟ୍ର ଭାବେ ପରିଗଣିତ ହେବ। ଏହି ଯୁବ ନାଗରିକମାନେ ଦେଶର ସୁନା ଖଣି ସଦୃଶ; କାରଣ ଦେଶର ମୋଟ ଜାତୀୟ ଉତ୍ପାଦରେ ଏମାନଙ୍କ ଅବଦାନ ୩୪ ଶତାଂଶ। ଅତଏବ ଏହି ବର୍ଗଙ୍କ ପାଇଁ ଉପଯୁକ୍ତ ଶିକ୍ଷା ଭିତ୍ତିଭୂମି, ଉପଯୁକ୍ତ ଦକ୍ଷତା ବିକାଶ ସୁବିଧା, ନିଯୁକ୍ତି ନିମନ୍ତେ ଉପଯୁକ୍ତ ସୁଯୋଗ ସୁବିଧା ଆଦି ଯୋଗାଇ ଦେବାର ବ୍ୟବସ୍ଥା କରିବା ସମାଜ ଓ ରାଷ୍ଟ୍ରର ପ୍ରମୁଖ ଦାୟିତ୍ୱ।

ଅଧିକ ଜନସଂଖ୍ୟା କୌଣସି ରାଷ୍ଟ୍ରପାଇଁ ଏକ ବୋଝ ନୁହେଁ; ବରଂ ଏକ ସମ୍ପଦ ଯାହାର ଲାଭ ଯଥାସାଧ୍ୟ ଉଠାଯିବା ଆବଶ୍ୟକ। ଜନସଂଖ୍ୟାରେ ଏଭଳି ବ୍ୟତିକ୍ରମ ବା ଯୁବ ସମୁଦାୟଙ୍କ ସଂଖ୍ୟା ବୃଦ୍ଧିରୁ କୋରିଆ ସାଧାରଣତନ୍ତ୍ର ଭଳି ଅନେକ ପୂର୍ବ-ଏସୀୟ ରାଷ୍ଟ୍ର ପ୍ରଚୁର ଫାଇଦା ଉଠାଇବାରେ ସଫଳ ହୋଇଛନ୍ତି। ଅତଏବ ଭାରତ ମଧ୍ୟ ନିଜ ପାଇଁ ଏହା ପ୍ରମାଣିତ କରିବାର ସମୟ ଆସିଛି। ତେବେ ସେଥିପାଇଁ ଏହି ଯୁବବର୍ଗଙ୍କୁ ଉପଯୁକ୍ତ ଭାବେ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ସଶକ୍ତୀକରଣ ମୂଲ୍ୟବୋଧ ଅନ୍ତର୍ନିବେଶର ଏକ ପ୍ରକ୍ରିୟା। ଏହା ଦ୍ୱାରା ଶିକ୍ଷାର୍ଥୀ ଏକ ସନ୍ତୋଷଜନକ ଜୀବନଯାପନ କରିବା ସହ ସମାଜ ପ୍ରତି ତାହାର ଦାୟିତ୍ୱ ନିର୍ବାହ କରିବାର ସୁଯୋଗ ପାଏ। ଭାରତୀୟ ପ୍ରେକ୍ଷାପଟରେ ଯୁବ ସଶକ୍ତୀକରଣ କେବଳ ରାଷ୍ଟ୍ରହିତ ନୁହେଁ ବ୍ୟକ୍ତିଗତ ବିକାଶ ପାଇଁ ମଧ୍ୟ ଜରୁରୀ। ସେଥିପାଇଁ ଯୁବ ଅଧିକାର, ଯୁବ କ୍ରିୟାକଳାପ, ଗୋଷ୍ଠୀ ବା ସମୁଦାୟର ନିଷ୍ପତ୍ତି ଗ୍ରହଣରେ ଭୂମିକା ନିର୍ବାହ ଆଦିକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ।

ଯୁବ ସଶକ୍ତୀକରଣର ମୂଳ କଥା ହେଲା ସେମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରି ନିଯୁକ୍ତି ଉପଯୋଗୀ କରିବା। ଯୁବ ସମାଜର ସକ୍ରିୟ ଅଂଶ ଗ୍ରହଣ ବିନା ଆମେ କୌଣସି ଦେଶର ନିରନ୍ତର ବିକାଶ କଥା ଚିନ୍ତା କରିପାରିବା ନାହିଁ। ଆବଶ୍ୟକ ସୁଯୋଗ ସୁବିଧାର ଅଭାବ ରହିଲେ ଯୁବଗୋଷ୍ଠୀ ସମାଜର ଉପକଣ୍ଠରେ ବସି ରହିବେ ଏବଂ ଏକ ଅହେତୁକ ସୁଯୋଗ ଅପେକ୍ଷାରେ ରହିବେ ଯାହା କେବେ ଆସି ନ ପାରେ।

### ଯୁବ ସଶକ୍ତୀକରଣର ସ୍ତମ୍ଭ

ନିମ୍ନଲିଖିତ ଚାରିଟି ସ୍ତମ୍ଭ ଉପରେ ନିର୍ଭର କରି ଭାରତରେ ଯୁବ ସଶକ୍ତୀକରଣ କାର୍ଯ୍ୟକ୍ରମକୁ ନିରନ୍ତର କରାଯାଇପାରିବ। ସେଗୁଡ଼ିକ ହେଲା – ଶିକ୍ଷା, ଦକ୍ଷତା ଓ ନିଯୁକ୍ତି, ବୈପ୍ଳବିକ ସ୍ୱଭାବ ପରିବର୍ତ୍ତନ ଓ ସରକାରୀ ନୀତି ଓ ପ୍ରୟାସ। 'ସମସ୍ତଙ୍କ ପାଇଁ ଶିକ୍ଷା ଓ ଉଚ୍ଚମାନର ଶିକ୍ଷା' ଏହା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ସ୍ଲୋଗାନ ହୋଇଛି। ଏହି ସ୍ଲୋଗାନକୁ ଠିକଣା ଭାବେ କାର୍ଯ୍ୟରେ ରୂପାୟିତ କରାଯାଇ ପାରିଲେ ସରକାରଙ୍କ 'ଭାରତ ବଦଳାଅ' ବା 'ଟ୍ରାନ୍ସଫର୍ମ ଇଣ୍ଡିଆ' ଲକ୍ଷ୍ୟ ସାଧିତ ହୋଇପାରିବ। ଏଥିପାଇଁ ଯେଉଁ ମୌଳିକ ଆବଶ୍ୟକତା ରହିଛି ତାହା ହେଲା - ସମସ୍ତଙ୍କ ପାଇଁ ଶିକ୍ଷା ସୁଯୋଗ ପହଞ୍ଚାଇବା, ଏଥିରେ ସମତା, ଅଂଶୀଦାରୀ ବ୍ୟବସ୍ଥା ଓ ମାନ ଆଣିବା ଓ ଦକ୍ଷତା ବିକାଶ ଅନ୍ୟତମ। ସାଂପ୍ରତିକ ପରିସ୍ଥିତିରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଭାରତର ନାମଲେଖା ହାର ମାତ୍ର ୨୨ ଶତାଂଶ ଯାହା ବିଶ୍ୱ ହାରଠାରୁ ଯଥେଷ୍ଟ କମ୍। ବିଶ୍ୱର ଏହି ହାରାହାରି ହାର ୨୮ ଶତାଂଶ ହୋଇଥିବା ବେଳେ ବିକାଶଶୀଳ ଓ ବିକଶିତ ଦେଶ ଚୀନରେ ୨୮%, ବ୍ରାଜିଲରେ ୩୬%, ବ୍ରିଟେନ୍‌ରେ ୫୯%। ୨୦୨୦ ବେଳକୁ ଭାରତ ବିଶ୍ୱର ସବୁଠୁ ଯୁବ ବହୁଳ ରାଷ୍ଟ୍ର ଭାବେ ଆତ୍ମପ୍ରକାଶ କରିବା ବେଳକୁ ଆମକୁ ଉଚ୍ଚ ଶିକ୍ଷା ପାଇଁ ସମଗ୍ର ଦେଶରେ ଅଧିକରୁ ଅଧିକ ଉଚ୍ଚମାନର ଶିକ୍ଷାନୁଷ୍ଠାନ ଖୋଲି ଅଧିକରୁ ଅଧିକ ନାମଲେଖା ସୁଯୋଗ, ସୁବିଧା ଦେବାକୁ ବ୍ୟବସ୍ଥା କରିବାକୁ ହେବ। ଏହାଦ୍ୱାରା ଉଚ୍ଚ ଶିକ୍ଷା

**ଭାରତ ଏକ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରାଷ୍ଟ୍ର ହେବା ସତ୍ତ୍ୱେ ମଧ୍ୟ ଏହା ଜାତି, ଧର୍ମ, ଲିଙ୍ଗ, ଭାଷା, ଅଞ୍ଚଳ, ବୟସ ଆଦି କ୍ଷେତ୍ରରେ ବହୁଧା ବିଭକ୍ତ। ଏହା ଫଳରେ ସମସ୍ତଙ୍କ ପାଇଁ ଶିକ୍ଷା ଯୋଗାଣ ବ୍ୟବସ୍ଥାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ଓ ଏହି କାର୍ଯ୍ୟକ୍ରମ ଆଶାନୁରୂପ ଲକ୍ଷ୍ୟ ହାସଲ କରିପାରୁ ନାହିଁ। ଏବାବଦରେ ଯେଉଁ ଅର୍ଥ ବ୍ୟୟ କରାଯାଉଛି ତାହା ମଧ୍ୟ ଉଦ୍ଦିଷ୍ଟ ବର୍ଗଙ୍କ ପାଖରେ ପହଞ୍ଚିବାରେ ନାନା ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ମାନକ ଶିକ୍ଷା ବିଷୟରେ ଧ୍ୟାନ କେନ୍ଦ୍ରୀତ କରିବାକୁ ହେଲେ ଆମକୁ ଏସବୁ ପ୍ରତିବନ୍ଧକକୁ ପ୍ରଥମେ ହଟାଇବାକୁ ପଡ଼ିବ।ଏ କ୍ଷେତ୍ରରେ ଅନ୍ୟ ଦିଗଟି ମଧ୍ୟ ବିଚାର ସାପେକ୍ଷ। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯେତେବେଳେ ନାମ ଲେଖା କଥା ଉଠେ ସେତେବେଳେ ଛାତ୍ରଛାତ୍ରୀ କେଉଁ ବିଷୟରେ ପଢ଼ିବାକୁ ଅଧିକ ଆଗ୍ରହୀ ତାହା ବିଚାରକୁ ଆସେ।**



କ୍ଷେତ୍ରରେ ନାମ ଲେଖା ଭାରତରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ ଓ ଏହା ୩୦%ରେ ପହଞ୍ଚିପାରିବ। ଭାରତରେ ଘରୋଇ କ୍ଷେତ୍ରରେ ଇଞ୍ଜିନିୟରିଂ କଲେଜ ଓ ବିଶ୍ୱବିଦ୍ୟାଳୟ ଛତୁ ଫୁଟିବା ପରି ବୃଦ୍ଧି ପାଇବା ସତ୍ତ୍ୱେ ଭାରତର ଇଞ୍ଜିନିୟର ଓ ବୈଜ୍ଞାନିକଙ୍କ ସାନ୍ଦ୍ରତା ବା ହାର ବିଶ୍ୱରେ ସର୍ବନିମ୍ନ। ଅତଏବ ସମସ୍ତଙ୍କୁ ଶିକ୍ଷା ସୁବିଧା ଯୋଗାଇବା ଉପରେ ଆମମାନଙ୍କ ଶିକ୍ଷାର ଭବିଷ୍ୟତ ନିର୍ଭର କରୁଛି।

ଭାରତ ଏକ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରାଷ୍ଟ୍ର ହେବା ସତ୍ତ୍ୱେ ମଧ୍ୟ ଏହା ଜାତି, ଧର୍ମ, ଲିଙ୍ଗ, ଭାଷା, ଅଞ୍ଚଳ, ବୟସ ଆଦି କ୍ଷେତ୍ରରେ ବହୁଧା ବିଭକ୍ତ। ଏହା ଫଳରେ ସମସ୍ତଙ୍କ ପାଇଁ ଶିକ୍ଷା ଯୋଗାଣ ବ୍ୟବସ୍ଥାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ଓ ଏହି କାର୍ଯ୍ୟକ୍ରମ ଆଶାନୁରୂପ ଲକ୍ଷ୍ୟ ହାସଲ କରିପାରୁ ନାହିଁ। ଏବାବଦରେ ଯେଉଁ ଅର୍ଥ ବ୍ୟୟ କରାଯାଉଛି ତାହା ମଧ୍ୟ ଉଦ୍ଦିଷ୍ଟ ବର୍ଗଙ୍କ ପାଖରେ ପହଞ୍ଚିବାରେ ନାନା ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ମାନକ ଶିକ୍ଷା ବିଷୟରେ ଧ୍ୟାନ କେନ୍ଦ୍ରୀତ କରିବାକୁ ହେଲେ ଆମକୁ ଏସବୁ ପ୍ରତିବନ୍ଧକକୁ ପ୍ରଥମେ ହଟାଇବାକୁ ପଡ଼ିବ।

ଏ କ୍ଷେତ୍ରରେ ଅନ୍ୟ ଦିଗଟି ମଧ୍ୟ ବିଚାର ସାପେକ୍ଷ। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯେତେବେଳେ ନାମ ଲେଖା କଥା ଉଠେ ସେତେବେଳେ ଛାତ୍ରଛାତ୍ରୀ କେଉଁ ବିଷୟରେ ପଢ଼ିବାକୁ ଅଧିକ ଆଗ୍ରହୀ ତାହା ବିଚାରକୁ ଆସେ। ଦେଖାଯାଉଛି ଯେ କଳା ବା ତତ୍ ସଂକ୍ରାନ୍ତ ବିଷୟ ପଢ଼ିବାକୁ ସବୁଠୁ ଅଧିକ ୩୫ ରୁ ୪୦ ଶତାଂଶ ପିଲାଏ ଅଧିକ ଆଗ୍ରହ ଦେଖାଉଛନ୍ତି। ଏହା ପଛକୁ ବାଣିଜ୍ୟ ଓ ପରିଚାଳନା ପାଠ ପାଇଁ ୨୦ରୁ ୨୫ ଭାଗ ଆଗ୍ରହୀ। ସବା ଶେଷରେ ମୌଳିକ ଓ ପ୍ରୟୋଗାତ୍ମକ ବିଜ୍ଞାନ, ଯାହାକୁ ପଢ଼ିବାକୁ ଯଥାକ୍ରମେ ୧୯-୨୧ ଶତାଂଶ ଓ ୧୫ ରୁ ୧୬ ଶତାଂଶ ପିଲା ଆଗ୍ରହୀ।

ପାଠପଢ଼ାରେ ବିଷୟ ନିର୍ବାଚନ ସଂକ୍ରାନ୍ତ ପିଲାଙ୍କ ଏହି ଅଗ୍ରାଧିକାର ଓ ଅସମତା ହାର ଆମ ଯୋଜନାକାର, ପ୍ରଶାସକ ଓ ନେତୃମଣ୍ଡଳୀଙ୍କୁ ଅନେକ ସଂକେତ ଦିଏ। ପାଠ ପଢ଼ିବା ପାଇଁ ଆବଶ୍ୟକ ଭିତ୍ତିଭୂମି, ମୌଳିକ ସୁବିଧା ସୁଯୋଗ, ଦକ୍ଷତା ବିକାଶ, ନିଯୁକ୍ତିର ସମ୍ଭାବନା, ନିଯୁକ୍ତି ଯୋଗ୍ୟ ହେବା ଆଦି କଥାକୁ ଦେଖି ପିଲାଏ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକରୁ ଅଧିକ ନାମ ଲେଖାନ୍ତି। ମାତ୍ର ଯେତେବେଳେ ଉତ୍କୃଷ୍ଟ ଓ ଉଚ୍ଚମାନର ଶିକ୍ଷା ଓ ସୁବିଧା ସୁଯୋଗ ନ ମିଳେ ସେମାନେ ବାଧ୍ୟ ବାଧକତାରେ ସହଜରେ ମିଳୁଥିବା ବିଷୟ ବାଛିବାକୁ ବାଧ୍ୟ ହୁଅନ୍ତି।

ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ବୃତ୍ତିଗତ ଡିଗ୍ରୀ ପାଠ୍ୟକ୍ରମ ପ୍ରବର୍ତ୍ତନ କ୍ଷେତ୍ରରେ ଏକ ବିରାଟ ଉତ୍ଥାନ ଆସିଛି। ତେବେ ଏହି ଉତ୍ଥାନରେ ନିର୍ଦ୍ଦିଷ୍ଟ କେତେକ ବିଷୟରେ ପାଠପଢ଼ା ପ୍ରତି ବିଶେଷ ଆଗ୍ରହ ବଢ଼ିଛି ଓ ତାହାର ଚାହିଦା ବୃଦ୍ଧି ପାଇଛି। ଏହା ଫଳରେ ଅନେକ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ଏହି ସୁଯୋଗର ଦୁରୁପଯୋଗ କରି ପିଲାଙ୍କୁ ନିମ୍ନମାନର ଶିକ୍ଷା ପ୍ରଦାନ କରୁଛନ୍ତି। ଏଆଇସିଟିଇ, ୟୁଜିସି ଓ ଅନ୍ୟାନ୍ୟ ନିୟନ୍ତ୍ରକ ସଂସ୍ଥା ଥିବା ସତ୍ତ୍ୱେ ସେସବୁ ଏହାକୁ ରୋକିବାରେ ବିଫଳ ହୋଇଛନ୍ତି। ଉଚ୍ଚ ବୈଷୟିକ ଶିକ୍ଷା ଓ ପରିଚାଳନା ବିଦ୍ୟାର ପ୍ରସାର ପାଇଁ ସରକାର ଗୁରୁତ୍ୱ ଦେବାରୁ ଏଥିପାଇଁ ଅଧିକରୁ ଅଧିକ ଶିକ୍ଷାନୁଷ୍ଠାନ ସବୁ ଖୋଲିଥିଲା। ମାତ୍ର ଏହାର ତଦାରଖ ଓ ମୂଲ୍ୟାୟନ ଦାୟିତ୍ୱ ଦେଖାଶୁଣା କରିବାକୁ ଥିବା ନିୟନ୍ତ୍ରଣକାରୀ ସଂସ୍ଥା ସମୂହ ନିଜ ଦାୟିତ୍ୱ ନିର୍ବାହରେ ବିଫଳ ହେବାରୁ ଆଜି ଏଭଳି ଅବସ୍ଥା ସୃଷ୍ଟି ହୋଇଛି ଓ ମାନକ ଶିକ୍ଷା ଚୂଲିକି ଯାଇଛି।

ଭାରତର ଆର୍ଥିକ ବିକାଶ ଏବେ ମୁଖ୍ୟତଃ ସେବା କ୍ଷେତ୍ର ଉପରେ ନିର୍ଭର କରୁଛି। ଆର୍ଥିକ ଅଭିବୃଦ୍ଧିରେ ଏହି କ୍ଷେତ୍ରର ଅବଦାନ ୬୬.୧ ଶତାଂଶ। ଏହି କ୍ଷେତ୍ରରେ କୋମଳ ଦକ୍ଷତା (ସଫ୍ଟସ୍କିଲ) ବିଶିଷ୍ଟ ଉଚ୍ଚ ଶ୍ରେଣୀର ପେସାଦାର ଅଧିକ ଲୋଡ଼ା। ସେହିଭଳି ଏବେ ଉଦୟମାନ ଟେକ୍‌ନୋଲୋଜି କ୍ଷେତ୍ରରେ ଉଭୟ ସଫ୍ଟ ଓ ହାର୍ଡ ସ୍କିଲର ପ୍ରତିଭା ଅଧିକରୁ ଅଧିକ ଲୋଡ଼ା ଏ କ୍ଷେତ୍ର ଦେଶର ଆର୍ଥିକ ବିକାଶରେ ଏବେ ୯.୨ ଶତାଂଶ ଅବଦାନ ଦେଉଛି। ମାତ୍ର ଦେଖାଯାଉଛି ଯେ ଏ କ୍ଷେତ୍ରରେ ଯେଉଁ ଲୋକଶକ୍ତି ଦେଶରେ ଉପଲବ୍ଧ ସେମାନଙ୍କ ପ୍ରଦର୍ଶନ ନିଯୁକ୍ତିଦାତାଙ୍କୁ ସନ୍ତୁଷ୍ଟ କରିପାରୁ ନାହିଁ। ଏକଥା ଆମ ପାଇଁ ହଜମ କରିବା କଷ୍ଟ ଯେ ଦେଶର ମୋଟ ଇଞ୍ଜିନିୟରିଂ ଗ୍ରାଜୁଏଟଙ୍କ ମଧ୍ୟରୁ ଏକତୃତୀୟାଂଶରୁ କମ୍ ଏବଂ ମୌଳିକ ବିଜ୍ଞାନ ଓ ଅନ୍ୟାନ୍ୟ ବିଷୟରୁ ଆସୁଥିବା

**ନିମ୍ନଲିଖିତ ଚାରିଟି ସ୍ତମ୍ଭ ଉପରେ ନିର୍ଭର କରି ଭାରତରେ ଯୁବ ସଶକ୍ତୀକରଣ କାର୍ଯ୍ୟକ୍ରମକୁ ନିରନ୍ତର କରାଯାଇ ପାରିବ। ସେଗୁଡ଼ିକ ହେଲା – ଶିକ୍ଷା, ଦକ୍ଷତା ଓ ନିଯୁକ୍ତି, ବୈପ୍ଲବିକ ସ୍ୱଭାବ ପରିବର୍ତ୍ତନ ଓ ସରକାରୀ ନୀତି ଓ ପ୍ରୟାସ। 'ସମସ୍ତଙ୍କ ପାଇଁ ଶିକ୍ଷା ଓ ଉଚ୍ଚମାନର ଶିକ୍ଷା' ଏହା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ସ୍ଲୋଗାନ ହୋଇଛି। ଏହି ସ୍ଲୋଗାନକୁ ଠିକଣା ଭାବେ କାର୍ଯ୍ୟରେ ରୂପାୟିତ କରାଯାଇ ପାରିଲେ ସରକାରଙ୍କ 'ଭାରତ ବଦଳାଅ' ବା 'ଟ୍ରାନ୍ସଫର୍ମ ଇଣ୍ଡିଆ' ଲକ୍ଷ୍ୟ ସାଧିତ ହୋଇପାରିବ। ଏଥିପାଇଁ ଯେଉଁ ମୌଳିକ ଆବଶ୍ୟକତା ରହିଛି ତାହା ହେଲା – ସମସ୍ତଙ୍କ ପାଇଁ ଶିକ୍ଷା ସୁଯୋଗ ପହଞ୍ଚାଇବା, ଏଥିରେ ସମତା, ଅଂଶୀଦାରୀ ବ୍ୟବସ୍ଥା ଓ ମାନ ଆଣିବା ଓ ଦକ୍ଷତା ବିକାଶ ଅନ୍ୟତମ।**

ଡିଗ୍ରୀଧାରୀମାନଙ୍କ ମଧ୍ୟରୁ ମାତ୍ର ପାଞ୍ଚ ଶତାଂଶ ନିଯୁକ୍ତି ଯୋଗ୍ୟ। ଏହା ଆମ ଶିକ୍ଷା ବ୍ୟବସ୍ଥାର ଫଳାଫଳ ଓ ବାସ୍ତବତାକୁ ଆମ ଆଗରେ ଉପସ୍ଥାପନ କରୁଛି।

ଶିକ୍ଷା ସୁଯୋଗ ଓ ସମତା ପରେ ତୃତୀୟ ପ୍ରସଙ୍ଗଟି ହେଲା ଶିକ୍ଷାର ମାନ। ଭାରତର ଏହି ଦୁର୍ବଳ ଶିକ୍ଷା ବ୍ୟବସ୍ଥାରୁ ସୁଯୋଗ ଉଠାଇଛନ୍ତି ଅନ୍ୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରସମୂହ। ପ୍ରତିବର୍ଷ ଭାରତରୁ ଅନେକ ପ୍ରତିଭା ସମ୍ପନ୍ନ ଛାତ୍ରଛାତ୍ରୀ ବିଦେଶ ପଳାଇଯାଇ ସେଠାକାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସମୂହରେ ପାଠପଢ଼ି ସେଠାରେ ନିଯୁକ୍ତି ପାଉଛନ୍ତି। ସେମାନଙ୍କୁ ଉତ୍ତମ ବେତନ ଓ ଭଲ ପଦ ମିଳୁଛି। ଭାରତରେ ଉତ୍ତମ ମାନର ଶିକ୍ଷାର ଅଭାବ ଏଥିପାଇଁ ଦାୟୀ। ଅତଏବ ଆମ ଶିକ୍ଷା ବ୍ୟବସ୍ଥାର ଏକ ଆମୂଳଚୂଳ ପରିବର୍ତ୍ତନ ଅବସ୍ୟମ୍ଭାବୀ ହୋଇଛି। ବିଶ୍ୱର ଏକ ପୁରୁଣା ଓ ବୃହତ୍ତମ ଶିକ୍ଷା ବ୍ୟବସ୍ଥାରେ ଅଭିନବତା, ସଂସ୍କାର, ଆଧୁନିକୀକରଣ ଅପରିହାର୍ଯ୍ୟ ହୋଇପଡ଼ିଛି।

### ସମସ୍ୟାବଳୀ

ଭାରତର ଉଚ୍ଚ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ରହିଛି ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା।

### ଅଭାବ-ଅସୁବିଧା

- ଉଚ୍ଚମାନର ଉତ୍ସର୍ଗୀକୃତ ଶିକ୍ଷକ ଓ ଦିଗ୍‌ଦର୍ଶକଙ୍କ ଅଭାବ।
- ଏହି ବୃତ୍ତିରେ ସ୍ୱଳ୍ପ ବେତନ, ମାନ୍ୟତା ଓ ପ୍ରତିଷ୍ଠାର ଅଭାବ ଯୋଗୁ ପ୍ରତିଭାବାନ ବ୍ୟକ୍ତି ଶିକ୍ଷକତା ପ୍ରତି ବିମୁଖ।
- ଶିକ୍ଷକ ଅଭାବ ଓ କାମଚଳା ବ୍ୟବସ୍ଥା। ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅଧିକାଂଶ ଶିକ୍ଷକ ପଦ ଏବଂ ୧୩ ଶତାଂଶ ମୁଖ୍ୟ ପଦ ଦୀର୍ଘ କାଳ ଧରି ରିକ୍ତ ପଡ଼ିବା।
- ପାଣି ଏବଂ ମୌଳିକ ସୁବିଧା ସୁଯୋଗର ଅଭାବ।
- ବିଶ୍ୱର ସର୍ବବୃହତ୍ ଶୈକ୍ଷିକ ବ୍ୟବସାୟକୁ ଚଳାଇବା ପାଇଁ ଜିଡିପିର ମାତ୍ର ୩.୩ ଶତାଂଶ ଖର୍ଚ୍ଚ। ଏହା ଫମ୍ପା ମାଠିଆର ଶବ୍ଦ ବେଶୀ ଭଳି।
- ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ରାଜନୈତିକ ଓ ଅମଲାତାନ୍ତ୍ରିକ ହସ୍ତକ୍ଷେପ।
- ବରିଷ୍ଠ ଶିକ୍ଷାବିତ୍ ଓ ଗବେଷକ ସେମାନଙ୍କ ଲକ୍ଷ୍ୟ ଓ ଯୋଜନା କାର୍ଯ୍ୟକାରୀ କରିବାରେ ବିଫଳହେବା।

### ପୁରୁଣାକାଳିଆ ବ୍ୟବସ୍ଥା

- ପୁରୁଣାକାଳିଆ ଜଟିଳ ପାଠ୍ୟକ୍ରମ ଚାଲୁ ରହିବା ଓ ନୂଆ ଟେକ୍‌ନୋଲୋଜି ଏବଂ ନୂତନ ପାଠ୍ୟକ୍ରମକୁ ପ୍ରଚଳନ ଓ ଗ୍ରହଣ କରିବାରେ ଅନାଗ୍ରହ।
- ବିଜ୍ଞାନାଗାର ଭିତ୍ତିକ ପାଠ୍ୟକ୍ରମକୁ ସଂକୁଚିତ କରିବାର ପ୍ରୟାସ।
- ମୌଳିକ ବିଜ୍ଞାନକୁ ଉପେକ୍ଷା।
- ଆନ୍ତଃ ବିଷୟକ ଅନୁଧ୍ୟାନ ଓ ଗବେଷଣା ପ୍ରତି ଅନ୍ରାଗ୍ରହ ତଥା ନିଜ ସାମ୍ରାଜ୍ୟ ଓ ଖୋଳପା ଭିତରେ ରହିବାର ପ୍ରବଣତା।
- ନୂଆ ବିଚାର, ବିଷୟ, ଜ୍ଞାନକୌଶଳ ପ୍ରତି ଅନାଗ୍ରହ ଓ ପାରମ୍ପରିକତାକୁ ଅଗ୍ରାଧିକାର।



**ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯେତେବେଳେ ନାମ ଲେଖା କଥା ଉଠେ ସେତେବେଳେ ଛାତ୍ରଛାତ୍ରୀ କେଉଁ ବିଷୟରେ ପଢ଼ିବାକୁ ଅଧିକ ଆଗ୍ରହୀ ତାହା ବିଚାରକୁ ଆସେ। ଦେଖାଯାଉଛି ଯେ କଳା ବା ତତ୍ ସଂକ୍ରାନ୍ତ ବିଷୟ ପଢ଼ିବାକୁ ସବୁଠୁ ଅଧିକ ୩୫ ରୁ ୪୦ ଶତାଂଶ ପିଲାଏ ଅଧିକ ଆଗ୍ରହ ଦେଖାଉଛନ୍ତି। ଏହା ପଛକୁ ବାଣିଜ୍ୟ ଓ ପରିଚାଳନା ପାଠ ପାଇଁ ୨୦ରୁ ୨୫ ଭାଗ ଆଗ୍ରହୀ। ସବା ଶେଷରେ ମୌଳିକ ଓ ପ୍ରୟୋଗାତ୍ମକ ବିଜ୍ଞାନ, ଯାହାକୁ ପଢ଼ିବାକୁ ଯଥାକ୍ରମେ ୧୯-୨୧ ଶତାଂଶ ଓ ୧୫ ରୁ ୧୬ ଶତାଂଶ ପିଲା ଆଗ୍ରହୀ।**

- କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ବ୍ୟତୀତ ଅନ୍ୟ ସବୁ ଉଚ୍ଚତର ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମି ତଥା ମୌଳିକ ସୁବିଧା ସୁଯୋଗର ଘୋର ଅଭାବ।

### ସଂପୃକ୍ତିର ଅଭାବ

ପାଠ୍ୟକ୍ରମ ଢାଞ୍ଚା ପ୍ରସ୍ତୁତି ଓ ସିଲାବସ ତିଆରିରେ ଉଭୟ ଶିକ୍ଷାନୁଷ୍ଠାନର ପରିଚାଳକ ଓ ଶିକ୍ଷାପ୍ରଶାସକ - ଶିକ୍ଷକଙ୍କର ବିଶେଷ ଆଗ୍ରହ ଓ ସଂପୃକ୍ତି ରହୁ ନାହିଁ। ଫଳରେ ପୁରୁଣାକାଳିଆ ପାଠ୍ୟକ୍ରମ ସେମିତି ପିଲାଏ ପଢୁଛନ୍ତି। ଏହି କାର୍ଯ୍ୟରେ ବରିଷ୍ଠ ଶିକ୍ଷକ ବା ଶିକ୍ଷାବିତ୍ କିମ୍ବା ବୁରୋକ୍ରାଟ୍‌ଙ୍କୁ ଅଧିକାଂଶ ସମୟରେ ନିଯୁକ୍ତ କରାଯାଉଛି ଯେଉଁମାନଙ୍କର ସମୟର ଆବଶ୍ୟକତା ଓ ପରିବର୍ତ୍ତିତ ସମୟର ବାସ୍ତବତାକୁ ବୁଝିବାକୁ ଆଗ୍ରହ କିମ୍ବା ସମୟ ନାହିଁ। ପାଠ୍ୟକ୍ରମ ପ୍ରସ୍ତୁତିବେଳେ ବଜାରର ଆବଶ୍ୟକତା, ଚାହିଦା, ଶିଳ୍ପ, ବାଣିଜ୍ୟ, ପରୀକ୍ଷାଗାର ଓ ଅନ୍ୟାନ୍ୟ କ୍ଷେତ୍ରର ସଂପୃକ୍ତ ପକ୍ଷଙ୍କ ସହ ପରାମର୍ଶ, ଆଲୋଚନା କରାଯାଉନାହିଁ। ଫଳରେ ଯେଉଁ ପାଠ୍ୟକ୍ରମ ପ୍ରଚଳିତ ହେଉଛି ତାହା ନିଯୁକ୍ତି ଅନୁପଯୁକ୍ତ ଡିଗ୍ରୀଧାରୀଙ୍କୁ ଉତ୍ପାଦନ କରିବାରେ ସାର ହେଉଛି। ଏମାନେ ଦେଶର ସମ୍ପତ୍ତି ହେବା ପରିବର୍ତ୍ତେ ବୋଝ ପାଲଟୁଛନ୍ତି।

ଏଭଳି ଅସୁବିଧା ସତ୍ତ୍ୱେ ଦେଶର ଅନେକ ଛାତ୍ରଛାତ୍ରୀ ବିଜ୍ଞାନ ଓ ପ୍ରଯୁକ୍ତି, କଳା ଓ ମାନବିକବିଦ୍ୟା ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ

**୨୦୦୨ ରୁ ୨୦୧୬ ମଧ୍ୟରେ ଦେଶର ବିଜ୍ଞାନଭିତ୍ତିକ ପ୍ରକାଶନ ସଂଖ୍ୟା ପ୍ରାୟ ପାଞ୍ଚଗୁଣ ବୃଦ୍ଧି ପାଇଛି। ମହାକାଶ ଯୋଗାଯୋଗ, ସୂଚନା ପ୍ରଯୁକ୍ତି, ଗବେଷଣା ଓ ଅଭିନବତା, ଭେଷଜ ବିଜ୍ଞାନ, ରୋଗ ନିଦାନ ଆଦି କ୍ଷେତ୍ରରେ ଆମେ ଦେଶୀ ଜ୍ଞାନକୌଶଳର ଉପଯୋଗ କରି ଏକ ଶକ୍ତ ଭିତ୍ତିଭୂମି ସ୍ଥାପନ କରିପାରିଛୁ। ଏ କ୍ଷେତ୍ରରେ ମୌଳିକ ବିଜ୍ଞାନର ମୂଳତତ୍ତ୍ୱ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଯୁବସମାଜର ସଶକ୍ତୀକରଣ ପାଇଁ ସରକାର ଏକ ଦୃଢ଼ ବ୍ୟବସ୍ଥା ତିଆରି କରୁଛନ୍ତି। ଏଥିପାଇଁ ଯଥାସମ୍ଭବ ଉତ୍ତମ ନୀତି, ବ୍ୟବସ୍ଥା, ଯୋଜନା ଓ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି। ଶିକ୍ଷାକୁ ଅଧିକ ସମୟ ଉପଯୋଗୀ ଓ ପ୍ରାସଙ୍ଗିକ କରିବା ପାଇଁ ପାଠ୍ୟକ୍ରମର ଢାଞ୍ଚା ପରିବର୍ତ୍ତନ କରାଯାଉଛି। ବିଶେଷ କରି ମୌଳିକ ବିଜ୍ଞାନ ଓ କଳାର ଶିକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି।**

କରୁଛନ୍ତି। ଆଇଆଇଟି, ଏମ୍ସ, ଆଇଜର, ଇମଟେକ୍, ଆଇଆଇଏସ୍‌ସି, ଆଇଆଇଏମ୍ ଭଳି ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମୂହର ବିଦ୍ୟାର୍ଥୀମାନେ ବିଶ୍ୱର ନାମକରା କମ୍ପାନୀ ଓ ସଂସ୍ଥାରେ ଉତ୍ତମ ନିଯୁକ୍ତି ପାଇବା କ୍ଷେତ୍ରରେ ସେମାନଙ୍କ ନିଜ ପ୍ରତିଭା ଓ ଅଧ୍ୟବସାୟ ଅଧିକ ଦାୟୀ। ସେଥିପାଇଁ ତାଙ୍କୁ ତାଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷକ ଯୋଗ୍ୟ କରିନାହାନ୍ତି।

୨୦୦୨ ରୁ ୨୦୧୬ ମଧ୍ୟରେ ଦେଶର ବିଜ୍ଞାନଭିତ୍ତିକ ପ୍ରକାଶନ ସଂଖ୍ୟା ପ୍ରାୟ ପାଞ୍ଚଗୁଣ ବୃଦ୍ଧି ପାଇଛି। ମହାକାଶ ଯୋଗାଯୋଗ, ସୂଚନା ପ୍ରଯୁକ୍ତି, ଗବେଷଣା ଓ ଅଭିନବତା, ଭେଷଜ ବିଜ୍ଞାନ, ରୋଗ ନିଦାନ ଆଦି କ୍ଷେତ୍ରରେ ଆମେ ଦେଶୀ ଜ୍ଞାନକୌଶଳର ଉପଯୋଗ କରି ଏକ ଶକ୍ତ ଭିତ୍ତିଭୂମି ସ୍ଥାପନ କରିପାରିଛୁ। ଏ କ୍ଷେତ୍ରରେ ମୌଳିକ ବିଜ୍ଞାନର ମୂଳତତ୍ତ୍ୱ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଯୁବସମାଜର ସଶକ୍ତୀକରଣ ପାଇଁ ସରକାର ଏକ ଦୃଢ଼ ବ୍ୟବସ୍ଥା ତିଆରି କରୁଛନ୍ତି। ଏଥିପାଇଁ ଯଥାସମ୍ଭବ ଉତ୍ତମ ନୀତି, ବ୍ୟବସ୍ଥା, ଯୋଜନା ଓ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି। ଶିକ୍ଷାକୁ ଅଧିକ ସମୟ ଉପଯୋଗୀ ଓ ପ୍ରାସଙ୍ଗିକ କରିବା ପାଇଁ ପାଠ୍ୟକ୍ରମର ଢାଞ୍ଚା ପରିବର୍ତ୍ତନ କରାଯାଉଛି। ବିଶେଷ କରି ମୌଳିକ ବିଜ୍ଞାନ ଓ କଳାର ଶିକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି।

### ଶିକ୍ଷାର ପ୍ରସାର

ଯୁବ ସମାଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଶିକ୍ଷାର ପ୍ରସାର ପାଇଁ ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଛନ୍ତି। ନୂଆ ନୂଆ ଆଇଆଇଟି, ଆଇଆଇଏମ୍, ଆଇଆଇଆଇଟି, ଆଇସର, ଏମ୍ସ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କଲେଜ ଆଦି ପ୍ରତିଷ୍ଠା କରାଯାଉଛି। ଏହାଛଡ଼ା ଶିକ୍ଷାନୁଷ୍ଠାନଗୁଡ଼ିକର ଦକ୍ଷତା ଓ ମାନବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

### ଗ୍ୟାନ୍

ଗ୍ଲୋବାଲ ଇନିସିଏଟିଭ ଅଫ୍ ଏକାଡେମିକ ନେଟ୍‌ୱାର୍କ ବା ଗ୍ୟାନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ପାଇଁ ବିଶ୍ୱ ସ୍ତରରେ ବୈଜ୍ଞାନିକ, ଉଦ୍ୟୋଗୀଙ୍କୁ ଠାବ କରି ସେମାନଙ୍କୁ ନିୟୋଜିତ କରିବାର ପ୍ରୟାସ କରାଯାଉଛି। ସେମାନଙ୍କ ବୁଦ୍ଧି ବିଦ୍ୟା, ଅନୁଭୂତି ଓ ଦିଗ୍‌ଦର୍ଶନକୁ ପାଥେୟ କରି ଭାରତ ନିଜର ବୈଜ୍ଞାନିକ ଓ ପ୍ରଯୁକ୍ତି ଦକ୍ଷତା ବିଶ୍ୱସ୍ତରରେ ବଢ଼ାଇବାକୁ ପ୍ରୟାସୀ।

ସରକାର ଶିକ୍ଷା କ୍ଷେତ୍ରରେ ଆଉ ଯେଉଁ ସବୁ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସେସବୁ ନିମ୍ନରେ ପ୍ରଦାନ କରାଯାଇଛି।

- ସାମାଜିକ ଦୃଷ୍ଟିରୁ ପ୍ରାସଙ୍ଗିକ ବିଷୟରେ ଦେଶର ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନରେ ପ୍ରତ୍ୟକ୍ଷ ଗବେଷଣା ବ୍ୟବସ୍ଥା ।
- ଉଚ୍ଚତର ଆବିଷ୍କାର ଅଭିଯାନ (ୟୁଏଓ୍ୱାଇ)
- ଜାତୀୟ ପ୍ରତିଷ୍ଠାନଗତ ର୍‍ୟାଙ୍କିଙ୍ଗ୍ ବ୍ୟବସ୍ଥା (ଏନ୍‌ଆଇଆରଏଫ୍)
- ଉଚ୍ଚ ଶିକ୍ଷା ପାଇଁ ପାଣ୍ଠି ଯୋଗାଣ ସଂସ୍ଥା (ଏଚଇଏଫ୍ଏ) ପ୍ରତିଷ୍ଠା
- ସାର୍ଟିଫିକେଟ, ମାର୍କସିଟ୍ ଓ ଶୈକ୍ଷିକ ପ୍ରମାଣପତ୍ର ଆଦିର ଜାଲିଆତିକୁ ରୋକିବା ପାଇଁ ଜାତୀୟ ସ୍ତରରେ ନେଶନାଲ ଏକାଡେମିକ ଡିପୋଜିଟରୀ ପ୍ରତିଷ୍ଠା।
- ଉଚ୍ଚମାନର ଶୈକ୍ଷିକ କାର୍ଯ୍ୟକ୍ରମକୁ ୩୨ଟି ଡିଟିଏଚ୍ ଚାନେଲ ମାଧ୍ୟମରେ ୨୪ ଘଣ୍ଟା ପ୍ରସାରଣ କରିବାକୁ ଏକ ସ୍ୱତନ୍ତ୍ର ପ୍ରକଳ୍ପ ସ୍ୱୟଂପ୍ରଭା।
- ମୁକ୍ତ ଅନ୍‌ଲାଇନ ପାଠ୍ୟକ୍ରମ ପ୍ରସାରଣ ପାଇଁ ଦେଶୀ ଆଇଟି ପ୍ଲାଟଫର୍ମ 'ସ୍ୱୟମ୍' ଗଠନ
- ଜାତୀୟ ଡିଜିଟାଲ ଲାଇବ୍ରେରୀ ପ୍ରତିଷ୍ଠା
- କ୍ୟାମ୍ପସ ଯୋଗାଯୋଗ ସୁବିଧା, ଡକ୍ଟରେଟ ପରବର୍ତ୍ତୀ ଫେଲୋସିପ୍, ଜାତୀୟ ଡିଜାଇନ ଇନୋଭେସନ ବ୍ୟବସ୍ଥା ଆଦି ଅନ୍ୟତମ।

ଏହା ବ୍ୟତୀତ ସରକାରଙ୍କ ପକ୍ଷରୁ ଯୁବସଂପ୍ରଦାୟର ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ସ୍କିଲଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ମାଧ୍ୟମରେ ଶିକ୍ଷାର ବିକାଶ ଓ ମାନ ବୃଦ୍ଧି ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଆବଶ୍ୟକ ପାଣ୍ଠି ଯୋଗାଣର ବ୍ୟବସ୍ଥା କରିଛନ୍ତି। ଯେଉଁ ରାଜ୍ୟମାନେ ଏ କ୍ଷେତ୍ରରେ ଭଲ ପ୍ରୟାସ କରୁଛନ୍ତି ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ଚଏସ୍ ବେସ୍‌ଡ କ୍ରେଡିଟ୍ ସିଷ୍ଟମ ସରକାରଙ୍କ ଆଉ ଏକ ପ୍ରୟାସ ଯାହା ଦ୍ୱାରା ଶିକ୍ଷାକୁ ଶିକ୍ଷାର୍ଥୀର ପସନ୍ଦ ଅନୁରୂପ କରିବା ସହ ଉପଯୁକ୍ତ ପାଠ୍ୟକ୍ରମ ଓ ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ସରକାର (ସିବିସିଏସ୍) ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ପ୍ରାଦେଶିକ, କେନ୍ଦ୍ରୀୟ ଓ ଆନ୍ତର୍ଜାତିକ ଶିକ୍ଷାବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷାର ପ୍ରୟାସ ହୋଇଛି। ଫଳରେ ଛାତ୍ରଛାତ୍ରୀ ପାଠପଢ଼ା ପରେ ଅଧିକରୁ ଅଧିକ ନିଯୁକ୍ତି ଉପଯୋଗୀ ହୋଇପାରିବେ।

ଏଥିରୁ ସ୍ପଷ୍ଟ ହେଉଛି ଯେ ସରକାର ଶିକ୍ଷାକୁ ଯୁବସମାଜର ଯଥାର୍ଥ ସଶକ୍ତୀକରଣ ମାଧ୍ୟମ ଭାବେ ତିଆରି କରିବାକୁ ପ୍ରୟାସୀ। ବିଶେଷ କରି କଳା, ମାନବିକ ବିଦ୍ୟା ଓ ମୌଳିକ ବିଜ୍ଞାନକୁ ପାଠ୍ୟକ୍ରମରେ ଅଗ୍ରାଧିକାର ଦିଆଯାଉଛି ଓ ତଦନୁସାରେ ପାଠ୍ୟକ୍ରମ ପ୍ରସ୍ତୁତ ହେଉଛି। ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ ସୀମିତ ସମ୍ବଳ ମଧ୍ୟରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ଯଥାସମ୍ଭବ ଉଦ୍ୟମ କରାଯାଉଛି। ଏଥିପାଇଁ ଏକ ଚାରିସୂତ୍ରୀ ପଦକ୍ଷେପ ଅଗ୍ରାଧିକାର ପାଇଛି। ସେଗୁଡ଼ିକ ହେଲା ଛାତ୍ରକୈନ୍ଦ୍ରୀକ ଶିକ୍ଷା, ନିଯୁକ୍ତିଦାତାଙ୍କ ଆବଶ୍ୟକତା ଅନୁସାରେ ପାଠ୍ୟକ୍ରମ, ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ଆବଶ୍ୟକ ସରକାରୀ ସହାୟତା ଯୋଗାଣ ଓ ତାଲିମ ଏବଂ ଦକ୍ଷତା ବିକାଶକୁ ଗୁରୁତ୍ୱ। ଏହି ଚତୁଷ୍କୋଣି ପଦକ୍ଷେପ ଦ୍ୱାରା ଭାରତୀୟ ଯୁବସମାଜର ସଶକ୍ତୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଉଭୟ ଯୁବ ସଂପ୍ରଦାୟ ଓ ରାଷ୍ଟ୍ର ଉପକୃତ ହେବେ ବୋଲି ଆଶା କରାଯାଏ।

ଡକ୍ଟର ରାକେଶ ବସ୍ତ ଚଣ୍ଡିଗଡ଼ସ୍ଥିତ ଜାତୀୟ ବୈଷୟିକ ଶିକ୍ଷକ ତାଲିମ ଓ ଗବେଷଣା ପ୍ରତିଷ୍ଠାନର ମିଡିଆ ସେଣ୍ଟର ଓ ନିରନ୍ତର ଶିକ୍ଷା ବିଭାଗର ପ୍ରଫେସର ଏବଂ ମୁଖ୍ୟ। ଡକ୍ଟର ମୀନୁ ବସ୍ତ, ଚଣ୍ଡିଗଡ଼ସ୍ଥିତ ଡିଏଭି କଲେଜର ସହକାରୀ ପ୍ରଫେସର

# ଭାରତୀୟ ଯୁବକଙ୍କ ଆନ୍ତର୍ଜାତିକ ଉପସ୍ଥିତି

ଶୀତଲ ଶର୍ମା
ଭାସ୍କର ଜ୍ୟୋତି

କେଉଁ ଅନାଦି କାଳରୁ ଭାରତୀୟ ଯୁବକଯୁବତୀମାନେ ସମଗ୍ର ବିଶ୍ୱରେ ଭାରତୀୟ ପ୍ରଜ୍ଞା, ସଭ୍ୟତା ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଧ୍ୱଜାଧାରୀର ଭୂମିକା ନିର୍ବାହ କରିଆସୁଛନ୍ତି। ନିଜ ନିଜର ଧର୍ମ, ସଂପ୍ରଦାୟ ଓ ସଂସ୍କୃତିର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ବିଶ୍ୱରେ ଯେତେବେଳ ଏକ ପ୍ରତିଯୋଗୀତା ଚାଲିଥିଲା, ସେତେବେଳେ ଜଣେ ଭାରତୀୟ ଯୁବ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ୧୮୮୩ରେ ଆମେରିକାର ସିକାଗୋ ସହରରେ ଅନୁଷ୍ଠିତ ବିଶ୍ୱ ଧାର୍ମିକ ସଂସଦରେ ଧର୍ମୀୟ ସହନଶୀଳତାର ଯଥାର୍ଥତା ଉପରେ ଗୁରୁତ୍ୱ ଆରୋପ କରି ସମବେତ ପ୍ରତିନିଧିମାନଙ୍କୁ ଚମତ୍କୃତ କରିଥିଲେ। ଏହାପରେ ଜଣେ ଯୁବ ବାରିଷ୍ଟର ମୋହନଦାସ କରମଚାନ୍ଦ ଗାନ୍ଧୀ ଦକ୍ଷିଣଆଫ୍ରିକା ଗସ୍ତ କରି ପ୍ରଥମ ଥର ପାଇଁ ସତ୍ୟ ଓ ଅହିଂସା ସଂକ୍ରାନ୍ତ ତାଙ୍କ ବିଚାରକୁ ପରୀକ୍ଷାରେ ଲଗାଇଥିଲେ। ପରବର୍ତ୍ତୀ ସମୟରେ ଏହା ବିଶ୍ୱରେ ଶାନ୍ତି ଓ ସଦ୍‌ଭାବନା ସ୍ଥାପନ କ୍ଷେତ୍ରରେ ପ୍ରମୁଖ ଆୟୁଧ ହୋଇଥିଲା। ମହାତ୍ମା ଗାନ୍ଧୀ ବୋଧହୁଏ ପ୍ରଥମ ପ୍ରବାସୀ ଭାରତୀୟ ଥିଲେ ଯେ କି ବିଶ୍ୱକୁ ଶାନ୍ତି ଓ ସଦ୍‌ଭାବନାର ବହୁ ପ୍ରତୀକ୍ଷିତ ମନ୍ତ୍ର ପ୍ରଦାନ କରିଥିଲେ। ବିଶ୍ୱରେ ଭାରତୀୟ ଦର୍ଶନ ଓ ମୂଲ୍ୟବୋଧର ପ୍ରଚାର ପ୍ରସାର କାର୍ଯ୍ୟ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ମୌର୍ଯ୍ୟ ଶାସକ ସମ୍ରାଟ ଅଶୋକଙ୍କ ରାଜତ୍ୱକାଳରେ ପ୍ରଥମେ ଆରମ୍ଭ ହୋଇଥିଲା। ସେ ତାଙ୍କର ଯୁବା ପୁତ୍ରକନ୍ୟାଙ୍କୁ ସିଂହଳ ପଠାଇବା ସହ ଦକ୍ଷିଣ ଏସିଆରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର କରିଥିଲେ। ଏହି ମହାନ ପରମ୍ପରାକୁ ଲକ୍ଷଲକ୍ଷ ଭାରତୀୟ ଏବେ ମଧ୍ୟ ଉଜ୍ଜୀବିତ କରିରଖିଛନ୍ତି। ସେମାନେ ବିଶ୍ୱର କୋଣ ଅନୁକୋଣରେ ରହି ଭାରତୀୟ ବିଚାର, ଦର୍ଶନ ଓ ସଂସ୍କୃତିର ପ୍ରଚାର ପ୍ରସାରରେ ବ୍ରତୀ ଅଛନ୍ତି।

**ଭାରତୀୟ ପ୍ରବାସୀ : ଏକ ଯୁବବାହିନୀ**

ମିଳିତ ଜାତିସଂଘର ଦେଶାଟନ ରିପୋର୍ଟ ଅନୁସାରେ ୨୦୧୫ରେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଭ୍ରମଣ କରୁଥିବା ବ୍ୟକ୍ତିବିଶେଷଙ୍କ ହାରାହାରି ପରମାୟୁ ମାତ୍ର ୩୯ ବର୍ଷ। ଯେହେତୁ ଭାରତରେ ଯୁବବର୍ଗଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ ଏମାନେ ବିଭିନ୍ନ ଦେଶକୁ ଯାଉଥିବାରୁ ବିଶ୍ୱରେ ଯୁବ ଭାରତୀୟ ଦେଶାଟନକାରୀଙ୍କ ସଂଖ୍ୟା ସର୍ବାଧିକ ବୋଲି ହିସାବ କରାଯାଉଛି। ଏକ ହିସାବ ଅନୁସାରେ ବିଶ୍ୱର ବିଭିନ୍ନ ଦେଶରେ ୨୫ ନିୟୁତ ଭାରତୀୟ ଓ ଭାରତୀୟ ମୂଳର ଲୋକେ ବସବାସ କରୁଛନ୍ତି। ମିଳିତ ଜାତିସଂଘର ସାମାଜିକ, ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ୨୦୧୫ରେ କରାଯାଇଥିବା ଏକ ସର୍ଭେ ଅନୁସାରେ ବିଶ୍ୱର ବିଭିନ୍ନ ଦେଶରେ ବସବାସ କରୁଥିବା ଭାରତୀୟ ପ୍ରବାସୀ ଲୋକଙ୍କ ସଂଖ୍ୟା ସର୍ବାଧିକ। ପୃଥିବୀର କେତେକ ନିର୍ଦ୍ଦିଷ୍ଟ ଇଲାକାରେ ଭାରତୀୟ ମୂଳର ଲୋକେ ଅଧିକ ବସବାସ କରୁଥିଲେ ହେଁ ଏବେ ସେମାନଙ୍କ ସଂଖ୍ୟା ମଧ୍ୟ ନୂଆ ଅଞ୍ଚଳ ଓ ଦକ୍ଷିଣ ସୁଦାନ ଭଳି କ୍ଷୁଦ୍ର ଦେଶରେ ସ୍ପଷ୍ଟ ବାରି ହୋଇ ପଡୁଛି। ଯୁକ୍ତରାଷ୍ଟ୍ର ଆମେରିକାରେ ସର୍ବାଧିକ ୩୨ଲକ୍ଷ ଭାରତୀୟ ବିଭିନ୍ନ ଭିସା ଓ ଅନ୍ୟାନ୍ୟ କାଗଜପତ୍ର ବଳରେ କାର୍ଯ୍ୟରତ। ଆମେରିକା ବ୍ୟତୀତ ଉପସାଗରୀୟ ରାଷ୍ଟ୍ର ସମୂହରେ ପ୍ରାୟ ସାତ ନିୟୁତ ପ୍ରବାସୀ ଭାରତୀୟ ଅଛନ୍ତି।

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ପ୍ରବାସୀ ଭାରତୀୟଙ୍କ ବିସ୍ତାର ପଛରେ ବ୍ରିଟିଶ ଉପନିବେଶବାଦ ଶାସନକାଳର କିଛି କାରଣ ରହିଛି। ବ୍ରିଟିଶ ସରକାରଙ୍କ ସ୍ୱାର୍ଥ ସିଦ୍ଧି ପାଇଁ ଏକଦା ଭାରତୀୟମାନଙ୍କୁ ନିଜ ଦେଶରୁ ଅନ୍ୟ ଦେଶକୁ ବିଭିନ୍ନ କାର୍ଯ୍ୟ ପାଇଁ ପଠାଯାଇଥିଲା। ସେସବୁ ଦେଶରେ ଅବଶ୍ୟ ବ୍ରିଟିଶ୍ ରାଜ ଚାଲୁଥିଲା। କାଳକ୍ରମେ ଏହି ଭାରତୀୟମାନେ ସେଠାରେ ସ୍ଥାୟୀଭାବେ ବସବାସ କରି ରହିଗଲେ ଏବଂ ସେମାନଙ୍କ ପରିବାର ଓ ବଂଶ ବୃଦ୍ଧି ଫଳରେ ଭାରତୀୟ ମୂଳର ଲୋକଙ୍କ ସଂଖ୍ୟା କ୍ରମଶଃ ବଢ଼ିଲା। ଏହି କାରଣରୁ ଅଷ୍ଟ୍ରେଲିଆ, ଫିଜି, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ୍, ପୂର୍ବଆଫ୍ରିକୀୟ ରାଷ୍ଟ୍ର ସମୂହରେ ବହୁ ସଂଖ୍ୟକ ପ୍ରବାସୀ ଭାରତୀୟ ତଥା ଭାରତୀୟ ବଂଶୋଦ୍ଭବ ଅଛନ୍ତି। ପ୍ରଥମେ ଯେଉଁ

**୨୦୧୪ରେ ସାରା ବିଶ୍ୱରୁ ଯେଉଁ ୩୧୬,୦୦୦ଲୋକ ଆମେରିକୀୟ ଏଚ୍-ୱାନ୍‌ବି ଭିସା ପାଇଁ ଆବେଦନ କରିଥିଲେ ସେଥିମଧ୍ୟରୁ ୭୦ ଶତାଂଶ ଭାରତୀୟଙ୍କୁ ଏହା ମିଳିଛି। ଭାରତରେ ଜନ୍ମିତ ପ୍ରାୟ ୧୦୩,୦୦୦ ଛାତ୍ରଛାତ୍ରୀ ୨୦୧୩-୧୪ରେ ଆମେରିକୀୟ ଶିକ୍ଷାନୁଷ୍ଠାନ ସମୂହରେ ନାମ ଲେଖାଇଥିଲେ। ଆମେରିକୀୟ ଜନଗଣନା ତଥ୍ୟ ଅନୁସାରେ ଆମେରିକାରେ ଥିବା ପ୍ରବାସୀ ଭାରତୀୟଙ୍କ ହାରାହାରି ପରମାୟୁ ୩୯ବର୍ଷ। ମାତ୍ର ୧୧ ଶତାଂଶ ପ୍ରବାସୀ ଭାରତୀୟଙ୍କ ବୟସ ୬୫ ବର୍ଷ ବା ତତୁର୍ଦ୍ଧ୍ୱ।ପ୍ରବାସୀ ଭାରତୀୟଙ୍କ ଶିକ୍ଷା ସ୍ତର ସର୍ବୋଚ୍ଚ ଏବଂ ମୂଳ ଆମେରିକୀୟ ଅଧିବାସୀଙ୍କ ଶିକ୍ଷାସ୍ତରଠାରୁ ଅଧିକ। ୨୦୧୫ରେ ୮୨% ପ୍ରବାସୀ ଭାରତୀୟ (୨୫ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ) ସ୍ନାତକ କିମ୍ବା ତତୁର୍ଦ୍ଧ୍ୱ ଡିଗ୍ରୀଧାରୀ ଥିବାବେଳେ ଆମେରିକାରେ ଜନ୍ମିତ ମୂଳ ଆମେରକୀୟ ଡିଗ୍ରୀଧାରୀଙ୍କ ସଂଖ୍ୟା ଥିଲା ୩୦%।**

ଭାରତୀୟମାନଙ୍କୁ ବ୍ରିଟିଶ ସରକାର ବିଦେଶକୁ ପଠାଇଲେ ସେମାନେ କର୍ମନିଯୁକ୍ତି ସୁବିଧାସୁଯୋଗ ଅପେକ୍ଷା ବାଧ୍ୟବାଧକତାରେ ଅନିଚ୍ଛୁକ ଭାବେ ବିଦେଶ ଯାଇଥିଲେ । ଏସବୁ ଭାରତୀୟଙ୍କ ମଧ୍ୟରେ ଥିଲେ ଗୋଟି ଶ୍ରମିକ, ସୈନିକ, ନାବିକ, ଖଲାସି, ଆୟା ଓ କ୍ରୀତଦାସ / ଦାସୀ । ଏମାନେ ଯୁବକଯୁବତୀ ଥିଲେ ମଧ୍ୟ ନୂଆଦେଶରେ ସ୍ୱାଧୀନଭାବେ ନିଜର ବୃତ୍ତି ବାଛିବାକୁ ଅଧିକୃତ ନ ଥିଲେ ।


ପରବର୍ତ୍ତୀ ସମୟରେ ଯେଉଁ ପ୍ରବାସୀ ଭାରତୀୟଙ୍କ ପ୍ରସାର ବିଶ୍ୱରେ ବଢ଼ିଲା ସେମାନଙ୍କ ମଧ୍ୟରେ ଥିଲେ ସ୍ୱଚ୍ଛଳ ଭାରତୀୟ ଛାତ୍ରଛାତ୍ରୀ, ଆଇନ ଗ୍ରାଜୁଏଟ ଏବଂ ବ୍ୟବସାୟୀ । ଏମାନେ ଇଂଲାଣ୍ଡ ଓ ଏହାର ଉପନିବେଶଗୁଡ଼ିକରେ ବସବାସ କଲେ । ସେମାନେ ସେଠାରେ ରହି ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଲେ । ଶ୍ୟାମଜୀ କୃଷ୍ଣ ବର୍ମା ଏଭଳି ଜଣେ ବାରିଷ୍ଟର ଯିଏ ଇଂଲାଣ୍ଡରେ ବସବାସ କରି ପ୍ରତିଷ୍ଠିତ ଅକ୍ସ-ବ୍ରିଜ୍ ବିଶ୍ୱବିଦ୍ୟାଳୟରେ 'ଇଣ୍ଡିଆ ହାଉସ' ପ୍ରତିଷ୍ଠା କରିଥିଲେ । ବିଜ୍ଞାନଭିତ୍ତିକ ଆଧୁନିକ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହୀ ଭାରତୀୟ ଛାତ୍ରଙ୍କୁ ଆବାସିକ ସୁବିଧା ସୁଯୋଗ ଯୋଗାଇବା ଉଦ୍ଦେଶ୍ୟରେ ସେ ଏହି ଇଣ୍ଡିଆ ହାଉସ ପ୍ରତିଷ୍ଠା କରିଥିଲେ । ମେଧାବୀ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ସେ ମଧ୍ୟ ବୃତ୍ତିର ବ୍ୟବସ୍ଥା କରିଥିଲେ । ବୀର ସାଓ୍ୱରକର, ମାଡାମ ଭିକାଜି କାମା, ମଦନଲାଲ ଧିଂଗ୍ରାଙ୍କ ଭଳି ଉତ୍ସାହୀ ମେଧାବୀ ଛାତ୍ରଛାତ୍ରୀ ଓ ବିପ୍ଳବୀ ଲଣ୍ଡନର ଏହି ଇଣ୍ଡିଆ ହାଉସ ସହ ସଂପୃକ୍ତ ଥିଲେ । ଫଳରେ ଇଣ୍ଡିଆ ହାଉସର ଏହି ମେଧାବୀ ବିପ୍ଳବୀ ଛାତ୍ରଛାତ୍ରୀମାନେ ଇଂଲଣ୍ଡର ବିଭିନ୍ନ ପ୍ରାନ୍ତରେ ରହୁଥିବା ସ୍ୱାଧୀନଚେତା ଭାରତୀୟମାନଙ୍କ ସହିତ ସମ୍ପର୍କର ଏକ ସେତୁ ପ୍ରତିଷ୍ଠାରେ ସଫଳ ହୋଇଥିଲେ । ଫଳରେ ଲଣ୍ଡନ କ୍ରମଶଃ ବିଦେଶରେ ଥିବା ଭାରତୀୟ ଯୁବକମାନଙ୍କର ଏକ ପ୍ରାଣକେନ୍ଦ୍ର ପାଲଟିଲା ।

ସେହିଭଳି ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ାରେ ଥିବା ବିପ୍ଳବୀ ଯୁବ ଭାରତୀୟମାନେ ଗଦର ପାର୍ଟି ଗଠନ କରି ଭାରତର ସ୍ୱାଧୀନତା ପାଇଁ ଆନ୍ଦୋଳନ ଗଢ଼ି ତୋଳିଥିଲେ । ଏହା ଫଳରେ ବିଦେଶର ଭାରତୀୟମାନେ ନିଜର ଭାବ ଆଦାନପ୍ରଦାନ ଓ କାର୍ଯ୍ୟକ୍ରମ ପାଇଁ ଦୁଇଟି ମଞ୍ଚ ପାଇଲେ । ତେବେ ସେ ଯା' ହେଉ ଉପନିବେଶବାଦର ଅନ୍ତ ପରବର୍ତ୍ତୀ କାଳରେ ଭାରତୀୟ ଦେଶାଟନ ଏକ ଉଲ୍ଲେଖନୀୟ ପର୍ଯ୍ୟାୟକୁ ଉନ୍ନୀତ ହେଲା । ସ୍ୱାଧୀନ ଭାରତରେ ଆଇଆଇଟି ଭଳି ଉଚ୍ଚତର ବୈଷୟିକ ଶିକ୍ଷାନୁଷ୍ଠାନମାନ ଗଢ଼ି ଉଠିବା ପରେ ଏଥିରୁ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରଛାତ୍ରୀମାନେ ପଶ୍ଚିମ ୟୁରୋପ ଓ ଉତ୍ତର ଆମେରିକାର ଉନ୍ନତ ଦେଶ ସମୂହରେ ଉଚ୍ଚ ପଦପଦବୀରେ ବହୁ ସଂଖ୍ୟାରେ ନିଯୁକ୍ତି ସୁବିଧା ପାଇ ସେଠାକୁ ଚାଲିଗଲେ । ସେମାନଙ୍କ ଯୋଗ୍ୟତା ଓ ଦକ୍ଷତା ଦେଖି ସେଠାକାର ସରକାର ଏହି ଭାରତୀୟମାନଙ୍କୁ ନିଜ ଦେଶର ମୁଦ୍ରାରେ ଭଲ ବେତନ ଓ ପଦ ଦେଲେ । ସେମାନଙ୍କ ମଧ୍ୟରୁ ଅନେକ ଆମେରିକା ଓ ଇଂଲାଣ୍ଡରେ ସ୍ଥାୟୀଭାବେ ବସବାସ କଲେ ।

### ବିଶ୍ୱାୟନର ଭୂମିକା

ବିଶ୍ୱାୟନ ପର୍ଯ୍ୟାୟରେ ଭାରତୀୟ ମେଧା ଓ ଯୋଗ୍ୟତାକୁ ବିଦେଶରେ ପ୍ରଚୁର ସୁଯୋଗ ସୁବିଧା ମିଳିଲା । ଭାରତରୁ ଆସୁଥିବା ବିଶେଷଜ୍ଞ, ପେସାଦାର, କୁଶଳି ଶ୍ରମିକ ଓ କର୍ମଚାରୀଙ୍କ ତୁଳନାରେ ଅଧିକାଂଶ ଉନ୍ନତ ଓ ବିକାଶଶୀଳ ରାଷ୍ଟ୍ରର ନିଜସ୍ୱ ପ୍ରତିଭାଙ୍କୁ ବହୁ ଅଧିକ ଅର୍ଥ ଓ ସୁବିଧା ସୁଯୋଗ ବେତନ ତଥା ଭତ୍ତା ଆକାରରେ ଦେବାକୁ ପଡୁଥିଲା । ଅପେକ୍ଷାକୃତ କମ୍ ବେତନ ଓ ସୁବିଧା ସୁଯୋଗରେ ଭାରତୀୟ ପେସାଦାର ମିଳିବାରୁ ବିଭିନ୍ନ ରାଷ୍ଟ୍ର ସେମାନଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦେଲେ । ଏହା ଫଳରେ ଭାରତୀୟମାନଙ୍କ ବିଦେଶଗମନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା । ଆମେରିକାର ବଡ଼ ବଡ଼ ଟେକ୍‌ନିକାଲ କମ୍ପାନୀ ଆମେରିକୀୟ ବିଶେଷଜ୍ଞ ବେତନର ପ୍ରାୟ ଅଧା

**ବେସାମରିକ ଶ୍ରମ ଶକ୍ତିରେ ନିଯୁକ୍ତ ଶ୍ରମିକ (୧୬ ବର୍ଷ ବା ତତୁର୍ଦ୍ଧ୍ୱ) ପେସା ଓ ବର୍ଗ - ୨୦୧୩**



ବେତନରେ ସମାନ ଧରଣର ଯୋଗ୍ୟ ଭାରତୀୟ ଟେକ୍‌ନୋକ୍ରାଟ ପାଇଲେ। ତେଣୁ ସେମାନେ ବହୁ ସଂଖ୍ୟକ ଭାରତୀୟ ଟେକ୍‌ନୋକ୍ରାଟଙ୍କୁ ନିଯୁକ୍ତି ଦେଲେ। ଏହା ଫଳରେ ଆମେରିକୀୟ କମ୍ପାନୀଗୁଡ଼ିକ ଲାଭରେ ରହିଲେ ଏବଂ ବେକାର ଭାରତୀୟ ଟେକ୍‌ନୋକ୍ରାଟମାନେ ସେଠାରେ ଅପେକ୍ଷାକୃତ ଅଧିକ ବେତନ ପାଇ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କଲେ। ଏହା ଫଳରେ ଦୁଇ ଦେଶର ଲାଭ ହେଲା।

### ସିଲିକନ ଭ୍ୟାଲି

### ଭାରତୀୟ ଉଦ୍ୟୋଗୀଙ୍କ ସଫଳ କାହାଣୀ

୧୯୬୦ରେ ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ଥିଲା ମାତ୍ର ୧୨ ହଜାର। ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଅଣକୁଶଳୀ ଶ୍ରମିକ କିମ୍ବା ସ୍ୱଳ୍ପ କୁଶଳୀ ଅଶିକ୍ଷିତ ଚାଷୀ। ୧୯୯୦ରେ ଆମେରିକାର ଦେଶାଟନ ନୀତିରେ କେତେକ ଗଠନମୂଳକ ପରିବର୍ତ୍ତନ ଆସିଲା। ଏହାଦ୍ୱାରା ଭାରତରୁ ସେଠାକୁ ଅତି କୁଶଳୀ, ଯୁବ ଓ ଶିକ୍ଷିତ ଭାରତୀୟଙ୍କ ଆଗମନ ଯଥେଷ୍ଟ ବୃଦ୍ଧି ପାଇଲା। ୧୯୮୦ ରୁ ୨୦୧୩ ମଧ୍ୟରେ ଆମେରିକାରେ କୁଶଳୀ ଭାରତୀୟଙ୍କ ସଂଖ୍ୟା ଦୁଇ ଲକ୍ଷ ୬ ହଜାରରୁ ୨୦ ଲକ୍ଷ ଚାରି ହଜାରରେ ପହଞ୍ଚିଲା। ଏହି ବୃଦ୍ଧିହାର ମୋଟାମୋଟି ପ୍ରତି ୧୦ ବର୍ଷରେ ଦୁଇଗୁଣ ଥିଲା। ଏବେ ଆମେରିକାରେ କାମ କରିବାକୁ ଅତିକୁଶଳୀ ବିଦେଶୀଙ୍କୁ ଯେଉଁ ଏଚ୍‌-ୱାନ୍‌ବି ଭିସା ପ୍ରଦାନ କରାଯାଉଛି ସେଥିମଧ୍ୟରୁ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ। ୨୦୧୪ରେ ସାରା ବିଶ୍ୱରୁ ଯେଉଁ ୩୧୬,୦୦୦ଲୋକ ଆମେରିକୀୟ ଏଚ୍‌-ୱାନ୍‌ବି ଭିସା ପାଇଁ ଆବେଦନ କରିଥିଲେ ସେଥିମଧ୍ୟରୁ ୭୦ ଶତାଂଶ ଭାରତୀୟଙ୍କୁ ଏହା ମିଳିଛି। ଭାରତରେ ଜନ୍ମିତ ପ୍ରାୟ ୧୦୩,୦୦୦ ଛାତ୍ରଛାତ୍ରୀ ୨୦୧୩-୧୪ରେ ଆମେରିକୀୟ ଶିକ୍ଷାନୁଷ୍ଠାନ ସମୂହରେ ନାମ ଲେଖାଇଥିଲେ। ଆମେରିକୀୟ ଜନଗଣନା ତଥ୍ୟ ଅନୁସାରେ ଆମେରିକାରେ ଥିବା ପ୍ରବାସୀ ଭାରତୀୟଙ୍କ ହାରାହାରି ପରମାୟୁ ୩୯ବର୍ଷ। ସେଠାକାର ସବୁ ଭାରତୀୟଙ୍କ ମଧ୍ୟରୁ ୮୩% କୌଣସି ନା କୌଣସି ଜ୍ଞାନଭିତ୍ତିକ ଉଦ୍ୟୋଗରେ ଚାକିରି କରୁଛନ୍ତି। ମାତ୍ର ୧୧ ଶତାଂଶ ପ୍ରବାସୀ ଭାରତୀୟଙ୍କ ବୟସ ୬୫ ବର୍ଷ ବା ତତୁର୍ଦ୍ଧ୍ୱ।

ପ୍ରବାସୀ ଭାରତୀୟଙ୍କ ଶିକ୍ଷା ସ୍ତର ସର୍ବୋଚ୍ଚ ଏବଂ ମୂଳ ଆମେରିକୀୟ ଅଧିବାସୀଙ୍କ ଶିକ୍ଷାସ୍ତରଠାରୁ ଅଧିକ। ୨୦୧୫ରେ ୮୨% ପ୍ରବାସୀ ଭାରତୀୟ (୨୫ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ) ସ୍ନାତକ କିମ୍ବା ତତୁର୍ଦ୍ଧ୍ୱ ଡିଗ୍ରୀଧାରୀ ଥିବାବେଳେ ଆମେରିକାରେ ଜନ୍ମିତ ମୂଳ ଆମେରକୀୟ ଡିଗ୍ରୀଧାରୀଙ୍କ ସଂଖ୍ୟା ଥିଲା ୩୦%।

> **ନିଜ ନିଜର ଧର୍ମ, ସଂପ୍ରଦାୟ ଓ ସଂସ୍କୃତିର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ବିଶ୍ୱରେ ଯେତେବେଳ ଏକ ପ୍ରତିଯୋଗୀତା ଚାଲିଥିଲା, ସେତେବେଳେ ଜଣେ ଭାରତୀୟ ଯୁବ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ୧୮୮୩ରେ ଆମେରିକାର ସିକାଗୋ ସହରରେ ଅନୁଷ୍ଠିତ ବିଶ୍ୱ ଧାର୍ମିକ ସଂସଦରେ ଧର୍ମୀୟ ସହନଶୀଳତାର ଯଥାର୍ଥତା ଉପରେ ଗୁରୁତ୍ୱ ଆରୋପ କରି ସମବେତ ପ୍ରତିନିଧିମାନଙ୍କୁ ଚମତ୍କୃତ କରିଥିଲେ। ଏହାପରେ ଜଣେ ଯୁବ ବାରିଷ୍ଟର ମୋହନଦାସ କରମଚାନ୍ଦ ଗାନ୍ଧୀ ଦକ୍ଷିଣଆଫ୍ରିକା ଗସ୍ତ କରି ପ୍ରଥମ ଥର ପାଇଁ ସତ୍ୟ ଓ ଅହିଂସା ସଂକ୍ରାନ୍ତ ତାଙ୍କ ବିଚାରକୁ ପରୀକ୍ଷାରେ ଲଗାଇଥିଲେ। ପରବର୍ତ୍ତୀ ସମୟରେ ଏହା ବିଶ୍ୱରେ ଶାନ୍ତି ଓ ସଦ୍‌ଭାବନା ସ୍ଥାପନ କ୍ଷେତ୍ରରେ ପ୍ରମୁଖ ଆୟୁଧ ହୋଇଥିଲା। ମହାତ୍ମା ଗାନ୍ଧୀ ବୋଧହୁଏ ପ୍ରଥମ ପ୍ରବାସୀ ଭାରତୀୟ ଥିଲେ ଯେ କି ବିଶ୍ୱକୁ ଶାନ୍ତି ଓ ସଦ୍‌ଭାବନାର ବହୁ ପ୍ରତୀକ୍ଷିତ ମନ୍ତ୍ର ପ୍ରଦାନ କରିଥିଲେ।**

ଆମେରିକାର ସିଲିକନ ଭ୍ୟାଲି ସଫଟୱେୟାର ଟେକ୍‌ନୋଲୋଜି ଓ ଷ୍ଟାର୍ଟଅପ୍‌ର ଆନ୍ତର୍ଜାତିକ କେନ୍ଦ୍ର ଭାବେ ପରିଗଣିତ। ଏହା କ୍ରମଶଃ ଭାରତୀୟ ଚେହେରା ପ୍ରଦର୍ଶନ କରୁଛି। ଏଠାରେ ଥିବା ବଡ଼ବଡ଼ କମ୍ପାନୀ ଯଥା ଗୁଗୁଲ, ମାଇକ୍ରୋସଫ୍ଟ, ଏଏମ୍‌ଡି, ଆଡୋବ ଆଦିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଭାରତୀୟ। ସେହିଭଳି ସିଲିକନ ଭ୍ୟାଲିର ଅନ୍ୟ ବଡ଼ ବଡ଼ କମ୍ପାନୀ ଯଥା ଫେସବୁକ୍‌, ମୋଟୋରୋଲା, ରେକିଟ ବେନକିଶର, ମାଷ୍ଟର କାର୍ଡ ଆଦିରେ ଭାରତୀୟ ମ୍ୟାନେଜରମାନେ ନିଯୁକ୍ତ ଯେଉଁମାନେ ଏସବୁ ସଂସ୍ଥାର ଆନ୍ତର୍ଜାତିକ କାରବାର ବୁଝୁଛନ୍ତି। ଅନୁପମ ପ୍ରତିଭା ଓ ଅସୀମ ଧୈର୍ଯ୍ୟ ପାଇଁ ଭାରତୀୟ ଇଞ୍ଜିନିୟରମାନେ ସାରା ଆମେରିକାରେ ପ୍ରଶଂସିତ।

### ଅକ୍ସ-ବ୍ରିଜ୍‌ ଓ ଲଣ୍ଡନ

ଉପନିବେଶବାଦୀ ଶାସନକାଳର ତିକ୍ତତା ଭୁଲି ଭାରତ ଓ ବ୍ରିଟେନ୍‌ (ଇଂଲଣ୍ଡ) ଏବେ ପାରସ୍ପରିକ ସମ୍ପର୍କକୁ ଅଭୂତପୂର୍ବ ସ୍ତରକୁ ଆଣିଛନ୍ତି। ଉଭୟ ଉଭୟଙ୍କର ବିକାଶରେ ମଧ୍ୟ ଅଂଶୀଦାର ସାଜିଛନ୍ତି। ଇଂଲଣ୍ଡରେ ଏବେ ୩୦ ଲକ୍ଷ ବ୍ରିଟିଶ୍‌ ଇଣ୍ଡିଆନ ବସବାସ କରୁଛନ୍ତି। ବିଭିନ୍ନ ସମୟରେ ଏହି ଭାରତୀୟମାନେ ଇଂଲଣ୍ଡ ଯାଇ ସେଠାକାର ବିଭିନ୍ନ ପ୍ରାନ୍ତରେ ବସବାସ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଯୁବ ଓ ଦକ୍ଷ ଏବଂ ତୃତୀୟ ପିଢ଼ିର ପ୍ରବାସୀ ଭାରତୀୟ। ସେମାନେ ମୁଖ୍ୟତଃ ଉଚ୍ଚଶ୍ରେଣୀର ଉଦ୍ୟୋଗୀ, ବ୍ୟବସାୟୀ, ବୈଷୟିକବିତ୍‌, ମ୍ୟାନେଜର ଓ ଡାକ୍ତର। ଯୁବ ଭାରତୀୟମାନେ ବ୍ରିଟେନର ସାମାଜିକ-ଆର୍ଥିକ ସଂସ୍କୃତିରେ ନିବିଡ଼ ଭାବେ ମିଶିଯାଇଛନ୍ତି ଏବଂ ସେଠାକାର ନିର୍ବାଚନରେ ଭାଗନେଇ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରୁଛନ୍ତି। ୨୦୧୫ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ୧୦ଜଣ ପ୍ରବାସୀ ଭାରତୀୟ ବ୍ରିଟିଶ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ। ପ୍ରୀତି ପଟେଲ (୪୫ବର୍ଷ) ଜାଠ ଦଳର ପ୍ରାର୍ଥୀ ହୋଇ ବିଜୟୀ ହେବା ସହ ପ୍ରଥମ ଭାରତୀୟ ମହିଳା ଭାବେ ଡେଭିଡ୍‌ କେମରୁନ ସରକାରରେ ମନ୍ତ୍ରୀ ହୋଇଥିଲେ।

### ଉପସାଗରୀୟ ରାଷ୍ଟ୍ର ଓ ମାଲେସିଆ

ଭାରତୀୟ ଓ ଦେଶାଟନ ମୁଖ୍ୟତଃ ଦୁଇ ପ୍ରକାରର। ସମସ୍ତେ ପ୍ରାୟତଃ ପେଟପାଟଣା ପାଇଁ ଯାଇଥିଲେ ହେଁ ଗୋଟିଏ ଗୋଷ୍ଠୀ ଶିକ୍ଷିତ ଓ ଉଚ୍ଚ ସଂଭ୍ରାନ୍ତ ବର୍ଗୀୟ ଚାକିରି ଓ ନିଯୁକ୍ତି ପାଇଁ ଆଶାୟୀ ଥିଲେ ଏବଂ ଏଥିରେ ଅନେକାଂଶରେ ସଫଳ ହୋଇଥିଲେ। ଉଚ୍ଚକୁଶଳୀ ପେସାଦାର, ଶ୍ରମିକ ଓ ଛାତ୍ରମାନେ ମୁଖ୍ୟତଃ ଧୋବଧଉଳିଆ ବାବୁଗିରି କାମ ପାଇଁ ଆମେରିକା, ବ୍ରିଟେନ, କାନାଡ଼ା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଆଦି ଦେଶକୁ ଚାଲିଯାଇଥିବାବେଳେ ଅନ୍ୟବର୍ଗର ଅର୍ଦ୍ଧକୁଶଳୀ, ଅକୁଶଳି, ଅଳ୍ପପଢୁଆ ଶ୍ରମିକ ଶ୍ରେଣୀର ଲୋକମାନେ କାମ ଅନ୍ୱେଷଣରେ ଉପସାଗରୀୟ ରାଷ୍ଟ୍ର ଓ ମାଲେସିଆକୁ ଯାଉଥିଲେ। ଏହି ବର୍ଗର ଲୋକଙ୍କ ପାଇଁ ଏସବୁ ଦେଶରେ କାମ କରି ରୋଜଗାର କରିବାର ବିପୁଳ ସୁବିଧା ସୁଯୋଗ ଥିଲା। ଏବେ ତୈଳ ସମୃଦ୍ଧ ଉପସାଗରୀୟ ରାଷ୍ଟ୍ର

ସମୂହରେ ଭାରତୀୟଙ୍କ ସଂଖ୍ୟା ପ୍ରାୟ ୬୦ ଲକ୍ଷ। ସେମାନଙ୍କ ମଧ୍ୟରୁ ୯୦ ଶତାଂଶ ଅପ୍ରବାସୀ ଭାରତୀୟ । କାରଣ ଏସବୁ ଦେଶରେ ପାଶ୍ଚାତ୍ୟ ରାଷ୍ଟ୍ର ଭଳି ଭାରତୀୟମାନଙ୍କୁ ସ୍ଥାୟୀ ଭାବେ ବସବାସ କରିବାକୁ ଅନୁମତି ମିଳେ ନାହିଁ । ଏହି ଶ୍ରମିକମାନେ ମୁଖ୍ୟତଃ ଶାରୀରିକ ଶ୍ରମ କରନ୍ତି । ସେମାନେ ବୁଢ଼ା ହୋଇଗଲେ କିମ୍ବା ଅକର୍ମଣ୍ୟ ହେଲେ ସେମାନଙ୍କୁ ନିଜ ଦେଶକୁ ଫେରାଇ ଦିଆଯିବାର ବ୍ୟବସ୍ଥା ଅଛି । ଉପସାଗରୀୟ ରାଷ୍ଟ୍ରସମୂହରେ ଥିବା ଭାରତୀୟଙ୍କ ମଧ୍ୟରୁ ସବୁଠୁ ଅଧିକ କେରଳ ରାଜ୍ୟର । କେରଳର ତାଲିମପ୍ରାପ୍ତ ଯୁବା ନର୍ସମାନେ ଉପସାଗରୀୟ ଦେଶମାନଙ୍କର ବିଭିନ୍ନ ପ୍ରତିଷ୍ଠିତ ହସ୍‌ପିଟାଲରେ ବହୁ ସଂଖ୍ୟାରେ ନିଯୁକ୍ତ ।

### ପ୍ରତିଭା ପଳାୟନ ନା ସାଂସ୍କୃତିକ ଦୂତ ?

ବିଶ୍ୱର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟରତ ଭାରତୀୟମାନେ ବର୍ଷକୁ ପ୍ରାୟ ୭୦ ବିଲିୟନ ଡଲାର (ଏକ ବିଲିୟନ = ୧୦୦କୋଟି) ଆୟ ଆକାରରେ ଭାରତକୁ ନିଜ ପରିବାରଙ୍କ ନିକଟକୁ ପଠାଇଥାନ୍ତି । ଏହି ଆୟ କ୍ଷେତ୍ରରେ ଭାରତ ବିଶ୍ୱରେ ପ୍ରଥମ । କେରଳ ତାହାର ମୋଟ ଘରୋଇ ଆୟର ୩୬.୩% ଅର୍ଥ ବିଦେଶରେ ଥିବା ଲୋକଙ୍କଠାରୁ ପାଏ । ବିଦେଶରେ ରହି ରୋଜଗାର କରିବା ସହିତ ଏହି ଅପ୍ରବାସୀ ଭାରତୀୟମାନେ ରହୁଥିବା ଦେଶରେ ଭାରତୀୟ କଳା, ସଂସ୍କୃତି ଓ ମୂଲ୍ୟବୋଧର ପ୍ରଚାର ପ୍ରସାର ବିଭିନ୍ନ ଭାବେ କରିଥାନ୍ତି । ସେମାନେ କାର୍ଯ୍ୟକ୍ଷେତ୍ରରେ ନିଜର ମେଧା, ବୁଦ୍ଧି, ବିବେକ, ଦକ୍ଷତା, ସମୟାନୁବର୍ତ୍ତିତ, ନିଷ୍ଠା ଓ ଆନ୍ତରିକତା ପାଇଁ ସଂପୃକ୍ତ ଦେଶରେ ପ୍ରଶଂସାଭାଜନ ମଧ୍ୟ ହୋଇଥାନ୍ତି । ବିଦେଶରେ ଭାରତର ସୁନାମ ଓ ଭାବମୂର୍ତ୍ତି ବୃଦ୍ଧିରେ ସେମାନେ ସହାୟକ ହୋଇଥାନ୍ତି । ଭାରତ ସାପୁଆକେଳାଙ୍କ ଦେଶ ବୋଲି ଯେଉଁ ପୁରୁଣା ଧାରଣା ବିଶ୍ୱରେ ରହିଛି ତାହାକୁ ବଦଳାଇ ସେମାନେ ଏକ ସୁନ୍ଦର ଓ ସୁସଂସ୍କୃତ ଭାରତର ଚିତ୍ର ବିଦେଶରେ ଉପସ୍ଥାପନ କରୁଛନ୍ତି । ଏହା ଫଳରେ ଭାରତ ସାଂସ୍କୃତିକ ତଥା ଆର୍ଥିକ ଦୃଷ୍ଟିରୁ ଲାଭବାନ ହେଉଛି ।

ଏହା ସତ୍ତ୍ୱେ ଭାରତର ଏକ ସମର୍ଥ, ଶିକ୍ଷିତ, ଦକ୍ଷ ଓ ତାଲିମପ୍ରାପ୍ତ ବଡ଼ ଶ୍ରମଶକ୍ତି ବିଦେଶକୁ ପଳାଇଯାଉଥିବାରୁ କେତେକ ମହଲରେ ସଂଶୟ ସୃଷ୍ଟି ହୋଇଛି । ରୋଜଗାରକ୍ଷମ ଦକ୍ଷ ଲୋକ ଅଧିକ ସଂଖ୍ୟାରେ ଦେଶଛାଡ଼ି ବିଦେଶକୁ ପଳାଇଯିବା ଭଲ ଲକ୍ଷଣ ନୁହେଁ । ତେଣୁ କେତେକ ଏହାକୁ ପ୍ରତିଭା ପଳାୟନ ବୋଲି ଚିତ୍ରଣ କରୁଛନ୍ତି । ୨୦୧୦ରେ ଭାରତରୁ ୬୦ ହଜାର ଡାକ୍ତର ବିଦେଶକୁ ପଳାଇଥିଲେ । ଏ କ୍ଷେତ୍ରରେ ଭାରତ ବିଶ୍ୱରେ ସର୍ବାଧିକ ଡାକ୍ତରଙ୍କୁ ବିଦେଶ ପଠାଇଥିଲା । ଏହାର କୁପ୍ରଭାବ ଭାରତର ସ୍ୱାସ୍ଥ୍ୟସେବା ଉପରେ ପଡ଼ିଛି । ଭାରତର ଗ୍ରାମାଞ୍ଚଳରେ କାମ କରିବାକୁ ଚିକିତ୍ସକ ମିଳୁନାହାନ୍ତି । ସେହିଭଳି ଜେନେଟିକ ଇଞ୍ଜିନିୟରିଂ ଓ ବାୟୋଟେକ୍‌ନୋଲୋଜି ଡିଗ୍ରୀଧାରୀ ୯୦ ଶତାଂଶ ବିଷୟବିତ୍ ଭାରତରୁ ଆମେରିକା ପଳାଇଯାଉଛନ୍ତି । ଫଳରେ ଭାରତର ଗବେଷଣା ଓ ଉନ୍ନୟନ କାର୍ଯ୍ୟ ପାଇଁ ଆବଶ୍ୟକ ଲୋକଶକ୍ତି ମିଳୁନାହିଁ ।


### ଜନସଂଖ୍ୟାର ଦ୍ୱୈତ ଲାଭ

ଏବେ ଏସିଆ, ୟୁରୋପ ଓ ଉତ୍ତର ଆମେରିକାର ଅଧିକାଂଶ ଦେଶସମୂହର ଜନସଂଖ୍ୟା ଅତିଶୀଘ୍ର ବୟସ୍କ ପାଲଟୁଛି । ଅପରପକ୍ଷରେ ଭାରତରେ ବୁଢ଼ାଙ୍କ ସଂଖ୍ୟା ଅପେକ୍ଷା ଯୁବକଙ୍କ ସଂଖ୍ୟା ବଢୁଛି । ୨୦୨୫ ସୁଦ୍ଧା ଜନସଂଖ୍ୟା ଭିତ୍ତିରେ ଭାରତରେ ବିଶ୍ୱର ସବୁଠୁ ଯୁବ ଜନସଂଖ୍ୟା ଦେଖାଯିବ । ଏଥିରେ ଲୋକଙ୍କ ହାରାହାରି ବୟସ ୨୬ ବର୍ଷ ହେବ । ୨୦୨୦ ସୁଦ୍ଧା ସାରା ବିଶ୍ୱର ମୋଟ କର୍ମଠ ଲୋକସଂଖ୍ୟାର ୨୦ ଶତାଂଶ ଭାରତରେ ମିଳିବେ । ଏବେ ବିଶ୍ୱରେ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ । ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିବ । ଅତଏବ ଆଗାମୀ ଦିନରେ ଜନସଂଖ୍ୟା ବୃଦ୍ଧିଜନିତ ସ୍ଥିତିରୁ ଭାରତ ଦ୍ୱୈତ ଲାଭ ପାଇବ । ଦେଶ ଭିତରେ ଓ ବାହାରେ ଅଧିକରୁ ଅଧିକ ଲୋକ କାମ କରିବାକୁ ମିଳିବେ ଓ ଦେଶର ରୋଜଗାର ବଢ଼ିବ । ଏହି ଲୋକ ଭାରତର ପ୍ରଭାବଶାଳୀ କୋମଳଶକ୍ତି ଭାବେ ଗଣ୍ୟ ହେବେ । ଏକଦା ଚୀନର ସର୍ବାଧିକ ଲୋକ ବିଦେଶରେ ରହୁଥିଲେ । ଭାରତ ଏବେ ଚୀନକୁ ହଟାଇ ପ୍ରଥମ ସ୍ଥାନ ହାସଲ କରିଛି । ପ୍ରବାସୀ ଭାରତୀୟଙ୍କ କଲ୍ୟାଣ ଏବଂ ସେମାନଙ୍କୁ ଅଧିକ ରୋଜଗାରକ୍ଷମ କରିବା ପାଇଁ ଭାରତ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହା ଫଳରେ ଭାରତର ପ୍ରତିଭା ଆହରଣ ପ୍ରକ୍ରିୟା ମଧ୍ୟ ତ୍ୱରାନ୍ୱିତ ହେବ । ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି ।

### ପ୍ରବାସୀ ଭାରତୀୟ ଦିବସ

ପ୍ରତିବର୍ଷ ଭାରତରେ ପ୍ରବାସୀ ଭାରତୀୟ ଦିବସ ପାଳନର ପ୍ରଧାନ ଲକ୍ଷ୍ୟ ହେଲା ବିଶ୍ୱର ବିଭିନ୍ନ ଦେଶରେ ଥିବା ଭାରତୀୟମାନଙ୍କୁ ଏକାଠି କରି ସେମାନଙ୍କ ସଫଳତାକୁ ସମ୍ମାନ ଦେବା ଓ ସେମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା । ଏହି ଅବସରରେ ଭାରତୀୟ ସଫଳତାର କାହାଣୀ ଓ

**୨୦୧୬ରେ ବିଦେଶ ଯାଇଥିବା ଆଇଆଇଟିଆନ୍**




- ତଥ୍ୟ - ଟାଇମ୍ସ ଅଫ୍ ଇଣ୍ଡିଆ

**ଏକ ହିସାବ ଅନୁସାରେ ବିଶ୍ୱର ବିଭିନ୍ନ ଦେଶରେ ୨୫ ନିୟୁତ ଭାରତୀୟ ଓ ଭାରତୀୟ ମୂଳର ଲୋକେ ବସବାସ କରୁଛନ୍ତି। ମିଳିତ ଜାତିସଂଘର ସାମାଜିକ, ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ୨୦୧୫ରେ କରାଯାଇଥିବା ଏକ ସର୍ଭେ ଅନୁସାରେ ବିଶ୍ୱର ବିଭିନ୍ନ ଦେଶରେ ବସବାସ କରୁଥିବା ଭାରତୀୟ ପ୍ରବାସୀ ଲୋକଙ୍କ ସଂଖ୍ୟା ସର୍ବାଧିକ। ପୃଥିବୀର କେତେକ ନିର୍ଦ୍ଦିଷ୍ଟ ଇଲାକାରେ ଭାରତୀୟ ମୂଳର ଲୋକେ ଅଧିକ ବସବାସ କରୁଥିଲେ ହେଁ ଏବେ ସେମାନଙ୍କ ସଂଖ୍ୟା ମଧ୍ୟ ନୂଆ ଅଞ୍ଚଳ ଓ ଦକ୍ଷିଣ ସୁଦାନ ଭଳି କ୍ଷୁଦ୍ର ଦେଶରେ ସ୍ପଷ୍ଟ ବାରି ହୋଇ ପଡୁଛି। ଯୁକ୍ତରାଷ୍ଟ୍ର ଆମେରିକାରେ ସର୍ବାଧିକ ୩୨ଲକ୍ଷ ଭାରତୀୟ ବିଭିନ୍ନ ଭିସା ଓ ଅନ୍ୟାନ୍ୟ କାଗଜପତ୍ର ବଳରେ କାର୍ଯ୍ୟରତ। ଆମେରିକା ବ୍ୟତୀତ ଉପସାଗରୀୟ ରାଷ୍ଟ୍ର ସମୂହରେ ପ୍ରାୟ ସାତ ନିୟୁତ ପ୍ରବାସୀ ଭାରତୀୟ ଅଛନ୍ତି।**

ବିକାଶର ଅବତାରଣା କରି ଭାରତରେ ପୁଞ୍ଜି ନିବେଶ ପାଇଁ ପ୍ରବାସୀ ଭାରତୀୟଙ୍କୁ ଆକୃଷ୍ଟ କରାଇବା।

### ପିଆଇଓ ଏବଂ ଓସିଆଇ କାର୍ଡର ମିଶ୍ରଣ

ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି (ପିଆଇଓ) ଏବଂ ଦରିଆପାରି ଭାରତୀୟ ନାଗରିକ (ଓସିଆଇ)ଙ୍କ ପାଇଁ ଭାରତରେ ଯେଉଁ ପ୍ରବେଶ ଅନୁମତି ପତ୍ର ବ୍ୟବସ୍ଥା ଅଲଗା ଅଲଗା ଥିଲା ତାହାକୁ ସରକାର ମିଶାଇ ଗୋଟିଏ କରିଛନ୍ତି। ଏହା ଫଳରେ ଜଣେ ପ୍ରବାସୀ ଭାରତୀୟ ଅଧିକକାଳ ଭାରତରେ ଇଚ୍ଛା ଅନୁସାରେ ରହିପାରିବେ ଏବଂ ଆତଯାତ କରିବାର ସୁଯୋଗ ପାଇବେ। ଭିସା ଆଦି ମାମଲାରେ ସେମାନଙ୍କୁ ବାରମ୍ବାର ଥାନା ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ପାଖକୁ ଦୌଡ଼ିବାକୁ ପଡ଼ିବ ନାହିଁ।

### ଯୁବ ପ୍ରବାସୀ ଭାରତୀୟ ଦିବସ

ପ୍ରବାସୀ ଯୁବ ଭାରତୀୟଙ୍କୁ ଦେଶକୁ ଆକର୍ଷିତ କରିବା ପାଇଁ ଯୁବ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ପ୍ରତିବର୍ଷ କରାଯାଉଛି। ସେମାନଙ୍କୁ ଭାରତର ବିକାଶ କାହାଣୀ ଜଣାଇବା ସହ ଏକ ନୂଆ ସମ୍ପର୍କ ସ୍ଥାପନ କରିବା ଏହାର ଉଦ୍ଦେଶ୍ୟ।

### ପ୍ରବାସୀ ଭାରତୀୟ କେନ୍ଦ୍ର

ନୂଆଦିଲ୍ଲୀରେ ଏକ ପ୍ରବାସୀ ଭାରତୀୟ କେନ୍ଦ୍ର ଖୋଲାଯାଇଛି। ବିଶ୍ୱର ୧୫୦ଟି ଦେଶରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରୁ କେହି ଭାରତ ଆସିଲେ ସେ ଏହି କେନ୍ଦ୍ରରେ ସୁବିଧାରେ ରହିପାରିବେ। ଏହି କେନ୍ଦ୍ରରେ ରହି ସେମାନେ ଭାରତରେ ନିଜର ଗନ୍ତବ୍ୟପଥର ନକ୍ସା, ନିଜ ପୂର୍ବଜଙ୍କ ଜନ୍ମସ୍ଥାନ ଠାବ, ପୁଞ୍ଜିନିବେଶ ସଂକ୍ରାନ୍ତ ତଥ୍ୟାବଳୀ ଓ ପରାମର୍ଶ, ଭ୍ରମଣ ପାଇଁ ଆବଶ୍ୟକ ଦିଗ୍‌ଦର୍ଶନ ଓ ସୁବିଧା, ବ୍ୟବସାୟ ସଂକ୍ରାନ୍ତ ବୈଠକ ଓ ବିଭିନ୍ନ ସଭାସମିତିରେ ଯୋଗଦେବାର ସୂଚନା, ସହାୟତା ପାଇପାରିବେ।

### ବଜ୍ର-ଗବେଷଣା ପ୍ରକଳ୍ପ

ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଭାରତର ସଫଳତା ପ୍ରବାସୀ ଭାରତୀୟଙ୍କୁ ଜଣାଇବା ପାଇଁ ବଜ୍ର ନାମରେ ଏକ ଗବେଷଣାତ୍ମକ ପ୍ରକଳ୍ପ ଆରମ୍ଭ ହୋଇଛି। ଏଥିରୁ ପ୍ରବାସୀ ଭାରତୀୟ ଭାରତର ବୈଜ୍ଞାନିକ ପ୍ରଗତି ସମ୍ପର୍କରେ ଅନେକ ତଥ୍ୟ ପାଇପାରିବେ।

### ଭାରତକୁ ଜାଣ କାର୍ଯ୍ୟକ୍ରମ (କିପ୍)

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ୧୮ ରୁ ୨୬ ବର୍ଷ ବୟସବର୍ଗର ପ୍ରବାସୀ ଭାରତୀୟମାନଙ୍କୁ ଭାରତ ଏବଂ ସେମାନଙ୍କ ପୂର୍ବଜମାନଙ୍କର ଜନ୍ମଭୂମି ସହ ପରିଚିତ କରାଇବା। ସେମାନଙ୍କର ମତାମତ, ଆଶା ଆକାଂକ୍ଷା ଓ ଦୃଷ୍ଟିକୋଣ ଜାଣି ସୁସମ୍ପର୍କ ବଜାୟ ରଖିବା।

ଭାରତରେ ଏବେ ଯେଉଁ ପ୍ରତିଭାଲାଭ (ବ୍ରେନ୍‌ଗେନ୍) ଓ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଚାଲିଛି ସେଥିପ୍ରତି ପ୍ରବାସୀ ଯୁବ ଭାରତୀୟଙ୍କ ମଧ୍ୟରେ ବିଶେଷ ଉତ୍ସାହ ପ୍ରକାଶ ପାଇଛି। ଏହାର ସୁଯୋଗ ନେଇ ସେମାନେ ଭାରତ ଫେରିଆସି ପିତୃପୁରୁଷଙ୍କ ମାଟିରେ ନିଜନିଜର ଶାରୀରିକ, ଆର୍ଥିକ ଓ ବୌଦ୍ଧିକ ସମ୍ବଳ ବିନିଯୋଗ କରିବାକୁ ଯୋଜନା କରୁଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଦେଶର ଶ୍ରେଷ୍ଠ ବୈଷୟିକ ଓ ବୃତ୍ତିଗତ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ଆଉ ବିଦେଶ ମୁହାଁ ନ ହୋଇ ଦେଶ ଭିତରେ ରହି କାମ କରିବାକୁ ଆଗ୍ରହ ପ୍ରକାଶ କରିବା ଏକ ଭଲ ଲକ୍ଷଣ। ୨୦୦୦ ମସିହାରେ ଆଇଆଇଟି ମୁମ୍ବଇରୁ ଉତ୍ତୀର୍ଣ୍ଣ ସବୁ ଗ୍ରାଜୁଏଟଙ୍କୁ (ଶତପ୍ରତିଶତ) ଆନ୍ତର୍ଜାତିକ ନିଯୁକ୍ତି ପ୍ରସ୍ତାବ ମିଳିଥିଲା। ତେବେ ଏବେ ସେ ପ୍ରକ୍ରିୟାରେ ପରିବର୍ତ୍ତନ ଘଟିଛି ଏବଂ ଦେଶର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ପିଲାଙ୍କ ବିଦେଶଗମନ ହାର କମିଛି।

### ଉପସଂହାର

ଭାରତ ପାଇଁ ପ୍ରବାସୀ ଯୁବଭାରତୀୟଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏବେ ଆମେରିକା, ବ୍ରିଟେନ ଓ ଅଷ୍ଟ୍ରେଲିଆର ରକ୍ଷଣଶୀଳ ସରକାର ଅତି ଦକ୍ଷ ଓ କୁଶଳୀ ଭାରତୀୟଙ୍କ ବୃତ୍ତିଗତ ଭିସା ପ୍ରଦାନ ପରିମାଣକୁ ହ୍ରାସ କରିଛନ୍ତି। ପୂର୍ବରୁ ଏଭଳି ଭିସା ବ୍ୟବସ୍ଥାରେ ଭାରତୀୟମାନେ ସବୁଠୁ ଅଧିକ ଲାଭବାନ ହେଉଥିଲେ। ଏବେ ତାହାର ପ୍ରଭାବ ଭାରତୀୟଙ୍କ ଉପରେ ପଡ଼ିବ। ସାଉଦୀ ଆରବ ମଧ୍ୟ ଯୋଜନା ଆପଣେଇ ବିଦେଶୀ ଲୋକଶକ୍ତି ନିଯୁକ୍ତିକୁ ସଂକୁଚିତ କରିଛି। ୟେମେନ୍, ସୁଦାନ, କେନିୟା ଓ ଇରାକ ଆଦି ଯୁଦ୍ଧ ପ୍ରଭାବିତ ଦେଶରେ ଏବେ ଭାରତୀୟଙ୍କ କର୍ମନିଯୁକ୍ତି ପରିସର ଯଥେଷ୍ଟ ସଂକୁଚିତ ହୋଇଛି। ସେସବୁ ଦେଶରେ ଅଟକି ରହିଥିବା ହଜାର ହଜାର ଭାରତୀୟଙ୍କୁ ଉଦ୍ଧାର କରିବାରେ ଭାରତ ସରକାର ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ ହେଁ ଜରୁରୀ ସମୟରେ ବିଦେଶରେ କାର୍ଯ୍ୟରତ ଭାରତୀୟଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ନୀତିର ଆବଶ୍ୟକତା ରହିଛି। ଜେନେରାଲ ଆଣ୍ଟି ଆଭଏଡାନ୍ସ ରୁଲ୍ସ (ଗାର) ବ୍ୟବସ୍ଥାରେ ଟିକସ ଫାଙ୍କିକୁ ରୋକିବାର ପ୍ରୟାସ କରାଯାଇଛି। ଏହାର କଠୋର ନିୟମ କାନୁନ ଯୋଗୁଁ ଅନେକ ପ୍ରବାସୀ ଭାରତୀୟ ଆଗ୍ରହ ସତ୍ତ୍ୱେ ମଧ୍ୟ ଭାରତରେ ପୁଞ୍ଜି ନିବେଶ କରିପାରୁନାହାନ୍ତି। ଅତଏବ ଏହି ଆଇନର ସମୀକ୍ଷା କରିବା ସହ ଏହାକୁ ସରଳ କରାଯିବା ଉଚିତ। ଯୁବ ଜନସଂଖ୍ୟା ଉଭୟ ଜାତୀୟ ଓ ଆନ୍ତର୍ଜାତିକ ସମ୍ବଳ। ସେମାନଙ୍କୁ ଦେଶର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ଉପଯୁକ୍ତ ତାଲିମ ଓ ପ୍ରଶିକ୍ଷଣ ପ୍ରଦାନର ଆବଶ୍ୟକତା ରହିଛି। ଏଥିପାଇଁ ପ୍ରବାସୀ କୌଶଳ ବିକାଶ ଯୋଜନା ଭଳି ଅଧିକରୁ ଅଧିକ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ।

ଡକ୍ଟର ଶୀତଲ ଶର୍ମା ଜେଏନ୍‌ୟୁ ୟୁରୋପୀୟ ଅଧ୍ୟୟନ କେନ୍ଦ୍ରର ସହକାରୀ ପ୍ରଫେସର, ଭାସ୍କର ଜ୍ୟୋତି ଜେଏନ୍‌ୟୁରେ ପ୍ରବାସୀ ଭାରତୀୟଙ୍କ ଉପରେ ଗବେଷଣାରତ

# ଭାରତରେ ଦୂର ଓ ଅନ୍‌ଲାଇନ୍ ଉଦ୍ୟୋକ୍ତା ବିକାଶ ଶିକ୍ଷା

**ଡକ୍ଟର ଅମିତ କୁମାର ଦ୍ୱିବେଦୀ**

ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଅନୁସାରେ "ଦୂର ଶିକ୍ଷା ଏକ ଶିକ୍ଷାଦାନର କ୍ଷେତ୍ର ଯାହା ଶିକ୍ଷାଦାନ, ବୈଷୟିକ ଜ୍ଞାନ ପ୍ରଯୁକ୍ତି ଏବଂ ଡିଜାଇନ୍ ସଂକ୍ରାନ୍ତ ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱ ଆରୋପ କରେ।" ଶାରୀରିକ ଭାବେ ଶ୍ରେଣୀ ଗୃହରେ ଉପସ୍ଥିତ ହୋଇପାରୁ ନ ଥିବା ଶିକ୍ଷାର୍ଥୀଙ୍କ ପାଇଁ ଏହା ଏକ ପାଠ ପଢ଼ା ବ୍ୟବସ୍ଥା। ଦୂର ଶିକ୍ଷା ଶ୍ରେଣୀ ଗୃହ ବାହାରେ ରହୁଥିବା ଶିକ୍ଷାର୍ଥୀଙ୍କୁ ପାଠପଢ଼ାର ସୁଯୋଗ ସୁବିଧା ଯୋଗାଇଦେବାର ଏକ ବ୍ୟବସ୍ଥା। ଯେଉଁମାନଙ୍କ ପାଖରେ ପ୍ରତ୍ୟେକ୍ଷ ଶିକ୍ଷାଲାଭର ସୁଯୋଗ ନେବାକୁ ସମୟ ଓ ସୁବିଧା ନାହିଁ ସେମାନଙ୍କ ପାଇଁ ଏହା ମୁଖ୍ୟତଃ ଉଦ୍ଦିଷ୍ଟ। ସଂପୃକ୍ତ ବିଦ୍ୟାର୍ଥୀଙ୍କୁ ପ୍ରତ୍ୟେକ୍ଷ ଶିକ୍ଷାଦାନ ବ୍ୟବସ୍ଥା ଭଳି ସମାନ, ମାନକ ଶିକ୍ଷା ପ୍ରଦାନ କରିବା ଉପରେ ଏହା ଗୁରୁତ୍ୱ ଦିଏ। ଏହା ସତ୍ତ୍ୱେ ଏହା ପ୍ରତ୍ୟେକ୍ଷ ଶିକ୍ଷାଦାନ ବ୍ୟବସ୍ଥାର ସମକକ୍ଷ ନୁହେଁ; ତଥାପି ଶ୍ରେଣୀଗୃହ ବାହାରେ ରହୁଥିବା ବିଦ୍ୟାର୍ଥୀଙ୍କ ପାଇଁ ଏହା ସର୍ବୋତ୍କୃଷ୍ଟ ବ୍ୟବସ୍ଥା ଓ ଶିକ୍ଷାଦାନର ଦ୍ୱିତୀୟ ଉତ୍କୃଷ୍ଟ ମାଧ୍ୟମ।

ଆଶା ଓ ବାସ୍ତବତାକୁ ବିଚାରକୁ ନେଇ ଦୂରଶିକ୍ଷା ବ୍ୟବସ୍ଥାରେ କେତେକ ଉତ୍ତମ ମାର୍ଗର ସମନ୍ୱୟ କରାଯାଇଛି। ଏହି ମାଧ୍ୟମରେ ଯୋଗାଯୋଗ ମାଧ୍ୟମ ଓ ଜ୍ଞାନକୌଶଳକୁ ଉପଯୋଗ କରାଯାଇ ମୁକ୍ତ ଶିକ୍ଷାର ପାଠକ୍ରମକୁ ବିଦ୍ୟାର୍ଥୀଙ୍କୁ ଯୋଗାଇ ଦିଆଯାଉଛି। ଏଥିରେ ଦିଆଯାଉଥିବା ନିର୍ଦ୍ଦେଶକୁ ବିଦ୍ୟାର୍ଥୀ ନିଜେ ଅନୁକରଣ କରି ପାଠ ଶିଖିଥାଏ, ଏହାଛଡ଼ା ଶିକ୍ଷକଙ୍କ ସହ ବ୍ୟକ୍ତିଗତ ଯୋଗାଯୋଗ ପ୍ରକ୍ରିୟାରେ ନିଜର ସନ୍ଦେହ ବା ଭ୍ରାନ୍ତି ଦୂର କରିବାର ସୁଯୋଗ ପାଏ। ସେଥିପାଇଁ ବ୍ୟକ୍ତିଗତ ପରାମର୍ଶର ବ୍ୟବସ୍ଥା ଅଛି। ଅତଏବ ଦୂର ଶିକ୍ଷାରେ ଜଣେ ବିଦ୍ୟାର୍ଥୀ ପାଇଁ ଶ୍ରେଣୀ ଗୃହର ପାଠପଢ଼ା ପରିବେଶ ସୁବିଧା ନ ଥିଲେ ମଧ୍ୟ ପରୋକ୍ଷରେ ତାକୁ ବୁଝାଇବା, ପଢ଼ାଇବା ଓ ତା' ପ୍ରଶ୍ନ ସମୂହର ଉତ୍ତର ଦେବାର ଏକ ସୁନ୍ଦର ବିକଳ୍ପ ବ୍ୟବସ୍ଥା କରାଯାଇଛି।

ଯେଉଁମାନଙ୍କର ଆନୁଷ୍ଠାନିକ ଶିକ୍ଷା ଗ୍ରହଣର ସୁବିଧା ନାହିଁ, ସମାଜର ବିଭିନ୍ନ ବର୍ଗର ଏହି ବିଦ୍ୟାର୍ଥୀଙ୍କ ପାଇଁ ଭାରତରେ ମୁକ୍ତ ଓ ଦୂରଶିକ୍ଷା କାର୍ଯ୍ୟକ୍ରମ ଶିକ୍ଷାଦାନର ଏକ ବିକଳ୍ପ ତଥା ଗ୍ରହଣଯୋଗ୍ୟ ମାଧ୍ୟମ ହୋଇ ସେମାନଙ୍କ ଶିକ୍ଷା ଆବଶ୍ୟକତା ପୂରଣରେ ବିଶେଷ ସହାୟକ ହୋଇପାରିଛି। ଦୂର ଶିକ୍ଷାର ଦୀର୍ଘ ୬୦ ବର୍ଷର ଅଭିଜ୍ଞତା ଓ ଅନୁଭୂତିରୁ ଅନେକ ନୂଆକଥା ଉଦ୍‌ଭବ ହୋଇଛି। ଏହା ଏ କ୍ଷେତ୍ରରେ ଥିବା ଅସୁବିଧାକୁ ଦୂର କରିବାରେ ସହାୟକ ହୋଇଛି। ଫଳରେ ଏହା ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ ସମ୍ଭବ ହୋଇପାରିଛି।

ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ଶ୍ରେଣୀ ଗୃହର କାନ୍ଥକୁ ବାସ୍ତବରେ ସାମୟିକଭାବେ ଅଦୃଶ୍ୟ କରିବାରେ ସଫଳ ହୋଇଛି। ଶ୍ରେଣୀଗୃହର ପରିସରକୁ ବ୍ୟାପକ କରି ପାଠପଢ଼ାକୁ ଦୂରଦୂରାନ୍ତକୁ ପ୍ରସାରିତ କରିବାରେ ସଫଳ ହୋଇଛି। ଏବେ ଦେଶରେ ମୁକ୍ତ ଓ ଦୂରଶିକ୍ଷା ପ୍ରତିଷ୍ଠାନମାନ ସୂଚନା ପ୍ରଯୁକ୍ତିର ବ୍ୟାପକ ଉପଯୋଗ କରି ଏ କ୍ଷେତ୍ରରେ ଏକ ନୂଆ ଦିଗନ୍ତ ସୃଷ୍ଟି କରିପାରିଛନ୍ତି।

## ଦୂର ଓ ଅନ୍‌ଲାଇନ୍ ଶିକ୍ଷାର ଅଭିବୃଦ୍ଧି

ଏବେ ମୁକ୍ତ ଦୂର ଶିକ୍ଷାର ଲକ୍ଷ୍ୟ ହେଲା ସୂଚନା ପ୍ରଯୁକ୍ତି ଯୋଗାଯୋଗର ଉପଯୋଗ କରି ଶିକ୍ଷା ପ୍ରଯୁକ୍ତିକୁ ଯଥାସମ୍ଭବ ଶ୍ରେଣୀଗୃହ ପରିସର ବାହାରେ ଥିବା ବିଦ୍ୟାର୍ଥୀଙ୍କ ପାଖରେ ପହଞ୍ଚାଇବା। ଭର୍ଚୁଆଲ ଓ ଅନ୍‌ଲାଇନ୍ ଅର୍ଥ ଇଣ୍ଟରନେଟ୍ ପ୍ଲାଟଫର୍ମ ଓ ଟୁଲ୍‌ସ ବ୍ୟବହାର କରି ଶିକ୍ଷାର୍ଥୀଙ୍କୁ ପାଠ୍ୟକ୍ରମ ଯୋଗାଇଦେବା ଓ ପାଠ ପଢ଼ାଇବା। ଭର୍ଚୁଆଲ ଶିକ୍ଷାର ଅର୍ଥ ଆଭାସୀ ଶିକ୍ଷା। ପ୍ରତ୍ୟେକ୍ଷ ଶିକ୍ଷାଦାନଠାରୁ ଏହା ଭିନ୍ନ ହେଲେ ମଧ୍ୟ ଏହା ତାହାର ପ୍ରାୟ ପାଖାପାଖି। ଅତଏବ ଦୂରଶିକ୍ଷା ଦ୍ୱାରା ସୂଚନା ପ୍ରଯୁକ୍ତି ମାଧ୍ୟମରେ ଯେଉଁ ପାଠ୍ୟକ୍ରମ ଶିକ୍ଷାର୍ଥୀଙ୍କୁ ପ୍ରଦାନ କରାଯାଉଛି ତାହା ଆଭାସମୂଳକ ହେଲେ ମଧ୍ୟ ଏକ ପ୍ରକାର ବାସ୍ତବ। ଏଥିରେ ମାନ ନିୟନ୍ତ୍ରଣ, ଉତ୍ତମ ପାଠ୍ୟକ୍ରମ, ବିଷୟବସ୍ତୁ, ଶିକ୍ଷଣୀୟ ତଥ୍ୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି।

**ପ୍ରାପ୍ତ ବୟସ୍କ ଜନଗଣନା ସର୍ଭେର ତଥ୍ୟ ଅନୁସାରେ ଭାରତର ୫୮ ଶତାଂଶ ଲୋକ ନିଜର କିଛି ଧନ୍ଦା ବା ଉଦ୍ୟୋଗ କରି ପରିବାର ପ୍ରତିପୋଷଣ ପାଇଁ ଆଗ୍ରହୀ। ମାତ୍ର କେବଳ ୬.୬ ଶତାଂଶ ଲୋକ ଏବେ ଦେଶରେ ନିଜର କିଛି ଧନ୍ଦା ଉଦ୍ୟୋଗ କରି ଚଳୁଛନ୍ତି। ଭାରତ ଭଳି ଏକ କାରକ ସଂଚାଳିତ ଅର୍ଥ ବ୍ୟବସ୍ଥାରେ ଅନେକ କାରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହେ। ଭାରତରେ କିଛି ବ୍ୟବସାୟ ବା ଉଦ୍ୟୋଗ କଲେ ତାହା ଉଧେଇ ନ ପାରିବା, ମଝିରୁ ବନ୍ଦ ହୋଇଯିବା, ଅର୍ଥ ଯୋଗାଡ଼ରେ ଅସୁବିଧା ଉପୁଜିବା ଆଦି ସମସ୍ୟା ଥାଏ। ଏହି ସବୁ କାରଣ ଯୋଗୁଁ ଯୁବବର୍ଗ ଓ ବିଶେଷତଃ ମହିଳାମାନେ ନିଜର କିଛି ବେଉସା କରିବାରେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।**

ଟେବୁଲ-୧

**ନାମ ଲେଖା / ଶିକ୍ଷା କାର୍ଯ୍ୟକ୍ରମ**

| ରାଜ୍ୟ | ବର୍ଷ | ମୋଟ ପୁରୁଷ | ମୋଟ ମହିଳା | ମୋଟ |
|---|---|---|---|---|
| ସମଗ୍ର ଭାରତ | ୨୦୧୨-୧୩ | ୧୪୧୭୮୯୭୮ | ୧୧୫୮୨୭୦୮ | ୨୫୭୬୧୬୮୬ |
| ସମଗ୍ର ଭାରତ | ୨୦୧୧-୧୨ | ୧୨୧୭୯୨୪୮ | ୯୬୮୧୮୬୮ | ୨୧୮୬୧୧୧୬ |

## ଭାରତରେ ଉଦ୍ୟୋକ୍ତା ବିକାଶଶିକ୍ଷା

ପ୍ରାପ୍ତ ବୟସ୍କ ଜନଗଣନା ସର୍ଭେର ତଥ୍ୟ ଅନୁସାରେ ଭାରତର ୫୮ ଶତାଂଶ ଲୋକ ନିଜର କିଛି ଧନ୍ଦା ବା ଉଦ୍ୟୋଗ କରି ପରିବାର ପ୍ରତିପୋଷଣ ପାଇଁ ଆଗ୍ରହୀ। ମାତ୍ର କେବଳ ୬.୬ ଶତାଂଶ ଲୋକ ଏବେ ଦେଶରେ ନିଜର କିଛି ଧନ୍ଦା ଉଦ୍ୟୋଗ କରି ଚଳୁଛନ୍ତି। ଭାରତ ଭଳି ଏକ କାରକ ସଂଚାଳିତ ଅର୍ଥ ବ୍ୟବସ୍ଥାରେ ଅନେକ କାରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହେ। ଭାରତରେ କିଛି ବ୍ୟବସାୟ ବା ଉଦ୍ୟୋଗ କଲେ ତାହା ଉଧେଇ ନ ପାରିବା, ମଝିରୁ ବନ୍ଦ ହୋଇଯିବା, ଅର୍ଥ ଯୋଗାଡ଼ରେ ଅସୁବିଧା ଉପୁଜିବା ଆଦି ସମସ୍ୟା ଥାଏ। ଏହି ସବୁ କାରଣ ଯୋଗୁଁ ଯୁବବର୍ଗ ଓ ବିଶେଷତଃ ମହିଳାମାନେ ନିଜର କିଛି ବେଉସା କରିବାରେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ବର୍ଗର ଲୋକଙ୍କ ସଂଖ୍ୟା ପ୍ରାୟ ୪୦ ଶତାଂଶ। ଅତଏବ ଏହି ଶ୍ରେଣୀର ଉଦ୍ୟୋକ୍ତା ବା ଉଦ୍ୟମୀ ପ୍ରୟାସୀଙ୍କୁ ଉଦ୍ୟୋଗ ସ୍ଥାପନ ସମ୍ପର୍କରେ ଆବଶ୍ୟକ ଶିକ୍ଷାଦାନ ସହ ସେମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଉଛି। ଲକ୍ଷ୍ୟ ହେଲା ସେମାନଙ୍କୁ ଭବିଷ୍ୟତର ବ୍ୟବସାୟିକ ନେତା କରି ଗଢ଼ି ତୋଳିବା।

ମୋଟ ଜନସଂଖ୍ୟାରେ ଯେତେବେଳେ କାର୍ମିକ ଶ୍ରେଣୀର ଲୋକଙ୍କ ସଂଖ୍ୟା ଅଧିକ ହୁଏ, ବିଶେଷତଃ ଯୁବବର୍ଗଙ୍କ ସଂଖ୍ୟା ବଢ଼େ, ସେତେବେଳେ ଏହାର ସର୍ବାଧିକ ଉପଯୋଗ କରିବାର ଆବଶ୍ୟକତା ରହିଛି। ଜନସଂଖ୍ୟାର ଲାଭକୁ ବିନିଯୋଗ କରାଗଲେ ଲୋକଙ୍କର ତଥା ଦେଶର ବିକାଶ ସାଧନ ହୋଇପାରିବ। ଏଥିପାଇଁ ଉଦ୍ୟୋକ୍ତା ବିକାଶ ଶିକ୍ଷାର ସଂପ୍ରସାରଣ ଲୋଡ଼ା ଏହାକୁ ଦୃଷ୍ଟିରେ ରଖି ଉଦ୍ୟୋକ୍ତା ବିକାଶ ଶିକ୍ଷା ପ୍ରସାର ଉପରେ କେନ୍ଦ୍ର ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛନ୍ତି। ବିଶ୍ୱାୟନ ଯୁଗରେ ଏହାର ଯଥାର୍ଥତା ଅନସ୍ୱୀକାର୍ଯ୍ୟ।

## ଦୂର ଓ ଅନ୍‌ଲାଇନ୍ ଉଦ୍ୟୋକ୍ତା ବିକାଶ ଶିକ୍ଷା

ସରକାରୀ ଓ ବେସରକାରୀ ଉଦ୍ୟମରେ ଭାରତରେ ମିଳିତ ଭାବେ ଦୂର ଓ ଅନ୍‌ଲାଇନ୍ ଶିକ୍ଷା କାର୍ଯ୍ୟକାରୀ ହେଉଛି। ଏକ ଇଣ୍ଟନେଟ୍ ସର୍ଭେ

**ତଥ୍ୟ: ଓଜିଡି ପ୍ଲାଟଫର୍ମ ଇଣ୍ଡିଆ**

ଅନୁସାରେ ଏହି ବ୍ୟବସ୍ଥାରେ ମ୍ୟାନେଜମେଣ୍ଟ କୋର୍ସ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ଅଧିକ ରହିଛି। ତେବେ ଉଦ୍ୟୋକ୍ତା ବିକାଶ ଶିକ୍ଷା ପ୍ରତି ଏହି ବ୍ୟବସ୍ଥାରେ ବିଶେଷ ଆଗ୍ରହ ପରିଲକ୍ଷିତ ହେଉନାହିଁ। ଖୁବ୍ କମ୍ ପ୍ରତିଷ୍ଠାନ ଦୂର ଓ ଅନ୍‌ଲାଇନ ବ୍ୟବସ୍ଥାରେ ଉଦ୍ୟୋକ୍ତା ଓ ଦକ୍ଷତା ବିକାଶ ପାଠ୍ୟକ୍ରମ ପ୍ରଦାନ କରୁଛନ୍ତି। ଦୀର୍ଘ ସମୟ ଧରି ସର୍ଚ୍ଚ କରିବା ପରେ ଇଡିଆଇଆଇରୁ ମାତ୍ର ୫ଟି ଏଭଳି ପାଠ୍ୟକ୍ରମ ଠାବ କରାଯାଇଛି। ସେଗୁଡ଼ିକ ହେଲା -

- ଏଣ୍ଟରପ୍ରେନୁଅରସିପ୍ ଡେଭେଲପମେଣ୍ଟ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ - ଅହମ୍ମଦାବାଦ (ଓଏଲ୍‌ପିଇ କୋର୍ସ)
- ସିମବାୟୋସିସ୍ ୟୁନିଭରସିଟି, ପୁଣେ (ସିପିଇଡି)
- ଇଗ୍‌ନୋ - ସିଆଇଇ
- ୱେଲିଂଟନ୍ ଇନ୍‌ଷ୍ଟିଚ୍ୟୁଟ୍ ମୁମ୍ବଇ (ଡିଇଏମ୍)
- ୱେଷ୍ଟବେଙ୍ଗଲ ନେଶନାଲ ୟୁନିଭର୍ସିଟି ଅଫ୍ ଜୁଡ଼ିସିଆଲ ସାଇନ୍ସ (କଲକାତା) - (ଡିଇଏବିଏଲ୍)

## ପ୍ରଚଳିତ ବ୍ୟବସ୍ଥା

ଦେଶରେ ଉଦ୍ୟୋକ୍ତା ବିକାଶ ଶିକ୍ଷାର ସୁଯୋଗ ସୁବିଧା ଥିବା ସତ୍ତ୍ୱେ ଏଥିପାଇଁ ଦୂର ଶିକ୍ଷା ବ୍ୟବସ୍ଥାର ବିକାଶ ଆଶାନୁରୂପ ହୋଇପାରିନାହିଁ। ଏହି ଶିକ୍ଷା ପ୍ରଦାନ କରୁଥିବା ପ୍ରତିଷ୍ଠାନ ଗୁଡ଼ିକ ଏହି ପାଠ୍ୟକ୍ରମ ଓ ଢାଞ୍ଚା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଏହା ହେଲେ ଏହି ଶିକ୍ଷାଟି ଅଧିକ ଫଳପ୍ରସୂ ହୋଇପାରି। ଏ କ୍ଷେତ୍ରରେ ଯେଉଁସବୁ ପ୍ରତିବନ୍ଧକ ଅଛି ତାହାର ସମାଧାନ ହୋଇପାରିଲେ ଏହି ଶିକ୍ଷା ବ୍ୟବସ୍ଥାଟି ଅଧିକରୁ ଅଧିକ ଲୋକପ୍ରିୟ ଏବଂ ଗ୍ରହଣୀୟ ହୋଇପାରିବ।

**ସବୁ ମାନବ ବିକାଶ ରିପୋର୍ଟରେ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ ଯେକୌଣସି ପ୍ରକାର ଶିକ୍ଷା ଏକ ନିବେଶ। ତେଣୁ ଭାରତ ଭଳି ଦେଶରେ ଯେଉଁଠି ଉଚ୍ଚଶିକ୍ଷା ଓ ନିଯୁକ୍ତି ସୁଯୋଗ ସୀମିତ ସେଠାରେ ବିକଳ୍ପ ସ୍ୱଳ୍ପ ମୂଲ୍ୟର ପାଠ୍ୟକ୍ରମ ପ୍ରଦାନ କରି ଯୁବବର୍ଗଙ୍କୁ ନିଯୁକ୍ତି କୈନ୍ଦ୍ରୀକ ଶିକ୍ଷା ପ୍ରଦାନ କରିବା ପ୍ରୟାସ ନିଶ୍ଚିତ ଏକ ଭଲ ପଦକ୍ଷେପ। ଏହା ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠାରେ ସହାୟକ ହୋଇପାରିବ।**

## ବ୍ୟାବସାୟିକ ଉଦ୍ଦେଶ୍ୟ ଆଗରେ ମାନ ଗୁରୁତ୍ୱ ପାଉନି

ଦେଖାଯାଉଛି ଯେ ଦେଶର ଯେଉଁ ସବୁ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ଦୂର ଅନ୍‌ଲାଇନ୍ ଉଦ୍ୟୋକ୍ତା ବିକାଶ ଶିକ୍ଷା ପ୍ରଦାନ କରାଯାଉଛି ସେଥିରେ ବ୍ୟାବସାୟିକ ଲାଭ ଅଗ୍ରାଧିକାର ପାଉଛି। ଫଳରେ ଏହି ପାଠ୍ୟକ୍ରମର ମାନ ଉପରେ ଧ୍ୟାନ ରହୁନାହିଁ ଏବଂ ଏକ ପ୍ରକାର ଡିଗ୍ରୀ ବିକା ବ୍ୟବସ୍ଥାରେ ଏହା ସୀମିତ ରହୁଛି। ଏହା କେବଳ ଅର୍ଥ ରୋଜଗାରର ଫିକର ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ପାଠ୍ୟକ୍ରମ ପାଇଁ ଯେଉଁ ମାନ ରହିବା କଥା ତାହା ରହୁନାହିଁ। ଟିଭି, ରେଡିଓ ଓ ଅନଲାଇନ୍‌ରେ ଯେଉଁ ଦୃଶ୍ୟଶ୍ରାବ୍ୟ ବା ଛାପା ପାଠ୍ୟକ୍ରମ ପ୍ରଦାନ କରାଯାଉଛି ତାହା ଅତ୍ୟନ୍ତ ନିମ୍ନମାନର। ଏହା ଫଳରେ ଶିକ୍ଷାର୍ଥୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ସେମାନଙ୍କୁ ମାନକ ଶିକ୍ଷା ମିଳୁନାହିଁ।

ଅତଏବ ଯେଉଁ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ସୁବିଧା ସୁଯୋଗ ଓ ତାଲିମପ୍ରାପ୍ତ ଶିକ୍ଷକ ନାହାନ୍ତି ସେସବୁ ଶିକ୍ଷାନୁଷ୍ଠାନକୁ ଉଦ୍ୟୋକ୍ତା ବିକାଶ ବିଦ୍ୟାରେ ଅନ୍‌ଲାଇନ୍ ପାଠ୍ୟକ୍ରମ ପ୍ରଦାନ ବ୍ୟବସ୍ଥାର ସୁଯୋଗ ଦିଆଯିବା ଅନୁଚିତ। ଅନେକ ଶିକ୍ଷାନୁଷ୍ଠାନ / ବିଶ୍ୱବିଦ୍ୟାଳୟରେ ଏହି ପାଠ୍ୟକ୍ରମର ସର୍ବନିମ୍ନ ବ୍ୟବସ୍ଥା ନ ଥିବା ସତ୍ତ୍ୱେ ସେମାନେ ପାଠ୍ୟକ୍ରମ ପ୍ରବର୍ତ୍ତନ କରୁଛନ୍ତି। ଏହାକୁ ବେଆଇନ କରାଯିବା ଉଚିତ। ବ୍ୟାବସାୟିକ ଲାଭ ଉଦ୍ଦେଶ୍ୟରେ ଏସବୁ ଶିକ୍ଷାନୁଷ୍ଠାନ ଏହା କରୁଛନ୍ତି ଯାହା ଗର୍ହିତ।

## ସରକାରୀ ଉଦାସୀନତା

ଦେଶରେ ଦୂର ଶିକ୍ଷାର ସୁଯୋଗ ସୁବିଧା ବ୍ୟାପକ; କିନ୍ତୁ ଏହାକୁ ଠିକଣା ଭାବେ ଉପଯୋଗ କରିହେବନାହିଁ। ଏଥି ପାଇଁ ସରକାରୀ ଉଦାସୀନତା ଦାୟୀ। ଶିକ୍ଷା କ୍ଷେତ୍ରରେ ସଂସ୍କାର ଏବଂ ଦୂର ଶିକ୍ଷା ବ୍ୟବସ୍ଥାର ଉନ୍ନତି ନ ହେଲେ ମାନବସମ୍ବଳ ବିକାଶ ଏକ ସୁଦୂର ପରାହତ ସ୍ୱପ୍ନ ହୋଇ ରହିଯିବ।

ଏଥିପାଇଁ ସରକାର ଯେଉଁ 'ସ୍ୱୟମ୍' ବ୍ୟବସ୍ଥା ଆରମ୍ଭ କରିଛନ୍ତି ତାହା ମୁଖ୍ୟତଃ ଘରୋଇ ଶିକ୍ଷାନୁଷ୍ଠାନଙ୍କ ସହାୟତାରେ ଚାଲିଛି। ଏଥିରେ ସରକାର ପୁଞ୍ଜିନିବେଶ କରୁନାହାନ୍ତି। ଘରୋଇ ସଂସ୍ଥାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରି ନିଜେ ଚୁପ୍‌ଚାପ୍ ବସିଯାଉଛନ୍ତି। ଏହା ଫଳରେ ଶିକ୍ଷାର ଘରୋଇକରଣ ପ୍ରୋତ୍ସାହିତ ହେଉଛି ଓ ଉଚ୍ଚ ଶିକ୍ଷାର ମାନ ନିୟନ୍ତ୍ରଣରେ ସରକାରୀ କର୍ତ୍ତୃତ୍ୱ ଢିଲା ହେଉଛି। ଶିକ୍ଷାରେ ଘରୋଇ କ୍ଷେତ୍ରର ପ୍ରଭାବ ବୃଦ୍ଧି ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ମହଙ୍ଗା କରୁଛି। ଏଥିରେ ସରକାରୀ ସଦିଚ୍ଛା, ସହଯୋଗ ଓ କର୍ତ୍ତୃତ୍ୱ ରହିଲେ ଶିକ୍ଷା ଶସ୍ତା ହୁଅନ୍ତା ଏବଂ ସମସ୍ତଙ୍କ ପାଖରେ ସହଜରେ ପହଞ୍ଚି ପାରନ୍ତା। ତେଣୁ ଦୂର ଶିକ୍ଷାରେ ଅଧିକରୁ ଅଧିକ ସରକାରୀ ସହଯୋଗ ଓ ହସ୍ତକ୍ଷେପର ଆବଶ୍ୟକତା ରହିଛି। ଏବେ ପ୍ରଯୁକ୍ତି ବିଦ୍ୟାର ଯେଉଁ ଉଲ୍ଲେଖନୀୟ ବିକାଶ ଘଟିଛି ତାହା ସାହାଯ୍ୟରେ ପିଲାଏ ଘରେ ବସି ନିଜ ମନପସନ୍ଦର ପାଠ ସହଜରେ ଓ ସୁବିଧାରେ ପଢ଼ିପାରିବେ। ଗବେଷଣା କହୁଛି ଯେକୌଣସି ଦୂରଶିକ୍ଷା କାର୍ଯ୍ୟକ୍ରମର ସଫଳତା ଏକ ନିରନ୍ତର ସମନ୍ୱିତ ପ୍ରୟାସ ଉପରେ ନିର୍ଭର କରେ। ଏଥି ସହିତ ସଂପୃକ୍ତ ସମସ୍ତ ପକ୍ଷ ଯଥା ବିଦ୍ୟାର୍ଥୀ, ଶିକ୍ଷକ, ସୁବିଧା ଯୋଗାଣକାରୀ, ସହାୟକ କର୍ମଚାରୀ ଏବଂ ପ୍ରତିଷ୍ଠାନ ସମସ୍ତଙ୍କର ସମ୍ମିଳିତ ଭୂମିକା ରହିଛି।

## ଦୂର ଶିକ୍ଷା ପାଠ୍ୟକ୍ରମ ପରିଚାଳନା ଦକ୍ଷତା

ବିଶେଷଜ୍ଞ ରାମୟଙ୍କ ମତରେ "ଦୂରଶିକ୍ଷାର ସଫଳତା ପାଇଁ ଶିକ୍ଷାର୍ଥୀର ଦକ୍ଷତା ଓ ସଫ୍ଟୱେୟାର ବିଶେଷତ୍ୱ ଓ ଉପଯୋଗୀତାକୁ ଗଭୀର ଭାବେ ବୁଝିବାର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ସମସାମୟିକ ନିର୍ଦ୍ଦେଶନାଗତ ଡିଜାଇନ, ନୀତି ଓ ମଲ୍‌ଟିମିଡିଆ ଇଣ୍ଟରଫେସ୍ ସମ୍ପର୍କରେ ଗଭୀର ଜ୍ଞାନର ଆବଶ୍ୟକତା ରହିଛି।"

ଥ୍ୟାଚ୍ ଓ ମର୍ଫି ଆମେରିକା ଏବଂ କାନାଡ଼ାର ପ୍ରାୟ ୧୦୩ ଜଣ ଦୂର ଶିକ୍ଷା ପେସାଦାରଙ୍କୁ ଭେଟି ମୁକ୍ତ ଓ ଦୂର ଶିକ୍ଷାର ସଫଳତା ପାଇଁ ଆବଶ୍ୟକ ଦକ୍ଷତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ତଦନୁସାରେ ଏହି ଶିକ୍ଷା କ୍ଷେତ୍ରରେ ଇଣ୍ଟରପର୍ସନାଲ କମ୍ୟୁନିକେସନ, ପ୍ଲାନିଂ, କୋଲାବରେସନ୍, ଟିମ୍ ୱାର୍କ, ଇଂରାଜୀ ଦକ୍ଷତା ଓ ଉତ୍ତମ ଲେଖନୀ ଶୈଳୀ, ପ୍ରଶାସନିକ ସହାୟତା ସେବା, ଫିଡ୍‌ବ୍ୟାକ୍ ସ୍କିଲ ଓ ଦୂରଶିକ୍ଷା ଟେକ୍‌ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି।

ଉଦ୍ୟୋକ୍ତା ବିକାଶ ଶିକ୍ଷା ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ଯାହା ଶିକ୍ଷାର୍ଥୀର କୌଶଳ ଓ ଦକ୍ଷତାକୁ ବଢ଼ାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚାଇବାକୁ ଅଭିପ୍ରେତ। ଏଥିରେ ସମ୍ବଳର ଉପଯୋଗ, ଅର୍ଥ ଓ ଉଦ୍ୟୋଗ ପରିଚାଳନା, ବିପଣନ, ପ୍ରଶାସନିକ ପରିଚାଳନା ଆଦି ଅଗ୍ରାଧିକାର ପାଇଛି। ମୁକ୍ତ ଦୂର ଶିକ୍ଷା ବ୍ୟବସ୍ଥାରେ ଏସବୁ ବିଷୟରେ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦେବାରେ ଅବଶ୍ୟ ସମସ୍ୟା ରହିଛି। ତେବେ ଜଣେ ପେସାଦାର ଶିକ୍ଷା ବିଶାରଦଙ୍କ ସୂକ୍ଷ୍ମ ବିଚାରବୁଦ୍ଧି ଓ ନୈପୁଣ୍ୟ ଉପରେ ଏହାର ସଫଳତା ନିର୍ଭର କରେ।

## ଆବଶ୍ୟକତା ଓ ସୁଯୋଗ

ଭାରତରେ ଉଦ୍ୟୋଗିକତା କ୍ଷେତ୍ରରେ ଦୂର ଶିକ୍ଷାର ପ୍ରଭାବ ନଗଣ୍ୟ। ଏହା ସତ୍ତ୍ୱେ ଉଦ୍ୟୋକ୍ତା ବିକାଶ ଶିକ୍ଷାକୁ ଲୋକପ୍ରିୟ କରିବା ପାଇଁ ଯେଉଁ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଏହି ପାଠ୍ୟକ୍ରମ ପ୍ରଦାନ କରୁଛନ୍ତି ସେମାନେ ନିମ୍ନରେ ପ୍ରଦତ୍ତ ବିଷୟଗୁଡ଼ିକ ପ୍ରତି ଆବଶ୍ୟକ ଧ୍ୟାନ ଦେବା ଉଚିତ। ସେହି ଆବଶ୍ୟକତା ସବୁ ପୂରଣ ହେଲେ ଶିକ୍ଷାର୍ଥୀଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି ହୋଇପାରିବ।

**ଦ୍ରୁତ ପରିବର୍ତ୍ତନଶୀଳ ଉଦ୍ୟୋଗିକ ପରିବେଶରେ କାମକରୁଥିବା ଲୋକମାନେ ନିଜ ନିଜର ଦକ୍ଷତା ଓ କୁଶଳ ବୃଦ୍ଧିକୁ ସର୍ବଦା ଅନୁଭବ କରୁଛନ୍ତି। ଅତଏବ ଉଦ୍ୟୋକ୍ତା ବିକାଶ ଶିକ୍ଷା ଓ ତାଲିମ କ୍ଷେତ୍ରରେ ନିବେଶର ଆବଶ୍ୟକତା ରହିଛି। ନିଜର ବିପୁଳ ଜନସଂଖ୍ୟାର ଲାଭ ଯଦି ଭାରତ ଉଠାଇବାକୁ ସତରେ ଆଗ୍ରହୀ ତେବେ ଏହି କ୍ଷେତ୍ର ଉପରେ ଏହାକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। କାରଣ ଯୁବକମାନଙ୍କୁ ସଶକ୍ତ, ଦକ୍ଷ ଓ ରୋଜଗାରକ୍ଷମ କରିବା ପାଇଁ ଏଭଳି ଶିକ୍ଷାର ଆବଶ୍ୟକତା ଯଥେଷ୍ଟ ରହିଛି। ସେଥିପାଇଁ ଉତ୍ତମ ଉଚ୍ଚମାନର ପାଠ୍ୟକ୍ରମ, ଶିକ୍ଷକ ଓ ଶିକ୍ଷାଦାନ ବ୍ୟବସ୍ଥା, ପାଠ୍ୟପୁସ୍ତକ ଓ ଶୈକ୍ଷିକ ଉପକରଣ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଣ ପ୍ରତି ଯତ୍ନବାନ ହେବାକୁ ପଡ଼ିବ।**

## ନିର୍ଦ୍ଦିଷ୍ଟ ଜନସଂଖ୍ୟା

ଏହି ଶିକ୍ଷା ବ୍ୟବସ୍ଥା କ୍ରମବର୍ଦ୍ଧିଷ୍ଣୁ ମଧ୍ୟମ-ବର୍ଗର ଜନତାଙ୍କୁ ସୁହାଇବ ନାହିଁ। ତେଣୁ ଅକୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକ, ପର୍ଯ୍ୟାପ୍ତ ସୁବିଧାସୁଯୋଗ ପାଉ ନ ଥିବା ଲୋକଙ୍କୁ ଏହି ଶିକ୍ଷା ମାଧ୍ୟମରେ କୁଶଳୀ, ଦକ୍ଷ କରିବାକୁ ଆବଶ୍ୟକ ଜ୍ଞାନ ଓ କୌଶଳ ଦେଇ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯାଇ ପାରିବ।

## ନମନୀୟତା

ଏହି ଶିକ୍ଷାକୁ ଏକ ସରଳ ଓ ସହଜ ବ୍ୟବସ୍ଥାରେ ଉଦ୍ଦିଷ୍ଟ ବର୍ଗଙ୍କ ନିକଟରେ ପହଞ୍ଚାଇବାକୁ ସରକାର ଯତ୍ନଶୀଳ। ଏହାସତ୍ତ୍ୱେ ଏଥିରେ ଯେଉଁ ପାଠ୍ୟକ୍ରମ ଓ ଯୋଗାଯୋଗ ପ୍ରଯୁକ୍ତି ବ୍ୟବହୃତ ହେଉଛି ତାହାକୁ ଅଧିକ ନମନୀୟ, ବ୍ୟବହାର ଅନୁକୂଳ କରିବାକୁ ପଡ଼ିବ। ଏହା ଫଳରେ ଉଦ୍ଦିଷ୍ଟବର୍ଗ ଏଥିପ୍ରତି ଅଧିକ ଆକୃଷ୍ଟ ହେବେ। ପାଠ୍ୟଦାନ ବ୍ୟବସ୍ଥା ଜଟିଳ ଓ କ୍ଲିଷ୍ଟ ହେଲେ ଏଥିପ୍ରତି ଲୋକଙ୍କର ଆଗ୍ରହ ରହିବ ନାହିଁ।

## ଯୁବବର୍ଗଙ୍କୁ ଶିକ୍ଷା

ଏହି ଶିକ୍ଷା ବ୍ୟବସ୍ଥାରେ ଯୁବବର୍ଗ ଅଗ୍ରାଧିକାର ପାଇବା ଆବଶ୍ୟକ। କାରଣ ଦେଶର ୨୮ ଶତାଂଶ ଜନସଂଖ୍ୟା ଯୁବ ବୟସର। ସେମାନେ ଅଧିକ ନିଯୁକ୍ତି ଲୋଡ଼ନ୍ତି ଏବଂ ନିଜର ଦକ୍ଷତା ବିକାଶ ପାଇଁ ସୁଯୋଗ ସୁବିଧା ଖୋଜନ୍ତି। ଅତଏବ ଏହି ଶିକ୍ଷା ସେମାନଙ୍କ କାର୍ଯ୍ୟରେ ଲାଗିଲେ ସେମାନେ ସବୁଠୁ ଅଧିକ ଉପକୃତ ହେବେ।

ଏହାଛଡ଼ା ଏହି ଶିକ୍ଷା ବ୍ୟବସ୍ଥାକୁ ଅଧିକ ସଫଳ ଓ ପ୍ରଭାବଶାଳୀ କରିବାକୁ ତାଲିମପ୍ରାପ୍ତ ଲୋକଶକ୍ତି, ବିଦ୍ୟାର୍ଥୀ, ଶିକ୍ଷାଦାତା ଓ ପାଠପଢ଼ା ସମୟ ମଧ୍ୟରେ ସୁସମନ୍ୱୟ, ଶିକ୍ଷାର୍ଥୀଙ୍କ ପାଇଁ ସୁବିଧା ହେଉଥିବା ସମୟ, ଅବସର ପରବର୍ତ୍ତୀ ସମୟରେ ଶିକ୍ଷାଦାନ, ଅଣୁ ଉଦ୍ୟୋଗ ପ୍ରତିଷ୍ଠା ସଂକ୍ରାନ୍ତ ପରାମର୍ଶ ଏବଂ ଅଣଆନୁଷ୍ଠାନିକ କ୍ଷେତ୍ରକୁ ଆନୁଷ୍ଠାନିକ କରିବା ଆଦି ଉପରେ ଗୁରୁତ୍ୱ ଦେଲେ ଶିକ୍ଷାର୍ଥୀମାନେ ଅଧିକ ସୁଯୋଗ ପାଇବେ।

## ମିଶ୍ରିତ ପଦକ୍ଷେପ

ଅହମଦାବାଦସ୍ଥିତ ଉଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ଜର୍ମାନୀର ଫ୍ରେଡେରିକ୍ ନିଉମାନ ପ୍ରତିଷ୍ଠାନ

**ପ୍ରାପ୍ତ ବୟସ୍କ ଜନଗଣନା ସର୍ଭେର ତଥ୍ୟ ଅନୁସାରେ ଭାରତର ୫୮ ଶତାଂଶ ଲୋକ ନିଜର କିଛି ଧନ୍ଦା ବା ଉଦ୍ୟୋଗ କରି ପରିବାର ପ୍ରତିପୋଷଣ ପାଇଁ ଆଗ୍ରହୀ। ମାତ୍ର କେବଳ ୬.୬ ଶତାଂଶ ଲୋକ ଏବେ ଦେଶରେ ନିଜର କିଛି ଧନ୍ଦା ଉଦ୍ୟୋଗ କରି ଚଳୁଛନ୍ତି। ଭାରତ ଭଳି ଏକ କାରକ ସଂଚାଳିତ ଅର୍ଥ ବ୍ୟବସ୍ଥାରେ ଅନେକ କାରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହେ। ଭାରତରେ କିଛି ବ୍ୟବସାୟ ବା ଉଦ୍ୟୋଗ କଲେ ତାହା ଉଧେଇ ନ ପାରିବା, ମଝିରୁ ବନ୍ଦ ହୋଇଯିବା, ଅର୍ଥ ଯୋଗାଡ଼ରେ ଅସୁବିଧା ଉପୁଜିବା ଆଦି ସମସ୍ୟା ଥାଏ। ଏହି ସବୁ କାରଣ ଯୋଗୁଁ ଯୁବବର୍ଗ ଓ ବିଶେଷତଃ ମହିଳାମାନେ ନିଜର କିଛି ବେଉସା କରିବାରେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ବର୍ଗର ଲୋକଙ୍କ ସଂଖ୍ୟା ପ୍ରାୟ ୪୦ ଶତାଂଶ। ଅତଏବ ଏହି ଶ୍ରେଣୀର ଉଦ୍ୟୋକ୍ତା ବା ଉଦ୍ୟମୀ ପ୍ରୟାସୀଙ୍କୁ ଉଦ୍ୟୋଗ ସ୍ଥାପନ ସମ୍ପର୍କରେ ଆବଶ୍ୟକ ଶିକ୍ଷାଦାନ ସହ ସେମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଉଛି।**

ସହଯୋଗରେ ନୂଆ ଉଦ୍ୟୋକ୍ତାମାନଙ୍କୁ ତାଲିମ ଦେବାକୁ ଏକ କାର୍ଯ୍ୟକ୍ରମ ହାତକୁ ନେଇଛି। ଦେଶରୁ ବେକାରୀ ଦୂର କରିବା ଏହାର ଲକ୍ଷ୍ୟ। ଦେଶର ବିଭିନ୍ନ ଭୌଗୋଳିକ ମଣ୍ଡଳରେ ବସବାସ କରୁଥିବା ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହା ମୁକ୍ତ ଓ ଦୂରଶିକ୍ଷା ମାଧ୍ୟମରେ ପାଠ୍ୟକ୍ରମ ଓ ତାଲିମ ପ୍ରଦାନର ବ୍ୟବସ୍ଥା କରିଛି। ଏଥିପାଇଁ ୱେବ୍ ଭିତ୍ତିକ ସଫ୍ଟୱେୟାର ବିକଶିତ ହୋଇଛି। ବାସ୍ତବ ମୁକ୍ତ ଶିକ୍ଷା ପ୍ଲାଟଫର୍ମମାନ ପ୍ରତିଷ୍ଠା କରାଯାଇ ଶିକ୍ଷାର୍ଥୀଙ୍କୁ ପାଠ୍ୟକ୍ରମ ଓ ଶିକ୍ଷା ଦିଆଯାଉଛି।

## ଭବିଷ୍ୟତ ପଥ

**ନିଯୁକ୍ତି କୈନ୍ଦ୍ରୀକ :** ସବୁ ମାନବ ବିକାଶ ରିପୋର୍ଟରେ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ ଯେକୌଣସି ପ୍ରକାର ଶିକ୍ଷା ଏକ ନିବେଶ। ତେଣୁ ଭାରତ ଭଳି ଦେଶରେ ଯେଉଁଠି ଉଚ୍ଚଶିକ୍ଷା ଓ ନିଯୁକ୍ତି ସୁଯୋଗ ସୀମିତ ସେଠାରେ ବିକଳ୍ପ ସ୍ୱଳ୍ପ ମୂଲ୍ୟର ପାଠ୍ୟକ୍ରମ ପ୍ରଦାନ କରି ଯୁବବର୍ଗଙ୍କୁ ନିଯୁକ୍ତି କୈନ୍ଦ୍ରୀକ ଶିକ୍ଷା ପ୍ରଦାନ କରିବା ପ୍ରୟାସ ନିଶ୍ଚିତ ଏକ ଭଲ ପଦକ୍ଷେପ। ଏହା ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠାରେ ସହାୟକ ହୋଇପାରିବ।

## ବାସ୍ତବ ବନାମ୍ ପ୍ରକୃତ

ଅଣ ବ୍ୟକ୍ତିଗତ ବାସ୍ତବ ଶିକ୍ଷା ଓ ବ୍ୟକ୍ତିଗତ ସଂଯୋଗ ଭିତ୍ତିକ ପ୍ରକୃତ ଶିକ୍ଷା ଏହା ଦୁଇଟି ଭିନ୍ନ ଜିନିଷ। ତେଣୁ ସ୍କୁଲ କଲେଜ ଭଳି ପ୍ରତ୍ୟେକ୍ଷ ସେବା ଅଭାବରେ ଯେତେବେଳେ ଦୂର ଶିକ୍ଷା ମାଧ୍ୟମରେ ତତ୍‌ସମ ବାସ୍ତବ ଶିକ୍ଷା ବିଦ୍ୟାର୍ଥୀଙ୍କୁ ଯୋଗାଇଦେବାର ବ୍ୟବସ୍ଥା ହୋଇଛି ସେତେବେଳେ ଏହି ଦୁଇ ପାଠପଢ଼ା ବ୍ୟବସ୍ଥା ମଧ୍ୟରେ ଏକ ସୂକ୍ଷ୍ମ ଭାରସାମ୍ୟ ରଖାଯିବା ଆବଶ୍ୟକ। ଏହି ଅପ୍ରତ୍ୟକ୍ଷ ବ୍ୟବସ୍ଥାରେ ବିଦ୍ୟାର୍ଥୀମାନେ ଶିକ୍ଷକଙ୍କ ଉପସ୍ଥିତି ଓ ଶ୍ରେଣୀଗୃହର ପରିବେଶ ଯେପରି ଅନୁଭବ କରିପାରିବେ ସେଥିପାଇଁ ଦୃଷ୍ଟି ଦେବାକୁ ହେବ।

## ବିଶ୍ୱସନୀୟତା ଓ ପ୍ରାମାଣିକତା

ମୁକ୍ତ ଓ ଦୂରଶିକ୍ଷା ବ୍ୟବସ୍ଥାରେ ଅନେକ ଆହ୍ୱାନ ରହିଥିବାବେଳେ ଏହି ଶିକ୍ଷାଦାନ ବ୍ୟବସ୍ଥାରେ ଯେଉଁମାନେ ଉପକୃତ ହେଉଛନ୍ତି ସେମାନଙ୍କ ପାଇଁ ଏହାର ବିଶ୍ୱସନୀୟତା ଓ ପ୍ରାମାଣିକତା ବିଶେଷ ଗୁରୁତ୍ୱପୂର୍ଣ୍ଣ। ନିଯୁକ୍ତିଦାତାଙ୍କ ଦ୍ୱାରା ଏହି ବର୍ଗର ବିଦ୍ୟାର୍ଥୀଙ୍କ ଗ୍ରହଣୀୟତା ବଢ଼ିଲେ ଏଥିପାଇଁ ଅଧିକରୁ ଅଧିକ ଶିକ୍ଷାର୍ଥୀ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ। ଯେଉଁମାନେ ଏହି ବ୍ୟବସ୍ଥାରେ ଉଦ୍ୟୋକ୍ତା ବିକାଶ ଶିକ୍ଷା ଓ ତାଲିମ ଗ୍ରହଣ କରୁଛନ୍ତି ସେମାନେ ପ୍ରତ୍ୟକ୍ଷ ଶିକ୍ଷା ବା ତାଲିମ ବ୍ୟବସ୍ଥାର ବିଦ୍ୟାର୍ଥୀଙ୍କଠାରୁ ଯେପରି ନ୍ୟୁନ ପରିଗଣିତ ନ'ହୁଅନ୍ତି ସେଥିପାଇଁ ଆବଶ୍ୟକ ଦୃଷ୍ଟିଦେବାକୁ ପଡ଼ିବ। ଅତଏବ ଏଥିପାଇଁ ପ୍ରସ୍ତୁତ ପାଠ୍ୟକ୍ରମ ଓ ତାଲିମ ବ୍ୟବସ୍ଥାରେ ସରକାର, ସଂପୃକ୍ତ ସମସ୍ତ ପକ୍ଷ, ଶିକ୍ଷାଦାତା, ଶିକ୍ଷାର୍ଥୀ, ପାଠ୍ୟକ୍ରମ ପ୍ରଣୟନକାରୀ ସମସ୍ତଙ୍କର ସକ୍ରିୟ ସଂପୃକ୍ତି ଓ ସହଯୋଗ ଲୋଡ଼ା।

## ଉପସଂହାର

ଦ୍ରୁତ ପରିବର୍ତ୍ତନଶୀଳ ଉଦ୍ୟୋଗିକ ପରିବେଶରେ କାମକରୁଥିବା ଲୋକମାନେ ନିଜ ନିଜର ଦକ୍ଷତା ଓ କୁଶଳ ବୃଦ୍ଧିକୁ ସର୍ବଦା ଅନୁଭବ କରୁଛନ୍ତି। ଅତଏବ ଉଦ୍ୟୋକ୍ତା ବିକାଶ ଶିକ୍ଷା ଓ ତାଲିମ କ୍ଷେତ୍ରରେ ନିବେଶର ଆବଶ୍ୟକତା ରହିଛି। ନିଜର ବିପୁଳ ଜନସଂଖ୍ୟାର ଲାଭ ଯଦି ଭାରତ ଉଠାଇବାକୁ ସତରେ ଆଗ୍ରହୀ ତେବେ ଏହି କ୍ଷେତ୍ର ଉପରେ ଏହାକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। କାରଣ ଯୁବକମାନଙ୍କୁ ସଶକ୍ତ, ଦକ୍ଷ ଓ ରୋଜଗାରକ୍ଷମ କରିବା ପାଇଁ ଏଭଳି ଶିକ୍ଷାର ଆବଶ୍ୟକତା ଯଥେଷ୍ଟ ରହିଛି। ସେଥିପାଇଁ ଉତ୍ତମ ଉଚ୍ଚମାନର ପାଠ୍ୟକ୍ରମ, ଶିକ୍ଷକ ଓ ଶିକ୍ଷାଦାନ ବ୍ୟବସ୍ଥା, ପାଠ୍ୟପୁସ୍ତକ ଓ ଶୈକ୍ଷିକ ଉପକରଣ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଣ ପ୍ରତି ଯତ୍ନବାନ ହେବାକୁ ପଡ଼ିବ।

ଲେଖକ: ଗ୍ଲୋବାଲ ଏଣ୍ଟରପ୍ରେନ୍ୟୁରସିପ୍ ମନିଟର ଟିମ୍ (ଭାରତ)ର ସଦସ୍ୟ ଓ ଜଣେ ଦୂର ଶିକ୍ଷା ବିଶେଷଜ୍ଞ।

# କେନ୍ଦ୍ର ସରକାରଙ୍କ ୩ବର୍ଷ ପୂର୍ତ୍ତି

ଗତ ୩ବର୍ଷ ମଧ୍ୟରେ କେନ୍ଦ୍ର ସରକାର ମୁଦ୍ରା ଯୋଜନା ଅଧୀନରେ ମହିଳା ଅନୁସୂଚିତ ଜାତି, ଜନଜାତି ଏବଂ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ପାଇଁ ୭କୋଟି ଟଙ୍କାର ଋଣ ମଞ୍ଜୁର କରିଛନ୍ତି । କେନ୍ଦ୍ର ସହରାଂଚଳ ବିକାଶ, ବାସଗୃହ, ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଭେଙ୍କିୟା ନାଇଡୁ ଗତ ଜୁନ ୧୨ତାରିଖ ଦିନ ଭୁବନେଶ୍ୱରଠାରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତାବେଳେ ଏହି ସୂଚନା ଦେଇଛନ୍ତି । କଳାଧନ ସମ୍ପର୍କରେ ଶ୍ରୀ ନାଇଡୁ କହିଛନ୍ତି, ଯେ ପ୍ରଧାନମନ୍ତ୍ରୀଙ୍କ ଐତିହାସିକ ବିମୁଦ୍ରୀକରଣ ପଦକ୍ଷେପ ଯୋଗୁ ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୨୫ହଜାର କୋଟି ଟଙ୍କାର କଳାଧନ ଜବତ ହୋଇସାରିଛି । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ୨୮.୫୨କୋଟି ଜନସାଧାରଣ ବ୍ୟାଙ୍କ ଖାତା ଖୋଲି ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ବୋଲି ସେ କହିଛନ୍ତି । ସେହିଭଳି ସ୍ୱଚ୍ଛ ଭାରତ ଅଭିଯାନରେ ଏପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟଗୁଡିକରେ ୪.୭୦ ଲକ୍ଷ ଶୌଚାଳୟ ନିର୍ମାଣ ହୋଇଥିବାବେଳେ ବିଦ୍ୟୁତୀକରଣ କ୍ଷେତ୍ରରେ ଦେଶରେ ଥିବା ୧୮,୪୫୨ଅଣ ବିଦ୍ୟୁତୀକୃତ ଗ୍ରାମ ମଧ୍ୟରୁ ଏପର୍ଯ୍ୟନ୍ତ ୧୩.୫୬୦ ଗ୍ରାମକୁ ବିଦ୍ୟୁତ ଯୋଗାଇ ଦିଆଯାଇସାରିଛି ବୋଲି ସେ ସୂଚନା ଦେଇଥିଲେ । ଶ୍ରୀ ନାଇଡୁ କହିଥିଲେ, ଯେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ୧.୨କୋଟି ରନ୍ଧନ ଗ୍ୟାସ ଉପଭୋକ୍ତାମାନେ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ରିଆତି ତ୍ୟାଗ କରିଛନ୍ତି । ସ୍ମାର୍ଟ ସିଟି ପ୍ରକଳ୍ପ ଅଧୀନରେ ଭୁବନେଶ୍ୱରକୁ କେନ୍ଦ୍ର ସରକାର ୨୦୦କୋଟି ଟଙ୍କା ଯୋଗାଇ ସାରିଛନ୍ତି ବୋଲି ମଧ୍ୟ ସେ ସୂଚନା ଦେଇଥିଲେ । ତାଙ୍କ ଭୁବନେଶ୍ୱର ଗସ୍ତ ଅବସରରେ ଶ୍ରୀ ନାଇଡୁ ସାଲିଆସାହିଠାରେ କେନ୍ଦ୍ର ସରକାରଙ୍କ ୩ବର୍ଷ ପୂର୍ତ୍ତି ପାଳନ ଅବସରରେ 'ସବ୍‌କା ସାଥ-ସବ୍‌କା ବିକାଶ' କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବହୁ ଜନମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସବୁ ଘରେ ରୋଷେଇ ଗ୍ୟାସ, ବିନା ବନ୍ଧକ ଓ ସ୍ୱଳ୍ପ ସୁଧରେ ମୁଦ୍ରାଋଣ, ପ୍ରତ୍ୟେକ ଘରେ ଶୌଚାଳୟ ଆଦି ସୁନିଶ୍ଚିତ କରିବାକୁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ ବୋଲି ସୂଚନା ଦେଇଥିଲେ ।



ଏହି କାର୍ଯକ୍ରମ ବ୍ୟତୀତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ 'ସବ୍‌କା ସାଥ୍-ସବ୍‌କା ବିକାଶ' କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି । ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିଠାରେ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ରାଧାମୋହନ ସିଂ ଯୋଗଦେଇ ୨୦୨୨ ମସିହା ସୁଦ୍ଧା ଚାଷୀମାନଙ୍କ ଆୟ ଦ୍ୱିଗୁଣ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା ସୂଚନା ଦେଇଥିବାବେଳେ କନ୍ଧମାଳ ଜିଲ୍ଲା ବାଲିଗୁଡାଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରାମକ୍ରିପାଲ ଯାଦବ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ଦେଶର ୨କୋଟି ୩୦ଲକ୍ଷ ଗରିବ ମହିଳା ଉପକୃତ ହୋଇଛନ୍ତି ।

# ଅର୍ଥନୀତିର ଦୃତ ବିକାଶ ପାଇଁ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ର ଉପରେ ପ୍ରାଧାନ୍ୟ

ଓଡିଶା ଓ ଦେଶର ଅର୍ଥନୀତିର ଦୃତ ବିକାଶ ପାଇଁ ହସ୍ତ ଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ସମ୍ଭାବନାକୁ  ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ନୂଆ ରୂପ ଦେବା ପାଇଁ ଉଦ୍ୟମ କରୁଥିବା କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟ ତରଫରୁ ହସ୍ତ ଶିଳ୍ପ ଓ ହସ୍ତତନ୍ତର ସବୁ ଜିଲ୍ଲାରୁ ଆସିଥିବା ଶିଳ୍ପୀ, କାରିଗର ସମେତ ରାଜ୍ୟର ଏହି କ୍ଷେତ୍ରର ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଗତ ଜୁନ ୩ତାରିଖରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ହସ୍ତଶିଳ୍ପୀ ମାନଙ୍କୁ ପହଚାନ ନାମକ ପରିଚୟ ପତ୍ର ଓ ବୁଣାକାର ମାନଙ୍କୁ ହଥକରଘା ସମ୍ବର୍ଧନ ସହାୟତା ବିତରଣର ଶୁଭାରମ୍ଭ କରିଥିଲେ । ଭାରତ ସରକାର, ଏହି ପରିଚୟ ପତ୍ର ଉପଯୋଗ କରି ବ୍ୟାଙ୍କମାନଙ୍କ ଠାରୁ ୪ ପ୍ରତିଶତ ସୁଧରେ ସହଜରେ  ମୁଦ୍ରା ଋଣ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାରଙ୍କ ତଥ୍ୟ ଅନୁସାରେ ଦେଶ ଭିତରେ ବିକ୍ରୀବଟା ଛାଡି ବିଦେଶକୁ ୩୭ ହଜାରକୋଟି ଟଙ୍କାର ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ବିଦେଶକୁ ରପ୍ତାନୀ ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କାମ ଟାଟା, ବିରଲା, ଅଡାନୀ, ଅମ୍ବାନୀ କରୁ ନାହାନ୍ତି । ସମାଜର ଆର୍ଥିକ ଦୃଷ୍ଟିରୁ ତଳ ସ୍ତରର ବ୍ୟକ୍ତିବିଶେଷ, ଆଦିବାସୀ ଦଳିତମାନେ ପୁରୁଷ ପୁରୁଷ ଧରି ଏହି କଳାକୁ ଜୀବିତ କରି ରଖିଛନ୍ତି । ସମାଜର ଅବହେଳିତ ଲୋକ ମାନଙ୍କର ବିକାଶ ଶ୍ରୀ ନରେନ୍ଦ୍ର ମୋଦି ସରକାରଙ୍କର ପ୍ରାଥମିକତା ହୋଇଥିବା ପରିପ୍ରେକ୍ଷୀରେ ଖୋଦ ପ୍ରଧାନମନ୍ତ୍ରୀ ଏହି କ୍ଷେତ୍ରର ଉତ୍‌ଥାନ ମାଧ୍ୟମରେ ଗରୀବ ଲୋକଙ୍କ ବିକାଶ କରି ଦେଶକୁ ପ୍ରଗତିର ରାସ୍ତାରେ ନେବା ପାଇଁ ବିଧିବଦ୍ଧ ଯୋଜନା ଆଧାରରେ କେନ୍ଦ୍ର ହ୍ୟାଣ୍ଡଲୁମ ବିଭାଗର କ୍ରିୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।




ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିଳ୍ପୀ ମାନେ ସେମାନଙ୍କର କଳାକୁ ବଂଚାଇ ରଖିଛନ୍ତି  । ତେବେ  ଏହାର ମାର୍କେଟିଂର ନୂଆ ନୂଆ ଦିଗ ସୃଷ୍ଟି ହେଉଥିବା ବେଳେ ସେମାନଙ୍କର ଉତ୍ପାଦିତ ସାମଗ୍ରୀର ବିକ୍ରୀବଟାର ବିଶେଷ ବ୍ୟବସ୍ଥା ପାଇଁ ସରକାର ବ୍ୟବସ୍ଥା କରୁଥିବା ସେ ପ୍ରକାଶ କରିଛନ୍ତି । ଦେଶର ହସ୍ତତନ୍ତ, ହସ୍ତଶିଳ୍ପର ରିଏଲ ଟାଇମ ଡାଟା ଉପଲବ୍ଧ କରାଇବା ଓ ଏହା ସହ ପର୍ଯ୍ୟଟନକୁ ଯୋଡିବା ଦ୍ୱାରା ଶିଳ୍ପୀ ମାନଙ୍କର ବିକାଶ ଓ ଦେଶର ଅର୍ଥନୀତିକୁ ଗତି ମିଳିବ ବୋଲି ସେ କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ,  ପଦ୍ମବିଭୁଷଣ ରଘୁନାଥ ମହାପାତ୍ର, ପଦ୍ମଶ୍ରୀ ସୁଦର୍ଶନ ସାହୁ ଓ ପଦ୍ମଶ୍ରୀ କୈଳାସ ମେହେରଙ୍କ ସମେତ ୮ ଜଣ ଶିଳ୍ପୀଙ୍କୁ ଶିଳ୍ପ ଗୁରୁ ସମ୍ମାନ ଓ ୧୧ ଜଣ ବୁଣାକାରଙ୍କୁ ସନ୍ଥ କବୀର ସମ୍ମାନରେ ସମ୍ମାନିତ କରିଥିଲେ ।ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନଙ୍କର ଉପସ୍ଥିତିରେ କିଛି ମୁଦ୍ରା ଋଣ ବିତରଣ କରାଯାଇଥିଲା ।

# ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ବର୍ଷ ପୂର୍ତ୍ତି

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୨୦୧୬-୧୭ ଆର୍ଥିକ ବର୍ଷରେ ନୂଆ ସଂଯୋଗ ପ୍ରଦାନ ନେଇ ରଖା ଯାଇଥିବା ଲକ୍ଷ୍ୟକୁ ଅତିକ୍ରମ କରାଯାଇଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ସେ କହିଛନ୍ତି ଯେ ବିପିଏଲ ପରିବାରର ମହିଳାମାନଙ୍କୁ ଏଲପିଜି ସଂଯୋଗ ପ୍ରଦାନ କରିବାକୁ  ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ଯାଏ ୨.୨୦ କୋଟି ପରିବାରକୁ ଏଲପିଜି ସଂଯୋଗ ପ୍ରଦାନ କରାଯାଇଛି ।  ୨୦୧୪ ମସିହାରେ ଦେଶରେ ମୋଟ ୧୪ କୋଟି ଏଲପିଜି ଗ୍ରାହକ ଥିଲା ବେଳେ ଏହା ବର୍ତ୍ତମାନ ୨୦ କୋଟିରେ ପହଂଚିଥିବା ସେ ସୂଚନା ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ଏଲପିଜି ଚାହିଦାର ବୃଦ୍ଧି ହାର୧୦ ପ୍ରତିଶତ ବଢିଛି । ଗତ ତିନି ବର୍ଷ ମଧ୍ୟରେ ଦେଶରେ ବିଶେଷ ଭାବରେ ଗ୍ରାମ୍ୟ ଅଞ୍ଚଳରେ ୪୬୦୦ ନୂଆ ବିତରକଙ୍କୁ ଯୋଡା ଯାଇଥିବା ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା



ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ୮୫ ପ୍ରତିଶତ ନୂଆ ଗ୍ରାହକ ପୁଣି ଥରେ ସିଲିଣ୍ଡର ରିଫିଲ କରିବାକୁ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ୩୮ ପ୍ରତିଶତ ହିତାଧିକାରୀ ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତି ବର୍ଗର । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ହିତାଧିକାରୀ, ନିର୍ବାଚିତ ଜନ ପ୍ରତିନିଧି, ଜଣାଶୁଣା ବ୍ୟକ୍ତିତ୍ୱ ଓ ସ୍ଥାନୀୟ ପ୍ରଶାସନର ଭାଗିଦାରୀରେ କ୍ରିୟାନ୍ୱୟନ କରାଯାଉଛି । ଏହି ଯୋଜନା ସମ୍ପର୍କରେ ଲୋକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଏହାକୁ ଲୋକପ୍ରିୟ କରାଇବା ତଥା ହିତାଧିକାରୀ ମାନଙ୍କୁ ସୁରକ୍ଷା ସମ୍ପର୍କୀତ ସୂଚନା ପ୍ରଦାନ କରିବାକୁ ବିଭିନ୍ନ ଭାରତୀୟ ଭାଷାରେ ସଂଚାର ସମ୍ବନ୍ଧୀୟ ରଣନୀତି ହାତକୁ ନିଆଯାଇଛି । ଏହି ଯୋଜନାର କାର୍ଯ୍ୟକାରିତାକୁ ସବୁ ଦିଗରୁ ତଦାରଖ ଓ ସମୀକ୍ଷା କରାଯାଉଥିବା ସେ ପ୍ରକାଶ କରିଛନ୍ତି । ଏହି ଯୋଜନା ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି ଓ ହିତାଧିକାରୀ ମାନେ ନିଜେ ଆସି ସିଲଣ୍ଡର ପାଇଁ ଆବେଦନ କରୁଥିବା ସେ କହିଛନ୍ତି । ଏହି  ଅବସରରେ ଶ୍ରୀ ପ୍ରଧାନ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଓ ତୈଳ ବିପଣନ କମ୍ପାନୀଗୁଡିକ ଦ୍ୱାରା ଏହି ଯୋଜନାର କାର୍ଯ୍ୟକାରିତାରେ କରାଯାଉଥିବା ଡିଜିଟାଲ ଗଭର୍ଣାନ୍ସ ସମ୍ପର୍କଙ୍କର ସୂଚନା ଦେଇଛନ୍ତି । ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀ ଚିହ୍ନଟ ଓ ଚୟନ ପ୍ରକ୍ରିୟାକୁ ଡିଜିଟାଲ ମାଧ୍ୟମରେ କରାଯାଉଥିବା ବେଳେ ହିତାଧିକାରୀ ମାନଙ୍କର କେୱାଇସିକୁ ଡିଜିଟାଲ ଭାବେ ପୂରଣ କରିବା, "ପହଲ"ଜରିଆରେ ହିତାଧିକାରୀଙ୍କ ଖାତାରେ ରିହାତି ଟଙ୍କା ପହଞ୍ଚାଇବା, ଆଇଟି ବିଶିଷ୍ଟ ଡ୍ୟାସବୋର୍ଡ ଜରିଆରେ ଦୈନିକ ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକାରିତାକୁ ତଦାରଖ କରିବା ଆଦି କାମ କରାଯାଉଥିବା ଶ୍ରୀ ପ୍ରଧାନ କହିଛନ୍ତି । କେଉଁ ସ୍ଥାନରେ ନୂତନ ଏଲପିଜି ବିତରକର ଆବଶ୍ୟକତା ରହିଛି ତାକୁ ବାଛିବା ଓ ନୂତନ ଏଲପିଜି ବିତରକ ନିଯୁକ୍ତ କରିବା ପ୍ରସଙ୍ଗରେ ମଧ୍ୟ ଟେକ୍ନୋଲଜିର ସାହାଯ୍ୟ ନିଆଯାଉଛି । ଜିଲ୍ଲା ସ୍ତରରେ କାମ କରୁଥିବା ତୈଳ ବିପଣନ କମ୍ପାନୀ ମାନଙ୍କର ଡିଷ୍ଟ୍ରିକ୍ଟ ନୋଡାଲ ଅଫିସର (ଡିଏନଓ)ମାନଙ୍କ ପ୍ରୟାସ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଯୋଜନାକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଏମାନେ ହେଉଛନ୍ତି ସୈନିକ ଓ ସେମାନେ ଜିଲ୍ଲାରେ ବିଭିନ୍ନ ଅଂଶଧାରକ ମାନଙ୍କ ସହ ସମନ୍ୱୟ ସ୍ଥାପନା କରି କାମକୁ ସୁରୁଖୁରୁରେ କରିଥାନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ହିତାଧିକାରୀ ମାନଙ୍କର ଫିଡ ବ୍ୟାକ ଗ୍ରହଣ କରୁଛନ୍ତି । ଏଲପିଜିର ସୁରକ୍ଷିତ ବ୍ୟବହାର ଉପରେ ଜୋର ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀ ମାନଙ୍କର ଘରକୁ ମେକାନିକ ଯାଇ ଏଲପିଜି ସଂଯୋଗ ପ୍ରଦାନ କରିବା ଓ ତାଙ୍କୁ ସୁରକ୍ଷା ସମ୍ପର୍କୀତ ସୂଚନା ଦେବା ଭଳି ପଦକ୍ଷେପ ନିଆ ଯାଉଛି । ଦେଶ ସାରା ନିୟମିତ ଭାବରେ ହିତାଧିକାରୀ ମାନଙ୍କୁ ଏଲପିଜି ବ୍ୟବହାରରେ ସୁରକ୍ଷା ସମ୍ପର୍କରେ  ସଚେତନ କରାଇବାକୁ ସୁରକ୍ଷା କ୍ଲିନିକ ଓ କ୍ୟାମ୍ପ ମାନ ଆୟୋଜିତ କରାଯାଉଛି । ମହିଳାଙ୍କୁ ମିଳିଲା ସମ୍ମାନ. ଏହା ହିଁ ହେଉଛି ଉଜ୍ଜଳାର ପହଚାନ ବୋଲି ଶେଷରେ ଶ୍ରୀ ପ୍ରଧାନ କହିଥିଲେ ।

# ରାୟଗଡାରେ ମେଗା ଫୁଡ ପାର୍କ ଉଦ୍‌ଘାଟିତ





ଗତ ଜୁନ ୧ ତାରିଖ ଦିନ ରାୟଗଡା ଜିଲ୍ଲାର ଭୁଜବଳ ଠାରେ ମେଗା ଫୁଡ ପାର୍କ ଉଦଘାଟନ ଅବସରରେ ଓଡିଶାର ବିକାଶ ପାଇଁ କୃଷି ଓ କୃଷି ଶିଳ୍ପର ବିକାଶ ଅତ୍ୟନ୍ତ ଜରୁରୀ ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଓ ଶିଳ୍ପ ମନ୍ତ୍ରୀ ସୁଶ୍ରୀ ହରସିମରତ କୌର ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନା ଜ୍ୟୋତିଙ୍କ ଉପସ୍ଥିତିରେ ଏହି ଉଦ୍‌ଘାଟନ ଉତ୍ସବରେ ଶ୍ରୀ ପ୍ରଧାନ କହିଲେ ଏହାକୁ ସାଧାରଣ ଶିଳ୍ପ ସଂସ୍ଥା ଭାବରେ ଗଣୁ ନାହାନ୍ତି ବରଂ ରାୟଗଡା ଓ ପାଖାପାଖି ଜିଲ୍ଲାର ରୋଜଗାର, ନିଯୁକ୍ତି, ଆତ୍ମ ନିଯୁକ୍ତି ଓ କୃଷିର ଦୃତ ବିକାଶ ପାଇଁ ଏକ ଉଦ୍ୟମ ବୋଲି ସେ ବିବେଚନା କରୁଛନ୍ତି ବୋଲି କହିଥିଲେ । ଶ୍ରୀ ପ୍ରଧାନ କହିଥିଲେ ଯେ ଏହି 'ଫୁଡ ପାର୍କ ପାଇଁ ସେ ମାର୍କେଟିଂ ଏକ୍‌ଜିକ୍ୟୁଟିଭର ଦାୟିତ୍ୱ ନେବା ପାଇଁ ପ୍ରସ୍ତୁତ ଅଛନ୍ତି । ସେ କହିଥିଲେ ଯେ ଏହି ଫୁଡ ପାର୍କରେ ସାମିଲ ହେବା ପାଇଁ ସେ ସ୍ୱାମୀ ରାମଦେବଜୀଙ୍କ ସମେତ ଅନ୍ୟାନ୍ୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସହିତ ସଂଶ୍ଳିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନ ସହିତ କଥା ହୋଇ ସେମାନେ ଏଠାରେ ପୁଞ୍ଜିନିବେଶ କରିବା ପାଇଁ ପ୍ରବର୍ତ୍ତାଇବା ବୋଲି କହିଥିଲେ । ୟୁପିଏ ଶାସନରେ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପ ବନ୍ଦ ହେବା ସ୍ଥିତିରେ ପହଞ୍ଚିଥିବା ବେଳେ ମୋଦୀ ସରକାରରେ ବିଭାଗୀୟ ମନ୍ତ୍ରୀ ହରସିମରତ କୌରଙ୍କ ଉଦ୍ୟମରେ ଏହି ପ୍ରକଳ୍ପ ଉଦଘାଟିତ ହେଉଥିବାରୁ ସେ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ଓଡିଶାର ୨କୋଟି ଯୁବ ପିଢୀଙ୍କୁ ରୋଜଗାର ଦରକାର: କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଓଡିଶାର ସାଢେ ଚାରି କୋଟି ଜନସଂଖ୍ୟା ମଧ୍ୟରୁ ଦୁଇକୋଟି ଯୁବ ପିଢୀ ହାତକୁ କାମ ଓ ରୋଜଗାର ଦରକାର । ଓଡିଶାର ଏତେ ବଡ ଯୁବ ପିଢୀ ହାତରେ କାମ ମିଳିଲେ କେବଳ ବ୍ୟକ୍ତିଗତଭାବେ ସେମାନଙ୍କୁ ରୋଜଗାର ମିଳିବ ନାହିଁ ବରଂ ଓଡିଶା ପ୍ରଗତିର ଶୀର୍ଷରେ ପହଞ୍ଚିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଗତ ମଇ ମାସ ୯ତାରିଖ ଦିନ ଭୁବନେଶ୍ୱରସ୍ଥିତ ଏକ ସ୍ଥାନୀୟ ହୋଟେଲରେ ଭୁବନେଶ୍ୱର ସ୍କିଲ ଡେଭଲମେଣ୍ଟ ଇନଷ୍ଟିଚ୍ୟୁଟର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ହାଇଡ୍ରୋକାର୍ବନ କ୍ଷେତ୍ରରେ ଦକ୍ଷତା ଉଦ୍ୟମ ସମ୍ବନ୍ଧରେ ଏକ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଭାରତକୁ ବିଶ୍ୱର ସ୍କିଲ କ୍ୟାପିଟାଲ ଭାବରେ ଗଢି ତୋଳିବାକୁ ଚାହୁଁଛନ୍ତି । ଯଦି ଯୁବ ଶକ୍ତିକୁ ଦକ୍ଷତା ଯୁକ୍ତ କରାଯାଏ ସେମାନେ ରୋଜଗାରକ୍ଷମ ହୋଇପାରିବେ । ସ୍କିଲ ଇଣ୍ଡିଆ ମିଶନର ଉଦ୍‌ଘାଟନ କରିବା ସହ ପ୍ରଧାନମନ୍ତ୍ରୀ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟକୁ ଦେଶ ତମାମ୍ ପାଞ୍ଚଟି ବୃହତ୍ ସ୍କିଲ ଡେଭଲମେଣ୍ଟ ସେଣ୍ଟର ଖୋଲିବା ପାଇଁ ଦାୟିତ୍ୱ ଦେଇଛନ୍ତି ବୋଲି ସେ ସୂଚନା ଦେଇଥିଲେ ।

# ସରକାରୀ ସଂଗ୍ରହ କ୍ଷେତ୍ରରେ 'ମେକ ଇନ ଇଣ୍ଡିଆ' ଉତ୍ପାଦିତ ସାମଗ୍ରୀକୁ ଅଗ୍ରାଧିକାର



"ମେକ ଇନ ଇଣ୍ଡିଆ" କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ବିନିର୍ମାଣ ଉଦ୍ୟୋଗ ପକ୍ଷରୁ ପ୍ରସ୍ତୁତ ସାମଗ୍ରୀକୁ ସରକାରୀ ସଂଗ୍ରହରେ ଅଗ୍ରାଧିକାର ଦିଆଯିବ । ଏ ସଂକ୍ରାନ୍ତରେ ନୂତନ ନୀତିକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି । ଏଭଳି ନୀତି ଦ୍ୱାରା 'ମେକ ଇନ ଇଣ୍ଡିଆ' କାର୍ଯ୍ୟକ୍ରମରେ ଘରୋଇ ବିନିର୍ମାଣ ଉଦ୍ୟୋଗ ଓ ସେବା ବ୍ୟବସ୍ଥାକୁ ଅଧିକ ବଳ ମିଳିବ ଏବଂ ଏହି କ୍ଷେତ୍ରରେ କର୍ମ ନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି ହେବ । ଅଧିକନ୍ତୁ ଏଭଳି ନୀତି ଦ୍ୱାରା ବିନିର୍ମାଣ ଉଦ୍ୟୋଗ କ୍ଷେତ୍ରରେ ଅଧିକ ମୂଳଧନ ପୁଞ୍ଜି ଓ ଆଧୁନିକ ଟେକ୍ନୋଲୋଜିର ବିନିଯୋଗ କରାଯିବ । ଏହି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ପ୍ରକାର ଯନ୍ତ୍ରାଂଶ, ସରଞ୍ଜାମ ଏବଂ ଉପ-ଯନ୍ତ୍ରାଂଶ କାର୍ଯ୍ୟ ବୃଦ୍ଧି କରିବ । ଦେଶର ସାମଗ୍ରୀ ନିର୍ମାଣ ଓ ସେବା କ୍ଷେତ୍ରରେ ବିକାଶ ଲାଗି 'ମେକ ଇନ ଇଣ୍ଡିଆ' କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଉଛନ୍ତି । ଏହି କାର୍ଯ୍ୟକ୍ରମର ପ୍ରସାର ଦ୍ୱାରା ନିଯୁକ୍ତି ବଢିବା ସହ ଆୟ ପନ୍ଥା ମଧ୍ୟ ବ୍ୟାପକ ହେବ । ପ୍ରତ୍ୟେକ ବର୍ଷ ଦେଶର ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥା ପକ୍ଷରୁ ପରିମାଣର ସାମଗ୍ରୀ ସଂଗ୍ରହ କରାଯାଉଛି । ତେଣୁ 'ମେକ ଇନ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ବିନିର୍ମାଣ ଉଦ୍ୟୋଗରୁ ପ୍ରସ୍ତୁତ ସାମଗ୍ରୀ ସରକାରୀ ସଂସ୍ଥା ଦ୍ୱାରା ସଂଗ୍ରହ କରାଗଲେ ଏହି କ୍ଷେତ୍ରରେ ଅଧିକ ପ୍ରୋତ୍ସାହନ ମିଳିବ । ଏବେ 'ମେକ ଇନ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ଯୌଥ ଉଦ୍ୟୋଗରେ ଅନେକ ବିନିର୍ମାଣ ସଂସ୍ଥା ପ୍ରତିଷ୍ଠା କରିବା ଲାଗି ପ୍ରୋତ୍ସାହନ ଦିଆଯାଉଛି । ଏଥିରେ ସ୍ଥାନୀୟ କମ୍ପାନୀ, ଶିଳ୍ପ ୟୁନିଟ୍‌ମାନଙ୍କ ଭାଗିଦାରୀଙ୍କୁ ଗୁରୁତ୍ୱ ଦିଆଯାଇଛି ।

# ଜୈବକୃଷି ହିଁ ମଣିଷ ସମାଜକୁ ବଞ୍ଚାଇ ପାରିବ: ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମଗ୍ର ବିଶ୍ୱ ଆଜି ଜଳବାୟୁ ପରିବର୍ତ୍ତନ ବିବାଦରେ ଫସିଛି । କୋଇଲା, ପେଟ୍ରୋଲ, ଡିଜେଲ ଜଳି ଯେଉଁ ଗ୍ରୀନହାଉସ ବାଷ୍ପ ବାହାରୁଛି ତାହା ପୃଥିବୀକୁ ଶକ୍ତି ଯୋଗାଉଛି ସତ ମାତ୍ର ଜଳବାୟୁକୁ ପ୍ରଭାବିତ କରି ପର୍ଯ୍ୟାବରଣର ପ୍ରଭୁତ କ୍ଷତି କରୁଛି । ମାତ୍ର ଶରୀର ପାଇଁ ଯେଉଁ ଶକ୍ତି ଦରକାର ତାହା ଆମକୁ ଆମ ଖାଦ୍ୟରେ ମିଳୁଛି । ତେବେ ରାସାୟନିକ ସାର ଓ କୀଟାଣକ ବ୍ୟବହାରରେ ଯେଉଁ ଫସଲ ଅମଳ ହେଉଛି ତାହା ଆମର ଶରୀର ଓ ମନ ଉପରେ ଯେଉଁ କୁଭାବ ପକାଉଛି ତାହା ଜୀବନକୁ ସଙ୍କୁଚିତ କରୁଛି ବୋଲି ଗତ ଜୁନ ୩ତାରିଖରେ ଦିନ ଓୟୁଏଟି ଠାରେ ଜୈବକୃଷି ସମ୍ବନ୍ଧୀୟ ଏକ ଅନ୍ତରଷ୍ଟ୍ରୀୟ କର୍ମଶାଳାରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନ ନେଇ ପୃଥିବୀ ଉପରେ କୁପ୍ରଭାବ ଯେତିକି ଚିନ୍ତାର ବିଷୟ, ଆମର ଖାଦ୍ୟର ଶୁଦ୍ଧତା ଆମ ଶରୀର ଓ ମନ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଜୈବ କୃଷି ଉପରେ ଆଲୋଚନା ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ପ୍ରଧାନ ଏହି କର୍ମଶାଳାରେ ପ୍ରକାଶ କରିଛନ୍ତି । ବର୍ଜ୍ୟବସ୍ତୁକୁ ଉତ୍ତମ ଭାବେ ପରିଚାଳନା କରି କୃଷି ବୈଜ୍ଞାନିକମାନେ ଦିନକୁ ଦିନ ସଫଳତା ପାଇବାରେ ଲାଗିଛନ୍ତି । ପ୍ରତିଦିନ ମଣିଷ ତାର ଦୈନନ୍ଦିନ ଜୀବନରେ ବ୍ୟବହାର ପରେ ଅଦରକାରୀ ସାମଗ୍ରୀ ଓ ବର୍ଜ୍ୟବସ୍ତୁରୁ ଜୈବିକ କୃଷି ପାଇଁ ଉପାଦାନ ମିଳୁଛି । ଏହି ଜୈବବସ୍ତୁରୁ ମଧ୍ୟ ବାୟୋଫୁଏଲ ବଳି ଉର୍ଜା ତିଆରି କରାଯାଇ ପୃଥିବୀକୁ ଫସିଲ ଫୁଏଲର ଇନ୍ଧନ କୋଇଲା ଓ ପେଟ୍ରୋଲ, ଡିଜେଲର ବ୍ୟବହାର କମ୍ କରି ସବୁଜ ଇନ୍ଧନ ମାଧ୍ୟମରେ ପର୍ଯ୍ୟାବରଣକୁ ସୁରକ୍ଷା ଦିଆଯାଇପାରିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ।

# ଓଏନଜିସି – ୟୁନେସ୍କୋ ମିଳିତ ଭାବେ କାମ କରିବେ ଚିଲିକା ସଂରକ୍ଷଣ ପାଇଁ



ଓଏନଜିସି-ୟୁନେସ୍କୋ ମିଳିତଭାବେ ଚିଲିକା ହ୍ରଦର ସୁରକ୍ଷା ପାଇଁ କାମ କରିବେ ବୋଲି କେନ୍ଦ୍ର ପେଟ୍ରୋଲିୟମ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀଧର୍ମେନ୍ଦ୍ର ପ୍ରଧାନ ଗତ ମଇ ୨୯ତାରିଖ ଦିନ ନୂଆଦିଲ୍ଲୀଠାରେ ୟୁନେସ୍କୋର ଭାରତ ମୁଖ୍ୟ ସିଗେରୋ ଆୟଗୀଙ୍କୁ ଭେଟିବା ପରେ ସୂଚନା ଦେଇଛନ୍ତି । ଉଲ୍ଲେଖନୀୟ ଯେ, ୟୁନେସ୍କୋର ସହଭାଗିତାରେ ଓଏନଜିସି ଚିଲିକା ହ୍ରଦର ସଂରକ୍ଷଣ ପାଇଁ ଦୀର୍ଘକାଳୀନ ଓ ସ୍ୱଳ୍ପ କାଳୀନ ଯୋଜନା ପ୍ରସ୍ତୁତ କରିଛି । ଚିଲିକାରେ ପଶୁପକ୍ଷୀଙ୍କ ସଂରକ୍ଷଣ, ମତ୍ସ୍ୟଜୀବୀ ମାନଙ୍କର ଜୀବନ ଜୀବିକାରେ ଉନ୍ନତି, ପର୍ଯ୍ୟଟକ ଗାଇଡ୍, ସ୍ଥାନୀୟ ଲୋକ ତଥା ମଙ୍ଗଳାଯୋଡ଼ିଠାରେ ପ୍ରତ୍ୟକ୍ଷ ରୋଜଗାର ସୃଷ୍ଟି ଓ କଲ୍ୟାଣ ଗତିବିଧିକୁ ନେଇ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ଚିଲିକା ହ୍ରଦ ଓ ଏହା ସହିତ ଜଡ଼ିତ ଇକୋ ସିଷ୍ଟମର ସଂରକ୍ଷଣ ପାଇଁ ସମଗ୍ରତାର ସହିତ ବିଚାର କରିବା ଉପରେ ଜୋର ଦେଇଥିଲେ । ଏହି ହ୍ରଦ ସହିତ ଜଡ଼ିତ ଲୋକ ମାନଙ୍କର ଜୀବନ ଜୀବିକାରେ ଉନ୍ନତି ଆଣିବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ବିଭିନ୍ନ ପ୍ରକଳ୍ପର କ୍ରିୟାନ୍ୱୟନରେ ସ୍ଥାନୀୟ ଭାଗୀଦାର ମାନଙ୍କୁ ସାମିଲ କରିବା ପାଇଁ ଶ୍ରୀ ପ୍ରଧାନ ଓଏନଜିସି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# କୋଇଲା ଉତ୍ପାଦନ ଲକ୍ଷ୍ୟ

ସମସ୍ତଙ୍କ ପାଇଁ ୨୪ଘଣ୍ଟିଆ ସୁଲଭ ସ୍ୱଚ୍ଛ ବିଦ୍ୟୁତ ସେବା ଏବଂ ଜାତୀୟ ବିକାଶ ଲାଗି ପ୍ରାକୃତିକ ସମ୍ବଳର ସୁବିନିଯୋଗ ଦ୍ୱାରା 'ଉଜ୍ଜ୍ୱଳ ଭାରତ'ର ଲକ୍ଷ୍ୟ ହାସଲ କରିବା ସମ୍ଭବ ହେବ ଯାହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନର 'ନୂତନ ଭାରତ' ନିର୍ମାଣରେ ସହାୟକ ହେବ । ଗତ ତିନିବର୍ଷ ମଧ୍ୟରେ କେନ୍ଦ୍ର ଶକ୍ତି, କୋଇଲା, ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ଏବଂ ଖଣି ମନ୍ତ୍ରଣାଳୟ ଏହି ଲକ୍ଷ୍ୟ ହାସଲ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି କେନ୍ଦ୍ର, ଶକ୍ତି, କୋଇଲା, ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ଓ ଖଣି ମନ୍ତ୍ରୀ ଶ୍ରୀ ପୀୟୁଷ ଗୋଏଲ କହିଛନ୍ତି । ଗତ ଜୁନ୍ ମାସରେ ମନ୍ତ୍ରୀ ଶ୍ରୀ ଗୋଏଲ ଦେଶର ୭ଟି ପ୍ରମୁଖ ସହର ଯଥା-ଭୁବନେଶ୍ୱର, ଅହମ୍ମଦବାଦା, ବାଙ୍ଗାଲୁରୁ , ଜୟପୁର, କୋଲକାତା, ଲକ୍ଷ୍ନୌ ଏବଂ ପାଟନାର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ମତ ବିନିମୟ ସମୟରେ ଏହା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ବିଦ୍ୟୁତ ଶକ୍ତି ପାଇଁ ଯଥେଷ୍ଟ କୋଇଲା ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ୨୦୧୯-୨୦ ସୁଦ୍ଧା ୧୦୦କୋଟି ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି । ସେ କହିଛନ୍ତି ୨୦୧୬-୧୭ରେ ୦.୬୩ କିଲୋଗ୍ରାମ କୋଇଲାରୁ ଏକ କିଲୋୱାଟ ବିଦ୍ୟୁତ ଉତ୍ପାଦନ ହୋଇଥିବାବେଳେ ୨୦୧୩-୧୪ ମସିହାରେ ୦.୬୯ କିଲୋଗ୍ରାମ କୋଇଲାରେ ସମାନ ପରିମାଣର ବିଦ୍ୟୁତ ଉତ୍ପାଦନ ହେଉଥିଲା । ଏହା ଦ୍ୱାରା କୋଇଲା ଉପଯୋଗରେ ପ୍ରାୟ ୮ପ୍ରତିଶତ ହ୍ରାସ ହୋଇପାରିଛି ବୋଲି ଶ୍ରୀ ଗୋଏଲ ସୂଚନା ଦେଇଛନ୍ତି ।

# କୋରାପୁଟ ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଉଦ୍‌ଘାଟିତ


କୋରାପୁଟ ଠାରେ ଗତ ମେ ମାସ ୩୧ ତାରିଖ ଦିନ ପୋଷ୍ଟ ଅଫିସ ମାଧ୍ୟମରେ ପାସପୋର୍ଟ ସେବା କେନ୍ଦ୍ରର ଉଦଘାଟନ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗତ ଦୁଇ ମାସରେ ୬ ଶହଟି ପାସପୋର୍ଟ ପାଇଁ ଆବେଦନ ଆସିଥିବା ବେଳେ ସେବା କେନ୍ଦ୍ରକୁ ଉଦଘାଟନ କରି ପ୍ରଥମ ପାସପୋର୍ଟପ୍ରଦାନ କରିଥିଲେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ।




ଶ୍ରୀ ପ୍ରଧାନ କହିଛନ୍ତି ଯେ କୋରାପୁଟରେ ଯୁବବର୍ଗଙ୍କୁ ପାସପୋର୍ଟ ପ୍ରସ୍ତୁତ କରିବା ପାଇଁ ଆଉ ଭୁବନେଶ୍ୱର ଯାଇ ହଇରାଣ ହେବାକୁ ପଡିବ ନାହିଁ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ ଓ ବିଦେଶ ମନ୍ତ୍ରୀ ସୁଶ୍ରୀ ସୁଷମା ସ୍ୱରାଜଙ୍କ ଯୋଜନାରେ କୋରାପୁଟରେ ମଧ୍ୟ ପୋଷ୍ଟ ଅଫିସ ମାଧ୍ୟମରେ ପାସପୋର୍ଟ ପ୍ରସ୍ତୁତ କରି ହେଉଛି । ଏହି ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ପାଇଁ ସେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂର୍ବରୁ ବାହାରେ କାମ କରୁଥିବା ପିଲା ମାନେ ପୋଷ୍ଟ ଅଫିସ ମାଧ୍ୟମରେ ମନି ଅର୍ଡର କରୁଥିଲେ । ଏବେ ପୋଷ୍ଟ ଅଫିସରୁ ବ୍ୟାଙ୍କର ସେବା ମିଳି ପାରିଲାଣି । ବ୍ୟାଙ୍କରୁ ପୋଷ୍ଟ ଅଫିସକୁ ମନି ଟ୍ରାନସଫର କରା ଯିବା ସହ ପୋଷ୍ଟ ଅଫିସ ଏହାକୁ ଘରେ ପହଞ୍ଚାଇ ଦେଇ ଆସିବ । ପୋଷ୍ଟ ଅଫିସ ମାଧ୍ୟମରେ ସୁକନ୍ୟା ସମୃଦ୍ଧି ଯୋଜନାରେ ସବୁଠୁ ଅଧିକ ସୁଧ ମିଳୁଥିବା କାରଣରୁ ଝିଅ ବାହାଘର ପାଇଁ ଟଙ୍କା ସଂଚୟର ବଡ ସୁଯୋଗ ଆଣିଛି । ବିଭିନ୍ନ ପ୍ରକାର ବୀମା ଯୋଜନାରେ ଅଳ୍ପ ପ୍ରିମିୟମରେ ଦୁର୍ଘଟଣା ବୀମା, ଜୀବନ ବୀମା, ଓ ପେନସନ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିଛି ବୋଲି ସେ କହିଛନ୍ତି । ମୋଦି ସରକାର ସାଧାରଣ ଗରୀବ ଲୋକଙ୍କ ପାଇଁ ପ୍ରତିବଦ୍ଧ ହୋଇଥିବା କାରଣରୁ କୋରାପୁଟର ବିକାଶକୁ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି ସେ କହିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ନାଲକୋରେ ପୁଞ୍ଜିନିବେଶ ଭାରତ ସରକାର ବଢାଇଛନ୍ତି । ଖଣି ଖାଦାନର ଅର୍ଥ ପୂର୍ବରୁ ଭୁବନେଶ୍ୱର ଓ ଦିଲ୍ଲୀ ରାଜକୋଷକୁ ଯାଉଥିବା ବେଳେ ଏବେ ଡିଷ୍ଟ୍ରିକ୍ଟ ମିନେରାଲ ଡେଭଲପମେଣ୍ଟ ଫଣ୍ଡ ଜିଲ୍ଲାର ବିକାଶ କାମକୁ ଆହୁରି ତ୍ୱରାନ୍ୱିତ କରିବାକୁ ଅର୍ଥ ଯୋଗାଇ ଦେବ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ ପ୍ରତି ଗରିବ ମା ପାଖରେ ରୋଷେଇ ଗ୍ୟାସ ସଂଯୋଗ ମାଗଣାରେ ପହଞ୍ଚାଇବା ପାଇଁ ଭାରତ ସରକାର ପ୍ରତିବଦ୍ଧ ।

ସେହିପରି ରାଜ୍ୟରେ ଆଉ ସାତଟି ସ୍ଥାନରେ ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିବାକୁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଏହି ସାତଟି ସ୍ଥାନରେ ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିବା ଦ୍ୱାରା ଏହି ଅଂଚଳର ଲୋକ ମାନେ ଉପକୃତ ହୋଇ ପାରିବେ ବୋଲି ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଯେଉଁ ସାତଟି ସ୍ଥାନରେ ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିବା ପାଇଁ ଅନୁରୋଧ କରିଛନ୍ତି ସେଗୁଡିକ ମଧ୍ୟରେ ଅନୁଗୁଳ, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦ୍ରାପଡା, ବଲାଙ୍ଗୀର, ଯାଜପୁର ଓ ଭବାନୀପାଟଣା ସାମିଲ ରହିଛି । ସମାଜର ବିଭିନ୍ନ ବର୍ଗ ତରଫରୁ ବିଶେଷ ଭାବେ କୁଶଳୀ, ଅଣ କୁଶଳୀ ଶ୍ରମ ଶକ୍ତି, ଛାତ୍ର, ଗବେଷକ, ବ୍ୟବସାୟୀ ଓ ପର୍ଯ୍ୟଟକ ମାନଙ୍କ ପାଇଁ ପାସପୋର୍ଟ ଜାରୀ କରିବା ପାଇଁ ଦାବି ବଢୁଥିବାରୁ ଉପରୋକ୍ତ ସ୍ଥାନ ମାନଙ୍କରେ ପାଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିବାକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବା ପାଇଁ ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ସବୁ ସ୍ଥାନ ମାନଙ୍କରେ ଏହି କେନ୍ଦ୍ର ମାନ ଖୋଲିଲେ ଏହି ସହର ମାନଙ୍କରେ ଓ ଏହି ଅଞ୍ଚଳର ଲୋକ ମାନେ ପାସପୋର୍ଟ ସେବା ସହଜରେ ପାଇ ପାରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହା ବ୍ୟତୀତ ରାଜ୍ୟରେ ତିନୋଟି ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର ଖୋଲିଥିବାରୁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ସୁଷମା ସ୍ୱରାଜଙ୍କୁ ଏହି ପତ୍ରରେ ଧନ୍ୟବାଦ ଦେଇଛନ୍ତି ।

# ମନ୍‌କୀ ବାତ୍





ପ୍ରତ୍ୟେକ ମାସ ଏକ ନିର୍ଦ୍ଦିଷ୍ଟ ତିଥିରେ ଆକାଶବାଣୀର ଲୋକପ୍ରିୟ 'ମନ୍‌କୀ ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ଜନସାଧାରଣଙ୍କ ସହ ବିଭିନ୍ନ ବିଷୟରେ ଭାବବିନିମୟ କରିଥାଆନ୍ତି। ଗତ ମଇ ମାସ ୨୯ତାରିଖ ଦିନ ଆକାଶବାଣୀ ମାଧ୍ୟମରେ ପ୍ରସାରିତ ଏହି କାର୍ଯ୍ୟକ୍ରମକୁ ଶୁଣିବା ପାଇଁ ଭୁବନେଶ୍ୱରଠାରେ ୨୫କିଲୋମିଟର ଦୂର ସ୍ଥିତ ଛତାବର ଗ୍ରାମ ପଂଚାୟତ ଅଧୀନସ୍ଥ କନ୍ଦଳେଇ ଆଦିବାସୀପଡାରେ ଭୁବନେଶ୍ୱର ଦୂରଦର୍ଶନ ସମାଚାର ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ଅଣବିଦ୍ୟୁତୀକୃତ ଏହି ଅପହଂଚ ପଡାଟିରେ ଏଭଳି କାର୍ଯ୍ୟକ୍ରମର ଆୟୋଜନକୁ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ପ୍ରଶଂସା କରିଥିଲେ ।

## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

# ଆପଣ ଜାଣନ୍ତି କି ?

## ଆଞ୍ଜେଲ୍ ଫଣ୍ଡିଂ

ଆଞ୍ଜେଲ ଫଣ୍ଡିଂ ଅଥବା ପୁଞ୍ଜିନିବେଶ ହେଉଛି ଏଭଳି ଏକ ବ୍ୟବସ୍ଥା; ଯାହାକି ନୂଆକରି ଉଦ୍ୟୋଗ ସୃଷ୍ଟି କରୁଥିବା ବ୍ୟକ୍ତି ବା ସଂସ୍ଥା (ଷ୍ଟାର୍ଟଅପ୍)କୁ ଅଂଶଧନ ଯୋଗାଇଥାନ୍ତି । ଆଞ୍ଜେଲ ଇନ୍‌ଭେଷ୍ଟର ବା ନିବେଶକାରୀ ଛୋଟଛୋଟ ଷ୍ଟାର୍ଟଅପ୍ କିମ୍ବା ଉଦ୍ୟୋଗୀଙ୍କୁ ସେମାନଙ୍କ ବ୍ୟବସାୟ ଆରମ୍ଭ କରିବା ପାଇଁ ପାଣ୍ଠି ଦେଇଥାନ୍ତି । ଏହା ଷ୍ଟାର୍ଟଅପ୍ କ୍ଷେତ୍ରରେ ପ୍ରଥମ ପଦକ୍ଷେପ ବୋଲି କୁହାଯାଇପାରେ । ବ୍ୟବସାୟରୁ କେତେ ଲାଭ ମିଳିବ ନ ମିଳିବ ସେଭଳି ଚିନ୍ତା ଏଥିଯୋଗୁଁ ଉଦ୍ୟୋଗୀଙ୍କୁ ବିଶେଷ ଘାରି ନ ଥାଏ । ଉଦ୍ୟୋଗୀମାନେ ଏକ ଅନୁକୂଳ ପରିବେଶରେ ବ୍ୟବସାୟ ଆରମ୍ଭ କରିପାରନ୍ତି ।

ଆଞ୍ଜେଲ୍ ଶବ୍ଦଟି ଥିଏଟରରୁ ନିଆଯାଇଛି । ଧନୀକ ଗୋଷ୍ଠୀ ପୁଞ୍ଜି ନିବେଶକରି ବ୍ୟକ୍ତିଗତ ଭାବେ ଏକ ଥିଏଟର ସଂସ୍ଥାରେ ଲଗାଏ । ପରବର୍ତ୍ତୀ ସମୟରେ ଏଥିରୁ ଲାଭ ବାହାରିଥାଏ । ଯଦି କ୍ଷତି ପହଞ୍ଚିଲା ତେବେ ତାହାକୁ ସେ ବନ୍ଦ କରିଦେଇଥାଏ । ସବୁବେଳେ ଆଲେ ଇନ୍‌ଭେଷ୍ଟର (ନିବେଶକାରୀ) ଧନଶାଳୀ ବ୍ୟକ୍ତିବିଶେଷ ଓ କମ୍ପାନୀ କର୍ତ୍ତୃପକ୍ଷ ହୋଇଥାନ୍ତି । ଏହି ନିବେଶକାରୀଙ୍କ ଏକ ନେଟ୍‌ୱାର୍କ ଥାଏ । ଏହି ନେଟ୍‌ୱାର୍କ ଆଞ୍ଚଳିକ ଶିଳ୍ପକ୍ଷେତ୍ରଭିତ୍ତିକ କିମ୍ବା ଏକାଡେମିକ୍ ଅନୁବନ୍ଧିତ ରହିଥାଏ । ସମ୍ପ୍ରତି ବିଶ୍ୱରେ ଷ୍ଟାର୍ଟଅପ୍ ପ୍ରତିଷ୍ଠା କ୍ଷେତ୍ରରେ ରହିଥିବା ପ୍ରମୁଖ ତିନିଟି ରାଷ୍ଟ୍ର ମଧ୍ୟରେ ଭାରତ ଅନ୍ୟତମ ।

ଭାରତର ଷ୍ଟାର୍ଟଅପ୍ ସ୍ଥିତି ଅତ୍ୟନ୍ତ ଉନ୍ନତ । ଇଣ୍ଡିଆ ଭେଞ୍ଚର କ୍ୟାପିଟାଲ୍ ଓ ଘରୋଇ ଇକ୍ୟୁଟିକୁ ନେଇ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜି, ମାଡ୍ରାସ୍(ଆଇଆଇଟିଏମ୍) ପକ୍ଷରୁ ଏକ ସର୍ଭେ କରାଯାଇଥିଲା । ରିପୋର୍ଟ ଅନୁଯାୟୀ ୨୦୦୫ରୁ ୨୦୧୫ ମଧ୍ୟରେ ୧୧୧୭ ବିଲିୟନ୍‌ର ଷ୍ଟାର୍ଟଅପ୍ ନିବେଶ ଆସିବ ବୋଲି ଆକଳନ କରାଯାଇଥିଲା । ତେବେ ବାସ୍ତବ ନିବେଶ ଏହାଠାରୁ ଅଧିକ ବୋଲି ଜଣାପଡ଼ିଛି । ପୁଞ୍ଜିନିବେଶର ଗତି ନେଇ ହାରାହାରି ବାର୍ଷିକ ଅଭିବୃଦ୍ଧି ୨୦୦୫ରୁ ୨୦୧୫ ମସିହା ମଧ୍ୟରେ ୪୨% ରହିଥିବା ଜଣାପଡ଼ିଛି । ୨୦୦୫ ରୁ ୧୫ ମଧ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ସେମାନଙ୍କ ପୁଁଜିନିବେଶ ଲାଗି ଚୁକ୍ତିବଦ୍ଧ ହୋଇଥିବା ଜଣାପଡ଼ିଛି । ତେବେ ପୁଁଜିନିବେଶକାରୀ ଷ୍ଟାର୍ଟଅପ୍ ସଂଖ୍ୟାରେ ହାରହାରି ବାର୍ଷିକ ଅଭିବୃଦ୍ଧି ୨୦୦୫ ରୁ ୧୫ ମଧ୍ୟରେ ୧୬% ରହିଛି । ଅଧିକାଂଶ କ୍ଷେତ୍ରରେ ବିଦେଶରୁ ଆସିଥିବା ଷ୍ଟାର୍ଟଅପ୍ ଓ ଭାରତୀୟ ଷ୍ଟାର୍ଟଅପ୍ ସଂଖ୍ୟା ପ୍ରାୟତଃ ସମାନ ରହିଛି ।

ଭାରତରେ ଏକାଧିକ ବିଦେଶୀ ସଂସ୍ଥା ସେମାନଙ୍କ କମ୍ପାନୀ ଆରମ୍ଭ କରିଥିବା ବେଳେ ଭାରତୀୟ ଷ୍ଟାର୍ଟଅପ୍ ମଧ୍ୟ ଅନୁରୂପ କାର୍ଯ୍ୟାରମ୍ଭ କରିଛି । କାମ୍ପାନୀ ପ୍ରତିଷ୍ଠାର ୫ରୁ ୭ ବର୍ଷ ଭିତରେ ୨୦ରୁ ୩୦% ଲାଭ ପାଇବାର କ୍ଷମତା ନେଇ ଆଲେ୍ ଇନ୍‌ଭେଷ୍ଟର ଗୁଡ଼ିକ ଲକ୍ଷ୍ୟ ରଖି କାର୍ଯ୍ୟ କରୁଥିବା ଜଣାପଡ଼ିଛି । କେତେକ ଏ ନେଇ ସଫଳ ହୋଇଥିବାବେଳେ ଆଉ କିଛି ବିଫଳ ଯୋଗୁଁ ବନ୍ଦ ହୋଇଯାଇଛନ୍ତି । ତେବେ ମିଳିଥିବା ସୂଚନା ଅନୁଯାୟୀ କେତେକ ଆଲେ୍ ନିବେଶକାରୀ ୨୦-୩୦ ପ୍ରତିଶତରୁ କମ୍ ଲାଭ ପାଇଥିବା ଜଣାପଡ଼ିଛି । ସେମାନଙ୍କ କ୍ଷେତ୍ରରେ ନିବେଶ କରିବା ଏକପ୍ରକାର ବ୍ୟୟବହୁଳ ହୋଇପଡୁଛି । ପ୍ରାଥମିକ ସ୍ତରରେ ସଂସ୍ଥାଗୁଡ଼ିକୁ ବ୍ୟାଙ୍କରୁ ଋଣ ପ୍ରଦାନରେ ସମସ୍ୟା ଉପୁଜୁଥିବାରୁ ଭାରତୀୟ ଆଲେ୍ ନେଟ୍‌ୱର୍କ ଯାହାକି ସର୍ବପୁରାତନ ପୁଁଜିନିବେଶ ସଂସ୍ଥା ତାହା ପ୍ରଭାବୀ ଢଙ୍ଗରେ ଚାଲିଛି । ୨୦୦୬ରୁ ଆରମ୍ଭ ହୋଇଥିବା ଇଣ୍ଡିଆନ୍ ଆଲେ୍ସ ନେଟ୍‌ୱର୍କ ଗତବର୍ଷ ୧୮ଟି ଟର୍ମସିଟ୍‌ରେ ଚୁକ୍ତି ସ୍ୱାକ୍ଷର ସହ ୧୧ଟି ବଡ଼ ବଡ଼ କମ୍ପାନୀଙ୍କ ସହିତ ବିଶେଷ କରି ମୁକୁନ୍ଦ ଭଳି ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ସହ ଚୁକ୍ତି କରିଛି । ଗୋକପ୍‌ର ଭଳି ସମବାୟ ଓ ଗୋଷ୍ଠୀଗତ ଖାଦ୍ୟ ଉତ୍ପାଦନକାରୀ ସଂସ୍ଥା ମୁକୁନ୍ଦ ଏକ ପ୍ରମୁଖ ଅନ୍‌ଲାଇନ୍ ବଜାର ବ୍ୟବସ୍ଥା ସୃଷ୍ଟି କରିଛି । ଅନ୍ୟମାନଙ୍କ ମଧ୍ୟରେ ମୁମ୍ବାଇ ଆଲେ୍ସ, ହାବାର୍ଡ ଆଞ୍ଜେଲ୍ସ, ଚେନ୍ନଇ ଆଞ୍ଜେଲ୍ସ ଏବଂ ଇଣ୍ଡିଆ କୋସେଣ୍ଟ ଭଳି କେତେକ ଆଲେ୍ ଗ୍ରୁପ୍ ଏଥିରେ ସାମିଲ ଅଛନ୍ତି । ଆଲେ୍ ଇନ୍‌ଭେଷ୍ଟର୍‌ଙ୍କ ଠାରୁ ଅର୍ଥ ନେଇ ଯୁବ ଉଦ୍ୟୋଗୀମାନେ ଉଦ୍ୟୋଗ ପ୍ରତିଷ୍ଠା ପ୍ରତି ଆଶାବାଦୀ ହୋଇପାରିଛନ୍ତି । ଷ୍ଟାର୍ଟ ଅପ୍ କ୍ଷେତ୍ରରେ ପୁଁ ନିବେଶ ପାଇଁ ରହିଥିବା ନାନା ଅସୁବିଧା ଦୂର କରିବା କ୍ଷେତ୍ରରେ ଅଧିକ ଆଲେ୍ ନିବେଶକ ପ୍ରୋତ୍ସାହିତ ହୋଇପାରିଲେ ଅଧିକରୁ ଅଧିକ ନୂଆ ନୂଆ ଉଦ୍ୟୋଗ ସୃଷ୍ଟି ହେବା ସହ ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ସଫଳତାର କାହାଣୀ ଅଧିକ ପ୍ରଚାର ଓ ପ୍ରସାର ହୋଇପାରିବ ।

❖❖❖

# ପ୍ରକାଶନ ବିଭାଗ ଦ୍ୱାରା ରାଷ୍ଟ୍ରପତି ଭବନ ଶୃଙ୍ଖଳାରେ ପ୍ରକାଶିତ ପୁସ୍ତକ ସମୂହ

**ସୂ**ଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଦ୍ୱାରା ଗତ ତିନିବର୍ଷ ମଧ୍ୟରେ ରାଷ୍ଟ୍ରପତି ଭବନ ସମ୍ପର୍କରେ ଏକାଧିକ ଉଚ୍ଚମାନର ପୁସ୍ତକ ପ୍ରକାଶିତ ହୋଇଛି । ଏସବୁ ପୁସ୍ତକରେ ରାଷ୍ଟ୍ରପତିଙ୍କ ଦପ୍ତର ଓ ତାଙ୍କ ମହଲ (ଇଷ୍ଟେଟ) ଆଦି ସମ୍ପର୍କରେ ପାଠକଙ୍କ ପାଇଁ ବହୁ ଉପାଦେୟ ତଥ୍ୟ ରହିଛି ଯାହା ପାଠକଙ୍କୁ ଏହି ଜାତୀୟ ଅନୁଷ୍ଠାନର ଐତିହାସିକ, ସାଂସ୍କୃତିକ ଓ ସାମାଜିକ ଦିଗ ଏବଂ ପରମ୍ପରା ବିଷୟରେ ପ୍ରତ୍ୟେକ୍ଷ ଜ୍ଞାନ ଓ ଧାରଣ ଦିଏ ।

ମୋଟ ୧୭ ଖଣ୍ଡରେ (ଗୋଟିଏ ଖଣ୍ଡ ଏବେ ପ୍ରକାଶନ ଅପେକ୍ଷାରେ) ପ୍ରକାଶିତ ଏହି ପୁସ୍ତକାବଳୀର ଐତିହ୍ୟ ମୂଲ୍ୟ ଯଥେଷ୍ଟ ଏବଂ ଉତ୍ତର ପିଢ଼ି ପାଇଁ ଏହା ଏକ ଐତିହାସିକ ବର୍ଣ୍ଣନା ସମ୍ବଳିତ ପ୍ରାମାଣିକ ଦସ୍ତାବିଜ୍ ।୨୦୧୪ରେ ରାଷ୍ଟ୍ରପତି ଭବନ ସିରଜ ଅଫ୍ ବୁକ୍ସ (ଆରବିସିରିଜ୍) ଶୃଙ୍ଖଳାରେ ଏହି ପୁସ୍ତକ ପ୍ରକାଶନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

୨୦୧୪ରୁ ୨୦୧୭ ମଧ୍ୟରେ ଏ ବିଷୟକ ସମସ୍ତ ପୁସ୍ତକ ପ୍ରକାଶ କରିବାର ଲକ୍ଷ୍ୟ ରହିଥିଲା ।୨୦୧୫ ଜୁଲାଇ ୨୫ ଓ ଡିସେମ୍ବର ୧୧, ୨୦୧୬ ଜୁଲାଇ ୨୫ ଓ ଡିସେମ୍ବର ୧୧ରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଉତ୍ସବରେ ପ୍ରକାଶିତ ଏହି ପୁସ୍ତକମାନ ବିଭିନ୍ନ ପର୍ଯ୍ୟାୟରେ ଉନ୍ମୋଚିତ ହୋଇଥିଲା । ଏସବୁ ଉତ୍ସବରେ ମାନ୍ୟବର ଉପରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀ ପ୍ରକାଶିତ ପୁସ୍ତକର ପ୍ରଥମ ଖଣ୍ଡ ସବୁକୁ ମାନ୍ୟବର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ ।

ପ୍ରକାଶିତ ପୁସ୍ତକଗୁଡ଼ିକ ହେଲା : ଆବୋଡ଼ ଅଣ୍ଡର ଦି ଡୋମ୍ (ଷ୍ଟେଟ୍ ଗେଷ୍ଟସ ଆର୍ଟ ଦି ରାଇସିନା ହିଲ୍ ୧୯୪୭-୬୭), ଏ ୱାର୍କ ଅଫ୍ ବିଉଟୀ ଆର୍ଟ ଆଣ୍ଡ ଆର୍କିଟେକଚର ଅଫ୍ ଦି ରାଷ୍ଟ୍ରପତି ଭବନ, ଆର୍ଟ ଆଣ୍ଡ ଇଣ୍ଟେରିୟରର୍ସ ଅଫ୍ ଦି ରାଷ୍ଟ୍ରପତି ଭବନ, ଆରାଉଣ୍ଡ ଇଣ୍ଡିଆସ୍ ଫାଷ୍ଟ ଟେବଲ : ଡାଇନିଂ ଆଣ୍ଡ୍ ଏଣ୍ଟରଟେନିଙ୍ଗ ଆଟ୍ ଦି ରାଷ୍ଟ୍ରପତି ଭବନ, ଡିସ୍କଭର ଦି ମ୍ୟାଗନିଫିସେଣ୍ଟ ୱାର୍ଲଡ ଅଫ୍ ରାଷ୍ଟ୍ରପତି ଭବନ (ଶିଶୁଙ୍କ ପାଇଁ), ଇନ୍ଦ୍ରଧନୁଷ୍ : ଭଲ୍ୟୁମ-୧, ଇନ୍ଦ୍ରଧନୁଷ୍ : ଭଲ୍ୟୁମ୍-୨, ଲାଇଫ୍ ଆଟ ରାଷ୍ଟ୍ରପତି ଭବନ, ରାଇଟ୍ ଅଫ୍ ଦି ଲାଇନ୍ : ଦି ପ୍ରେସିଡେଣ୍ଟସ୍ ବଡିଗାର୍ଡ, ରାଷ୍ଟ୍ରପତି ଭବନ : ଫ୍ରମ୍ ରାଜ ଟୁ ସ୍ୱରାଜ, ଦି ପ୍ରେସିଡେନ୍ସିଆଲ ରିଟ୍ରିଟ୍ସ ଅଫ ଇଣ୍ଡିଆ, ଦି ଫାଷ୍ଟ ଗାର୍ଡେନ ଅଫ୍ ଦି ରିପବ୍ଲିକ୍: ନେଚର ଇନ୍ ଦି ପ୍ରେସିଡେଣ୍ଟସ୍ ଇଷ୍ଟେଟ, ଉଇଙ୍ଗଡ୍ ୱାଣ୍ଡର୍ସ ଅଫ୍ ରାଷ୍ଟ୍ରପତି ଭବନ, ସିଲେକ୍‌ଟେଡ୍ ସ୍ପିଚେସ୍ ଅଫ୍ ଦି ପ୍ରେସିଡେଣ୍ଟ : ଭଲ୍ୟୁମ୍-୧, ସିଲେକଟେଡ୍ ସ୍ପିଚେସ୍ ଅଫ୍ ଦି ପ୍ରେସିଡେଣ୍ଟ : ଭଲ୍ୟୁମ୍-୨, ସିଲେକଟେଡ୍ ସ୍ପିଚେସ୍ ଅଫ୍ ଦି ପ୍ରେସିଡେଣ୍ଟ : ଭଲ୍ୟୁମ୍-୩, ସିଲେକଟେଡ୍ ସ୍ପିଚେସ୍ ଅଫ୍ ଦି ପ୍ରେସିଡେଣ୍ଟ : ଭଲ୍ୟୁମ୍-୪ (ଏବେ ପ୍ରକାଶନ ପ୍ରତିକ୍ଷାରେ) ଏହି ପୁସ୍ତକଗୁଡ଼ିକ ମଧ୍ୟରୁ କେତେକ ରାଷ୍ଟ୍ରପତି ଭବନର ସଚିବାଳୟ ଓ ଇନ୍ଦିରା ଗାନ୍ଧୀ ଜାତୀୟ କଳାକେନ୍ଦ୍ରର ମିଳିତ ସହଯୋଗରେ ପ୍ରସ୍ତୁତ ହୋଇଛି । ଏଥିପାଇଁ ଇନ୍ଦିରା ଗାନ୍ଧୀ କଳାକେନ୍ଦ୍ର ଦ୍ୱାରା ମନୋନୀତ ଏକ ସଂସ୍ଥା ସାହପେଡିଆ ଆବଶ୍ୟକ ଗବେଷଣା ଓ ଡିଜାଇନ ପ୍ରସ୍ତୁତ କରିଛନ୍ତି । ଅନ୍ୟ ସବୁ ଖଣ୍ଡ ସମ୍ପୂର୍ଣ୍ଣ ଭାବେ ପ୍ରକାଶନ ପ୍ରଭାଗ ଦ୍ୱାରା (ସମ୍ପାଦନା ଠାରୁ -ପ୍ରକାଶନ ଯାଏ) କରାଯାଇଛି ।

ନୂଆଦିଲ୍ଲୀସ୍ଥିତ ପ୍ରକାଶନ ପ୍ରଭାଗର ସଦର କାର୍ଯ୍ୟାଳୟର ବିକ୍ରୟ କେନ୍ଦ୍ର ଓ ଦେଶର ଅନ୍ୟ ଆଠଟି ସ୍ଥାନରୁ ଏସବୁ ବହି କ୍ରୟ କରାଯାଇପାରିବ । ଅନ୍‌ଲାଇନ୍‌ରେ https: bharatkosh.gov.in/product କିମ୍ବା ପ୍ରକାଶନ ପ୍ରଭାଗର ୱେବ୍‌ସାଇଟ୍ www.publicationsdivision.nic.in. ମାଧ୍ୟମରେ ଏସବୁ ପୁସ୍ତକ କିଣି ହେବ ।

**ସିଲେକଟେଡ୍ ସ୍ପିଚେସ୍ ଅଫ୍ ଦି ପ୍ରେସିଡେଣ୍ଟ : ଭଲ୍ୟୁମ୍ -୪** ର ପ୍ରକାଶନ ସହିତ ରାଷ୍ଟ୍ରପତିଭବନ ଓ ପ୍ରକାଶନ ପ୍ରଭାଗର ସଫଳ ସହଯୋଗର ଏକ ସନ୍ତୋଷଜନକ ପରିସମାପ୍ତି ଘଟିବ । ଏହି ସହଭାଗୀତା ଦୀର୍ଘ ତିନିବର୍ଷ ଧରି ଏହି ପ୍ରକଳ୍ପରେ କାର୍ଯ୍ୟରତ ସମଗ୍ର ଦଳ ପାଇଁ ଏକ ମୂଲ୍ୟବାନ ଅଭିଜ୍ଞତା ଆଣିଦେଇଛି । ଏହା ସମଗ୍ର ଦଳର ପେସାଦାରୀ ଦକ୍ଷତା ଓ ଆତ୍ମବିଶ୍ୱାସର ସ୍ତରକୁ ଭବିଷ୍ୟତ ପାଇଁ ବଢ଼ାଇବାରେ ସହାୟକ ହୋଇଛି । ମାନ୍ୟବର ରାଷ୍ଟ୍ରପତିଙ୍କୁ ଏହି ଅବସରରେ ଭେଟିବାର ସୁଯୋଗ ପ୍ରକାଶନ ପ୍ରଭାଗ ଦଳକୁ ମିଳିଥିଲା । ଆଗାମୀ ଦିନରେ ସବୁଠୁ ସମ୍ମାନଜନକ ଏଭଳି ମିଳିତ ସହଯୋଗରେ ଅଧିକରୁ ଅଧିକ ଅବଦାନ ଦେବା ସହ ଏହାକୁ ନିରନ୍ତର ମଜବୁତ କରିବାକୁ ପ୍ରକାଶନ ପ୍ରଭାଗ ଆଶା ରଖେ ।

❖❖❖


THE PRESIDENT'S BODYGUARD
ABODE UNDER THE DOME
SELECTED SPEECHES
Pranab Mukherjee
INDRA DHANUSH
A WORK OF BEAUTY
RASHTRAPATI BHAVAN
FIRST GARDEN OF THE REPUBLIC
AROUND INDIA'S FIRST TABLE
Pranab Mukherjee
INDRA DHANUSH
LIFE
RASHTRAPATI BHAVAN

**YOJANA (Odia) : Monthly** **June 2017** **RNI No. 57203/93**
ISSN 0971-8346
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash